NITIDIN
ନିତିଦିନ

RNI REG. NO. ODIODI/2015/62237 ● POSTAL REGD. NO.BN/258/18-20 | 8 PAGES ● ₹ 6/-

www.nitidin.com
twitter.com/nitidintoday
facebook.com/nitidintoday

SATURDAY
30 AUGUST 2025
ଶନିବାର
୩୦ ଅଗଷ୍ଟ ୨୦୨୫

NEW AGE MEDIA & PUBLICATIONS PVT. LTD. PRINTED AT BHUBANESWAR VOLUME 11 ● ISSUE 106 BHUBANESWAR | BERHAMPUR | SAMBALPUR | BALASORE | JAJPUR ବର୍ଷ ୧୧ ● ସଂଖ୍ୟା ୧୦୬ ଭୁବନେଶ୍ୱର | ବ୍ରହ୍ମପୁର | ସମ୍ବଲପୁର | ବାଲେଶ୍ୱର | ଯାଜପୁର

## ଉଦ୍‌ଘାଟିତ ହେଲା ଏସ୍‌ସି,ଏସ୍‌ଟି ଜାତୀୟ ସମ୍ମିଳନୀ

# 'ଆଦିବାସୀଙ୍କୁ ଅଧିକାର ମିଳିବା ଜରୁରୀ'



ଭୁବନେଶ୍ୱର,୨୯।୮/ଏନ୍‌ଏନ୍‌ଏସ୍:

ଦେଶକୁ ଆଗକୁ ନେବାକୁ ହେଲେ ସବୁ ବର୍ଗର ଲୋକଙ୍କୁ ସାଥୀରେ ନେଇ ଚାଲିବା ଜରୁରୀ। ସମସ୍ତଙ୍କୁ ନ୍ୟାୟ, ସମସ୍ତଙ୍କୁ ସେମାନଙ୍କ ଅଧିକାର ଦେବାକୁ ହେବ। କେଉଁ ଯୋଜନା କଲେ ଦଳିତ ଆଦିବାସୀ ଉପକୃତ ହେବେ ସେନେଇ ଚିନ୍ତା କରିବା ଜରୁରୀ। ଆବଶ୍ୟକତା

### ପାରିତ ପ୍ରସ୍ତାବ ତତ୍କାଳ ହେବ କାର୍ଯ୍ୟକାରୀ

ଅନୁସାରେ ସେମାନଙ୍କୁ ଅଧିକାର ଦେବାକୁ ପଡ଼ିବ। ଏପରି ହେଲେ ଦେଶ ଆଗକୁ ବଢ଼ିବ। ଦେଶର ପ୍ରଥମ ମହିଳା ଆଦିବାସୀ ରାଷ୍ଟ୍ରପତି ଦ୍ରୌପଦୀ ମୁର୍ମୁ ଏହି ମାଟିରୁ ଆସିଛନ୍ତି । ଦେଶର ଲୋକତନ୍ତ୍ର, ଗଣତନ୍ତ୍ରର ଶକ୍ତି ପୂରା ବିଶ୍ୱକୁ ଅବଗତ କରାଉଛନ୍ତି। ଏସ୍‌ସି ଓ ଏସ୍‌ଟି ବଜେଟ ଆବଣ୍ଟନର ସମୀକ୍ଷା ହେବା ସହ ରୋଜଗାର ▶▶ ୫

### 'ଆଦିବାସୀଙ୍କ ବିକାଶରେ ଓଡ଼ିଶାର ବିକାଶ'

ନିର୍ବାଚନ ପୂର୍ବରୁ ଆଦିବାସୀଙ୍କ ଘରକୁ ଯିବା ଗୋଟେ ଫେସନ। ମୁଁ କିନ୍ତୁ ଆଦିବାସୀ ପରିବାରରୁ ଜନ୍ମ। ମୋତେ କିଛି ଶିଖିବା ଆବଶ୍ୟକ ନାହିଁ। ମୁଁ ସେଇ ବର୍ଗରୁ ଆସିଥିବାରୁ ସବୁ ସମସ୍ୟା ବିଷୟରେ ଅବଗତ। ଆମ ସରକାର ଆଦିବାସୀ ଜନଜାତି ପାଇଁ କାମ କରୁଛନ୍ତି। ସେମାନଙ୍କ ବିକାଶ ନହେଲେ ଓଡ଼ିଶା ବିକାଶ ହେବନି ବୋଲି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ କହିଛନ୍ତି।

ଏହାଛଡ଼ା ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି ଯେ, ୨୫ ବର୍ଷ ପରେ ଏହି ସମ୍ମିଳନୀ ପ୍ରଥମ ଥର ପାଇଁ ଦିଲ୍ଲୀ ବାହାରେ ଅନୁଷ୍ଠିତ ହେଉଛି। ତାହା ମଧ୍ୟ ଓଡ଼ିଶାରେ ହେଉଛି। ସେଥିପାଇଁ ମୁଖ୍ୟମନ୍ତ୍ରୀ ଲୋକସଭା ବାଚସ୍ପତିଙ୍କୁ ଧନ୍ୟବାଦ ଦେଇଥିଲେ। ଆଗରୁ ମଧ୍ୟ ଅନେକ ଜାତୀୟ ଓ ▶▶ ୫



**ଜନଜାତି ପାଇଁ କାମ କରୁଛନ୍ତି ରାଜ୍ୟ ସରକାର**

**ଜାତୀୟସ୍ତରରେ ବୃଦ୍ଧି ପାଉଛି ଓଡ଼ିଶାର ଗୁରୁତ୍ୱ**

## ଅର୍ଥନୈତିକ ଚାପ ସତ୍ତ୍ୱେ ଭାରତର ଉଲ୍ଲେଖନୀୟ ପ୍ରଦର୍ଶନ

# ଜିଡିପି ଅଭିବୃଦ୍ଧି ୭.୮%

ନୂଆଦିଲ୍ଲୀ, ୨୯।୮/ଏଜେନ୍ସି:

୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସ (ଏପ୍ରିଲରୁ ଜୁନ୍) ମଧ୍ୟରେ ଭାରତର ବାସ୍ତବ ସକଳ ଘରୋଇ ଉତ୍ପାଦ (ଜିଡିପି) ଅଭିବୃଦ୍ଧି ହାର ଆନୁମାନିକ ୭.୮% ରହିଥିବା ଭାରତ ସରକାରଙ୍କ ପରିସଂଖ୍ୟାନ ଏବଂ କାର୍ଯ୍ୟକ୍ରମ ରୂପାୟନ ମନ୍ତ୍ରଣାଳୟ ପକ୍ଷରୁ ଜାରି ତଥ୍ୟରୁ ସୂଚନା ମିଳିଛି। ୨୦୨୪-୨୫ ପ୍ରଥମ ତ୍ରୈମାସରେ ଜିଡିପି ଅଭିବୃଦ୍ଧି ହାର ୬.୫% ଥିଲା। ମନ୍ତ୍ରଣାଳୟର ଜାତୀୟ ପରିସଂଖ୍ୟାନ କାର୍ଯ୍ୟାଳୟ (ଏନ୍‌ଏସ୍‌ଓ) ପକ୍ଷରୁ ସକଳ ଘରୋଇ ଉତ୍ପାଦ (ଜିଡିପି) ଆକଳନ ସହିତ ଏହାର ବ୍ୟୟ ଉପାଦାନର ତଥ୍ୟଗୁଡ଼ିକୁ ସ୍ଥିର (୨୦୧୧-୧୨) ଏବଂ ବର୍ତ୍ତମାନର ମୂଲ୍ୟ ଆଧାରରେ ଜାରି କରାଯାଇଛି। ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ନାମମାତ୍ର ଜିଡିପି ୮.୮% ହାରରେ ବୃଦ୍ଧି ପାଇଥିବା ପରିଲକ୍ଷିତ ହୋଇଛି। କୃଷି ଏବଂ ଆନୁସଙ୍ଗିକ କ୍ଷେତ୍ରରେ ବାସ୍ତବ ବାସ୍ତବ ସକଳ ମୂଲ୍ୟ ବୃଦ୍ଧି (ଜିଭିଏ) ବୃଦ୍ଧି ହାର ୩.୭% ରହିଛି । ଏହା ବିଗତ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୧.୫% ରହିଥିଲା। ଚଳିତ ତ୍ରୈମାସରେ ମୁଖ୍ୟତଃ ଉତ୍ପାଦନ



- **୨୦୨୪-୨୫ ପ୍ରଥମ ତ୍ରୈମାସରେ ଜିଡିପି ହାର ଥିଲା ୬.୫%**
- **ସେବା କ୍ଷେତ୍ରରେ ଦ୍ରୁତ ବୃଦ୍ଧି ବାସ୍ତବ ଜିଭିଏ ହାସଲର ମୁଖ୍ୟ କାରଣ**

(୭.୭%) ଏବଂ ନିର୍ମାଣ (୭.୬%) ଭଳି ଦ୍ୱିତୀୟକ କ୍ଷେତ୍ରରେ ସ୍ଥିର ମୂଲ୍ୟରେ ୭.୫%ରୁ ଅଧିକ ଅଭିବୃଦ୍ଧି ଦେଖିବାକୁ ମିଳିଛି। ତେବେ ଖଣି ଓ ଅନ୍ୟାନ୍ୟ ଖନନ (-୩.୧%) ଏବଂ ବିଦ୍ୟୁତ, ଗ୍ୟାସ, ଜଳ ଯୋଗାଣ ଏବଂ ଅନ୍ୟ ଉପଯୋଗିତା ସେବା କ୍ଷେତ୍ର (୦.୫%)ରେ ବାସ୍ତବ ବିକାଶ ହାର ▶▶ ୫

## ସିକ୍କିମ୍ ମୁଖ୍ୟମନ୍ତ୍ରୀଙ୍କ ଫେସ୍‌ବୁକ୍ ଆକାଉଣ୍ଟରେ

# ଶ୍ରୀମନ୍ଦିର ଭିତରବେଢ଼ା ଫଟୋ

ପୁରୀ,୨୯।୮/ଏନ୍‌ଏନ୍‌ଏସ୍:

ସିକ୍କିମ୍ ମୁଖ୍ୟମନ୍ତ୍ରୀ ପ୍ରେମ୍ ସିଂ ତମାଙ୍ଗ ପୁରୀ ଗସ୍ତରେ ଆସି ଶ୍ରୀମନ୍ଦିର ଭିତର ବେଢ଼ାରେ ବୁଲୁଥିବାର ଏକ ଫଟୋକୁ ସେ ତାଙ୍କ ଫେସ୍‌ବୁକ ଆକାଉଣ୍ଟରେ ପୋଷ୍ଟ କରିଛନ୍ତି। ଏଥିସହ ଉକ୍ତ ପୋଷ୍ଟରେ ଲେଖିଛନ୍ତି ଯେ ପୁରୀର ପବିତ୍ର ଜଗନ୍ନାଥ ମନ୍ଦିର ପରିଦର୍ଶନ କରି ମୁଁ ପ୍ରକୃତରେ ଧନ୍ୟ ଅନୁଭବ କଲି, ଯାହା ଶାନ୍ତି, ଭକ୍ତି ଏବଂ ଆଧ୍ୟାତ୍ମିକ ଶକ୍ତିର ବିକିରଣ କରୁଥିବା ଏକ ଦିବ୍ୟ ଆବାସ। ଏହି ଅଭିଜ୍ଞତା ବିନମ୍ର ଏବଂ ଉତ୍ସାହଜନକ ଥିଲା, ଯାହା ମୋ ହୃଦୟକୁ ଅପାର କୃତଜ୍ଞତା ଏବଂ ଶ୍ରଦ୍ଧାରେ ପୂର୍ଣ୍ଣ କରିଥିଲା। ଏହି ପବିତ୍ର ଅବସରରେ, ମୁଁ ସିକ୍କିମବାସୀଙ୍କ ପକ୍ଷରୁ ପ୍ରାର୍ଥନା କରିଥିଲି ଏବଂ ଆମର ପ୍ରିୟ ▶▶ ୫



## ● ମୁଖ୍ୟମନ୍ତ୍ରୀଙ୍କ ଜନଅଭିଯୋଗ ଶୁଣାଣି

# ସେପ୍ଟେମ୍ବର ୧ରେ ରହିବ ବନ୍ଦ

ଭୁବନେଶ୍ୱର ,୨୯।୮/ଏନ୍‌ଏନ୍‌ଏସ୍:

ଆଗାମୀ ସେପ୍ଟେମ୍ବର ୧ ତାରିଖ ସୋମବାର ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ମୁଖ୍ୟମନ୍ତ୍ରୀଙ୍କ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ କାର୍ଯ୍ୟ ଥିବାରୁ ଆସନ୍ତା ସୋମବାରରେ ମୁଖ୍ୟମନ୍ତ୍ରୀଙ୍କ ଜନ ଅଭିଯୋଗ ଶୁଣାଣି ବନ୍ଦ ରହିବ। ସାଧାରଣ ପ୍ରଶାସନ ଓ ସାଧାରଣ ଅଭିଯୋଗ ବିଭାଗ ପକ୍ଷରୁ ଏହି ସୂଚନା ଦିଆଯାଇଛି। ସୂଚନାଯୋଗ୍ୟ, ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ୟୁନିଟ୍-୨, ଅଶୋକନଗରସ୍ଥିତ ପୂର୍ବତନ ସରକାରୀ ପ୍ରାଥମିକ ବିଦ୍ୟାଳୟ ଠାରେ ଜନସାଧାରଣଙ୍କ ବିଭିନ୍ନ ଅଭିଯୋଗର ଶୁଣାଣି କରିଥାନ୍ତି।

## ବିକଶିତ ଓଡ଼ିଶା ସମ୍ମିଳନୀରେ ମୁଖ୍ୟମନ୍ତ୍ରୀ

# ସଶକ୍ତ ହେବ ଓଡ଼ିଶାର ଅଭିବୃଦ୍ଧି ଇଞ୍ଜିନ୍

ଭୁବନେଶ୍ୱର,୨୯।୮/ଏନ୍‌ଏନ୍‌ଏସ୍:



ଓଡ଼ିଶାର ଅଭିବୃଦ୍ଧି ଇଞ୍ଜିନ ହେବ ସଶକ୍ତ। ଦେଶର ସର୍ବଶ୍ରେଷ୍ଠ ପାଞ୍ଚଟି ବିକଶିତ ରାଜ୍ୟ ଭିତରେ ସ୍ଥାନିତ ହେବ ଓଡ଼ିଶା। ଏହା ଆମ ସରକାରଙ୍କ ପ୍ରଥମ ଓ ଏକମାତ୍ର ଲକ୍ଷ୍ୟ। ଶୁକ୍ରବାର ଇଣ୍ଡିଆନ୍ ଚାମ୍ବର ଅଫ୍ କମର୍ସ (ଆଇସିସି) ଓ ଲଘୁ ଉଦ୍ୟୋଗ ଭାରତୀ ପକ୍ଷରୁ ବିକଶିତ ଓଡ଼ିଶା 'ଓଡ଼ିଶାର ଅଭିବୃଦ୍ଧି ଇଞ୍ଜିନକୁ ସଶକ୍ତ କରିବା' ଉପରେ ଏକ ଆଲୋଚନାଚକ୍ରର ଉଦଯାପନୀ ଉତ୍ସବରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ଏଭଳି ଦୃଢ଼ୋକ୍ତି ପ୍ରକାଶ କରିଛନ୍ତି ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ। ସେ କହିଛନ୍ତି ଯେ,
ଆଗାମୀ ମାସରେ ହେବାକୁ ଥିବା ଜିଏସଟି ସଂସ୍କାର, ଦେଶର ବାଣିଜ୍ୟ କ୍ଷେତ୍ରରେ ଏକ ବିରାଟ ପରିବର୍ତ୍ତନ ଆଣିବ। କାରଣ ଜିଏସ୍‌ଟି ଦର କମ ହେଲେ ଦେଶରେ ଖର୍ଚ୍ଚ ବୃଦ୍ଧି ହେବ। ଫଳରେ ଅଧିକ ମାନୁଫାକ୍‌ଚରିଂ ହେବ, ଅଧିକ ରୋଜଗାର ବଢ଼ିବ। ଆମର ଏହି ଲକ୍ଷ୍ୟ ହାସଲ ପାଇଁ କୃଷି, ଶିଳ୍ପ ଓ ସାମାଜିକ ବିକାଶକୁ ଗ୍ରୋଥ୍ ଇଞ୍ଜିନ୍ ଭାବେ ନେଇ ଆମେ କାର୍ଯ୍ୟ ଆରମ୍ଭ କରିଛୁ। ଆମର ସାମଗ୍ରିକ ବିକାଶ ଆବଶ୍ୟକ। ଖଣିଜ ସମ୍ପଦର ଉପଯୋଗରେ ରାଜ୍ୟକୁ ଶିଳ୍ପ ସମୃଦ୍ଧ କରିବା ସହିତ ଏକ ମାନୁଫାକ୍‌ଚରିଂ ହବ୍‌ରେ ପରିଣତ କରିବା ପାଇଁ ଆମର ଉଦ୍ୟମ ଅବ୍ୟାହତ ରହିଛି। ଆହୁରି ମଧ୍ୟ ଏହି ଲକ୍ଷ୍ୟ ହାସଲ ପାଇଁ ଆମର ଖଣି ଏବଂ ଧାତୁ, କେମିକାଲ୍‌ସ-ପେଟ୍ରୋକେମିକାଲ୍‌ସ, ଆଇଟି, ଷ୍ଟାର୍ଟଅପ, କୃଷି ଏବଂ ଖାଦ୍ୟ ପ୍ରକ୍ରିୟାକରଣ, ପର୍ଯ୍ୟଟନ, ଏମ୍‌ଏସ୍‌ଏମ୍‌ଇ ଆଦି କ୍ଷେତ୍ରର ବିକାଶକୁ ମଧ୍ୟ ଗୁରୁତ୍ୱ ଦେଉଛୁ। ଓଡ଼ିଶାରେ ବିକାଶ କୌଣସି ଗୋଟେ ନିର୍ଦ୍ଦିଷ୍ଟ କ୍ଷେତ୍ର ବା ବର୍ଗଙ୍କ ପାଇଁ ହେବନାହିଁ। ଏହା ହେବ ସମାବେଶୀ ବିକାଶ। ଏଥିପାଇଁ ଆମେ ଏକ ଭିଜନ ଡକ୍ୟୁମେଣ୍ଟ ପ୍ରସ୍ତୁତ କରିଛୁ, ଏହା ହେଉଛି ଆମ ରାଜ୍ୟର ସାଢ଼େ ଚାରିକୋଟି ଲୋକଙ୍କ ସାମୂହିକ ସ୍ୱପ୍ନର ଦସ୍ତାବିଜ୍ ବୋଲି ମୁଖ୍ୟମନ୍ତ୍ରୀ କହିଛନ୍ତି। ମୁଖ୍ୟମନ୍ତ୍ରୀ ପୁଣି କହିଛନ୍ତି ଯେ ସମୃଦ୍ଧ ଓଡ଼ିଶା ଗଠନ ପାଇଁ ଆମକୁ ସବୁ କ୍ଷେତ୍ରରେ ଦକ୍ଷତା ହାସଲ କରିବାକୁ ପଡ଼ିବ। ଶିକ୍ଷା, ସ୍ୱାସ୍ଥ୍ୟଠୁ ଆରମ୍ଭ କରି କୃଷି ପର୍ଯ୍ୟନ୍ତ ସମସ୍ତ କ୍ଷେତ୍ରରେ ଆତ୍ମନିର୍ଭର ହେବାକୁ ପଡ଼ିବ। ବିଶ୍ୱସ୍ତରୀୟ ଭିତ୍ତିଭୂମି ନିର୍ମାଣ କରିବାକୁ ପଡ଼ିବ। ଏହା ସହିତ ଦକ୍ଷ ମାନବ ସମ୍ବଳ ସୃଷ୍ଟି, ପର୍ଯ୍ୟାପ୍ତ ନିଯୁକ୍ତି ସୁଯୋଗ, ପ୍ରଯୁକ୍ତି ବିଦ୍ୟା, ପର୍ଯ୍ୟଟନ ଏବଂ ସବୁଜ ଶକ୍ତି କ୍ଷେତ୍ରରେ ଓଡ଼ିଶାକୁ ଅଗ୍ରଣୀ କରିବାକୁ ପଡ଼ିବ। ଆମର ବିକଶିତ ଓଡ଼ିଶା-୨୦୩୬ର ରୋଡମ୍ୟାପ ତିନୋଟି ମୁଖ୍ୟ ମାର୍ଗଦର୍ଶିକା ଉପରେ ଆଧାରିତ। ପ୍ରଥମଟି ହେଲା ନାଗରିକ ପ୍ରଥମ- ଆମର ପ୍ରତ୍ୟେକ ନୀତି ଓ କାର୍ଯ୍ୟକ୍ରମର କେନ୍ଦ୍ରରେ ରହିଛନ୍ତି ଜନସାଧାରଣ। ଦ୍ୱିତୀୟଟି ହେଉଛି ସମସ୍ତଙ୍କ ସମୃଦ୍ଧି – ରାଜ୍ୟର ବିକାଶ କେବଳ ସାମଗ୍ରିକ ଉନ୍ନତି ଦ୍ୱାରା ସମ୍ଭବ। ତୃତୀୟଟି ହେଉଛି ବୈଷୟିକ ଜ୍ଞାନକୌଶଳ ପ୍ରୟୋଗ- ଭବିଷ୍ୟତକୁ ଦୃଷ୍ଟିରେ ରଖି ଓଡ଼ିଶାକୁ ଶିଳ୍ପ କ୍ଷେତ୍ରରେ ଯୁଗ ଉପଯୋଗୀ କରିବା, ଆଧୁନିକ ଟେକ୍ନୋଲୋଜିକୁ ଗ୍ରହଣ କରିବା। ସେହିପରି ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ ବର୍ତ୍ତମାନ ଓଡ଼ିଶା ପ୍ରାୟ ୮୦ ହଜାର କୋଟି ଟଙ୍କାର ବିଭିନ୍ନ ରେଳ ପ୍ରକଳ୍ପ, ୧୨ ହଜାର କୋଟିରୁ ▶▶ ୫

### ସାଢ଼େ ଚାରିକୋଟି ଲୋକଙ୍କ ସାମୂହିକ ସ୍ୱପ୍ନର ଦସ୍ତାବିଜ୍ ହେଉଛି ଭିଜନ-୨୦୩୬ : ମୁଖ୍ୟମନ୍ତ୍ରୀ

## ସଦସ୍ୟଙ୍କୁ ଓଡ଼ିଶା ରାଜ୍ୟ ବାର୍ ପରିଷଦର ଚେତାବନୀ

# ଲାଭଜନକ ପଦବୀରେ ଥିଲେ ରଦ୍ଦ ହେବ ଲାଇସେନ୍ସ

କଟକ,୨୯।୮/ଏନ୍‌ଏନ୍‌ଏସ୍:

ଓଡ଼ିଶା ରାଜ୍ୟ ବାର ପରିଷଦରୁ ଆଇନ ପେସାରେ ଯୋଗଦେବା ଲାଗି ଓକିଲାତି ଲାଇସେନ୍ସ ନେଉଥିବା ଅନେକ ଆଇନଜୀବୀ ବିଭିନ୍ନ କମ୍ପାନୀ, ବ୍ୟବସାୟ, ଠିକା କାମ, ସରକାରୀ ଚାକିରୀ ଓ ଅନ୍ୟାନ୍ୟ ପେସାରେ ଯୋଗଦେଇ କାର୍ଯ୍ୟ କରୁଛନ୍ତି। ଏଭଳି ଅଭିଯୋଗ ବହୁ ମାତ୍ରାରେ ଓଡ଼ିଶା ରାଜ୍ୟ ବାର ପରିଷଦ ନିକଟରେ ପହଞ୍ଚୁଛି। ତେବେ ଏଣିକି ଲାଭଜନକ ପଦବୀରେ ଥିବା ଆଇନଜୀବୀଙ୍କ ପ୍ରତି କଠୋର ପଦକ୍ଷେପ ଗ୍ରହଣ କରାଯିବ। ପରିଷଦ ନିଷ୍ପତ୍ତି ଅନୁସାରେ ପରିଷଦର ସଦସ୍ୟଥିବା ଯେଉଁ ଆଇନଜୀବୀମାନେ ଲାଭଜନକ ପଦବୀ ଅବା ଅନ୍ୟାନ୍ୟ କାର୍ଯ୍ୟକଳାପ କିମ୍ବା ଅନ୍ୟାନ୍ୟ ବ୍ୟବସାୟିକ କାର୍ଯ୍ୟରେ ନିୟୋଜିତ ଅଛନ୍ତି, ସେମାନଙ୍କୁ ଏକ ମାସ ମଧ୍ୟରେ ଅର୍ଥାତ୍ ୧ ଅଗଷ୍ଟ ବିଜ୍ଞପ୍ତି ପ୍ରକାଶ ତାରିଖଠାରୁ ସେପ୍ଟେମ୍ବର ମଧ୍ୟରେ ସେମାନଙ୍କର ଲାଇସେନ୍ସ ସରେଣ୍ଡର କରିବାକୁ ପଡ଼ିବ। ଏନେଇ ଓଡ଼ିଶା ରାଜ୍ୟ ବାର ପରିଷଦ ସମସ୍ତ ବାର ଆସୋସିଏସନ୍‌କୁ ନିର୍ଦ୍ଦେଶ ଦେଇଛନ୍ତି। ଆଡ୍‌ଭୋକେଟ୍ ଆଇନ ୧୯୬୧ର ନିୟମ ଅନୁଯାୟୀ ଆଇନଜୀବୀ ଲାଇସେନ୍ସ ପାଇବା ପରେ ଜଣେ ଆଇନଜୀବୀ ଅନ୍ୟ ପେସାରେ ପୂର୍ଣ୍ଣାଙ୍ଗ ରୂପେ କାର୍ଯ୍ୟ କରିବା, ଏପରିକି କେତେକ ସ୍ଥଳରେ ସରକାରୀ ଦପ୍ତରରେ ଚୁକ୍ତିଭିତ୍ତିକ ପୂର୍ଣ୍ଣ ସମୟ ଲାଗି କନସଲଟ୍ଟାଣ୍ଟ ଓ ରିସର୍ଚ୍ଚର ଭାବେ କାର୍ଯ୍ୟ କରିବା ପେସାଗତ ନୈତିକତାର ବିରୁଦ୍ଧାଚରଣ କରୁଛି। ଏହି ଆଇନଜୀବୀମାନେ ସେମାନଙ୍କର ଲାଇସେନ୍ସ ରାଜ୍ୟ ଆଇନଜୀବୀ ପରିଷଦରେ ସରେଣ୍ଡର କିମ୍ବା ସସ୍‌ପେଣ୍ଡ କରିବାର ନିୟମ ରହିଛି। ମାତ୍ର ଏହି ଆଇନଜୀବୀମାନେ ତାହା ନକରି ନିୟମକୁ ଉଲ୍ଲଂଘନ କରୁଛନ୍ତି। ସେମାନଙ୍କ ବିରୁଦ୍ଧରେ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବା ଲାଗି ଗତ ଏପ୍ରିଲ ମାସ ୧୨ ତାରିଖରେ ପରିଷଦର ସାଧାରଣ ପରିଷଦ ବୈଠକରେ ନିଷ୍ପତ୍ତି ନିଆଯାଇଛି। ଏହି ▶▶ ୫

## ପ୍ରଧାନମନ୍ତ୍ରୀଙ୍କ ପ୍ରତି ଅପଶବ୍ଦ ପ୍ରସଙ୍ଗ

# ବିଜେପି ଓ କଂଗ୍ରେସ କର୍ମୀ ପିଟାପିଟି

ପାଟନା,୨୯।୮/ଏଜେନ୍ସି:

ବିଚ୍ ରାସ୍ତାରେ ପିଟାପିଟି ହୋଇଛନ୍ତି କଂଗ୍ରେସ ଓ ବିଜେପି କର୍ମୀ। ନିର୍ବାଚନ ପାଇଁ ପ୍ରସ୍ତୁତ ହେଉଥିବା ବିହାରର ରାଜଧାନୀ ପାଟନାରେ ଦୁଇ ଜାତୀୟ ଦଳର କର୍ମୀଙ୍କ ମଧ୍ୟରେ ହୋଇଛି ଖଣ୍ଡଯୁଦ୍ଧ। ଦଳୀୟ ପତାକା ଧରି ଦୁଇ ଦଳର କର୍ମୀ ପରସ୍ପରକୁ ଆକ୍ରମଣ କରିଛନ୍ତି। ବିହାରରେ ଏବେ କଂଗ୍ରେସ 'ଭୋଟର ଅଧିକାର ରାଲି' ନାମରେ ଏକ ଅଭିଯାନ ଚଳାଇଛି। ଏଥିରେ କଂଗ୍ରେସ ସମେତ ପ୍ରାୟ ସମସ୍ତ ବିରୋଧୀ ଦଳଙ୍କ ସମର୍ଥନ ରହିଛି। ଭୋଟ୍ ଚୋରି ଅଭିଯୋଗରେ ଆରମ୍ଭ ହୋଇଥିବା ଏହି ଶୋଭାଯାତ୍ରା ଏବେ ଦିନକୁ ▶▶ ୫



## ବିଜୁ ପଟ୍ଟନାୟକ କ୍ରୀଡ଼ା ଓ ସାହସିକତା ପୁରସ୍କାର ପ୍ରଦାନ

# 'କୃତୀ ଖେଳାଳି ଓଡ଼ିଶାର କ୍ରୀଡ଼ା ମନୋଭାବର ମଶାଲ ବାହକ'

ଭୁବନେଶ୍ୱର,୨୯।୮/ଏନ୍‌ଏନ୍‌ଏସ୍:



ବିଜୁ ପଟ୍ଟନାୟକ କ୍ରୀଡ଼ା ସମ୍ମାନରେ ସମ୍ମାନିତ କୃତୀ କ୍ରୀଡ଼ାବିତଙ୍କ ସଫଳତା କେବଳ ଏକ ବ୍ୟକ୍ତିଗତ ବିଜୟ ନୁହେଁ ବରଂ ଆମ ରାଜ୍ୟ ଓ ଦେଶ ପାଇଁ ଏକ ସାମୂହିକ ଗର୍ବ। ସେମାନେ ଓଡ଼ିଶାର କ୍ରୀଡ଼ା ମନୋଭାବର ମଶାଲ ବାହକ ଏବଂ ଆଗାମୀ ପିଢ଼ି ପାଇଁ ଆଦର୍ଶ । ସେହିପରି ବିଜୁ ପଟ୍ଟନାୟକ ସାହସିକତା ପୁରସ୍କାର ବିଜେତାଙ୍କ ସାହସ ଏବଂ ନିଃସ୍ୱାର୍ଥପର କାର୍ଯ୍ୟ ଓଡ଼ିଶାର ପ୍ରକୃତ ଆତ୍ମାକୁ ପ୍ରତିଫଳିତ କରେ ଏବଂ ନିର୍ଭୀକତା ଓ ମାନବତାର ସହିତ ସେବା କରିବା ପାଇଁ ଅଗଣିତ ଯୁବ ହୃଦୟକୁ ପ୍ରେରଣା ଦେଇ ଚାଲିବ ବୋଲି ରାଜ୍ୟପାଳ ଡ. ହରି ବାବୁ କମ୍ଭମପାଟି କହିଛନ୍ତି। ଶୁକ୍ରବାର ଓଡ଼ିଶା ସରକାରଙ୍କ କ୍ରୀଡ଼ା ଓ ଯୁବ ସେବା ବିଭାଗ ଆନୁକୂଲ୍ୟରେ ଜୟଦେବ ଭବନଠାରେ ଆୟୋଜିତ ରାଜ୍ୟସ୍ତରୀୟ ଜାତୀୟ କ୍ରୀଡା ଦିବସ ପାଳନ ସମାରୋହରେ ମୁଖ୍ୟ ଅତିଥି ଭାବେ ଯୋଗଦେଇ ରାଜ୍ୟପାଳ ଏହା କହିଛନ୍ତି। ଏହି ଅବସରରେ ୮ ଜଣ କୃତୀ କ୍ରୀଡ଼ାବିତଙ୍କୁ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର ପ୍ରଦାନ କରାଯାଇଥିଲା। ସେମାନଙ୍କ ମଧ୍ୟରେ ଜୀବନ ବ୍ୟାପୀ ସାଧନା କ୍ଷେତ୍ରରେ ବିଜୟ କୁମାର ଶତପଥୀ (ୱେଟ୍ ଲିଫ୍ଟିଂ), କ୍ରୀଡ଼ାରେ ଆଉଟ ଷ୍ଟାଣ୍ଡିଂ ପରଫରମାନ୍ସରେ ଅନିମେଶ କୁଜୁର( ଆଥଲେଟିକ୍ସ), ପ୍ରଶିକ୍ଷଣ କ୍ଷେତ୍ରରେ ସୁଷମା ନନ୍ଦ (ଭଲିବଲ୍), କ୍ରୀଡାର ପ୍ରଚାର ପ୍ରସାର କ୍ଷେତ୍ରରେ ପ୍ରଦ୍ୟୁମ୍ନ ମିଶ୍ର (ଖୋଖୋ), କ୍ରୀଡା ସାମ୍ବାଦିକତାରେ ଉତ୍କର୍ଷତା ଲାଗି ବିମଳ କୁମାର ରାଉଳ (ପ୍ରମେୟ), ଶ୍ରେଷ୍ଠ ପାରା ସ୍ପୋର୍ଟସ ପର୍ସନ ଭାବେ ରାଖାଲ କୁମାର ସେଠୀ ( ପାରା ଫେନସିଂ), କନିଷ୍ଠ କ୍ରୀଡ଼ାବିତ ଭାବେ ମାଷ୍ଟର ଏସ୍ ସ୍ୱାଇଁ (ଚେସ୍), ଶ୍ରେଷ୍ଠ କ୍ରୀଡ଼ା ଟେକ୍ନିକାଲ ଅଫିସିଆଲ ଭାବେ ଡ. ସୁଦୀପ ଶତପଥୀଙ୍କୁ ପୁରସ୍କୃତ କରାଯାଇଥିଲା। ସେହିପରି ଅସାଧାରଣ ସାହସିକତା ପ୍ରଦର୍ଶନ ପାଇଁ ଜୀବନ କୁମାର ବେହେରା ଏବଂ ଚିତ୍ତରଞ୍ଜନ ପ୍ରଧାନଙ୍କୁ ବିଜୁପଟ୍ଟନାୟକ ସାହସିକତା ପୁରସ୍କାର ପ୍ରଦାନ କରାଯାଇଥିଲା।

ଏହି ସମାରୋହରେ ବିଜୁ ପଟ୍ଟନାୟକ କ୍ରୀଡା ଓ ସାହସିକତା ପୁରସ୍କାର ପ୍ରଦାନ କରି ନିଜ ଉଦବୋଧନରେ ରାଜ୍ୟପାଳ ▶▶ ୫

**୮ଙ୍କୁ ବିଜୁପଟ୍ଟନାୟକ କ୍ରୀଡ଼ା ପୁରସ୍କାର**

**୨ଙ୍କୁ ବିଜୁପଟ୍ଟନାୟକ ସାହସିକତା ପୁରସ୍କାର**

# ପିକ୍‌ଅପ୍-ବାଇକ୍ ଧକ୍କା, ୨ ମୃତ

କୁକୁଡାଖଣ୍ଡି,୨୯।୮/ଏନ୍‌ଏନ୍‌ଏସ୍:

ସଦର ଥାନା ଅନ୍ତର୍ଗତ ବ୍ରହ୍ମପୁର-ଦିଗପହଣ୍ଡି ରାଜପଥର ବାଇଗଣବାଡି ଛକରେ ଶୁକ୍ରବାର ଏକ ମର୍ମନ୍ତୁଦ ସଡକ ଦୁର୍ଘଟଣା ଘଟି ଦୁଇ ଜଣଙ୍କ ମୃତ୍ୟୁ ଘଟିଛି। ମୃତକ ଦୁଇ ଜଣ ସାନଖେମୁଣ୍ଡି ଖଲିଙ୍ଗି ଗ୍ରାମର କର୍ଣ୍ଣ ସେଠୀ ଓ ସନାତନ ସୁଆଁସିଆ ବୋଲି ପୁଲିସ ପକ୍ଷରୁ ସୂଚନା ମିଳିଛି। ପ୍ରକାଶ ଯେ ବ୍ରହ୍ମପୁରରୁ ଆସୁଥିବା ଏକ ପିକଅପ୍ ଭ୍ୟାନ୍ ସହ ଦିଗପହଣ୍ଡିକୁ ଯାଉଥିବା ଏକ ବାଇକ ମଧ୍ୟରେ ମୁହାଁମୁହିଁ ଧକ୍କା ହେବାରୁ ବାଇକ୍‌ରେ ବସିଥିବା କର୍ଣ୍ଣ ଓ ସନାତନଙ୍କ ଘଟଣାସ୍ଥଳରେ ହିଁ ମୃତ୍ୟୁ ଘଟିଥିଲା। ପୁଲିସ ମୃତଦେହକୁ ଉଦ୍ଧାର କରି ବ୍ୟବଚ୍ଛେଦ ପାଇଁ ବ୍ରହ୍ମପୁର ବଡ଼ ମେଡିକାଲକୁ ପଠାବା ସହ ଦୁର୍ଘଟଣାଗ୍ରସ୍ତ ପିକ୍‌ଅପ୍ ଭ୍ୟାନ୍ ଓ ବାଇକ୍‌କୁ ଜବତ କରିଛି। ପିକ୍‌ଅପ୍ ଡ୍ରାଇଭରକୁ ପୁଲିସ୍ ଅଟକ ରଖି ପଚରାଉଚରା କରୁଛି। ପୁଲିସ୍ ଏନେଇ ମାମଲା ରୁଜୁ କରିବା ସହ ଘଟଣାର ତଦନ୍ତ ଜାରି ରଖିଛି। ତେବେ ଦୁର୍ଘଟଣା ପରେ ଉତ୍ୟକ୍ତ ଲୋକ ରାସ୍ତା ଅବରୋଧ କରିଥିଲେ। ଫଳରେ ବ୍ରହ୍ମପୁର-ଦିଗପହଣ୍ଡି ମୁଖ୍ୟ ରାସ୍ତା କିଛି ସମୟ ପାଇଁ ଯାତାୟାତ ଠପ୍ ହୋଇଥିଲା। ଡିଭାଇଡର ନଥିବାରୁ ଯାନବାହନ ନୟନ୍ତ୍ରଣ ହରାଇ ବାରମ୍ବାର ଦୁର୍ଘଟଣା ଘଟୁଥିବା ନେଇ ସ୍ଥାନୀୟ ଜନସାଧାରଣ ଅଭିଯୋଗ କରିଥିଲେ। ତୁରନ୍ତ ରାସ୍ତାରେ ଡିଭାଇଡର ନିର୍ମାଣ ସହ ମୃତକଙ୍କ ପରିବାରକୁ କ୍ଷତିପୂରଣ ଦେବାକୁ ଅଞ୍ଚଳବାସୀ ଦାବି କରିଥିଲେ। ସାନଖେମୁଣ୍ଡି ବିଧାୟକ ରମେଶ ଜେନା ଦୁର୍ଘଟଣା ସ୍ଥଳରେ ପହଞ୍ଚି ଉତ୍ୟକ୍ତ ଲୋକଙ୍କୁ ବୁଝାସୁଝା କରିଥିଲେ। ଘଟଣା ସ୍ଥଳରେ ତହସିଲଦାର ରାଜ କିଶୋର ପଟ୍ଟନାୟକ ଓ ଏସଡିପିଓ ଶୁଭ୍ରାଂଶୁ ପରିଡ଼ା ଏବଂ ସଦର ଥାନା ଅଧିକାରୀ ରାମ ସୁବ୍ରମଣ୍ୟମ ପ୍ରଧାନ ପହଞ୍ଚି ମୃତ ପରିବାର ଲୋକଙ୍କୁ ମୁଖ୍ୟମନ୍ତ୍ରୀ ରେଡ୍‌କ୍ରସ୍ ପାଣ୍ଠିରୁ ୩୦ ହଜାର ଟଙ୍କା ସହାୟତା ପ୍ରଦାନ କରିଥିବା ସୂଚନା ମିଳିଛି।

## ଜାତୀୟ କ୍ରୀଡ଼ା ଦିବସ ଅବସରରେ ସମୂହ ପଦଯାତ୍ରା



**କଟକ,୨୯।୮/ଏନ୍‌ଏନ୍‌ଏସ୍:** କିମ୍ବଦନ୍ତି ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜୟନ୍ତୀ ଅବସରରେ ଆଜି ଜିଲ୍ଲାସ୍ତରୀୟ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏହି ଅବସରରେ ଆଜି ସକାଳୁ ଜିଲ୍ଲା ପ୍ରଶାସନ ପକ୍ଷରୁ ସମୂହ ପଦଯାତ୍ରା ଅନୁଷ୍ଠିତ ହୋଇଥିଲା। ଜବାହାରଲାଲ ନେହରୁ ଇଣ୍ଡୋର ଷ୍ଟାଡିୟମଠାରୁ ଏହି ପଦଯାତ୍ରା ବାହାରି ବାରବାଟୀ ଦୁର୍ଗ, ଦୟାଶ୍ରମ, କନିକା ଛକ ଦେଇ ଇଣ୍ଡୋର ଷ୍ଟାଡିୟମଠାରେ ପହଞ୍ଚିଥିଲା। ପଦଯାତ୍ରାରେ ବହୁ କ୍ରୀଡ଼ାବିତ, କ୍ରୀଡ଼ା ଛାତ୍ରାବାସର ଛାତ୍ରଛାତ୍ରୀ, ବିଭିନ୍ନ ବିଦ୍ୟାଳୟର କ୍ରୀଡ଼ା ଶିକ୍ଷକ ଓ ଶିକ୍ଷୟିତ୍ରୀ ଏବଂ ଜନ ସାଧାରଣ ଯୋଗ ଦେଇଥିଲେ। ଜିଲ୍ଲା କ୍ରୀଡ଼ା ଅଧିକାରୀ ଅଜୟ ବେହେରା, ଓଡ଼ିଶା ଅଲମ୍ପିକ ଆସୋସିଏସନର ସାଧାରଣ ସମ୍ପାଦକ ଅଭିଜିତ ପାଲ ପତାକା ଦେଖାଇ ଏହି ପଦଯାତ୍ରାର ଶୁଭାରମ୍ଭ କରିଥିଲେ। ଏହି ଅବସରରେ ପୂର୍ବତନ ଜିଲ୍ଲା କ୍ରୀଡ଼ା ଅଧିକାରୀ ରଶ୍ମିରଞ୍ଜନ ସାମନ୍ତରାୟ, ଅତିରିକ୍ତ ଶିକ୍ଷା ଅଧିକାରୀ ଅଭିଜିତା ଭାସ୍କର, କ୍ରୀଡ଼ା ଛାତ୍ରାବାସ ସୁପରିନଟେଣ୍ଡେଣ୍ଟ ଗଙ୍ଗାଧର ବେହେରା ପ୍ରମୁଖ ଉପସ୍ଥିତ ଥିଲେ। ଏହି ଅବସରରେ ଆଜି ଅପରାହ୍ଣରେ ସତ୍ୟବ୍ରତ ଷ୍ଟାଡ଼ିୟମଠାରେ କ୍ରୀଡ଼ା ଛାତ୍ରାବାସ ଓ ସ୍ପୋର୍ଟସ ଅଥୋରିଟି ଅଫ ଇଣ୍ଡିଆ କ୍ରୀଡ଼ାବିତଙ୍କ ମଧ୍ୟରେ ଏକ ବନ୍ଧୁତ୍ୱପୂର୍ଣ୍ଣ ଫୁଟବଲ ମ୍ୟାଚ ଆୟୋଜିତ ହୋଇଥିଲା। ଜାତୀୟ କ୍ରୀଡ଼ା ଦିବସ ପାଳନ ଅବସରରେ ଆସନ୍ତା କାଲି ବିଦ୍ୟାଳୟ ଛାତ୍ରଛାତ୍ରୀଙ୍କ ମଧ୍ୟରେ ବକ୍ତୃତା ପ୍ରତିଯୋଗିତା ଏବଂ ରବିବାର ସକାଳେ ଇଣ୍ଡୋର ଷ୍ଟାଡ଼ିୟମଠାରୁ ଏକ ସାଇକେଲ ରାଲିର ଆୟୋଜନ କରାଯିବ।

## ଓଡ଼ିଶା ଓ ଆସାମର ସାଂସ୍କୃତିକ ବିନିମୟ କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୯।୮/ଏନ୍‌ଏନ୍‌ଏସ୍:** ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟ ଓ ଆସାମର ପୂବ କାମରୂପ ମହାବିଦ୍ୟାଳୟର ମିଳିତ ଆନୁକୂଲ୍ୟରେ ଏକ ସାଂସ୍କୃତିକ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଯାଇଛି। କୁଳପତି ପ୍ରଫେସର ପ୍ରସନ୍ନ କୁମାର ସ୍ୱାଇଁଙ୍କ ସଭାପତିତ୍ୱରେ ଆୟୋଜିତ ଉଦ୍‌ଘାଟନୀ ଉତ୍ସବରେ ବରିଷ୍ଠ ଭାଷାବିତ୍ ପଦ୍ମଶ୍ରୀ ଦେବୀପ୍ରସନ୍ନ ପଟ୍ଟନାୟକ ମୁଖ୍ୟଅତିଥି ଭାବେ ଯୋଗଦେଇଥିଲେ। ପ୍ରାଧ୍ୟାପିକା ପ୍ରଫେସର ବର୍ଣ୍ଣାଳୀ ଡେକା ତାଙ୍କ ବକ୍ତବ୍ୟରେ ଆସାମର କଳା, ସଂସ୍କୃତି, ଭାଷା, ସଂଗୀତ, ଲୋକନୃତ୍ୟ ସମ୍ପର୍କରେ ବିଶଦ ଆଲୋଚନା କରିଥିଲେ। ଆସାମର ଯୁବ କଳାକାରମାନଙ୍କ ଦ୍ୱାରା ବୋର ଗୀତ, ଭୋରତାଳ ନୃତ୍ୟ, ହୋଲି ଗୀତ, ଝୁମର ନୃତ୍ୟ, ବିହୁ ନୃତ୍ୟ ଓ ସଙ୍ଗୀତଜ୍ଞ ଭୂପେନ ହଜାରିକାଙ୍କ ଲୋକପ୍ରିୟ ସଂଗୀତ ପରିବେଷିତ ହୋଇଥିଲା। ବିଶ୍ୱବିଦ୍ୟାଳୟ ପକ୍ଷରୁ ଛାତ୍ରଛାତ୍ରୀମାନେ ଡ. ମନୋରଞ୍ଜନ ପ୍ରଧାନଙ୍କ ନିର୍ଦ୍ଦେଶନାରେ ଚିତ୍ତାକର୍ଷକ ଓଡ଼ିଶୀ ନୃତ୍ୟ ପରିବେଷଣ କରିଥିଲେ। ପ୍ରଫେସର ଚକ୍ରଧର ବେହେରା ଧନ୍ୟବାଦ୍ ଅର୍ପଣ କରିଥିବାବେଳେ ସହକାରୀ ପ୍ରଫେସର ଡ. ସାରଦା ପ୍ରସନ୍ନ ଦାସ କାର୍ଯ୍ୟକ୍ରମର ସଂଯୋଜନା କରିଥିଲେ। ବିଶ୍ୱବିଦ୍ୟାଳୟ ପକ୍ଷରୁ ଡ. ଧୀରଜ କୁମାର ମହାପାତ୍ର, ଡ. କେ. ଦାଇମାଇ, ଡ. ଆଶିଷ ମହାପାତ୍ର, ଡ. ନୀଳାଦ୍ରି କଲ୍ୟାଣ ଦାସ ଓ ଡ. ସସ୍ମିତା କାମିଲା ପ୍ରମୁଖ କାର୍ଯ୍ୟକ୍ରମକୁ ପରିଚାଳନା କରିଥିଲେ।

## ସଂସ୍କୃତି ଚର୍ଚ୍ଚା ସମାରୋହ

**ଭୁବନେଶ୍ୱର,୨୯।୮/ଏନ୍‌ଏନ୍‌ଏସ୍:** ଓଡ଼ିଶା ରାଜ୍ୟ ଅଭିଲେଖାଗାରରେ ୮୬ତମ ସଂସ୍କୃତି ଚର୍ଚ୍ଚା ସମ୍ମାନ ସମାରୋହ ଅନୁଷ୍ଠିତ ହୋଇଯାଇଛି। ଏହି ଉତ୍ସବରେ ମୁଖ୍ୟବକ୍ତା ଭାବେ ଯୋଗଦାନ କରିଥିଲେ ବିଶିଷ୍ଟ ଶିକ୍ଷାବିତ୍, ସ୍ତମ୍ଭକାର ତଥା ନୂଆଦିଲ୍ଲୀସ୍ଥିତ ପ୍ରବାସୀ ଓଡ଼ିଆ ବୁଦ୍ଧିଜୀବୀ ଫୋରମ୍ 'ଦି ଇଣ୍ଟେଲେକ୍ଟସ୍'ର ପ୍ରତିଷ୍ଠାତା ଏବଂ ଅଧ୍ୟକ୍ଷ ପ୍ରଫେସର ଦେବେନ୍ଦ୍ରନ ନାଥ ରାଉତ।

ସମ୍ମାନରେ ସ୍ୱାଗତ ଭାଷଣ ଦେଇଥିଲେ ଓଡ଼ିଶା ରାଜ୍ୟ ଅଭିଲେଖାଗାରର ଅଧୀକ୍ଷକ ଡ. ଶେଖ୍ ସୋଲେମାନ ଅଲ୍ଲୀ ଏବଂ ଧନ୍ୟବାଦ ଅର୍ପଣ କରିଥିଲେ ଓଡ଼ିଶା ଅଭିଲେଖାଗାରର ବୈଷୟିକ ସହାୟକ ଉପେନ୍ଦ୍ର କୁମାର ବେହେରା। ସମ୍ମାନର ମୁଖ୍ୟବକ୍ତା ପ୍ରଫେସର ଦେବେନ୍ଦ୍ର ନାଥ ରାଉତ 'ଓଡ଼ିଆ ଅସ୍ମିତାର ଅନ୍ତଃସ୍ୱର' ଶୀର୍ଷକରେ କହିଥିଲେ ଯେ ବିଶ୍ୱର ପ୍ରତ୍ୟେକ କୋଣରେ ରହୁଥିବା ଓଡ଼ିଆ ଯୁବ ଧ୍ୱଜା ଧାରକ ଓଡ଼ିଆ ଅସ୍ମିତା କ'ଣ ବୁଝିବାକୁ ହେବ। ଓଡ଼ିଶୀ, ସମ୍ବଲପୁରୀ, ଛଉ ବା ଅନ୍ୟ ମନବିମୋହିତ କରିବାର କଳା ଓ ସଙ୍ଗୀତ ମଧ୍ୟରେ କେବଳ ଓଡ଼ିଆ ଅସ୍ମିତା ସୀମିତ ନୁହେଁ। ଓଡ଼ିଆ ଭାଷାର ପ୍ରାଚୀନତା, ଜଗନ୍ନାଥ ସଂସ୍କୃତିର ବିଶାଳତା, ଓଡ଼ିଆ ଶିଳ୍ପୀର ନିପୁଣତା, ହସ୍ତତନ୍ତର ବିଶ୍ୱବ୍ୟାପୀ ଗ୍ରହଣୀୟତା, କଳିଙ୍ଗ ଯୁଦ୍ଧରେ ମାଟି ପାଇଁ ଆତ୍ମତ୍ୟାଗର ଉଦାହରଣ, ମଧୁବାବୁଙ୍କ ସମର୍ପଣ, ଧର୍ମପଦର ଆଜନ୍ମ ପ୍ରଜ୍ଞା, ବାଜି ରାଉତଙ୍କର ଇଂରେଜ ନିର୍ଦ୍ଦେଶକୁ ଅବଜ୍ଞା, ବାଇମୁଣ୍ଡିର ପ୍ରଚେଷ୍ଟା, ଖାରବେଳଙ୍କ ନିଷ୍ଠା କପିଳେନ୍ଦ୍ର ଦେବଙ୍କ ଶାସନ, ପଠାଣି ସାମନ୍ତଙ୍କ ଜ୍ଞାନ, ଗୋପବନ୍ଧୁ ଚୌଧୁରୀଙ୍କ ତ୍ୟାଗ, ରମାଦେବୀଙ୍କ ସେବା, ବକ୍ସି ଜଗବନ୍ଧୁଙ୍କ ସାହସ, ସୁରେନ୍ଦ୍ର ସାଏଙ୍କ ଆତ୍ମବିଶ୍ୱାସ, ଚିଲିକାର ସୌନ୍ଦର୍ଯ୍ୟ, ଭୂତଳର ଐଶ୍ୱର୍ଯ୍ୟ, ଦେଓମାଳି ପାହାଡ଼ର ଆକର୍ଷଣ, ଜଗନ୍ନାଥଙ୍କ ପ୍ରତି ସମର୍ପଣ, ଚାଷୀ ଭାଇର ପ୍ରୟାସ, ଆଦିବାସୀଙ୍କ ବିଶ୍ୱାସ ଆଦିରେ ରହିଛି ଓଡ଼ିଆ ଅସ୍ମିତାର ଅନ୍ତଃସ୍ୱର। ଏହି ଚିର ପ୍ରବାହମାନ ଓଡ଼ିଆ ଅସ୍ମିତାର ଧାରାକୁ ଉତ୍ତର ପିଢ଼ି କେବଳ ଦର୍ଶନ, ଶ୍ରବଣ ବା ବିଶ୍ଳେଷଣରେ ସୀମିତ ନରଖି ନିଜ ଜୀବନରେ ପ୍ରତିଫଳନ କରିବାକୁ ପ୍ରୟାସ କରିବା ଆବଶ୍ୟକ। ଆଜିର ଡିଜିଟାଲ ଯୁଗରେ ଓଡ଼ିଆ ଅସ୍ମିତା କେବଳ ପୁସ୍ତକରେ ନୁହେଁ ବରଂ ପ୍ରତ୍ୟେକ ଡିଭାଇସ୍, ପ୍ରତ୍ୟେକ ମନ, ପ୍ରତ୍ୟେକ ହୃଦୟରେ ସ୍ଥାନ ପାଇବା ଆବଶ୍ୟକ। ଭାଷା ବିନା ଅସ୍ମିତାର କଳ୍ପନା ଅସମ୍ଭବ। ଏଥିପାଇଁ ଓଡ଼ିଆ ଭାଷାକୁ ଯଥାଶୀଘ୍ର ପ୍ରଯୁକ୍ତିବିଦ୍ୟା ଉପଯୋଗୀ କରିବାକୁ ପଡ଼ିବ ଯଦ୍ୱାରା ଆଗାମୀ ପିଢ଼ି ଗର୍ବର ସହିତ ଓଡ଼ିଆରେ ଅଭିବ୍ୟକ୍ତି ରଖିବା ସହିତ ଓଡ଼ିଆ ଅସ୍ମିତାର ପ୍ରବାହମାନ ଧାରାକୁ ଆଗକୁ ନେବାର ଉତ୍ସାହ ପ୍ରକାଶ କରିବ। ପରିଶେଷରେ ଦର୍ଶକ ଏବଂ ବୁଦ୍ଧିଜୀବୀମାନଙ୍କର ବିଷୟ ସମ୍ବନ୍ଧୀୟ ପ୍ରଶ୍ନୋତ୍ତର କାର୍ଯ୍ୟକ୍ରମ କରାଯାଇଥିଲା।

### ଅବକାରୀ ମନ୍ତ୍ରୀଙ୍କ ଅଧ୍ୟକ୍ଷତାରେ ବୈଠକ

# ୧ରୁ ସ୍ୱତନ୍ତ୍ର ଅଭିଯାନ, ପ୍ରତି ଜିଲ୍ଲାରେ ମଡେଲ ନିଶା ନିବାରଣ କେନ୍ଦ୍ର

**ଭୁବନେଶ୍ୱର,୨୯।୮/ଏନ୍‌ଏନ୍‌ଏସ୍:** ରାଜଧାନୀ ଭୁବନେଶ୍ୱର ସମେତ ରାଜ୍ୟର ସମସ୍ତ ସହରରେ ଡ୍ରଗ୍ସ ଏବଂ ଅନ୍ୟାନ୍ୟ ମାଦକ ଦ୍ରବ୍ୟ ସେବନ, ଚୋରା ଚାଲାଣ ଏବଂ ବିକ୍ରି ଉପରେ ଅଙ୍କୁଶ ଲଗାଇବା ପାଇଁ ସ୍ୱତନ୍ତ୍ର ଅଭିଯାନ ସମ୍ପର୍କରେ ଆଜି ରାଜ୍ୟ ଆଇନ୍, ପୂର୍ତ୍ତ ତଥା ଅବକାରୀ ମନ୍ତ୍ରୀ ପୃଥ୍ୱୀରାଜ ହରିଚନ୍ଦନଙ୍କ ଅଧ୍ୟକ୍ଷତାରେ ଏକ ଉଚ୍ଚସ୍ତରୀୟ ବୈଠକ ଅନୁଷ୍ଠିତ ହୋଇଯାଇଛି। ଲୋକସେବା ଭବନସ୍ଥିତ ସମ୍ମିଳନୀ କକ୍ଷରେ ଅନୁଷ୍ଠିତ ଏହି ବୈଠକରେ ଅନ୍ୟମାନଙ୍କ ମଧ୍ୟରେ ମୁଖ୍ୟ ଶାସନ ସଚିବ ମନୋଜ ଆହୁଜାଙ୍କ ସମେତ ପୁଲିସ୍ ପ୍ରଶାସନ, ଅବକାରୀ ବିଭାଗ, ଭୁବନେଶ୍ୱର ମହାନଗର ନିଗମ ଏବଂ ନାର୍କୋଟିକ୍ କଣ୍ଟ୍ରୋଲ ବ୍ୟୁରୋ (ଏନ୍‌ସିବି)ର ଅଧିକାରୀମାନେ ଯୋଗଦେଇ ଏହି



ବୈଠକରେ ଆଲୋଚନାରେ ଅଂଶଗ୍ରହଣ କରିଥିଲେ।

ଅନୁଷ୍ଠିତ ବୈଠକରେ ମନ୍ତ୍ରୀ ଶ୍ରୀ ହରିଚନ୍ଦନ ବେଆଇନ୍ ମାଦକ ଦ୍ରବ୍ୟ ବିକ୍ରି, ଚୋରାଚାଲାଣରେ ଅଙ୍କୁଶ ଲଗାଇବା ପାଇଁ ସେପ୍ଟେମ୍ବର ୧ ତାରିଖରୁ ସମ୍ପୃକ୍ତ ସବୁ ବିଭାଗର ମିଳିତ ସମନ୍ୱୟରେ ଭୁବନେଶ୍ୱର ସହର ତଥା ରାଜ୍ୟର ସବୁ ଜିଲ୍ଲାମାନଙ୍କରେ ସ୍ୱତନ୍ତ୍ର ଧରପଗଡ଼ ଅଭିଯାନ ଆରମ୍ଭ କରାଯିବାକୁ ନିର୍ଦ୍ଦେଶ ଦେଇଛନ୍ତି। ବିଭିନ୍ନ ନିଶା ଦ୍ରବ୍ୟ ଚୋରାଚାଲାଣ ଗ୍ରୁପ୍ ଗୁଡ଼ିକୁ ଧରିବା ଏବଂ ଏସବୁର ପ୍ରଚ୍ଛଦ ପଟରେ ଥିବା ଚାଲାଣକାରୀଙ୍କୁ ମଧ୍ୟ ବନ୍ଧାଯିବାକୁ ନିର୍ଦ୍ଦେଶ ଦିଆଯାଇଛି। ସ୍ପେଶାଲ ଟାସ୍କ ଫୋର୍ସ–ଅବକାରୀ-ଏନସିବି-ବିଏମସି ମିଳିତ ଭାବେ ଭୁବନେଶ୍ୱରକୁ ଏକ ନିଶାମୁକ୍ତ ସହର କରିବାକୁ କାର୍ଯ୍ୟ କରିବେ। ପେସାଦାର ଅପରାଧୀମାନଙ୍କୁ ବାନ୍ଧିବା ପାଇଁ ମାଦକ ଦ୍ରବ୍ୟ ଏବଂ ମାନସିକ ସ୍ନାୟବିକ କ୍ଷତିକାରକ ତଥା ବ୍ୟବହାରିକ କୁପ୍ରଭାବ ପକାଉଥିବା ପଦାର୍ଥର ଅବୈଧ ଚାଲାଣ ପ୍ରତିରୋଧ ଅଧିନିୟମ ( ପିଆଇଟି-ଏନଡିପିଏସ୍) ଧାରା ଏବଂ ସିଆରପିସି ୧୧୦ ( ବିଏନଏସଏସ-୧୨୯) ଧାରା ଲଗାଯିବ। ନିଶା ନିବାରଣ ପାଇଁ ପ୍ରତ୍ୟେକ ଜିଲ୍ଲାରେ ଅନ୍ତତଃ ଗୋଟିଏ ଲେଖାଏଁ ମଡେଲ ନିଶା ନିବାରଣ କେନ୍ଦ୍ର ରାଜ୍ୟ ସରକାର ସ୍ଥାପନ କରିବେ। ଶିକ୍ଷା ନଗରୀ ଭୁବନେଶ୍ୱରରେ ଥିବା ବିଭିନ୍ନ ଶିକ୍ଷାନୁଷ୍ଠାନ ପରିସରରେ ଚଢାଉ ବ୍ୟାପକ କରାଯିବ। ମୁଖ୍ୟ ଶାସନ ସଚିବ ଶ୍ରୀ ଆହୁଜା ବେଆଇନ୍ ମାଦକ ଦ୍ରବ୍ୟ ଚୋରାଚାଲାଣ ଓ ନିଶାଦ୍ରବ୍ୟ ବ୍ୟବହାର ବିଭିନ୍ନ ଅପରାଧର କାରଣ ହେଉଥିବା ଏବଂ ଏହା ସମାଜ ପ୍ରତି କ୍ଷତିର କାରଣ ହେଉଥିବାରୁ ଏ ଦିଗରେ କାର୍ଯ୍ୟାନୁଷ୍ଠାନ ପାଇଁ ପ୍ରଶାସନିକ ସ୍ତରରେ ସମସ୍ତ ସହଯୋଗ ପ୍ରଦାନ କରିବାକୁ ପ୍ରତିଶ୍ରୁତି ଦେଇଥିଲେ। ବୈଠକରେ ଅବକାରୀ ବିଭାଗ ପ୍ରମୁଖ ଶାସନ ସଚିବ ଭାସ୍କର ଜ୍ୟୋତି ଶର୍ମା, ଆଇଜି-ସିଆଇଡି-ସିବି (ସ୍ୱତନ୍ତ୍ର ଟାସ୍କ ଫୋର୍ସ) ଡଃ. ସାର୍ଥକ ଷଡ଼ଙ୍ଗୀ, ଅବକାରୀ କମିଶନର, ଓଡ଼ିଶା ପି.ଅନ୍ୱେଷା ରେଡ୍ଡୀ, ଏନସିବିର ଆଞ୍ଚଳିକ ନିର୍ଦ୍ଦେଶକ, କୁଳଦୀପ ଶର୍ମା, ଭୁବନେଶ୍ୱର-କଟକ ଏସିପି ନରସିଂହ ଭୋଳଙ୍କ ସମେତ ସମ୍ପୃକ୍ତ ବିଭିନ୍ନ ବିଭାଗର ବରିଷ୍ଠ ପଦାଧିକାରୀ ମାନେ ଉପସ୍ଥିତ ଥିଲେ।

### ୪୧ ଶ୍ରେଷ୍ଠ କ୍ରୀଡ଼ାବିତ୍ ସମ୍ବର୍ଦ୍ଧିତ

## ସାରା ଦେଶରେ ଓଡ଼ିଶା ପୁଲିସର ସୁନାମ ବଢ଼ିଛି: ଡିଜିପି



**କଟକ,୨୯।୮/ଏନ୍‌ଏନ୍‌ଏସ୍:** କିମ୍ବଦନ୍ତି ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିନ ତଥା ଜାତୀୟ କ୍ରୀଡ଼ା ଦିବସ ଅବସରରେ ରାଜ୍ୟ ଆରକ୍ଷୀ ମହାନିର୍ଦ୍ଦେଶକ (ଡିଜିପି) ଯୋଗେଶ ବାହାଦୁର ଖୁରାନିଆ ଓଡ଼ିଶା ପୁଲିସର ୪୧ ଜଣ ଶ୍ରେଷ୍ଠ କ୍ରୀଡ଼ାବିତଙ୍କୁ ସମ୍ବର୍ଦ୍ଧିତ କରିଛନ୍ତି। କଟକ ପୁଲିସ ମୁଖ୍ୟାଳୟ ପରିସର ସ୍ଥିତ ଆଇପିଏସ ମେସ୍‌ର ଆର.କେ. ପାଢ଼ୀ ମେମୋରିଆଲ ହଲଠାରେ ଆୟୋଜିତ ଏକ ସ୍ୱତନ୍ତ୍ର ସମ୍ବର୍ଦ୍ଧନା ସମାରୋହରେ ଡିଜିପି ମୁଖ୍ୟ ଅତିଥି ଭାବେ ଯୋଗଦେଇ ଓଡ଼ିଶା ପୁଲିସର କ୍ରୀଡ଼ାବିତ୍‌ଙ୍କ ଉଚ୍ଚ ପ୍ରଶଂସା କରିବା ସହ ସେମାନଙ୍କ ଅସାଧାରଣ ପ୍ରତିଭା ଏବଂ କ୍ରୀଡ଼ା ଉତ୍କର୍ଷତାର ଭୂୟସୀ ପ୍ରଶଂସା କରିଥିଲେ। ସାରା ଦେଶରେ ଓଡ଼ିଶା ପୁଲିସର ସୁନାମ ବଢ଼ିଛି ବୋଲି କହି ଡିଜିପି ଖୁସିବ୍ୟକ୍ତ କରିଥିଲେ।

ରାଜ୍ୟର ଯୁବ ପ୍ରତିଭାମାନଙ୍କୁ କ୍ରୀଡ଼ା ପ୍ରତି ଆକୃଷ୍ଟ କରିବା ସହ ଭବିଷ୍ୟତରେ ନୂଆ ମାଇଲଖୁଣ୍ଟ ହାସଲ କରିବା ପାଇଁ ନିଶ୍ଚିତ ଭାବେ ପ୍ରେରଣା ଯୋଗାଇବ ବୋଲି ଡିଜିପି ଖୁରାନିଆ ଆଶାବ୍ୟକ୍ତ କରିଛନ୍ତି। ଏହି ଅବସରରେ ଆମେରିକାର ବିର୍ମିଂହାମ୍‌ଠାରେ ସମ୍ପନ୍ନ ହୋଇଥିବା ବିଶ୍ୱ ପୁଲିସ ଏବଂ ଅଗ୍ନିଶମ କ୍ରୀଡ଼ା ଭଳି ଅନ୍ତର୍ଜାତୀୟ ପ୍ରତିଯୋଗିତାରେ ଓ ପୁଲିସର ୭ ଜଣ କ୍ରୀଡ଼ାବିତ୍‌ଙ୍କ ଉଲ୍ଲେଖନୀୟ ସଫଳତା ସମ୍ପର୍କରେ ମଧ୍ୟ ଡିଜିପି ଉଲ୍ଲେଖ କରିଥିଲେ। ଏହି କ୍ରୀଡ଼ାବିତ୍‌ମାନେ ନିଜର ଦକ୍ଷତା ପ୍ରତିପାଦନ କରି ୧୩ଟି ସ୍ୱର୍ଣ୍ଣ, ୩ଟି ରୌପ୍ୟ ଏବଂ ୪ଟି କାଂସ୍ୟ ପଦକ ବିଜୟ ହୋଇ ଖେଳ ଜଗତରେ ନୂଆ ଇତିହାସ ସୃଷ୍ଟି କରିବା ସହିତ ଓଡ଼ିଶା ପୁଲିସକୁ ଗୌରବମଣ୍ଡିତ କରିଛନ୍ତି ବୋଲି ଡିଜିପି ଖୁରାନିଆ କହିଛନ୍ତି। ଆଗାମୀ ଦିନରେ ମଧ୍ୟ ଅନ୍ୟ କ୍ରୀଡ଼ାବିତ୍‌ମାନେ ମଧ୍ୟ ଜାତୀୟ ତଥା ଅନ୍ତର୍ଜାତୀୟ କ୍ରୀଡା କ୍ଷେତ୍ରରେ ଅଂଶଗ୍ରହଣ କରି ଓଡ଼ିଶା ପୁଲିସର ଗୌରବ ବୃଦ୍ଧି କରିବେ ବୋଲି ସେ ଆଶାବ୍ୟକ୍ତ କରିଥିଲେ। ଏହି ଅବସରରେ ଡିଜିପି ୪୧ ଜଣ କ୍ରୀଡ଼ାବିତଙ୍କୁ ଉତ୍ତରୀୟ, ନଗଦ ଅର୍ଥ ରାଶି ପ୍ରଦାନ କରିବା ସହ ସେମାନଙ୍କ ଉଜ୍ଜ୍ୱଳ ଭବିଷ୍ୟତ କାମନା କରିଥିଲେ। ଆରକ୍ଷୀ ମହାନିର୍ଦ୍ଦେଶକ (କ୍ରାଇମବ୍ରା ) ବିନୟତୋଷ ମିଶ୍ର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ନକ୍ସଲ ବିରୋଧୀ ଅପରେସନ) ସଂଜୀବ ପଣ୍ଡା, ନିର୍ଦ୍ଦେଶକ (ଏସ୍‌ଏଫ୍‌ଏସ୍‌ଏଲ୍) ସନ୍ତୋଷ ବାଲା, ପରିବହନ କମିଶନର ଅମିତାଭ ଠାକୁର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ସଶସ୍ତ୍ର) ରାଜେଶ କୁମାର, ଅତିରିକ୍ତ ଆରକ୍ଷୀ ମହାନିର୍ଦ୍ଦେଶକ (ମୁଖ୍ୟାଳୟ) ପ୍ରତୀକ ମହାନ୍ତି, ଆଇଜିପି, ସତୀଶ ଗଜଭିୟେ, ଆଇଜିପି ପ୍ରବୀଣ କୁମାର, ଡିଆଇଜିପି(କେନ୍ଦ୍ରାଞ୍ଚଳ) ଡ. ସତ୍ୟଜିତ ନାଏକ, ଡିଆଇଜିପି (ପ୍ରୋଭିଜନିଙ୍ଗ) ଚରଣ ସିଂ ମିନା, ଡିଆଇଜିପି, (କାର୍ମିକ) ଯୁଗଳ କିଶୋର କୁମାର ବନଥ, ଡିଆଇଜିପି (କ୍ରାଇମବ୍ରାଞ୍ଚ) ବି. ଗଙ୍ଗାଧରଙ୍କ ସମେତ ବରିଷ୍ଠ ପୁଲିସ ଅଧିକାରୀଗଣ ଉପସ୍ଥିତ ଥିଲେ। ଏଆଇଜି (ଆଇନ ଓ ଶୃଙ୍ଖଳା) ପ୍ରଭାଶଙ୍କର ନାୟକ ଧନ୍ୟବାଦ ଦେଇଥିଲେ। ରାଜ୍ୟ ପୁଲିସ ମୁଖ୍ୟାଳୟର କ୍ରୀଡ଼ା ଅଧିକାରୀ ନୀଳମାଧବ ସ୍ୱାଇଁ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ।

## ସିଏଫ୍‌ଏ ଇନ୍‌ଷ୍ଟିଚ୍ୟୁଟ ପକ୍ଷରୁ ପ୍ରଫେସର୍‌ସ ରାଉଣ୍ଡ୍‌ଟେବୁଲ୍

**ଭୁବନେଶ୍ୱର,୨୯।୮/ଏନ୍‌ଏନ୍‌ଏସ୍:** ସିଏଫ୍‌ଏ ଇନ୍‌ଷ୍ଟିଚ୍ୟୁଟ୍ ପକ୍ଷରୁ ପ୍ରଥମ ପ୍ରଫେସର୍ସ ରାଉଣ୍ଡଟେବୁଲ ଆୟୋଜନ କରାଯାଇଛି। ଆୟୋଜିତ ଏହି ରାଉଣ୍ଡଟେବୁଲ ବୈଠକ, ଦକ୍ଷତା ଅନ୍ତର ଦୂର କରିବା ଉପରେ ଶିକ୍ଷାନୁଷ୍ଠାନ ଏବଂ ଶିଳ୍ପ ମଧ୍ୟରେ ବିଚାର ବିନିମୟ କରିବା, ଛାତ୍ରଛାତ୍ରୀଙ୍କ ନିଯୁକ୍ତି କ୍ଷମତା ବୃଦ୍ଧି କରିବା ଏବଂ ନିଯୁକ୍ତି ବଜାରର ବାସ୍ତବ ଦୁନିଆର ଆବଶ୍ୟକତା ସହ ଶିକ୍ଷାନୁଷ୍ଠାନଗୁଡିକର ପାଠ୍ୟକ୍ରମକୁ ସଂଯୋଜିତ କରିବା ପାଇଁ ଏକ ଗୁରୁତ୍ୱପୂର୍ଣ୍ଣ ପ୍ଲାଟଫର୍ମ ଭାବେ କାର୍ଯ୍ୟ କରିଛି ବୋଲି ସଲିମ ଫକିହ କହିଛନ୍ତି। ସେ କହିଛନ୍ତି ଯେ ପ୍ରଫେସର୍ସ ରାଉଣ୍ଡଟେବୁଲକୁ ଶିକ୍ଷାନୁଷ୍ଠାନ-ଶିଳ୍ପ ମଧ୍ୟରେ ସଂଯୋଗକୁ ସୁଦୃଢ କରିବା ପାଇଁ ପରିକଳ୍ପନା କରାଯାଇଛି। ସେହିପରି ଉତ୍କଳ ବିଶ୍ୱବିଦ୍ୟାଳୟର ରବୀନ୍ଦ୍ର କୁମାର ସ୍ୱାଇଁ କହିଛନ୍ତି ଯେ ଏହି ରାଉଣ୍ଡଟେବୁଲ ବୈଠକ ସିଏଫ୍‌ଏ ପ୍ରୋଗ୍ରାମ୍ ଓ ଛାତ୍ରଛାତ୍ରୀଙ୍କୁ ଅନ୍ତର୍ଜାତୀୟ ସ୍ତରର ପ୍ରତିଯୋଗୀପୂର୍ଣ୍ଣ ବିତ୍ତୀୟ ପେସାଦାରରେ ପରିଣତ କରିବା ପାଇଁ ଏହାର କ୍ଷମତା ଉପରେ ମୂଲ୍ୟବାନ ତଥ୍ୟ ପ୍ରଦାନ କରିଛି। କାର୍ଯ୍ୟକ୍ରମରେ ଯୋଗ ଦେଇଥିବା ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ଏକ୍ସଆଇଏମ୍‌ବି ଓ ଏକ୍ସଆଇଏମ୍ ୟୁନିଭର୍ସିଟିର ରିତେଶ କୁମାର ଦୁବେ, ପିକେ ମହାନ୍ତି, ରମାଦେବୀ ବିଶ୍ୱବିଦ୍ୟାଳୟର ସାବତ କୁମାର ଦିଗଲ ଓ ଆଶାକ ଓଝା, ମହର୍ଷି କଲେଜର କଳିଙ୍ଗ ରଞ୍ଜନ ପ୍ରଧାନ, ଉତ୍କଳ ବିଶ୍ୱବିଦ୍ୟାଳୟର ରବୀନ୍ଦ୍ର କୁମାର ସ୍ୱାଇଁ ଏବଂ ମୁନା ସାହୁ, ସୋଆ ୟୁନିଭର୍ସିଟିର ପ୍ରଫୁଲ୍ଲ କୁମାର ସ୍ୱାଇଁ ଏବଂ ଏକାମ୍ର କଲେଜର ଅଧ୍ୟକ୍ଷ କୁମାର ତ୍ରିପାଠୀ ପ୍ରମୁଖ ସାମିଲ ଥିଲେ।

## ଫ୍ଲାଗ୍‌ସିପ୍ ଟେକ୍‌ବି କାର୍ଯ୍ୟକ୍ରମ

**ଭୁବନେଶ୍ୱର,୨୯।୮/ଏନ୍‌ଏନ୍‌ଏସ୍:** ଏଚ୍‌ସିଏଲଟେକ୍ ଭୁବନେଶ୍ୱରରେ ଗ୍ରାଜୁଏଟ୍‌ମାନଙ୍କୁ ଏହାର ଟେକ୍‌ବି ୟର୍ଲି କ୍ୟାରିୟର ପ୍ରୋଗ୍ରାମ ପ୍ରଦାନ କରିବା ଏବଂ ଟେକ୍ନୋଲୋଜି ଶିଳ୍ପରେ କ୍ୟାରିୟର କରିବା ପାଇଁ ସେମାନଙ୍କୁ ସୁଯୋଗ ଦେବା ପାଇଁ ଯୋଜନା ରଖିଛି। ଟେକ୍‌ବି ହେଉଛି ଏକ ପରିବର୍ତ୍ତନଶୀଳ ପଦକ୍ଷେପ ଯାହାକୁ ହାଇସ୍କୁଲ ଗ୍ରାଜୁଏଟଙ୍କ ପାଇଁ ଡିଜାଇନ୍ କରାଯାଇଛି। ଏହା ଏକ ସ୍ୱତନ୍ତ୍ର 'ୟର୍ଣ୍ଣ ହ୍ୱାଇଲ ୟୁ ଲର୍ଣ୍ଣ' ମଡେଲ ପ୍ରଦାନ କରୁଛି ଯାହା ଉଚ୍ଚଶିକ୍ଷା ପାଇଁ ପହଞ୍ଚ ସହିତ ପ୍ରଯୁକ୍ତିବିଦ୍ୟା ପ୍ରଶିକ୍ଷଣକୁ ଏକତ୍ରିତ କରିଥାଏ। ଏହି ପ୍ରୋଗ୍ରାମ ଛାତ୍ରଛାତ୍ରୀଙ୍କୁ ଶିଳ୍ପ-ପ୍ରାସଙ୍ଗିକ ଦକ୍ଷତା ସହ ସୁସଜ୍ଜିତ କରିଥାଏ ଏବଂ ସେମାନଙ୍କୁ ଶିକ୍ଷା କ୍ଷେତ୍ରରେ ଅଗ୍ରଗତି ପାଇଁ ସକ୍ଷମ କରିଥାଏ, ଯାହା ଟେକ୍ନୋଲୋଜି କ୍ଷେତ୍ରରେ ଆନ୍ତର୍ଜାତୀୟ କ୍ୟାରିୟର ପାଇଁ ମୂଳଦୁଆ ସ୍ଥାପନ କରିଥାଏ। ଏହି ପ୍ରୋଗ୍ରାମ ପ୍ରମୁଖ ଶିକ୍ଷାନୁଷ୍ଠାନଗୁଡିକ ସହ ସହଭାଗିତାରେ ବିକଶିତ ଜେନେରେଟିଭ ଏଆଇ ଓ ସାଇବରସିକ୍ୟୁରିଟି କ୍ଷେତ୍ରରେ ସ୍ପେଶାଲାଇଜ୍‌ଡ ଟ୍ରାକ୍‌ଗୁଡ଼ିକର ଶୁଭାରମ୍ଭ କରିବା ପାଇଁ ପ୍ରସ୍ତୁତ ରହିଛି ବୋଲି ସୁବାରମଣ ବି କହିଛନ୍ତି। ଆଜି ସେ କହିଛନ୍ତି ଯେ, ଟେକ୍‌ବି ଏକ ଦକ୍ଷତା କାର୍ଯ୍ୟକ୍ରମଠାରୁ ଅଧିକ କିଛି। ଏହା ଟେକ୍ନୋଲୋଜି କ୍ଷେତ୍ରରେ ସାର୍ଥକ କ୍ୟାରିୟର ଗଠନ କରିବା ପାଇଁ ଉଚ୍ଚାଭିଳାଷୀ ଯୁବପିଢିଙ୍କ ପାଇଁ ଏକ ଲଞ୍ଚପ୍ୟାଡ୍। ଏହି କାର୍ଯ୍ୟକ୍ରମ ରାଜ୍ୟ ସରକାରଙ୍କ ପଦକ୍ଷେପଗୁଡିକ ସହ ସମନ୍ୱିତ ରହିଛି ଏବଂ ଭାରତର ଜାତୀୟ ଶିକ୍ଷା ନୀତି (ଏନଇପି) ୨୦୨୦ର ଦୃଷ୍ଟିକୋଣକୁ ସମର୍ଥନ କରୁଛି।

## ପୂର୍ବତଟ ରେଳପଥର ଜେଆର୍‌ୟୁସିସି ବୈଠକ ପାଇଁ ପ୍ରମୁଖ ଅଂଶୀଦାର ଏକତ୍ରିତ

**ଭୁବନେଶ୍ୱର,୨୯।୮/ଏନ୍‌ଏନ୍‌ଏସ୍:** ପୂର୍ବତଟ ରେଳପଥ ଆଜି ଭୁବନେଶ୍ୱରରେ ଏକାଦଶ ଜୋନାଲ ରେଳ ଉପଭୋକ୍ତା ପରାମର୍ଶଦାତା କମିଟି (ଜେଆର୍‌ୟୁସିସି)ର ଉଦ୍‌ଘାଟନୀ ବୈଠକ ଆୟୋଜିତ ହୋଇଯାଇଛି। ଏଥିରେ ମହାପ୍ରବନ୍ଧକ ପରମେଶ୍ୱର ଫୁଙ୍କୱାଲ, ପୂର୍ବତଟ ରେଳପଥର ବିଭିନ୍ନ ବିଭାଗର ପ୍ରମୁଖ ମୁଖ୍ୟମାନେ ଉପସ୍ଥିତ ଥିଲେ।




ସାଂସଦ ଅପରାଜିତା ଷଡ଼ଙ୍ଗୀ(ଭୁବନେଶ୍ୱର), ସୁଜିତ କୁମାର (ଓଡ଼ିଶା), ମହେଶ କଶ୍ୟପ (ବସ୍ତର), ଆପଲାନାଇଡୁ କାଲିସେଟ୍ଟି (ବିଜିଆନଗରମ) ଓ ବୋନେଲା ବିଜୟ ଚନ୍ଦ୍ର, ବିଧାୟକ (ପାର୍ବତୀପୁରମ)ଙ୍କ ସମେତ ୨୩ ଜଣ ଜେଆର୍‌ୟୁସିସି ସଦସ୍ୟ ଅଂଶଗ୍ରହଣ କରିଥିଲେ। ଏହି ଅଧିବେଶନରେ ବାଣିଜ୍ୟ ଚାମ୍ବର, ବାଣିଜ୍ୟ ଏବଂ ଶିଳ୍ପ ସଂଘ, ଗ୍ରାହକ ସୁରକ୍ଷା ସଂଗଠନ, ଭିନ୍ନକ୍ଷମ ସଂଘ, ସ୍ୱୀକୃତିପ୍ରାପ୍ତ ଯାତ୍ରୀ ସଂଘ, ସ୍ୱତନ୍ତ୍ର ସ୍ୱାର୍ଥ ଗୋଷ୍ଠୀ, ମାନ୍ୟବର କେନ୍ଦ୍ର ମନ୍ତ୍ରୀଙ୍କ ମନୋନୀତ ବ୍ୟକ୍ତି ଏବଂ ଅନ୍ୟାନ୍ୟ ଅଂଶୀଦାରଙ୍କ ପ୍ରତିନିଧିମାନେ ମଧ୍ୟ ସାମିଲ ହୋଇଥିଲେ। ସଦସ୍ୟମାନେ ସକ୍ରିୟ ଭାବରେ ମୂଲ୍ୟବାନ ମତାମତ ଏବଂ ପରାମର୍ଶ ପ୍ରଦାନ କରିଥିଲେ। ଯାତ୍ରୀଙ୍କ ସୁବିଧା ଏବଂ ସେବା, ନୂତନ ଟ୍ରେନ (ସ୍ୱତନ୍ତ୍ର ଏବଂ ନିୟମିତ) ପ୍ରଚଳନ, ଟ୍ରେନ ଫ୍ରିକ୍ୱେନ୍ସି ବୃଦ୍ଧି, ଜନସାଧାରଣଙ୍କ ଦାବି ପୂରଣ ଏବଂ ଅନ୍ୟାନ୍ୟ ବିକାଶମୂଳକ ପଦକ୍ଷେପ ଉପରେ କେନ୍ଦ୍ରିତ ପ୍ରମୁଖ ଆଲୋଚନା ବିଷୟଗୁଡ଼ିକ। ମହାପ୍ରବନ୍ଧକ ପ୍ରାପ୍ତ ପରାମର୍ଶଗୁଡ଼ିକୁ ସର୍ବାଧିକ ପ୍ରାଥମିକତା ଦେବାକୁ ଏବଂ ହାଇଲାଇଟ୍ ହୋଇଥିବା ସମସ୍ୟାଗୁଡ଼ିକର ସମାଧାନ ପାଇଁ ଉପଲବ୍ଧ ବ୍ୟବସ୍ଥା ମଧ୍ୟରେ ଉପଯୁକ୍ତ ପଦକ୍ଷେପ ନେବାକୁ ପ୍ରତିଶ୍ରୁତି ଦେଇଥିଲେ। ସେ ଜେଆର୍‌ୟୁସିସି ସଦସ୍ୟମାନଙ୍କର ସକ୍ରିୟ ଏବଂ ଗଠନମୂଳକ ସମ୍ପୃକ୍ତିକୁ ପ୍ରଶଂସା କରିଥିଲେ, ଯଥାସମ୍ଭବ ଚିନ୍ତାଧାରାକୁ ସମାଧାନ କରିବା ପାଇଁ ପ୍ରତିବଦ୍ଧତାକୁ ପୁନଃନିର୍ଦ୍ଦେଶ କରିଥିଲେ। ଜେଆର୍‌ୟୁସିସିର ସଚିବ ଏବଂ ପୂର୍ବତଟ ରେଳପଥର ଉପମହାପ୍ରବନ୍ଧକ କେ. କେ. ଖାଡ଼ଙ୍ଗା ବୈଠକକୁ ସଂଯୋଜନା କରିଥିଲେ।

## ନଗର ରାଜଭାଷା କାର୍ଯ୍ୟକାରୀ କମିଟିର ଅର୍ଦ୍ଧବାର୍ଷିକ ବୈଠକ

**ଭୁବନେଶ୍ୱର,୨୯।୮/ଏନ୍‌ଏନ୍‌ଏସ୍:** ଭାରତୀୟ ରିଜର୍ଭ ବ୍ୟାଙ୍କର ଭୁବନେଶ୍ୱର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କ ପୌରୋହିତ୍ୟରେ ଏବଂ ଭାରତ ସରକାରଙ୍କ ଗୃହ ମନ୍ତ୍ରଣାଳୟଉପନିର୍ଦ୍ଦେଶକ (କାର୍ଯ୍ୟକାରୀ) ଡ. ବିଚିତ୍ରସେନ ଗୁପ୍ତାଙ୍କ ଉପସ୍ଥିତିରେ ଗତ ୨୬ ତାରିଖରେ ଭୁବନେଶ୍ୱରସ୍ଥିତ ଭାରତୀୟ ଷ୍ଟେଟ୍ ବ୍ୟାଙ୍କ, ସ୍ଥାନୀୟ ମୁଖ୍ୟ କାର୍ଯ୍ୟାଳୟରେ ନଗର ରାଜଭାଷା କାର୍ଯାନ୍ୱୋୟନ କମିଟି (ବ୍ୟାଙ୍କ ଓ ବୀମା)ର ୫୮ତମ ଅର୍ଦ୍ଧବାର୍ଷିକ ବୈଠକ ଅନୁଷ୍ଠିତ ହୋଇଥିଲା। ସୁଜିତ କୁମାର, ଆଇଡିବିଆଇ ବ୍ୟାଙ୍କର ମୁଖ୍ୟ ମହାପ୍ରବନ୍ଧକ, ଆୟୁଷ ଶିବପୁରୀ, ନାବାର୍ଡର ମହାପ୍ରବନ୍ଧକ, ସାମଦେନ ଦୋର୍ଜି ଲାମା, ଭାରତୀୟ ଷ୍ଟେଟ୍ ବ୍ୟାଙ୍କରସିଡିଓସମେତ ଭୁବନେଶ୍ୱରରେ ଥିବା ସମସ୍ତ ରାଷ୍ଟ୍ରାୟତ୍ତ ବ୍ୟାଙ୍କ ଓ ବୀମା କମ୍ପାନୀର ବରିଷ୍ଠ କାର୍ଯ୍ୟନିର୍ବାହୀ ଏବଂ ସରକାରୀ ଭାଷା




ଅଧିକାରୀମାନେ ଉପସ୍ଥିତ ଥିଲେ।

ବୈଠକ ପ୍ରାରମ୍ଭରେ ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ସାରଦା ପ୍ରସନ୍ନ ମହାନ୍ତିଙ୍କୁ ଶ୍ରୀ ସାମଦେନ ଦୋର୍ଜି ଲାମା ପୁଷ୍ପଗୁଚ୍ଛ ଦେଇ ସ୍ୱାଗତ କରିଥିଲେ। ଏହା ପରେ ଡ. ସାରଦା ପ୍ରସନ୍ନ ମହାନ୍ତି ଡ. ବିଚିତ୍ରସେନ ଗୁପ୍ତା ଓ ସୁଜିତ କୁମାରଙ୍କୁ ଉତରିୟ ଓ ଚାରା ଦେଇ ସ୍ୱାଗତ କରିଥିଲେ।

ଲାମା,ଉପସଭାପତି,ନରାକାସ(ବ୍ୟାଙ୍କ) ସ୍ୱାଗତ ଭାଷଣରେ ସମସ୍ତ ସଦସ୍ୟଙ୍କ ସକ୍ରିୟ ସହଯୋଗ ପାଇଁ ପ୍ରଶଂସା କରିବା ସହ ସମସ୍ତ ସଦସ୍ୟ କାର୍ଯ୍ୟାଳୟକୁ ଶ୍ରେୟ ପ୍ରଦାନ କରିଥିଲେ ଓ ନରାକାସ ରାଜଭାଷା ସମ୍ମାନ ପାଇଁ ନରକାସ ସଦସ୍ୟ ମାନଙ୍କର ପ୍ରଂଶସା କରିଥିଲେ। ବୈଠକରେ ଗତ ୬ବର୍ଷ ମଧ୍ୟରେ ସଦସ୍ୟ ବ୍ୟାଙ୍କରେ ସରକାରୀ ଭାଷାର ପ୍ରଚାର ପ୍ରସାର ପାଇଁ ଆୟୋଜିତ ବିଭିନ୍ନ ହିନ୍ଦୀ କାର୍ଯ୍ୟକ୍ରମ ସମ୍ପର୍କରେ ଏକ ରିପୋର୍ଟ ଉପସ୍ଥାପନ କରାଯାଇଥିଲା। ଗୃହ ମନ୍ତ୍ରଣାଳୟର ଉପନିର୍ଦ୍ଦେଶକ ଡ. ବିଚିତ୍ର ସେନ ଗୁପ୍ତା ତାଙ୍କ ସମୀକ୍ଷାରେ ଭୁବନେଶ୍ୱରସ୍ଥିତ ନରାକାସ (ବ୍ୟାଙ୍କ) ର ପ୍ରଦର୍ଶନକୁ ପ୍ରଶଂସା କରିବା ସହ ଏହି କମିଟି ଦେଶର ଅନ୍ୟତମ ଶ୍ରେଷ୍ଠ କମିଟି ବୋଲି କହିଥିଲେ। କ୍ରମାଗତ ଭାବେ ଜାତୀୟ ସ୍ତରରେ 'ରାଜଭାଷା କୀର୍ତ୍ତି ପୁରସ୍କାର' ପାଇବା ଗର୍ବ ଓ ଗୌରବର ବିଷୟ। ଭାରତୀୟ ରିଜର୍ଭ ବ୍ୟାଙ୍କର ଆଞ୍ଚଳିକ ନିର୍ଦ୍ଦେଶକ ଡ. ମହାନ୍ତି କହିଛନ୍ତି ଯେ ସରକାରୀ ଭାଷାର ପ୍ରଚାର ପ୍ରସାର କ୍ଷେତ୍ରରେ ଏହି କମିଟି ପ୍ରଶଂସନୀୟ କାର୍ଯ୍ୟ କରୁଛି। ହିନ୍ଦୀରେ କାମ କରିବା କେବଳ ସରକାରୀ ଭାଷା ବିଭାଗ କିମ୍ବା ସରକାରୀ ଭାଷା ଅଧିକାରୀଙ୍କ କାମ ନୁହେଁ, ବରଂ ଏହା ଆମ ସମସ୍ତଙ୍କ ଦାୟିତ୍ୱ। ନାବାର୍ଡର ଜେନେରାଲ ମ୍ୟାନେଜର କହିଛନ୍ତି ଯେ ଗ୍ରାହକଙ୍କ ମଧ୍ୟରେ ଆର୍ଥିକ ସାକ୍ଷରତା ଏବଂ ସଚେତନତା ବୃଦ୍ଧି ପାଇଁ ନାବାର୍ଡ ଦ୍ୱାରା ହିନ୍ଦୀ ଏବଂ ଆଞ୍ଚଳିକ ଭାଷାବ୍ୟବହାର କରାଯାଉଛି। ଭାରତୀୟ ଷ୍ଟେଟ୍ ବ୍ୟାଙ୍କର ସଦସ୍ୟ ସଚିବ ତଥା ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ଶ୍ରୀ ବିବି ଗୋପାଳ ରେଡ୍ଡୀ କାର୍ଯ୍ୟକ୍ରମ ପରିଚାଳନା କରିଥିଲେ। ଶେଷରେ ଭାରତୀୟ ରିଜର୍ଭ ବ୍ୟାଙ୍କର ସହକାରୀ ମହାପ୍ରବନ୍ଧକ (ସରକାରୀ ଭାଷା) ବିବେକ ଯାଦବ ଧନ୍ୟବାଦ୍ ଦେଇଥିଲେ।

### ନାବାଳିକା ଯୌନ ନିର୍ଯାତନା ମାମଲା

## ଆସାମୀକୁ ୪ ବର୍ଷ ସଶ୍ରମ କାରାଦଣ୍ଡ

**କଟକ,୨୯।୮/ଏନ୍‌ଏନ୍‌ଏସ୍:** ଜଣେ ୧୬ ବର୍ଷୀୟା ନାବାଳିକାକୁ ଯୌନ ନିର୍ଯାତନା ଦେବା ଅଭିଯୋଗରେ କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟ ଆସାମୀ ମନମୋହନ ନାୟକ ଓରଫ ଝୁମି (୩୭)କୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ଏଥିସହିତ ତାକୁ ୩୦ ହଜାର ଟଙ୍କା ଜରିମାନା ଦାଖଲ କରିବାକୁ ଆଦେଶ ଦେଇଛନ୍ତି। ଜରିମାନା ନ ଦେଇପାରିଲେ ଆସାମୀକୁ ଆଉ ଅଧିକ ୩ ମାସ ସଶ୍ରମ କାରାଦଣ୍ଡ ଭୋଗିବାକୁ ପଡ଼ିବ ବୋଲି କୋର୍ଟ ତାଙ୍କ ଆଦେଶରେ ସ୍ପଷ୍ଟ କରିଛନ୍ତି। ମାମଲାର ବିବରଣୀ ମୁତାବକ ଗତ ୨୦୨୫ ମେ ୧୮ ତାରିଖରେ ନାବାଳିକା ଜଣକ ନିକଟସ୍ଥ କେନାଲ୍‌କୁ ଗାଧୋଇବାକୁ ଯାଇଥିବାବେଳେ ଆସାମୀ ଆଠଗଡ଼ର ସଠିଲୋ ଅଞ୍ଚଳର ମନମୋହନ ନାୟକ ଓରଫ ଝୁମି ତାକୁ ଯୌନ ନିର୍ଯାତନା ଦେବା ସହ ଦୁଷ୍କର୍ମ ଉଦ୍ୟମ କରିଥିଲା। ଘଟଣା ପରେ ପୀଡ଼ିତା ଜଣକ ତାର ପରିବାର ସଦସ୍ୟଙ୍କ ନିକଟରେ ସମସ୍ତ ଘଟଣା ବର୍ଣ୍ଣନା କରିଥିଲା। ଏ ନେଇ ପୀଡ଼ିତାର ପରିବାର ପକ୍ଷରୁ ଘଟଣା ଦିନ ହିଁ ଆଠଗଡ଼ ଥାନାରେ ଏତଲା ରୁଜୁ କରାଯାଇଥିଲା। ଘଟଣା ସମ୍ପର୍କରେ ତଦନ୍ତ କରି ଆଠଗଡ ପୁଲିସ୍ ୨୦୨୫ ମସିହା ମେ ୩୦ ତାରିଖରେ କୋର୍ଟରେ ଅଭିଯୁକ୍ତ ବିରୋଧରେ ଅଭିଯୋଗପତ୍ର ଦାଖଲ କରିଥିଲା। ଜୁନ୍ ୨୩ ତାରିଖ ୨୦୨୫ ମସିହାରେ କୋର୍ଟ ଆସାମୀ ବିରୋଧରେ ଚାର୍ଜଫ୍ରେମ୍ କରିଥିଲେ। ଏହା ପରେ କଟକର ସ୍ୱତନ୍ତ୍ର ପୋକ୍ସୋ କୋର୍ଟରେ ମାମଲାର ଶୁଣାଣି ଚାଲିଥିଲା। କୋର୍ଟ ପୀଡ଼ିତାର ବୟାନ ଓ ସମସ୍ତ ପ୍ରମାଣିକ ତଥ୍ୟ ଆଧାରରେ ଆଠଗଡ଼ର ସଠିଲୋ ଅଞ୍ଚଳର ଆସାମୀ ମନମୋହନ ନାୟକକୁ ୪ ବର୍ଷ ସଶ୍ରମ କାରାଦଣ୍ଡାଦେଶ ପ୍ରଦାନ କରିଛନ୍ତି। ରାଜ୍ୟ ସରକାରଙ୍କ ପକ୍ଷରୁ ଏହି ମାମଲାକୁ ସ୍ୱତନ୍ତ୍ର ପବ୍ଲିକ୍ ପ୍ରସିକ୍ୟୁଟର୍ ରମେଶ ଚନ୍ଦ୍ର ମହାନ୍ତି ପରିଚାଳନା କରୁଥିଲେ।



## ପ୍ରଥମଥର ଦିଲ୍ଲୀ ବାହାରେ ହେଲା ସମ୍ମିଳନୀ

**ଭୁବନେଶ୍ୱର,୨୯।୮/ଏନ୍ଏନ୍ଏସ୍:** ଏପରି ସମ୍ମିଳନୀର ଆୟୋଜନ ପ୍ରଥମେ ୧୯୭୬ ମସିହାରେ ନୂଆଦିଲ୍ଲୀରେ ଅନୁଷ୍ଠିତ ହୋଇଥିଲା। ପରେ ଏହା ୧୯୭୯, ୧୯୮୩, ୧୯୮୭ ଏବଂ ୨୦୦୧ରେ ଅନୁଷ୍ଠିତ ହୋଇଥିଲା। ବର୍ତ୍ତମାନ ପ୍ରଥମ ଥର ପାଇଁ ଏହା ଦିଲ୍ଲୀ ବାହାରେ ଓଡ଼ିଶାରେ ଅନୁଷ୍ଠିତ ହେଉଛି। ଏହି ସମ୍ମିଳନୀର ଲକ୍ଷ୍ୟ ହେଉଛି ଯେ ଦଳିତ ଆଦିବାସୀ ଓ ପଛୁଆ ବର୍ଗର ଲୋକଙ୍କ ଉନ୍ନତି ପାଇଁ ଆଲୋଚନା ପ୍ରତ୍ୟାଲୋଚନାର ଏକ ପରମ୍ପରା ସୃଷ୍ଟି କରିବା। ସମ୍ବିଧାନରେ ଥିବା ବ୍ୟବସ୍ଥା ଅନୁଯାୟୀ ଦଳିତ, ଆଦିବାସୀ ମାନଙ୍କର ବର୍ତ୍ତମାନର ପରିସ୍ଥିତିକୁ ଅନୁଧ୍ୟାନ କରିବା, ସେମାନଙ୍କୁ ମୁଖ୍ୟ ସ୍ରୋତରେ ନେବା ପାଇଁ ରହିଥିବା ଆହ୍ୱାନ ଗୁଡିକୁ ଚିହ୍ନଟ କରିବା ଏବଂ ସମାଧାନ ପାଇଁ ମାର୍ଗଦର୍ଶନ କରିବା ହେଉଛି ଏହି ସମ୍ମିଳନୀର ଉଦ୍ଦେଶ୍ୟ। ଏହାଦ୍ୱାରା ଆଗାମୀ ଦିନରେ ସମତା ଓ ନ୍ୟାୟ ଭିତ୍ତିକ ଏକ ସମାବେଶୀ ଭାରତ ଗଠନ କରାଯାଇ ପାରିବ।

# ଓଡ଼ିଶାରେ ଜାତୀୟ ସମ୍ମିଳନୀ

**ଦୀର୍ଘ ବର୍ଷ ପରେ ଓଡ଼ିଶାରେ ଆୟୋଜନ ହୋଇଛି ଜାତୀୟ ସମ୍ମିଳନୀ। ରାଜଧାନୀ ଭୁବନେଶ୍ୱରରେ ସଂସଦ ଏବଂ ରାଜ୍ୟ ବିଧାନସଭାର ଅନୁସୂଚିତ ଜାତି ଓ ଜନଜାତି କଲ୍ୟାଣ ଉପରେ ଗଠିତ ସମିତିର ଅଧ୍ୟକ୍ଷମାନଙ୍କ ଜାତୀୟ ସମ୍ମିଳନୀ ଆୟୋଜନ କରାଯାଇଛି । ଲୋକସେବା ଭବନରେ ଆଜି ଏହି ଦୁଇ ଦିନିଆ କାର୍ଯ୍ୟକ୍ରମକୁ ଲୋକସଭା ବାଚସ୍ପତି ଓମ ବିର୍ଲା ଉଦଘାଟନ କରିଛନ୍ତି । ଶନିବାର ଏହି ସମ୍ମିଳନୀ ଉଦ୍‌ଯାପିତ ହେବ।**





## ‘ବଞ୍ଚିତ ବର୍ଗ ଉପରକୁ ଆସିଲେ ଦେଶ ଓ ରାଜ୍ୟର ଉନ୍ନତି ହେବ’

- ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସମାଜ ଗଠନ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ
- ବଞ୍ଚିତଙ୍କୁ ଅଗ୍ରାଧିକାର ଦେବା ମୋଦୀ ସରକାରଙ୍କ ପ୍ରାଥମିକତା




**ଭୁବନେଶ୍ୱର,୨୯।୮/ଏନ୍ଏନ୍ଏସ୍:** ‘ଜାତୀୟ ଶିକ୍ଷା ନୀତି - ୨୦୨୦’ ସାମାଜିକ ନ୍ୟାୟ ଦିଗରେ କାର୍ଯ୍ୟ କରିବା ସହିତ ଜନଜାତି ଛାତ୍ରଛାତ୍ରୀଙ୍କୁ ଗୁଣାତ୍ମକ ଶିକ୍ଷା ପ୍ରଦାନ କରି ଏକ ସର୍ବବ୍ୟାପୀ ଓ ସର୍ବସ୍ପର୍ଶୀ ସମାଜ ଗଠନ କରିବା ପାଇଁ ଆମେ ପ୍ରତିଶ୍ରୁତିବଦ୍ଧ। ସମାଜରେ ବଞ୍ଚିତ ବର୍ଗ ଉପରକୁ ଆସିଲେ ଦେଶ ଓ ରାଜ୍ୟର ଉନ୍ନତି ହେବ। ଶୁକ୍ରବାର ଭୁବନେଶ୍ୱରର ଲୋକସେବା ଭବନର ସମ୍ମେଳନ କେନ୍ଦ୍ରରେ ଆୟୋଜିତ ଅନୁସୂଚିତ ଜାତି(ଏସ୍‌ସି) ଓ ଅନୁସୂଚିତ ଜନଜାତି(ଏସଟି) କଲ୍ୟାଣ ପାଇଁ ସଂସଦ ଏବଂ ରାଜ୍ୟ/କେନ୍ଦ୍ରଶାସିତ ଅଞ୍ଚଳ ବିଧାନସଭା କମିଟିର ଅଧ୍ୟକ୍ଷଙ୍କ ଜାତୀୟ ସମ୍ମିଳନୀର ଉଦଘାଟନୀ ସମାରୋହରେ ଯୋଗଦେଇ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହା କହିଛନ୍ତି। ଏହାଛଡ଼ା ଶ୍ରୀ ପ୍ରଧାନ କହିଛନ୍ତି ଯେ ଏସ୍‌ସି ଓ ଏସ୍‌ଟି, ବିକାଶ ଏବଂ ସଶକ୍ତୀକରଣରେ ସଂସଦୀୟ ଏବଂ ବିଧାନସଭା କମିଟିର ଭୂମିକା ବିଷୟବସ୍ତୁ ଉପରେ ଶ୍ରୀ ପ୍ରଧାନ ମତପ୍ରକାଶ କରିବା ସହ ଏହି ପ୍ରୟାସ କେବଳ ଅନୁସୂଚିତ ଜାତି ଏବଂ ଜନଜାତି ବର୍ଗର ସଶକ୍ତିକରଣର ଏକ ମାଧ୍ୟମ ନୁହେଁ ବରଂ ଗଣତାନ୍ତ୍ରିକ ବ୍ୟବସ୍ଥାକୁ ସମାଜର ଅନ୍ତିମ ସୋପାନ ପର୍ଯ୍ୟନ୍ତ ପହଞ୍ଚାଇବାରେ ଐତିହାସିକ ପଦକ୍ଷେପ। ଭାରତର ସ୍ୱାଧୀନତା ସଂଗ୍ରାମ ଏବଂ ବଞ୍ଚିତଙ୍କ ଅଧିକାରକୁ ସୁରକ୍ଷା ଦେବାରେ ଓଡ଼ିଶା ମାଟିର ବୀର ସୁରେନ୍ଦ୍ର ସାଏ, ଲକ୍ଷ୍ମଣ ନାୟକ ଓ ନିର୍ମଳ ମୁଣ୍ଡାଙ୍କ ପରି ବୀର ଯୋଦ୍ଧାମାନେ ଅତୁଳନୀୟ ଅବଦାନ ଦେଇଛନ୍ତି । ୧୯୯୯ ମସିହାରେ ଆମର ମାର୍ଗଦର୍ଶକ ଅଟଳଜୀଙ୍କ ସରକାରରେ ପ୍ରଥମ ଥର ପାଇଁ ଜନଜାତି ବ୍ୟାପାର ମନ୍ତ୍ରଣାଳୟ ଗଠନ କରାଯାଇଥିଲା । ଏହି ମନ୍ତ୍ରଣାଳୟ ଗଠନ ହେବା ପରେ ଓଡ଼ିଶାର ଜୁଏଲ ଓରାମ ଏହାର ଦାୟିତ୍ୱ ନେଇଥିଲେ। ଏହି ପଦକ୍ଷେପ ସାମାଜିକ ନ୍ୟାୟ ପ୍ରତି ଆମର ପ୍ରତିବଦ୍ଧତାକୁ ପ୍ରତିଫଳିତ କରୁଛି। ଏସ୍‌ସି/ଏସଟିଙ୍କ କଲ୍ୟାଣ ସହ ବଞ୍ଚିତଙ୍କୁ ଅଗ୍ରାଧିକାର ଦେବା ହେଉଛି ମୋଦୀ ସରକାରଙ୍କ ପ୍ରାଥମିକତା। ଆଜି ଦେଶରେ ପ୍ରଧାନମନ୍ତ୍ରୀ ମୋଦୀଙ୍କ ନେତୃତ୍ୱରେ, ଦେଶରେ ଗରିବ ଏବଂ ବଞ୍ଚିତଙ୍କ କଲ୍ୟାଣ ପାଇଁ ସମର୍ପିତ ଏକ ସରକାର କାର୍ଯ୍ୟ କରୁଛି । ବଞ୍ଚିତଙ୍କ ସ୍ୱପ୍ନ ପୂରଣ କରିବା ସହିତ ୨୦୪୭ ସୁଦ୍ଧା ‘ବିକଶିତ ଭାରତ’ ସ୍ୱପ୍ନକୁ ସାକାର କରିବାର ଆମର ମୂଳ ଲକ୍ଷ୍ୟ ବୋଲି ଶ୍ରୀ ପ୍ରଧାନ କହିଛନ୍ତି। ସେହିପରି ସେ କହିଛନ୍ତି ଯେ ଆମେ ୧୧୭ ଭାଷାରେ ପ୍ରାଇମର ବା ବର୍ଣ୍ଣମାଳା ପୁସ୍ତକ ପ୍ରସ୍ତୁତ କରିଛୁ, ଯେଉଁଥିରେ ୧୭ ପ୍ରାଇମର ଓଡ଼ିଶାର ଜନଜାତି ସମୁଦାୟ ଦ୍ୱାରା କୁହାଯାଉଥିବା ଭାଷା। ମୋଦୀ ସରକାର ଆସିବା ପରେ ଏସ୍‌ସି ଓ ଏସ୍‌ଟି ଛାତ୍ରଛାତ୍ରୀଙ୍କ ନାମଲେଖା ୪୬ ପ୍ରତିଶତରୁ ୬୬ରୁ ଅଧିକ ପ୍ରତିଶତ ହୋଇଛି। ଶିକ୍ଷା କ୍ଷେତ୍ରରେ ଅନୁସୂଚିତ ଜାତିର ମହିଳାଙ୍କ ନାମଲେଖା ୫୧ ପ୍ରତିଶତ ବୃଦ୍ଧି ହୋଇଛି। ୨୦୧୯ ପର୍ଯ୍ୟନ୍ତ ଆସିଷ୍ଟାଣ୍ଟ ପ୍ରଫେସର ପଦବୀ ପୂରଣ ନ ହେଲେ ତାକୁ ଏକ ପ୍ରକ୍ରିୟା କରି ସାଧାରଣ ବର୍ଗରେ ପୂରଣ କରାଯାଉଥିଲା, କିନ୍ତୁ ମୋଦୀ ସରକାରରେ ଏସ୍‌ସି ଏସ୍‌ଟି ସେମାନଙ୍କର ଅଧିକାର ପାଉଛନ୍ତି। ସମାଜର ବଞ୍ଚିତ ଲୋକମାନେ ଆଗକୁ ଆସିଲେ ହିଁ ରାଜ୍ୟ ଓ ଦେଶ ବିକଶିତ ହୋଇପାରିବ ବୋଲି ଶ୍ରୀ ପ୍ରଧାନ ମତପ୍ରକାଶ କରିଥିଲେ।







## ‘ଓଡ଼ିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ’



**ଭୁବନେଶ୍ୱର,୨୯।୮/ଏନ୍ଏନ୍ଏସ୍:** ରାଜ୍ୟସଭା ଡେପୁଟି ସ୍ପିକର ଶ୍ରୀ ହରିବଂଶ ଓଡିଶା ଅନ୍ୟ ରାଜ୍ୟ ପାଇଁ ଉଦାହରଣ ବୋଲି କହିଥିଲେ। ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କଲ୍ୟାଣ ପାଇଁ ବିଗତ ୧୦ ବର୍ଷ ରେ ବଜେଟ ୪ ଗୁଣା ବଢିଛି ଏବଂ ଏଥିରେ ଆଦିବାସୀ ଅଧ୍ୟୁଷିତ ରାଜ୍ୟଗୁଡ଼ିକର ଉନ୍ନତି ହେବା ଫଳରେ ନକ୍ସଲବାଦ ଭଳି ସମସ୍ୟା କୁ ନିୟନ୍ତ୍ରଣ କରାଯାଇପାରିଛି। ତେବେ କେବଳ ଆରକ୍ଷଣ ପାଇଁ ଚିନ୍ତା ନ କରି ଏହି କମିଟି ସାମାଜିକ ସମାନତା ପାଇଁ କାମ କରୁ ବୋଲି ସେ ମତ ଦେଇଥିଲେ। ଅନ୍ୟପକ୍ଷରେ ଲୋକସଭାର ଅନୁସୂଚିତ ଜାତି ଏବଂ ଜନଜାତି କଲ୍ୟାଣ କମିଟି ଅଧ୍ୟକ୍ଷ ଫଗନ ସିଂ କୁଲସ୍ତେ ଅନୁସୂଚିତ ଜାତି ଏବଂ ଅନୁସୂଚିତ ଜନଜାତି କେବଳ ଯୋଜନାର ଲାଭ ପାଇବା ପାଇଁ ନୁହେଁ ବରଂ ଦେଶର ପ୍ରତିଷ୍ଠାକୁ ଉଜ୍ଜ୍ୱଳ କରିବାରେ ଏବଂ ଦେଶକୁ ବିକାଶର ମାର୍ଗରେ ନେବା ପାଇଁ ପ୍ରତ୍ୟେକ୍ଷ ଭୂମିକା ଗ୍ରହଣ କରିବାକୁ ଅନୁରୋଧ କରିଥିଲେ।

## ‘ଆଦିବାସୀ ଗୋଷ୍ଠୀକୁ ଫୋକସ୍ କରାଯାଉଛି’



**ଭୁବନେଶ୍ୱର,୨୯।୮/ଏନ୍ଏନ୍ଏସ୍:** ପିଏମ୍ ଜନ୍‌ମନ୍ ଏବଂ ଧରତୀଆବା ଗ୍ରାମ ଉତ୍କର୍ଷ ଯୋଜନାରେ ବିଭିନ୍ନ ଆଦିବାସୀ ଗୋଷ୍ଠୀ ଗୁଡିକୁ ଫୋକସ କରାଯାଇଛି। ଏହି ଦୁଇଟି କାର୍ଯ୍ୟକ୍ରମରେ ୫ କୋଟି ଆଦିବାସୀ ଲୋକ ସିଧାସଳଖ ଲାଭ ପାଇବେ ବୋଲି କେନ୍ଦ୍ର ଆଦିବାସୀ ବ୍ୟାପାର ମନ୍ତ୍ରୀ ଜୁଏଲ ଓରାମ କହିଛନ୍ତି। ଏହାଛଡ଼ା ସେ କହିଛନ୍ତି ଯେ ଏକଲବ୍ୟ ମଡେଲ ଆବାସିକ ସ୍କୁଲ ଏବଂ ବିଭିନ୍ନ ଆଶ୍ରମ ସ୍କୁଲ ଦ୍ୱାରା ଆଦିବାସୀ ପିଲାଙ୍କ ପାଇଁ ଏକ ଶୈକ୍ଷିକ ପରିବେଶ କରାଯାଇ ପିଲାଙ୍କୁ ଶିକ୍ଷିତ କରାଯାଇ ଅଭିନବ ପଦକ୍ଷେପ ଗ୍ରହଣ କରାଯାଇଛି।











## ‘ସରକାରଙ୍କ ନୀତିକୁ ଲୋକଙ୍କ ପାଖରେ ପହଞ୍ଚାଇବା ଆମ ସମସ୍ତଙ୍କର ଦାୟିତ୍ୱ’



**ଭୁବନେଶ୍ୱର,୨୯।୮/ଏନ୍ଏନ୍ଏସ୍:** ଓଡ଼ିଶା ବିଧାନସଭା ବାଚସ୍ପତି ସୁରମା ପାଢ଼ୀ ସ୍ୱାଗତ ଭାଷଣ ଦେଇ କହିଥିଲେ ଯେ ବିଧାନସଭା ହେଉଛି ଗଣତନ୍ତ୍ରର କେନ୍ଦ୍ର। ଏହି ବିଧାନସଭାର ପ୍ରତ୍ୟେକ ବିଧାୟକଙ୍କ କାର୍ଯ୍ୟ ହେଉଛି ସରକାରଙ୍କ ପାଇଁ ନୀତି ନିର୍ଦ୍ଧାରଣ କରିବା ଏବଂ ସେହି ନୀତିକୁ ଦୁର୍ଗମ ଅଞ୍ଚଳର ଶେଷ ଲୋକଙ୍କ ନିକଟକୁ ପହଞ୍ଚାଇବା ହେଉଛି ଆମ ସମସ୍ତଙ୍କର ଦାୟିତ୍ୱ। ଏହି କମିଟିର ବୈଠକ ଏ ଦିଗରେ ମାର୍ଗଦର୍ଶନ କରିବ ବୋଲି ସେ ମତ ଦେଇଥିଲେ।

## ମହାପ୍ରଭୁଙ୍କୁ ଦର୍ଶନ କଲେ ଓମ୍ ବିର୍ଲା ଓ ଧର୍ମେନ୍ଦ୍ର



**ପୁରୀ,୨୯।୮/ଏନ୍ଏନ୍ଏସ୍:** ଲୋକସଭା ବାଚସ୍ପତି ଓମ୍ ପ୍ରକାଶ ବିର୍ଲା ଓ କେନ୍ଦ୍ର ଶିକ୍ଷା ମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ ଶୁକ୍ରବାର ପୁରୀ ଆସି ଶ୍ରୀମନ୍ଦିର ଯାଇ ମହାପ୍ରଭୁଙ୍କ ଦର୍ଶନ କରିବା ସହ ପୂଜାର୍ଚ୍ଚନା କରିଛନ୍ତି। ପ୍ରଥମେ ସ୍ୱତନ୍ତ୍ର ସର୍କିଟ ହାଉସ ଠାରେ ସ୍ନାନ ହେବା ପରେ ଶ୍ରୀମନ୍ଦିର ସିଂହଦ୍ୱାର ନିକଟରେ ଉଭୟ ପହଞ୍ଚିଥିଲେ। ପରେ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକ ଡଃ ଅରବିନ୍ଦ ପାଢ଼ୀ, ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା ଓ ଏସପି ପ୍ରତୀକ ସିଂ ସେମାନଙ୍କୁ ସ୍ୱାଗତ କରିଥିଲେ। ପ୍ରଥମେ ଅରୁଣ ସ୍ତମ୍ଭ ନିକଟରେ ପ୍ରଣିପାତ, ପତିତପାବନ ଦର୍ଶନ କରିବା ପରେ ଶ୍ରୀମନ୍ଦିର ଯାଇ କାଶୀ ବିଶ୍ୱନାଥଙ୍କୁ ଦର୍ଶନ ସାରି ସାତ ପାହାଚ ଦେଇ ରତ୍ନସିଂହାସନ ସ୍ଥିତ ଚତୁର୍ଦ୍ଧା ବିଗ୍ରହଙ୍କୁ ଦର୍ଶନ କରିଥିଲେ। ଏହାପରେ ବେଢ଼ା ପରିକ୍ରମା କରି ମା’ ମଙ୍ଗଳା, ମା’ ବିମଳା ଓ ମା’ ମହାଲକ୍ଷ୍ମୀଙ୍କୁ ଦର୍ଶନ କରିଥିଲେ। ପରେ ମହାପ୍ରସାଦ ସେବନ କରିଥିଲେ। ତେବେ ଶ୍ରୀଜିଉଙ୍କ ଦର୍ଶନ କରି ଓମ ବିର୍ଲା ବେଶ୍ ଖୁସି ଓ ଆନନ୍ଦିତ ଥିବା ସହ ମହାପ୍ରଭୁଙ୍କ ନିକଟରେ ସାରା ବିଶ୍ୱ ଏବଂ ସମଗ୍ର ଦେଶର ମଙ୍ଗଳ କାମନା କରି ପ୍ରାର୍ଥନା କରିଥିବା ପ୍ରକାଶ କରିଥିଲେ। ଶ୍ରୀ ବିର୍ଲା ଓ ଶ୍ରୀ ପ୍ରଧାନଙ୍କ ସହ ସହ ପୁରୀ ସାଂସଦ ସମ୍ବିତ ପାତ୍ର, ସ୍ୱାସ୍ଥ୍ୟମନ୍ତ୍ରୀ ମୁକେଶ ମହାଲିଙ୍ଗ, ପଞ୍ଚାୟତିରାଜ ମନ୍ତ୍ରୀ ରବିନାରାୟଣ ନାୟକ ଓ ରାଜ୍ୟସଭା ସାଂସଦ ଶୁଭାଶିଷ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ।

## କିଟ୍ ବିଶ୍ୱବିଦ୍ୟାଳୟ-ଭାରତୀୟ ବାୟୁସେନା ବୁଝାମଣାପତ୍ର



**ଭୁବନେଶ୍ୱର,୨୯।୮/ଏନ୍ଏନ୍ଏସ୍:** କିଟ୍ ବିଶ୍ୱବିଦ୍ୟାଳୟ ଓ ଭାରତୀୟ ବାୟୁସେନା ମଧ୍ୟରେ ଶୁକ୍ରବାର ଏକ ବୁଝାମଣାପତ୍ର ସ୍ୱାକ୍ଷରିତ ହୋଇଛି। କିଟ୍ ବିଶ୍ୱବିଦ୍ୟାଳୟରେ ଅନୁଷ୍ଠିତ ଏକ ସ୍ୱତନ୍ତ୍ର କାର୍ଯ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ କୁଳପତି ପ୍ରଫେସର ଶରଣଜିତ୍ ସିଂହ ଏବଂ ଭାରତୀୟ ବାୟୁସେନା ପକ୍ଷରୁ ଏୟାର ଷ୍ଟାଫ୍ ସହକାରୀ ମୁଖ୍ୟ(ଶିକ୍ଷା) ଏୟାର ଭାଇସ୍ ମାର୍ଶାଲ୍ ହରଜିତ୍ ଏସ୍ ସିଦାନା ଏହି ବୁଝାମଣାପତ୍ରରେ ସ୍ୱାକ୍ଷର କରିଥିଲେ। ଏହି ବୁଝାମଣାପତ୍ର ଅନୁଯାୟୀ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଭାରତୀୟ ବାୟୁସେନାରେ କାର୍ଯ୍ୟରତ କର୍ମଚାରୀ ଓ ସେମାନଙ୍କର ସନ୍ତାନ ସନ୍ତତି, ବାୟୁସେନାର ଭେଟରାନ୍ କର୍ମଚାରୀ ଓ ସେମାନଙ୍କ ସନ୍ତାନ ସନ୍ତତିଙ୍କ ପାଇଁ କିଟ୍ ବିଶ୍ୱବିଦ୍ୟାଳୟରେ ସମସ୍ତ ପ୍ରକାର ବୈଷୟିକ ଓ ବୃତ୍ତିଗତ ପାଠ୍ୟକ୍ରମରେ ଫି ରିହାତି ପ୍ରଦାନ କରାଯିବ। ସେହିପରି ବାୟୁସେନାର କୌଣସି କର୍ମଚାରୀ କାର୍ଯ୍ୟରତ ସମୟରେ ମୃତ୍ୟୁବରଣ କଲେ ସେମାନଙ୍କ ପିଲାମାନଙ୍କ ପାଇଁ ସମସ୍ତ ପାଠ୍ୟକ୍ରମରେ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ମଧ ଫି’ ଛାଡ଼ କରାଯିବ। ଏଥିରେ କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ଇଞ୍ଜିନିୟରିଂ ପାଠ୍ୟକ୍ରମରେ ଡ଼ିପ୍ଲୋମା ଓ ଡ଼ିଗ୍ରୀ, ଡାକ୍ତରୀ, ଡେଣ୍ଟାଲ୍ ଓ ନର୍ସିଂ ପାଠ୍ୟକ୍ରମ ଅନ୍ତର୍ଭୁକ୍ତ। ଡାକ୍ତରୀ ଓ ଡେଣ୍ଟାଲ୍ ପାଠ୍ୟକ୍ରମ ନିମନ୍ତେ ସେମାନଙ୍କୁ ନିଟ୍‌ର ସମସ୍ତ ମାନଦଣ୍ଡକୁ ପୂରଣ କରିବାକୁ ପଡ଼ିବ। ସେହିପରି କିଟ୍ ବିଶ୍ୱବିଦ୍ୟାଳୟର ସମସ୍ତ ପ୍ରକାର ପାଠ୍ୟକ୍ରମ ପାଇଁ କିଟ୍ ପ୍ରବେଶିକା ପରୀକ୍ଷାରେ ଯୋଗ୍ୟତା ହାସଲ କରିବାକୁ ପଡ଼ିବ। ଏହାଛଡ଼ା କିଟ୍ ବିଶ୍ୱବିଦ୍ୟାଳୟର ଅଧ୍ୟାପକ ଓ ଛାତ୍ରଛାତ୍ରୀ ଓ ଭାରତୀୟ ବାୟୁସେନାର ଶିକ୍ଷା ବିଭାଗ ମିଳିତ ଭାବେ ଗବେଷଣା ଓ ବିକାଶ କ୍ଷେତ୍ରରେ କାର୍ଯ୍ୟ କରିବେ। କିଟ୍ ବିଶ୍ୱବିଦ୍ୟାଳୟ ଓ ବାୟୁସେନା ଶିକ୍ଷା ବିଭାଗ ମିଳିତ ଭାବେ ବିଭିନ୍ନ ଗବେଷଣା ପ୍ରକଳ୍ପରେ କାର୍ଯ୍ୟ କରିବା ସହ ବିଭିନ୍ନ ପ୍ରକାର ସ୍ୱଳ୍ପ ଅବଧି ପାଠ୍ୟକ୍ରମ ପ୍ରସ୍ତୁତି, ସାର୍ଟିଫିକେଟ ପାଠ୍ୟକ୍ରମ ପ୍ରଦାନ ଓ କର୍ମଶାଳା ଆଦି ଆୟୋଜନ ଦିଗରେ କାର୍ଯ୍ୟ କରିବେ। ଏହି ବୁଝାମଣାପତ୍ରର କାର୍ଯ୍ୟକାରିତା ତଦାରଖ ପାଇଁ ଏକ ଯୁଗ୍ମ ସଂଯୋଜନା କମିଟିର ବ୍ୟବସ୍ଥା ରହିଛି। ଭାରତୀୟ ବାୟୁସେନା କର୍ମଚାରୀଙ୍କ ପିଲାମାନଙ୍କୁ କିଟ୍ ବିଶ୍ୱବିଦ୍ୟାଳୟ ପକ୍ଷରୁ ଗୁଣାତ୍ମକ ଶିକ୍ଷା ପ୍ରଦାନ ସହ ଆର୍ଥିକ ସହଯୋଗ ଏହି ବୁଝାମଣାପତ୍ରର ମୁଖ୍ୟ ଉଦ୍ଦେଶ୍ୟ ବୋଲି ବିଶ୍ୱବିଦ୍ୟାଳୟ କୁଳପତି ପ୍ରଫେସର ସିଂହ କହିଛନ୍ତି। ଏହି ଅବସରରେ ଭାରତୀୟ ବାୟୁସେନାର ଅଧିକାରୀମାନେ କିଟ୍ ଓ କିସ୍ ପ୍ରତିଷ୍ଠାତା ଅଚ୍ୟୁତ ସାମନ୍ତଙ୍କ ସହ ସୌଜନ୍ୟମୂଳକ ସାକ୍ଷତ କରିଥିଲେ। ସେମାନେ ଅନ୍ତର୍ଭୁକ୍ତି ଶିକ୍ଷା ଓ ରାଷ୍ଟ୍ର ଗଠନ କ୍ଷେତ୍ରରେ ଶ୍ରୀ ସାମନ୍ତଙ୍କ ଦୂରଦର୍ଶିତାର ଭୂୟସୀ ପ୍ରଶଂସା କରିଥିଲେ।

ନିତିଦିନ NITIDIN

# ଉର୍ଜିତ ପଟେଲ ଆଇଏମ୍ଏଫ୍‌ର କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ

**ନୂଆଦିଲ୍ଲୀ,୨୯।୮/ଏଜେନ୍ସି:** ପୂର୍ବତନ ଆରବିଆଇ ଗଭର୍ଣ୍ଣର ଉର୍ଜିତ୍ ପଟେଲ୍‌ଙ୍କୁ ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମ୍ଏଫ୍)ର ଅନ୍ୟତମ କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଭାବରେ ଶୁକ୍ରବାର ନିଯୁକ୍ତ କରାଯାଇଛି। ରଘୁରାମ ରାଜନ୍‌ଙ୍କ ପରେ ସେ ଭାରତୀୟ ରିଜର୍ଭ ବ୍ୟାଙ୍କର ଗଭର୍ଣ୍ଣର ଭାବେ ନିଯୁକ୍ତି



ପାଇଥିଲେ। ତେବେ ବର୍ତ୍ତମାନ ତାଙ୍କୁ ଆଇଏମ୍ଏଫ୍‌ରେ ଏକ ନୂଆ ଓ ବଡ ଦାୟିତ୍ୱ ମିଳିଛି। ଆସନ୍ତା ୩ ବର୍ଷ ପାଇଁ ଉର୍ଜିତ ପଟେଲଙ୍କୁ ଏହି ଦାୟିତ୍ୱ ସମ୍ଭାଳିବାକୁ ହେବ। ସୂଚନାଯୋଗ୍ୟ ଉର୍ଜିତ୍ ପଟେଲ୍ ଆରବିଆଇ ଗଭର୍ଣ୍ଣର ଥିବା ସମୟରେ ହିଁ ଦେଶରେ ବିମୁଦ୍ରୀକରଣ କରାଯାଇଥିଲା। ପ୍ରକାଶ, ଉର୍ଜିତଙ୍କ ଜନ୍ମ ୧୯୬୩ ମସିହାରେ କେନିଆରେ ହୋଇଥିଲା। ମାତ୍ର ତାଙ୍କ ପରିବାର ଗୁଜରାଟର ମୂଳ ନିବାସୀ ଥିଲେ। ଏହାପୂର୍ବରୁ ସେ ଆଇଏମ୍ଏଫ୍ ସହିତ ମଧ୍ୟ କାମ କରିଛନ୍ତି। ସେ ୧୯୯୮ ରୁ ୨୦୦୧ ପର୍ଯ୍ୟନ୍ତ କେନ୍ଦ୍ର ଅର୍ଥ ମନ୍ତ୍ରଣାଳୟର ପରାମର୍ଶଦାତା ଭାବରେ କାର୍ଯ୍ୟ କରିଛନ୍ତି। ଏହାବ୍ୟତୀତ ସେ ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍, ଆଇଡିଏଫ୍‌ସି ଲିମିଟେଡ୍, ଏମ୍‌ସିଏକ୍ସ ଲିମିଟେଡ୍ ଏବଂ ଗୁଜରାଟ ଷ୍ଟେଟ୍ ପେଟ୍ରୋଲିୟମ୍ କର୍ପୋରେସନ୍ ସମେତ ଅନେକ ପଦବୀରେ କାର୍ଯ୍ୟ କରିଛନ୍ତି।

# ଇସ୍ରାଏଲ୍ ସହ ସମସ୍ତ ସମ୍ପର୍କ ଛିନ୍ନ କଲା ତୁର୍କୀ

**ଆଙ୍କାରା, ୨୯।୮/ଏଜେନ୍ସି:** ଶୁକ୍ରବାର ତୁର୍କୀ ଏକ ବଡ଼ ପଦକ୍ଷେପ ନେଇ ଇସ୍ରାଏଲ ସହିତ ସମସ୍ତ ବାଣିଜ୍ୟ ଏବଂ ଆର୍ଥିକ ସମ୍ପର୍କ ଛିନ୍ନ କରିବାକୁ ଘୋଷଣା କରିଛି। ଏହା ସହିତ ଇସ୍ରାଏଲ ପାଇଁ ନିଜର ଆକାଶମାର୍ଗକୁ ମଧ୍ୟ ବନ୍ଦ କରିଦେଇଛି ତୁର୍କୀ। ତୁର୍କୀ ବୈଦେଶିକ ମନ୍ତ୍ରୀ ହାକାନ୍ ଫିଦାନ କହିଛନ୍ତି ଯେ ଇସ୍ରାଏଲୀ ବିମାନଗୁଡ଼ିକୁ ଆଉ ତୁର୍କୀ ଆକାଶମାର୍ଗ ଦେଇ ଉଡ଼ାଣ କରିବାକୁ ଅନୁମତି ଦିଆଯିବ ନାହିଁ। ଏହି ନିଷ୍ପତ୍ତିର ଆର୍ଥିକ ପରିଣାମ ଏପର୍ଯ୍ୟନ୍ତ ସ୍ପଷ୍ଟ ହୋଇନାହିଁ, କିନ୍ତୁ ଆକଳନ କରାଯାଉଛି ଯେ ତୁର୍କୀ ଆକାଶମାର୍ଗ ଏଡ଼ାଇବା ଯୋଗୁଁ ଇସ୍ରାଏଲରୁ ଜର୍ଜିଆ ଏବଂ ଆଜରବାଇଜାନ ଭଳି ଦେଶକୁ ଉଡ଼ାଣ ସମୟ ପ୍ରାୟ ଦୁଇ ଘଣ୍ଟା ବୃଦ୍ଧି ପାଇବ। ଜଣେ ଇସ୍ରାଏଲୀ ଅଧିକାରୀ ଜେରୁସାଲେମ ପୋଷ୍ଟକୁ କହିଥିଲେ, 'ତୁର୍କୀ ପୂର୍ବରୁ ଇସ୍ରାଏଲ୍ ସହ ଆର୍ଥିକ ସମ୍ପର୍କ ସମାପ୍ତ କରିବାକୁ ଘୋଷଣା କରିସାରିଛି, କିନ୍ତୁ ସମ୍ପର୍କ ପରେ ମଧ୍ୟ ଜାରି ରହିଥିଲା।' ପୂର୍ବରୁ ରିପୋର୍ଟ ଆସିଥିଲା ଯେ ତୁର୍କୀ ବନ୍ଦର ଅଧିକାରୀମାନେ ଜାହାଜ ଏଜେଣ୍ଟମାନଙ୍କଠାରୁ ଲିଖିତ ପ୍ରତିଶ୍ରୁତି ନେବା ଆରମ୍ଭ କରିଛନ୍ତି ଯେ ସେମାନଙ୍କର ଜାହାଜର ଇସ୍ରାଏଲ ସହିତ କୌଣସି ସମ୍ପର୍କ ନାହିଁ ଏବଂ ସେମାନେ ସେଠାରେ କୌଣସି ସାମରିକ କିମ୍ବା ବିପଜ୍ଜନକ ସାମଗ୍ରୀ ବହନ କରୁନାହାଁନ୍ତି।

ଏହା ଉଲ୍ଲେଖନୀୟ ଯେ ଗତ ବର୍ଷ ଗାଜା ଯୁଦ୍ଧ ଯୋଗୁଁ ତୁର୍କୀ ଇସ୍ରାଏଲ ସହିତ ବାର୍ଷିକ ୭ ବିଲିଅନ ଡଲାର ବାଣିଜ୍ୟ କାରବାରକୁ ମଧ୍ୟ ବନ୍ଦ କରିଦେଇଥିଲା। ବର୍ତ୍ତମାନ ଆକାଶ ଏବଂ ସାମୁଦ୍ରିକସ୍ତରରେ ଏହି ପଦକ୍ଷେପ ଇସ୍ରାଏଲ ବିରୁଦ୍ଧରେ ତୁର୍କୀଙ୍କ କଠୋର ନୀତିକୁ ଦର୍ଶାଉଛି।

# ବିହାରର ୩ଲକ୍ଷ ଲୋକଙ୍କୁ ନୋଟିସ୍ ଜାରି କଲେ ନିର୍ବାଚନ ଆୟୋଗ

**ପାଟନା,୨୯।୮/ଏଜେନ୍ସି:** ଭାରତୀୟ ନିର୍ବାଚନ ଆୟୋଗ ବିହାରର ପ୍ରାୟ ୩ଲକ୍ଷ ଲୋକଙ୍କୁ ନୋଟିସ୍ ଜାରି କରିଛନ୍ତି। ବୈଧ ଡକ୍ୟୁମେଣ୍ଟ ତଥା ସଠିକ୍ ପ୍ରମାଣ ପତ୍ର ନଥିବା ଆଧାରରେ ଏହି ନୋଟିସ୍ ଜାରି କରାଯାଇଛି। ସେମାନେ ନିଜକୁ ବିହାର ତଥା ଭାରତୀୟ ନାଗରିକ ବୋଲି କହୁଥିଲେ ମଧ୍ୟ ନିର୍ବାଚନ ଆୟୋଗଙ୍କ ପକ୍ଷରୁ ସେମାନଙ୍କୁ ଭାରତର ନାଗରିକ ଭାବେ ଗ୍ରହଣ




କରାଯାଇନାହିଁ। ବିହାର ଏସ୍‌ଡିଏମ୍‌ଙ୍କ ତଦନ୍ତ ରିପୋର୍ଟ ଆଧାରରେ କିଶନଗଞ୍ଜ, ପୂର୍ଣ୍ଣିଆ, ପଶ୍ଚିମ ଚମ୍ପାରଣ, ପୂର୍ବ ଚମ୍ପାରଣ, ଆରାରିଆ, ସହରସା ଏବଂ ମଧୁବନୀ ଜିଲା ଏବଂ ସୁପୌଲ ଜିଲ୍ଲାରୁ ପ୍ରାୟ ୩ଲକ୍ଷ ଭୋଟରଙ୍କୁ ଏହି ନୋଟିସ୍ ଦିଆଯାଇ ସେମାନଙ୍କୁ ବୈଧ ଡକ୍ୟୁମେଣ୍ଟ ଦାଖଲ କରିବାକୁ ନିର୍ବାଚନ ଆୟୋଗ କହିଛନ୍ତି। ତେବେ ଏହି ୩ଲକ୍ଷ ଲୋକ ବାଂଲାଦେଶ, ନେପାଳ, ମିଆଁମାର ଏବଂ ଆଫଗାନିସ୍ତାନରୁ ଆସିଥିବା ସନ୍ଦେହ କରାଯାଉଛି। ପ୍ରକାଶ, ଚଳିତ ବର୍ଷ ଡିସେମ୍ବର ସୁଦ୍ଧା ବିହାର ବିଧାନସଭା ନିର୍ବାଚନ ଅନୁଷ୍ଠିତ ହେବାକୁ ଯାଉଛି। ଏହାକୁ ଦୃଷ୍ଟିରେ ରଖି ନିର୍ବାଚନ ଆୟୋଗ ବିହାରରେ ଏସ୍‌ଆଇଆର୍ ପ୍ରକ୍ରିୟା ଅନ୍ତର୍ଗତ ଭୋଟର ତାଲିକା ଅପଡେଟ୍ କରୁଛନ୍ତି। ଏହିକ୍ରମେ ୨୪ ଜୁନ୍ ୨୦୨୫ରେ ନିର୍ବାଚନ କମିଶନ ବିହାରର ଡ୍ରାଫ୍ଟ ଭୋଟର ତାଲିକା ମଧ୍ୟ ପ୍ରକାଶ କରିଛନ୍ତି। ୭.୨୪କୋଟି ଲୋକଙ୍କ ମଧ୍ୟରୁ ୬୫ଲକ୍ଷ ଲୋକଙ୍କ ନାମକୁ ବାଦ୍ ଦିଆଯାଇ ଏହି ଡ୍ରାଫ୍ଟ ଭୋଟର ତାଲିକା ପ୍ରକାଶ କରାଯାଇଛି।

# ଦ୍ରୁତ ଅର୍ଥନୀତି ଆଡ଼କୁ ଅଗ୍ରସର ହେଉଛି ଭାରତ: ମୋଦୀ

**ନୂଆଦିଲ୍ଲୀ, ଟୋକିଓ, ୨୯।୮/ଏଜେନ୍ସି:** ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ୨ ଦିନିଆ ଜାପାନ ଗସ୍ତରେ ଯାଇ ସେଠାରେ ପହଞ୍ଚିଛନ୍ତି। ଟୋକିଓ ଠାରେ ଆୟୋଜିତ ୧୫ତମ ଭାରତ-ଜାପାନ ଅର୍ଥନୀତି ଫୋରମ୍‌କୁ ସମ୍ବୋଧନ କରି ମୋଦୀ କହିଛନ୍ତି ଭାରତରେ ପୁଞ୍ଜି ନିବେଶ ପାଇଁ ବିଦେଶୀ କମ୍ପାନୀ ଆଗ୍ରହୀ ଅଛନ୍ତି। ବିକଶିତ ଭାରତ ଗଠନ କରିବା ଆମର ସର୍ବୋଚ୍ଚ ଲକ୍ଷ୍ୟ। ଦ୍ରୁତ ଅର୍ଥନୀତି ଆଡକୁ ଭାରତ ଅଗ୍ରସର ହେଉଛି । ବିଗତ ୧୧ବର୍ଷରେ ଭାରତର ଦ୍ରୁତ ପ୍ରଗତି ଘଟିଛି। ଭାରତରେ ରାଜନୈତିକ ଓ ଅର୍ଥନୈତିକ ସ୍ଥିରତା ଆସିଛି। ଅଟୋ ମୋବାଇଲ୍ କ୍ଷେତ୍ରରେ ଆଗକୁ ବଢୁଛି ଭାରତ, ବିଜନେସ୍ ପାଇଁ ସିଙ୍ଗଲ୍ ୱିଣ୍ଡୋ ସିଷ୍ଟମ୍ କରିଛି ଭାରତ। ଗ୍ରୀନ୍ ଏନର୍ଜି କ୍ଷେତ୍ରରେ ମିଳିମିଶି କାମ କରିବାକୁ ଆହ୍ୱାନ ଦେଇଛନ୍ତି ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ। ଭାରତରେ ପୁଞ୍ଜି ନିବେଶ କଲେ ଭଲ ରିଟର୍ଣ୍ଣ ରହିଛି। ଭାରତ-ଜାପାନ ପାର୍ଟନରସିପ୍‌ର ଅନେକ ସମ୍ଭାବନା ରହିଛି। ଏହିଠାରୁ ମୋଦୀ କହିଛନ୍ତି ଯେ ଭାରତ ଓ ଚୀନ୍ ବିଶ୍ୱ ଅର୍ଥନୈତିକ ସ୍ଥିରତା ଆଣିପାରିବେ।

ନିଜ ଅଭିଭାଷଣରେ ପ୍ରଧାନମନ୍ତ୍ରୀ ମୋଦୀ ଜାପାନ ପ୍ରଧାନମନ୍ତ୍ରୀ



ଶିଗେରୁ ଇଶିବାଙ୍କ ପ୍ରତି କୃତଜ୍ଞତା ପ୍ରକାଶ କରି କହିଛନ୍ତି ଭାରତର ବିକାଶ ଯାତ୍ରାରେ ଜାପାନ ଏକ ଗୁରୁତ୍ୱପୂର୍ଣ୍ଣ ଅଂଶୀଦାର ବୋଲି ମୋଦୀ ଅଭିହିତ କରିଛନ୍ତି। ମୋଦୀଙ୍କ କହିବାନୁସାରେ ମେଟ୍ରୋରୁ ସେମିକଣ୍ଡକ୍ଟର ଏବଂ ବୁଲେଟ ଟ୍ରେନ ପର୍ଯ୍ୟନ୍ତ ଆମର ସହଭାଗୀତା ବିଶ୍ୱାସ ପ୍ରତୀକ। ମୋଦୀ ଆହୁରି ମଧ୍ୟ କହିଛନ୍ତି ଯେ ଜାପାନ କମ୍ପାନୀଗୁଡିକ ଏପର୍ଯ୍ୟନ୍ତ ୪୦ବିଲିଅନ ଡଲାରରୁ ଅଧିକ ନିବେଶ କରିଛନ୍ତି। ଜାପାନ ପ୍ରଯୁକ୍ତିବିଦ୍ୟାର କେନ୍ଦ୍ର ହୋଇଥିଲେ ମଧ୍ୟ ଭାରତ ପ୍ରତିଭାର ଏକ ଶକ୍ତିଶାଳୀ କେନ୍ଦ୍ର। ଏହି ଅବସରରେ ଭାରତ ଏବଂ ଜାପାନ୍ ସୁରକ୍ଷା ସହଭାଗିତା ସମ୍ପର୍କୀତ ଯୁଗ୍ମଘୋଷଣାନାମା ଜାରି କରାଯାଇଥିବା ସୂଚନା ମିଳିଛି।

ପ୍ରଧାନମନ୍ତ୍ରୀ ଟୋକିଓରେ ପହଞ୍ଚିବା ପରେ ପ୍ରବାସୀ ଭାରତୀୟମାନେ ମୋଦୀ ମୋଦୀ ନାରା ଲଗାଇଥିଲେ। ସେଠାକାର ଲୋକମାନେ ଗାୟତ୍ରୀ ମନ୍ତ୍ର ଜପ କରି ମୋଦୀଙ୍କୁ ସ୍ୱାଗତ କରିଥିଲେ। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦିଙ୍କୁ ଶୁକ୍ରବାର ତାଙ୍କର ଜାପାନ ଗସ୍ତ ସମୟରେ ସୌଭାଗ୍ୟର ପ୍ରତୀକ ଭାବରେ ବିବେଚିତ ଏକ ପାରମ୍ପରିକ ଦାରୁମା ଡଲ୍ ଉପହାରସ୍ୱରୂପ ପ୍ରଦାନ କରାଯାଇଛି। ତାକାସାକି-ଗୁନ୍‌ମା ଠାରେ ଥିବା ଶୋରିଞ୍ଜାନ ଦାରୁମା-ଜି ମନ୍ଦିରର ମୁଖ୍ୟ ପୂଜକ ରେଭ୍ ସେଇସି ହିରୋସେ ମୋଦୀଙ୍କୁ ଏହି ଉପହାର ଭେଟିଦେଇଛନ୍ତି।

## ଉତ୍ତରାଖଣ୍ଡ ଉପରେ ପଡ଼ିଛି ପ୍ରକୃତିର କୋପଦୃଷ୍ଟି

# ପୁଣି ଫାଟିଲା ବାଦଲ, ୧୧ ମୃତ



**ଡେରାଡୁନ୍, ୨୯।୮/ଏଜେନ୍ସି:** ଗୁରୁବାର ରାତି ଏବଂ ଶୁକ୍ରବାର ସକାଳ ମଧ୍ୟରେ ଉତ୍ତରାଖଣ୍ଡରେ ଏକାଧିକ ଥର ବାଦଲଫଟା ବର୍ଷା ସଂଘଠିତ ହୋଇଥିବା ବେଳେ ଏଥିରେ ପ୍ରାୟ ୧୧ଜଣଙ୍କ ମୃତ୍ୟୁ ହୋଇଥିବା ଭଳି ଅଘଟଣ ସମ୍ପର୍କରେ ସୂଚନା ମିଳିଛି। ନିରନ୍ତର ମୌସୁମୀ ବର୍ଷା ଯୋଗୁଁ ବୃଦ୍ଧି ପାଇଥିବା ଭୂସ୍ଖଳନ, ବାଦଲଫଟା ବର୍ଷା ତଥା ଆକସ୍ମିକ ବନ୍ୟା ଭଳି ପ୍ରାକୃତିକ ବିପର୍ଯ୍ୟୟ ଚାମୋଲି, ରୁଦ୍ରପ୍ରୟାଗ, ଟେହରି, ବାଗେଶର,. ଗଡ଼ୱାଲ୍ ଏବଂ କୁମାଉନ୍ ଅଞ୍ଚଳରେ ବ୍ୟାପକ କ୍ଷୟକ୍ଷତି ଘଟାଇଛି, ଘରଗୁଡ଼ିକ ଧୋଇ ଦେଇଛି, ଭିତ୍ତିଭୂମିକୁ କ୍ଷତିଗ୍ରସ୍ତ କରିଛି ଏବଂ ୩୫ରୁ ଅଧିକ ଗାଈଗୋରୁ ମାଟିତଳେ ଦବି ମୃତ୍ୟୁବରଣ କରିଛନ୍ତି।

ହିମାଳୟ ପର୍ବତମାଳା ସହ ଯୋଡିହୋଇ ରହିଥିବା ରାଜ୍ୟ ଉତ୍ତରାଖଣ୍ଡ, ହିମାଚଳ ପ୍ରଦେଶ ଏବଂ ଜମ୍ମୁ-କାଶ୍ମୀର ମୌସୁମୀ ପ୍ରଭାବ ଏବଂ ସମ୍ବନ୍ଧୀୟ ପ୍ରାକୃତିକ ବିପର୍ଯ୍ୟୟର ଗମ୍ଭୀର ପ୍ରଭାବ ସହିତ ସଂଘର୍ଷ କରୁଛନ୍ତି। ବିଶେଷକରି ଶୁକ୍ରବାର ଦିନ ଉତ୍ତରାଖଣ୍ଡ ପାଇଁ ଏକ ବିନାଶକାରୀ ଦିନ ପ୍ରମାଣିତ ହୋଇଛି, କାରଣ ରାଜ୍ୟର ବିଭିନ୍ନ ସ୍ଥାନରେ ମେଘଫଟା ରିପୋର୍ଟ ବ୍ୟାପକ ଆତଙ୍କ ସୃଷ୍ଟି କରିଛି। ପରିସ୍ଥିତିକୁ ଦେଖିଲେ ଏସବୁ ରାଜ୍ୟଗୁଡ଼ିକ ଉପରେ ପ୍ରକୃତିର କୋପଦୃଷ୍ଟି ପଡ଼ିଥିବା ପ୍ରତୀତ ହେଉଛି। ତେବେ ଗୁରୁବାର ବିଳମ୍ବିତ ରାତିରେ ହୋଇଥିବା ବାଦଲଫଟା ବର୍ଷା ଯୋଗୁ କେଦାରନାଥ ଉପତ୍ୟକାର ଲାୱାରା ଗାଁରେ ପ୍ରବଳ ସ୍ରୋତରେ ମୋଟର ରୋଡରେ ଥିବା ଏକ ପୋଲ ଭାସିଯାଇଛି। ଚେନାଗଡରେ ମଧ୍ୟ ପରିସ୍ଥିତି ଗୁରୁତର ହୋଇପଡ଼ିଛି। ନଦୀ ଜଳ ଆବାସିକ ଅଞ୍ଚଳରେ ପ୍ରବେଶ କରିଛି, ଯାହା ଫଳରେ ପ୍ରଶାସନ ପ୍ରଭାବିତ ଘରଗୁଡ଼ିକୁ ଖାଲି କରିବାକୁ ବାଧ୍ୟ ହୋଇଛି। ରୁଦ୍ରପ୍ରୟାଗରେ ଥିବା ଏକ ହନୁମାନ ମନ୍ଦିର ବୁଡ଼ି ଯାଇଛି।


ମୁଖ୍ୟମନ୍ତ୍ରୀ ପୁଷ୍କର ସିଂହ ଧାମି ଏକ୍ସ'ରେ ପୋଷ୍ଟ କରି ଲେଖିଛନ୍ତି, 'ରୁଦ୍ରପ୍ରୟାଗ ଜିଲ୍ଲାର ତହସିଲ ବାସୁକେଦାର ଅଞ୍ଚଳ ଅନ୍ତର୍ଗତ ବାଡେଥ୍ ଡୁଙ୍ଗରରେ ମେଘ ଫାଟିବା ଫଳରେ କିଛି ପରିବାର ଭଗ୍ନାବଶେଷ ପଡ଼ି ଫସି ରହିଥିବା ବିଷୟରେ ଦୁଃଖଦ ଖବର ମିଳିଛି। ତେବେ ସ୍ଥାନୀୟ ପ୍ରଶାସନ ଦ୍ୱାରା ରିଲିଫ୍ ଏବଂ ଉଦ୍ଧାର କାର୍ଯ୍ୟ ଯୁଦ୍ଧକାଳୀନ ଭିତ୍ତିରେ ଚାଲିଛି। ସେ ବ୍ୟକ୍ତିଗତ ଭାବେ ଏସମ୍ପର୍କରେ ଅଧିକାରୀଙ୍କ ସହିତ ନିରନ୍ତର ଯୋଗାଯୋଗରେ ରହିଛନ୍ତି। ବିପର୍ଯ୍ୟୟ ସଚିବ ଏବଂ ଜିଲ୍ଲା ମାଜିଷ୍ଟ୍ରେଟଙ୍କୁ ଉଦ୍ଧାର କାର୍ଯ୍ୟର ପ୍ରଭାବଶାଳୀ ପରିଚାଳନା ପାଇଁ ଆବଶ୍ୟକୀୟ ନିର୍ଦ୍ଦେଶ ଦିଆଯାଇଛି ବୋଲି ସେ କହିଛନ୍ତି।


# ୨୦୨୬ ପ୍ରଥମାର୍ଦ୍ଧରେ ଆସିବ ଜିଓ ଆଇପିଓ: ମୁକେଶ ଅମ୍ବାନୀ

**ମୁମ୍ବାଇ, ୨୯।୮/ଏଜେନ୍ସି:** ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ସେୟାରଧାରକଙ୍କ ପାଇଁ ଖୁସି ଖବର। ଆସନ୍ତା ବର୍ଷ ଅର୍ଥାତ୍ ୨୦୨୬ର ପ୍ରଥମ ୬ ମାସ ମଧ୍ୟରେ ଜିଓ ଆଇପିଓ ଲଞ୍ଚ୍ କରାଯିବ। ରିଲାଏନ୍ସ ଇଣ୍ଡଷ୍ଟ୍ରିଜ୍ ଲିମିଟେଡ୍‌ର ୪୮ତମ ବାର୍ଷିକ ସାଧାରଣ ବୈଠକରେ ସେୟାରଧାରକମାନଙ୍କୁ ସମ୍ବୋଧିତ କରି କମ୍ପାନୀର ଅଧ୍ୟକ୍ଷ ଏବଂ ପରିଚାଳନା ନିର୍ଦ୍ଦେଶକ ମୁକେଶ. ଅମ୍ବାନୀ ଏହି ସୂଚନା ଦେଇଛନ୍ତି। ମୁକେଶ ଅମ୍ବାନୀ କହିଛନ୍ତି, 'ମୁଁ ଗବର୍ର ସହିତ ଘୋଷଣା କରୁଛି ଯେ ଜିଓ ଏହାର ଆଇପିଓ ଆଣିବା ପାଇଁ ପ୍ରସ୍ତୁତ ହେଉଛି। ଆମର ଲକ୍ଷ୍ୟ ରହିଛି ୨୦୨୬ର ପ୍ରଥମାର୍ଦ୍ଧ ସୁଦ୍ଧା ଜିଓକୁ ସୂଚକାଙ୍କରେ ସାମିଲ କରିବା। ମୁଁ ଆପଣଙ୍କୁ ବିଶ୍ୱାସ ଦେଉଛି ଯେ ଜିଓ ଆମ ବିଶ୍ୱସ୍ତରର ସମକକ୍ଷ କମ୍ପାନୀମାନଙ୍କ ପରି ସମାନ ମୂଲ୍ୟ ସୃଷ୍ଟି କରିବ। ମୋର ବିଶ୍ୱାସ ରହିଛି ଯେ ଏହା ସମସ୍ତ ନିବେଶକଙ୍କ ପାଇଁ ଏକ ଅତ୍ୟନ୍ତ ଆକର୍ଷଣୀୟ ସୁଯୋଗ ହେବ। ରିଲାଏନ୍ସ ଜିଓ ଆଜି ଆଉ ଏକ ମାଇଲଖୁଣ୍ଟ ହାସଲ କରିଛି, କମ୍ପାନୀର ଗ୍ରାହକଙ୍କ ସଂଖ୍ୟା ୫୦ କୋଟି ଅତିକ୍ରମ କରିଛି ବୋଲି ମୁକେଶ ସୂଚନା ଦେଇଛନ୍ତି।

ଏହି ଅବସରରେ ମୁକେଶ ଅମ୍ବାନୀ ଆଉ ଏକ ବଡ ଘୋଷଣା ମଧ୍ୟ କରି କହିଛନ୍ତି, ସେ ରିଲାଏନ୍ସର ଅନ୍ୟତମ ନୂତନ ସହାୟକ କମ୍ପାନୀ 'ରିଲାଏନ୍ସ ଇଣ୍ଟେଲିଜେନ୍ସ' ଆରମ୍ଭ କରିଛନ୍ତି। ଏହାର ଲକ୍ଷ୍ୟ ଭାରତରେ କୃତ୍ରିମ ବୁଦ୍ଧିମତ୍ତାର ବିକାଶ ଏବଂ ପ୍ରସାରକୁ ତ୍ୱରାନ୍ୱିତ କରିବା। ଏହି ଅବସରରେ, ସେ ଗୁଗୁଲ୍ ଏବଂ ମେଟା ସହିତ ରଣନୈତିକ ସହଭାଗୀତା ଘୋଷଣା ମଧ୍ୟ କରିଛନ୍ତି, ଯାହା ଦେଶରେ ଏଆଇ -ଆଧାରିତ ପ୍ରଯୁକ୍ତିବିଦ୍ୟା ନବସୃଜନ ଏବଂ ଡିଜିଟାଲ୍ ପରିବର୍ତ୍ତନକୁ ଏକ ନୂତନ ଦିଗ ଦେବ ବୋଲି ଆଶା କରାଯାଉଛି। ଏତଦ୍‌ବ୍ୟତୀତ ଗୁଜୁରାଟର ଜାମନଗରେର ନିର୍ମାଣାଧୀନ ଧୀରୁଭାଇ ଅମ୍ବାନୀ ଗିଗା ଏନର୍ଜି କମ୍ପ୍ଲେକ୍ସ ସମ୍ପର୍କରେ ମଧ୍ୟ ସେ ସୂଚନା ଦେଇଛନ୍ତି। ସେ କହିଛନ୍ତି ଏହା ଟେସ୍‌ଲା କମ୍ପାନୀର ଗିଗାଫ୍ୟାକ୍ଟ୍ରି ଅପେକ୍ଷା ଚାରି ଗୁଣ ବଡ଼ ହେବ। ୪୪ ଲକ୍ଷ ବଗର୍ଫୁଟ ପରିବ୍ୟାପ୍ତ ଏହି ଗିଗା ଏନର୍ଜି କମ୍ପ୍ଲେକ୍ସର କାମ ରେକର୍ଡ ଗତିରେ ଚାଲିଛି। ଏପର୍ଯ୍ୟନ୍ତ ଏହାକୁ ନିର୍ମାଣ କରିବା ପାଇଁ ୩୪ ଲକ୍ଷ ଘନ ମିଟର







କଂକ୍ରିଟ୍ ବ୍ୟବହାର କରାଯାଇଛି। ଏଥିରେ ୭ ଲକ୍ଷ ଟନ୍ ଇସ୍ପାତ ବ୍ୟବହାର କରାଯାଇଛି, ଯାହା ପ୍ରାୟ ୧୦୦ଟି ଆଇଫେଲ୍ ଟାୱାର ନିର୍ମାଣ କରିପାରିବ। ଏକ ଲକ୍ଷ କିଲୋମିଟର କେବୁଲ୍ ବିଛାଯାଇଛି।

ରିଲାଏନ୍ସ ଜିଓର ଅଧ୍ୟକ୍ଷ ଆକାଶ ଅମ୍ବାନୀ କହିଛନ୍ତି ଯେ ଦେଶରେ ୫ଜିର ସବୁଠାରୁ ଦ୍ରୁତତମ ସ୍ଥାପନା ପରେ ଜିଓର ୫ଜି ଗ୍ରାହକଙ୍କ ସଂଖ୍ୟା ମଧ୍ୟ ଦ୍ରୁତ ଗତିରେ ବୃଦ୍ଧି ପାଇଛି। ୨୨ କୋଟିରୁ ଅଧିକ ଉପେଭାକ୍ତା ଜିଓ ଟ୍ରୁ ୫ଜି ନେଟୱାର୍କ ସହିତ ଯୋଡି ହୋଇଛନ୍ତି। ସେ କହିଛନ୍ତି ଯେ ଜିଓ ଖୁବ୍‌ଶୀଘ୍ର ଅନ୍ତର୍ଜାତୀୟ ସ୍ତରରେ ମଧ୍ୟ ଅପେରସନ ଆରମ୍ଭ କରିବ। ଏହା ଭାରତର ପ୍ରଥମ କମ୍ପାନୀ ହୋଇପାରିଛି ଯେ କି ୧୨୫ ଆରବ ଡଲାରର ବାର୍ଷିକ ଆୟ ପାର କରିସାରିଛି ବୋଲି ଆକାଶ କହିଛନ୍ତି।

**ରିଲାଏନ୍ସର ସୌରଶକ୍ତି ପ୍ରକଳ୍ପ ସିଙ୍ଗାପୁରର ଆକାରର ତିନି ଗୁଣ ବଡ଼ ହେବ: ଅନନ୍ତ ଅମ୍ବାନୀ**

ସେହିପରି କାର୍ଯ୍ୟନିର୍ବାହୀ ନିର୍ଦ୍ଦେଶକ ଅନନ୍ତ ଅମ୍ବାନୀ ନୂତନ ଶକ୍ତି ପ୍ରକଳ୍ପ ବିଷୟରେ ସୂଚନା ଦେଇ କହିଛନ୍ତି ଯେ, ଜାମନଗର ପ୍ରକଳ୍ପ 'ନିର୍ମାଣ ହେବା ପରେ ଏହା ବିଶ୍ୱର ସବର୍ବୃହତ ପାରମ୍ପରିକ ଶକ୍ତି କମ୍ପ୍ଲେକ୍ସ ତଥା ବିଶ୍ୱର ସବର୍ବୃହତ ନୂତନ ଶକ୍ତି କମ୍ପ୍ଲେକ୍ସ ହେବ। ଜାମନଗର ନୂତନ ରିଲାଏନ୍ସ ଏବଂ ନୂତନ ଭାରତକୁ ପରିପ୍ରକାଶ କରିବ। ଗୁଜୁରାଟର କଚ୍ଛ ଠାର, ଆମେ ଗୋଟିଏ ସ୍ଥାନରେ ବିଶ୍ୱର ସବର୍ବୃହତ ସୌର ପ୍ରକଳ୍ପଗୁଡ଼ିକ ମଧ୍ୟରୁ ଗୋଟିଏ ବିକଶିତ କରୁଛୁ, ଯାହା ୫,୫୦,୦୦୦ ଏକର ଶୁଷ୍କ ଟାଙ୍ଗରା ଜମିରେ ପରିବ୍ୟାପ୍ତ – ଯାହା ସିଙ୍ଗାପୁରର ଆକାରର ତିନି ଗୁଣ। ଏହା ଆଗାମୀ ଦଶନ୍ଧିରେ ଭାରତର ବିଦ୍ୟୁତ୍ ଆବଶ୍ୟକତାର ପ୍ରାୟ ୧୦ ପ୍ରତିଶତ ପୂରଣ କରିପାରିବ। ଆଗାମୀ କିଛି ମାସରେ ସମନ୍ୱିତ ସୌରଶକ୍ତି ଉତ୍ପାଦନ କ୍ଷମତାକୁ ପ୍ରତିବର୍ଷ ୧୦ ଗିଗାୱାଟ୍‌କୁ ବୃଦ୍ଧି କରିବୁ ପରେ ଆମେ ଏହାକୁ ୨୦ ଗିଗାୱାଟ ଯାଏଁ ପରିବର୍ଦ୍ଧିତ କରିବୁ। ଏହା ବିଶ୍ୱର ସବର୍ବୃହତ ସୌର ଉତ୍ପାଦନ ବ୍ୟବସ୍ଥା ହେବ। ଏହାସହ ଦ୍ରୁତଗତିରେ ବ୍ୟାଟେରୀ ଇଲେକ୍ଟ୍ରୋଲାଇଜର ଗିଗା କାରଖାନା ନିର୍ମାଣ କରାଯାଉଛି। ଏସବୁ ୨୦୨୬ ଶେଷ ସୁଦ୍ଧା କାର୍ଯ୍ୟକ୍ଷମ ହେବ ବୋଲି ସେ କହିଛନ୍ତି।

## ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍

# ରାଜକଓଁର୍‌ଙ୍କୁ ସେଣ୍ଟର୍ ଫାୟାର୍ ପିସ୍ତଲ୍ ସ୍ୱର୍ଣ୍ଣ

**ଶିମ୍‌କେଣ୍ଟ,୨୯।୮/ଏଜେନ୍ସି:** ଏଠାରେ ଆୟୋଜିତ ୧୬ଶ ଏସିଆନ୍ ଶୁଟିଂ ଚାମ୍ପିଅନ୍‌ଶିପ୍‌ର ଅନ୍ତିମ ଦିନରେ ଶୁକ୍ରବାର ଭାରତୀୟ ଶୁଟର୍ ଚମତ୍କାର ପ୍ରଦର୍ଶନ କରିଛନ୍ତି। ଯୁବ ଶୁଟର୍ ରାଜକଓଁର୍ ସିଂହ ସନ୍ଧୁ ୨୫ ମିଟର ସେଣ୍ଟର୍ ଫାୟାର୍ ପିସ୍ତଲ୍ ଇଭେଣ୍ଟ୍‌ରେ ୫୮୩ ସ୍କୋର୍ କରି ସ୍ୱର୍ଣ୍ଣ ପଦକ ହାସଲ କରିଥିବା ବେଳେ ପୂର୍ବତନ ବିଶ୍ୱ ଚାମ୍ପିଅନ୍ ଅଙ୍କୁର ମିତ୍ତଲ ଡବଲ୍ ଟ୍ରାପ୍‌ରେ ପ୍ରଥମ ହୋଇଛନ୍ତି।



ସେହିପରି ମହିଳା ଡବଲ୍ ଟ୍ରାପ୍‌ରେ ଭାରତ କ୍ଲିନ୍ ସ୍ୱିପ୍ କରିଛି। ଅନୁଷ୍କା ଭାଟୀ (୯୩), ପ୍ରଣିଳ ଇଙ୍ଗ୍‌ଲେ (୮୯) ଏବଂ ହାଫିଜ୍ କଣ୍ଟ୍ରାକ୍ଟର (୮୭) ବ୍ୟକ୍ତିଗତ ଇଭେଣ୍ଟ୍‌ର ଶୀର୍ଷ ତିନିଟି ସ୍ଥାନ ହାସଲ କରିଛନ୍ତି। ସେହିପରି ଏହି ତ୍ରିମୂର୍ତ୍ତି ୨୬୯ର ମୋଟ ସ୍କୋର୍ ସହ ଟିମ୍ ସ୍ୱର୍ଣ୍ଣ ମଧ୍ୟ ଜିତିଛନ୍ତି। ଅନ୍ୟପକ୍ଷରେ ସେନାର ଗୁରପ୍ରୀତ୍ ସିଂହ ଟିମ୍ ଇଭେଣ୍ଟ୍‌ରେ ସନ୍ଧୁ (୫୮୩) ଏବଂ ଅଙ୍କୁର୍ (୫୭୧)ଙ୍କ ସହ ମିଶି ମୋଟ ୧୭୩୩ ସ୍କୋର୍ ସହ ସ୍ୱର୍ଣ୍ଣ ପଦକ ହାସଲ କରିଛନ୍ତି।

ଏହା ସହିତ ୧୮୨ ଜଣିଆ ଭାରତୀୟ ଦଳ ୫୦ ସ୍ୱର୍ଣ୍ଣ, ୨୬ ରୌପ୍ୟ ଏବଂ ୨୨ ବ୍ରୋଞ୍ଜ୍ ସମେତ ମୋଟ ୯୯ ପଦକ ଜିତି ପ୍ରଥମ ସ୍ଥାନରେ ରହିଛି। ଏହା ମଧ୍ୟରେ ୫୫ ପଦକ ବ୍ୟକ୍ତିଗତ ଇଭେଣ୍ଟ୍‌ରୁ ଏବଂ ବାକି ଟିମ୍ ଏବଂ ମିକ୍ସଡ୍ ଇଭେଣ୍ଟ୍‌ରୁ ଆସିଛି। ଆୟୋଜକ କଜାଖସ୍ତାନ ୨୧ ସ୍ୱର୍ଣ୍ଣ, ୨୪ ରୌପ୍ୟ ଏବଂ ୨୫ ବ୍ରୋଞ୍ଜ୍ ପଦକ ସହ ଦ୍ୱିତୀୟ ସ୍ଥାନରେ ରହିଛି। ଚୀନ୍ ୧୫ ସ୍ୱର୍ଣ୍ଣ, ୧୭ ରୌପ୍ୟ ଏବଂ ୫ ବ୍ରୋଞ୍ଜ୍ ପଦକ ସହ ତୃତୀୟ ସ୍ଥାନରେ ରହିଥିବା ବେଳେ କୋରିଆ ୧୨ ସ୍ୱର୍ଣ୍ଣ, ୨୧ ରୌପ୍ୟ ଓ ୨୨ ବ୍ରୋଞ୍ଜ୍ ପଦକ ସହ ଚତୁର୍ଥ ସ୍ଥାନରେ ଅଭିଯାନ ଶେଷ କରିଛି।

## ଦୁଲୀପ୍ ଟ୍ରଫି: ଆକିବ୍‌ଙ୍କୁ ୪ ବଲ୍‌ରେ ୪ ୱିକେଟ୍

# ଇଷ୍ଟ ଜୋନ୍ ୨୩୦ ରନ୍‌ରେ ଅଲ୍‌ଆଉଟ୍

**ବେଙ୍ଗାଲୁରୁ,୨୯।୮/ଏଜେନ୍ସି:** ଦୁଲୀପ୍ ଟ୍ରଫି କ୍ୱାର୍ଟର୍ ଫାଇନାଲ୍‌ରେ ନର୍ଥ ଜୋନ୍ ବୋଲର୍ ଅକିବ୍ ନବୀ ଲଗାତାର ୪ ବଲ୍‌ରେ ୪ ୱିକେଟ୍ ହାସଲର କାରନାମା କରିଛନ୍ତି। ତାଙ୍କ ଚମତ୍କାର ବୋଲିଂ ଆଗରେ ଇଷ୍ଟ ଜୋନ୍ ଟିମ୍ ୨୩୦ ରନ୍‌ର ସ୍କୋର୍‌ରେ ଅଲ୍‌ଆଉଟ୍ ହୋଇଛି। ଫଳରେ ନର୍ଥ ଜୋନ୍ ପ୍ରଥମ ଇନିଂସ୍

**ନର୍ଥ ଜୋନ୍ ୧୭୫ ରନ୍‌ରେ ଆଗୁଆ**

ଆଧାରରେ ୧୭୫ ରନ୍ ଆଗରେ ରହିଛି। ନର୍ଥ ଜୋନ୍ ପ୍ରଥମ ଇନିଂସ୍‌ରେ ୪୦୫ ରନ୍ କରିଥିଲା। ଆକିବ୍ ମୋଟ ୫ ୱିକେଟ୍ ନେଇଛନ୍ତି। ଇଷ୍ଟ ଜୋନ୍ ପକ୍ଷରୁ ବିରାଟ ସିଂହ ସର୍ବାଧିକ ୬୯ ରନ୍ କରିଛନ୍ତି। ପ୍ରଥମ ଇନିଂସ୍‌ରେ ନର୍ଥ ଜୋନ୍ ପକ୍ଷରୁ କନ୍ହେୟା ୱଧାବନ (୭୬) ଓ ଆୟୁଷ ବଡ଼ୋନୀ (୬୩) ଅର୍ଦ୍ଧଶତକ ହାସଲ କରିଥିଲେ।

ଏହି ଟୁର୍ଣ୍ଣାମେଣ୍ଟରେ ଆକିବ୍ ନବୀ ୪ ବଲ୍‌ରେ ୪ ୱିକେଟ୍ ନେବାରେ ପ୍ରଥମ ବୋଲର୍ ହୋଇଛନ୍ତି। ଜମ୍ମୁ-କଶ୍ମୀରର ବାରାମୁଲା ନିବାସୀ ଆକିବ୍ ୫୩ତମ ଓଭର୍‌ର ଅନ୍ତିମ ତିନିଟିବ ଲ୍‌ରେ ୩ ୱିକେଟ୍ ନେଇଥିଲେ। ସେ ସୂରଜ ଜୟସ୍ୱାଲ୍‌ଙ୍କୁ ୧୦ ରନ୍‌ରେ ୱିକେଟ୍ ପଛରେ କ୍ୟାଚ୍ କରାଇଥିଲେ। ଏହାପରେ ମନୀଷୀଙ୍କୁ ଶୂନ୍ୟରେ ଏଲ୍‌ବିଡବ୍ଲ୍ୟୁ କରିବା ସହ ଖାତା ଖୋଲିବା ପୂର୍ବରୁ ମୁକ୍ତାର ହୁସେନ୍‌ଙ୍କୁ କ୍ଲିନ୍ ବୋଲ୍ଡ



କରିଥିଲେ। ୫୭ତମ ମିନିଟ୍‌ର ପ୍ରଥମ ବଲ୍‌ରେ ସେ ମହମ୍ମଦ ଶମୀଙ୍କୁ ଆଉଟ୍ କରି ଲଗାତାର ଚତୁର୍ଥ ୱିକେଟ୍ ନେଇଥିଲେ। ଏହା ପୂର୍ବରୁ କ୍ରିଜ୍‌ରେ ଜମି ଆସିଥିବା ବିରାଟ ସିଂହ (୬୯)ଙ୍କୁ ଆଉଟ୍ କରିଥିଲେ। କପିଳ ଦେବ ଏବଂ ସାଇରାଜ ବାହୁତୁଲେଙ୍କ ପରେ ଦୁଲୀପ୍ ଟ୍ରଫିରେ ହ୍ୟାଟ୍ରିକ୍ ନେବାରେ ଆକିବ୍ ତୃତୀୟ ବୋଲର୍ ହୋଇଛନ୍ତି।

ଏହା ପୂର୍ବରୁ ନର୍ଥ ଜୋନ୍ ପକ୍ଷରୁ ପ୍ରଥମ ଇନିଂସ୍‌ରେ ବିରାଟ (୬୯) ଏବଂ ବଡ଼ୋନୀ (୬୩) ଅର୍ଦ୍ଧଶତକ କରିଥିଲେ। ଏହା ବ୍ୟତୀତ ନିଶାନ୍ତ ସିନ୍ଧୁ ୪୭, ଆକିବ୍ ନବୀ ୪୪, ଯଶ ଧୁଲ୍ ୩୯, କ୍ୟାପ୍‌ଟେନ୍ ଅଙ୍କିତଥ କୁମାର ୩୦, ଶୁଭମନ ଖଜୁରିଆ ୨୬ ଏବଂ ସାହିଲ୍ ଲୋଟରା ୧୯ ରନ୍ କରିଥିଲେ। ଇଷ୍ଟ ଜୋନ୍ ପକ୍ଷରୁ ମନୀଷୀ ୬ ୱିକେଟ୍ ନେଇଥିଲେ। ସୂରଜ ସିନ୍ଧୁ ଜୟସ୍ୱାଲ୍ ୨ଟି, ଶମୀ ଓ ମୁକ୍ତାର ହୁସେନ୍ ୧-୧ ସଫଳତା ପାଇଥିଲେ।

ସ୍ଥାନୀୟ ସିଇଓର ଗ୍ରାଉଣ୍ଡ-୨ରେ ଖେଳାଯାଉଥିବା ଅନ୍ୟ ଏକ କ୍ୱାର୍ଟର୍ ଫାଇନାଲ୍‌ରେ ସେଣ୍ଟ୍ରାଲ୍ ଜୋ୍ ୫୩୨/୪ରେ ପ୍ରଥମ ଇନିଂସ୍ ଘୋଷଣା କରିଛି। ଜବାବରେ ଦ୍ୱିତୀୟ ଦିନ ଖେଳ ଶେଷ ବେଳକୁ ନର୍ଥଇଷ୍ଟ ଜୋନ୍ ୭ ୱିକେଟ୍ ହରାଇ ୧୬୮ ରନ୍ କରିଛି। ଟିମ୍ ଏବେ ବି ୩୬୪ ରନ୍ ପଛରେ ରହିଛି। ଟିମ୍ ପକ୍ଷରୁ କରନଜିତ୍ ୟୁମନାମ ସର୍ବାଧିକ ୪୮ ରନ୍ କରିଥିଲେ। ଟିମ୍ ପକ୍ଷରୁ କରନଜିତ୍ ୟୁମନାମ ସର୍ବାଧିକ ୪୮ ରନ୍ କରିଥିଲେ।

ପୂର୍ବରୁ ସେଣ୍ଟ୍ରାଲ୍ ଜୋନ୍ ଟିମ୍ ପକ୍ଷରୁ ଦାନିଶ ମାଲେୱାର୍ ୨୦୩ ରନ୍ କରି ରିଟାୟର୍ଡ ଆଉଟ୍ ହୋଇଥିଲେ। କ୍ୟାପ୍‌ଟେନ୍ ରଜତ ପାଟିଦାର ୯୬ ବଲ୍‌ରେ ୧୨୫ ରନ୍ କରିଥିବା ବେଳେ ଆର୍ଯ୍ୟନ୍ ଜୁୟାଲ୍ ୬୦ ରନ୍‌ରେ ରିଟାୟର୍ଡ ହର୍ଟ ହୋଇଥିଲେ। ଯଶ୍ ରାଠୋର ୮୭ ରନ୍‌ରେ ଅପରାଜିତ ରହିଥିଲେ। ନର୍ଥଇଷ୍ଟ ଜୋନ୍ ପକ୍ଷରୁ ଆକାଶ କୁମାର ୨ ଓ ଜୋତିନ୍ ଫିରୋଇଜାମ୍ ୧ ୱିକେଟ୍ ନେଇଥିଲେ।

# ଡାଏମଣ୍ଡ ଲିଗ୍ ଫାଇନାଲ୍‌ରେ ନୀରଜଙ୍କୁ ରୌପ୍ୟ

**ଜୁରିକ୍,୨୯।୮/ଏଜେନ୍ସି:** ଭାରତର ଷ୍ଟାର୍ ଜାଭେଲିନ୍ ଥ୍ରୋୟର୍ ନୀରଜ ଚୋପ୍ରା ଡାଏମଣ୍ଡ ଲିଗ୍ ଫାଇନାଲ୍ ୨୦୨୫ରେ ୮୫.୦୧ ମିଟର ଥ୍ରୋ ସହିତ ଦ୍ୱିତୀୟ ସ୍ଥାନ ହାସଲ କରିଛନ୍ତି। ଡାଏମଣ୍ଡ ଲିଗ୍‌ରେ ଏହା ନୀରଜଙ୍କ ଲଗାତାର ତୃତୀୟ ରୌପ୍ୟ ପଦକ। ସ୍ୱିଜରଲାଣ୍ଡ୍‌ର ଜୁରିକ୍‌ର ଲେଟ୍‌ଜିଗୁଣ୍ଡ ଷ୍ଟାଡିୟମ୍‌ରେ ଗୁରୁବାର ରାତିରେ ଅନୁଷ୍ଠିତ ଫାଇନାଲ୍‌ରେ ଜର୍ମାନୀର ଜୁଲିୟନ୍ ୱେବର୍ ୯୧.୫୧ ମିଟର ଥ୍ରୋ ସହିତ ସ୍ୱର୍ଣ୍ଣ ପଦକ ଜିତିଛନ୍ତି। ସେହିପରି ତ୍ରିନିଦାଦ୍ ଆଣ୍ଡ ଟୋବାଗୋର କେଶୋର୍ନ ୱାଲକଟ୍ ୮୪.୯୫ ମିଟର ସହ ବ୍ରୋଞ୍ଜ୍ ପଦକ ହାସଲ କରିଛନ୍ତି।



ନୀରଜ ପ୍ରଥମ ପ୍ରୟାସରେ ୮୪.୩୫ ମିଟର ଥ୍ରୋ କରିଥିଲେ। ଦ୍ୱିତୀୟ ପ୍ରୟାସରେ ତାଙ୍କ ଥ୍ରୋ ୮୨ ମିଟର ରହିଥିଲା। ଏହାପରେ ଲଗାତର ତିନି ଫାଉଲ୍ କରିବା ପରେ ଶେଷରେ ୮୫.୦୧ ମିଟର ଥ୍ରୋ କରି ଦ୍ୱିତୀୟ ସ୍ଥାନରେ ରହିଥିଲେ।

ଏହା ପୂର୍ବରୁ ନୀରଜ ଏହି ଷ୍ଟାଡିୟମ୍‌ରେ ୨୦୨୨ ଡାଏମଣ୍ଡ ଲିଗ୍ ଫାଇନାଲ୍‌ରେ ପ୍ରଥମ ସ୍ଥାନରେ ରହିଥିଲେ। ୨୦୨୩ ଓ ୨୦୨୪ରେ ତାଙ୍କୁ ଉପବିଜେତା ଭାବେ ସନ୍ତୁଷ୍ଟ ହେବାକୁ ପଡ଼ିଥିଲା। ଚଳିତ ସିଜନ୍‌ରେ ସେ ୭ ପ୍ରତିଯୋଗିତାରେ ଭାଗ ନେଇଥିବା ବେଳେ ଚାରିଥର ବିଜୟ ହାସଲ କରିଥିବା ବେଳେ ତିନିଥର ଉପବିଜେତା ରହିଥିଲେ। ଚଳିତ ସିଜନ୍‌ରେ ନୀରଜଙ୍କ ପାଇଁ ଆରମ୍ଭ ଧମାକାଦାର ଥିଲା। ମେ'ରେ ସେ ଦୋହାରେ ୯୦.୨୩ ମିଟର୍ ଥ୍ରୋ ସହ ପ୍ରଥମ ଥର ୯୦ ମିଟରରୁ ଅଧିକ ଦୂରତା ହାସଲ କରିଥିଲେ। ତେବେ ନୀରଜଙ୍କୁ ଦ୍ୱିତୀୟ ସ୍ଥାନରେ ରହିବାକୁ ପଡ଼ିଥିଲା। ଏହା ପୂର୍ବରୁ ତାଙ୍କ ଶ୍ରେଷ୍ଠ ଥ୍ରୋ ୮୯.୯୪ ମିଟର ଥିଲା। ୨୦୨୨ ଡାଏମଣ୍ଡ ଲିଗ୍‌ରେ ସେ ଏହି ସଫଳତା ହାସଲ କରିଥିଲେ। ସେହିପରି ଜୁନ୍‌ରେ ପ୍ୟାରିସ୍ ଡାଏମଣ୍ଡ ଲିଗ୍‌ରେ ୮୮.୧୬ ମିଟର ପ୍ରୟାସ ସହ ପ୍ରଥମ ସ୍ଥାନରେ ରହିଥିଲେ। ପ୍ରଥମ ରାଉଣ୍ଡ୍‌ରେ ହିଁ ୮୮.୧୬ ମିଟର୍ ଥ୍ରୋ ସହ ସେ ବିଜୟ ସୁନିଶ୍ଚିତ କରିଥିଲେ।

ନିତିଦିନ NITIDIN



# ନୂତନ ସମବାୟ ସମିତି ଅଫିସ୍‌ରେ ଧାନ ବିକ୍ରି କେନ୍ଦ୍ର ଖୋଲିବାକୁ ଦାବି



**ପାଟଣାଗଡ଼,୨୯।୮/ଏନ୍‌ଏନ୍‌ଏସ୍:** ପାଟଣାଗଡ଼ ବ୍ଲକ୍ ଦମକିପାଲି ଗାଁରେ ନୂତନ ଭାବେ ସମବାୟ ସମିତି ଅଫିସ୍ ଖୋଲାଯାଇଛି । ମାତ୍ର ସେହି ନୂତନ ସମବାୟ ସମିତି ଅଫିସ୍‌ରେ ଧାନ ବିକ୍ରି କେନ୍ଦ୍ର ବ୍ୟବସ୍ଥା କରାଯାଇ ନଥିବାରୁ ଚାଷୀଙ୍କୁ ବହୁ ଅସୁବିଧାର ସମ୍ମୁଖୀନ ହେବାକୁ ପଡୁଛି । କାରଣ ଦମକିପାଲି ଗାଁରୁ ଲରମ୍ବାକୁ ଆସିବାକୁ ହେଲେ ୭ କିଲୋମିଟର ଅତିକ୍ରାନ୍ତ କରିବାକୁ ପଡୁଛି । ଫଳରେ ବହୁ ଖର୍ଚ୍ଚାନ୍ତ ହେଉଛି । ତେଣୁ ଗ୍ରାମର ହର୍ଷ ବେହେରାଙ୍କ ନେତୃତ୍ୱରେ ଶହ ଶହ ଗ୍ରାମବାସୀ ପାଟଣାଗଡ଼ ଆସି ପାଟଣା ମହାରାଜ ତଥା ରାଜ୍ୟ ସରକାରଙ୍କ ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓଙ୍କୁ ନୂଆଁଖାଇ ଜୁହାର୍ ଜଣାଇବା ପରେ ଗାଁରେ ସମବାୟ ସମିତି ଅଫିସ୍ ଖୋଲିବାକୁ ସାମୁହିକ ଭାବେ ଏକ ଦାବିପତ୍ର ପ୍ରଦାନ କରିଥିଲେ । ଉପମୁଖ୍ୟମନ୍ତ୍ରୀ କନକ ବର୍ଦ୍ଧନ ସିଂଦେଓ ସେମାନଙ୍କୁ ପ୍ରତିଶ୍ରୁତି ଦେଇ ସେମାନଙ୍କ ଉଚିତ୍ ଦାବିକୁ ଗ୍ରହଣ କରି ଖୁବ୍‌ଶୀଘ୍ର ସମାଧାନ କରାଯିବ ବୋଲି କହିଥିଲେ । ଏହି ଅବସରରେ ସ୍ୱରାଜ ଭୋଇ, ଟିକେ ରାମ ନାୟକ, ରତିକାନ୍ତ ଭୋଇ, ଶିବ ରାଉତ, ଅଶ୍ୱିନୀ ଭୋଇ, ମଦନ ଖମାରୀ, ମିତ୍ରଭାନୁ ଭୋଇ, ବିଦ୍ୟାଧର ସେଠ୍, ମହାଦେବ ଭୋଇ, ହେମନ୍ତ ବିଶ୍ୱାଳ, ଜୟଦେବ ଭୋଇ ଓ ସୋମନାଥ ପ୍ରଧାନ ସମେତ ବହୁ ଜନସାଧାରଣ ସାମିଲ ହୋଇଥିଲେ ।

# ପୁରୁଣା କାନ୍ଥରେ ରଙ୍ଗ ବୋଳି ୩ ଲକ୍ଷ ଚଳୁ ଯୋଜନା

**ମାଲକାନଗିରି,୨୯।୮/ଏନ୍‌ଏନ୍‌ଏସ୍:** ମାଥିଲି ବ୍ଲକ୍ ଅନ୍ତର୍ଗତ କର୍ତ୍ତନପାଲ୍ଲୀ ପଞ୍ଚାୟତର କୋପ୍ରା ଗ୍ରାମରେ ୬ ବର୍ଷ ପୂର୍ବେ ଏକ ସଂସ୍କୃତି ଭବନ ନିର୍ମାଣ କରାଯାଇଥିଲା । ୪ ବର୍ଷ ପୂର୍ବେ ଉକ୍ତ ସଂସ୍କୃତି ଭବନର ଛପର ପବନରେ ଉଡ଼ିଯାଇ ସମ୍ପୂର୍ଣ୍ଣ ନଷ୍ଟ ହୋଇଯାଇଥିଲା । କୋପ୍ରା ଗ୍ରାମବାସୀ ସ୍ୱତନ୍ତ୍ର ଉନ୍ନୟନ ପରିଷଦ ମାଧ୍ୟମରେ ସମନ୍ୱିତ ଆଦିବାସୀ ଉନ୍ନୟନ ସଂସ୍ଥା, ମାଲକାନଗିରିଙ୍କୁ ଲିଖିତ ଭାବେ ମରାମତି ପାଇଁ ଜଣାଇଥିଲେ । ଫଳରେ ୨୦୨୩-୨୪ ଆର୍ଥିକ ବର୍ଷରେ ସଂସ୍କୃତି ଭବନ ମରାମତି କରିବାକୁ ୩ ଲକ୍ଷ ଟଙ୍କା ମଞ୍ଜୁରୀ ହୋଇଥିଲା । କିନ୍ତୁ ଉକ୍ତ ଭବନର ମରାମତି କାର୍ଯ୍ୟ ନକରି ସେହି ଗ୍ରାମରେ ଥିବା ଏକ ପୁରୁଣା କମ୍ୟୁନିଟି ସେଣ୍ଟର୍ ବାହାରେ ଓ ଭିତରେ ରଙ୍ଗ ମାରି ଟଙ୍କା ଆତ୍ମସାତ୍ କରିବା ପାଇଁ କାନ୍ଥରେ ସୁନ୍ଦର ଭାବେ ସମସ୍ତ ତଥ୍ୟ ଲେଖାଯାଇଛି । କାନ୍ଥରେ ସାଇନ୍ ବୋର୍ଡ ତିଆରି କରି ଫଟୋ ଉଠାଇ ଠିକାଦାର ନାରାୟଣ ଖରା ନେଇଥିଲେ । ଗ୍ରାମବାସୀମାନେ ସାମ୍ବାଦିକଙ୍କୁ ଅଭିଯୋଗ କଲା ପରେ ଘଟଣାସ୍ଥଳରେ ସ୍ଥିତି ପରଖିବା ସହ ଏ ସମ୍ପର୍କରେ ସଂପୃକ୍ତ ଯନ୍ତ୍ରୀ ମିତ୍ରଭାନୁ ଅର୍କଙ୍କୁ ଯୋଗାଯୋଗ କରାଯାଇଥିଲା । ଆଇଟିଡିଏ ଯନ୍ତ୍ରୀ ମିତ୍ରଭାନୁ ଆର୍କ କହିଲେ ଯେ ସେ ବର୍ତ୍ତମାନ ନୂଆ ଆସି ଦାୟିତ୍ୱ ନେଇଛନ୍ତି । ମୁଁ ସେ କାମ ଦେଖିନାହିଁ କି ଜାଣି ନାହିଁ । ଏହା ପୁରୁଣା କାମ । ଏହା ବିଲ୍ ହୋଇନାହିଁ । ଯଦି ଏଭଳି ଚଞ୍ଚକତା କରାଯାଇଛି, ତେବେ ବିଲ୍ କରାଯିବ ନାହିଁ । ଅନ୍ୟପଟେ ଘଟଣାଟି ପ୍ରଘଟ ହେବା ପରେ କାନ୍ଥରେ ଲେଖାଯାଇଥିବା ଫଳକଟିକୁ ସଂପୃକ୍ତ ଠିକାଦାର କିଛି ଲୋକଙ୍କୁ ପଠାଇ ଲିଭାଇ ଦେଇଥିବା ଜଣାପଡ଼ିଛି । ଠିକାଦାର ନାରାୟଣ ଖରାଙ୍କ ଚଞ୍ଚକତା ଲୋକଲୋଚନକୁ ଆସିବା ପରେ ଭୁଲ୍‌କୁ ସ୍ୱୀକାର କରିଥିଲେ । ଯଦି ଗ୍ରାମବାସୀ ସତ୍ୟର ପର୍ଦ୍ଦାଫାଶ୍ କରିନଥାନ୍ତେ ତେବେ ମାତ୍ର ୧୦ ହଜାର ଟଙ୍କାର ରଙ୍ଗ ମାରି ୩ ଲକ୍ଷ ଟଙ୍କା ସିଧାସଳଖ ଚଳୁ ହୋଇଥାନ୍ତା ବୋଲି ସାଧାରଣରେ ଚର୍ଚ୍ଚା ହେଉଛି । ଏଣୁ ଆଇଟିଡିଏ ସଂସ୍ଥା ଯେଉଁ ବିଭାଗୀୟ କାର୍ଯ୍ୟ ଠିକାଦାର୍‌ଙ୍କୁ ବାଣ୍ଟୁଛନ୍ତି ପ୍ରକୃତ ଘଟଣାସ୍ଥଳକୁ ଯାଇ କାମ ଦେଖିଲା ପରେ ବିଲ୍ କରିବା ଉଚିତ୍ । ନଚେତ୍ ଏମିତି ସରକାର କା ମାଲ୍ ଦରିଆ ମେ ଡାଲ୍ ନ୍ୟାୟରେ ଠିକାଦାର୍‌ମାନେ ଅସାଧୁ ଉପାୟ ଅବଲମ୍ବନ କରି ମାଲେମାଲ୍ ହେବାସହ ବିକାଶ ନାଁରେ ଅର୍ଥ ଶ୍ରାଦ୍ଧ ହେବା ଛଡ଼ା ଉନ୍ନତି ହେବା ଅସମ୍ଭବ ବୋଲି ମତପ୍ରକାଶ ପାଇଛି ।



# ଡିଆର୍‌ଏମ୍‌ଙ୍କ ରାଉରକେଲା ଷ୍ଟେସନ୍ ନିରୀକ୍ଷଣ

**ରାଉରକେଲା,୨୯।୮/ଏନ୍‌ଏନ୍‌ଏସ୍:** ରେଳବାଇର ବିକାଶ କାର୍ଯ୍ୟ ଓ ଯାତ୍ରୀଙ୍କ ସୁବିଧାର ସମୀକ୍ଷା ପାଇଁ ଆସିଥିବା ଡିଆର୍‌ଏମ୍ ତରୁଣ ହୁରିଆ ରାଉରକେଲା ଷ୍ଟେସନ୍‌ରେ ପହଞ୍ଚି ଷ୍ଟେସନ୍‌ର ସ୍ଥିତି ସମ୍ପର୍କରେ ନିରୀକ୍ଷଣ କରିଛନ୍ତି । ଶ୍ରୀ ହୁରିଆ ଷ୍ଟେସନ୍‌ର ପ୍ଲାଟଫର୍ମ ୧ର ଭିଆଇପି ଗେଟ୍‌ରେ ବାହାରକୁ ଯାଇଥିଲେ । ଷ୍ଟେସନ୍ ବାହାରେ ହେଉଥିବା ସେଡ୍ ନିର୍ମାଣ କାର୍ଯ୍ୟ ନିରୀକ୍ଷଣ କରି ଆଗାମୀ ୧୫ ଦିନ ମଧ୍ୟରେ ଏହାକୁ ଶେଷ କରିବାକୁ ନିର୍ଦ୍ଦେଶ ଦେଇଥିଲେ । ସେହିପରି ପାର୍ସଲ୍ ଅଫିସ୍, ଆର୍‌ପିଏଫ୍ ପରିସର ଓ ସମ୍ମୁଖରେ ଥିବା ଗେଷ୍ଟ୍ ହାଉସ୍‌ର ନିରୀକ୍ଷଣ କରିଥିଲେ । ଏଠାରେ ପାର୍କିଂ ଠିକାଦାରଙ୍କ ଦ୍ୱାରା ରାସ୍ତାରେ ଗେଟ୍ ଲଗାଯାଇଥିବାରୁ ସେ ଅସନ୍ତୋଷ ପ୍ରକାଶ କରିଥିଲେ । ପ୍ରାୟ ୧ ଘଣ୍ଟା ଧରି ନିରୀକ୍ଷଣ କରିବା ପରେ ଷ୍ଟେସନ୍ ପରିସରରେ ସଫେଇ, ପାର୍କିଂ ଅବ୍ୟବସ୍ଥା ଓ ନିର୍ମାଣ କାର୍ଯ୍ୟରେ ବିଳମ୍ବକୁ ନେଇ ନିଜର ଅସନ୍ତୋଷ ବ୍ୟକ୍ତ କରିଥିଲେ । ତେବେ ଏସବୁ କାର୍ଯ୍ୟ ସଠିକ୍ ସମୟରେ କରିବାକୁ କଡ଼ା ନିର୍ଦ୍ଦେଶ ଦେଇଥିଲେ । ଯାତ୍ରୀଙ୍କୁ ଭଲ ସୁବିଧା ଯୋଗାଇବା ରେଳବାଇର ପ୍ରାଥମିକତା ବୋଲି ଶ୍ରୀ ହୁରିଆ କହିଥିଲେ । ଏହାବ୍ୟତୀତ ବନ୍ଧମୁଣ୍ଡାରେ ୧୧ ଘଣ୍ଟା ମଧ୍ୟରେ ଗୋଟିଏ ମାଲବାହୀ ଟ୍ରେନ୍ ୩ଥର ଲାଇନ୍‌ଚ୍ୟୁତ ହେବା ଘଟଣାକୁ ସେ ଗମ୍ଭୀରତାର ସହ ନେଇଥିଲେ । ଏହି ଘଟଣାର ତଦନ୍ତ କରାଯିବ ବୋଲି ଶ୍ରୀ ହୁରିଆ ସୂଚନା ଦେଇଥିଲେ ।

# ଜାତୀୟ କ୍ରୀଡ଼ା ଦିବସରେ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି

**ଝାରସୁଗୁଡ଼ା,୨୯।୮/ଏନ୍‌ଏନ୍‌ଏସ୍:** ଝାରସୁଗୁଡ଼ା ସହରର ବିଭିନ୍ନ ସ୍ଥାନରେ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି । ହକି ଯାଦୁଗର୍ ଧ୍ୟାନଚାନ୍ଦଙ୍କ ଜନ୍ମଦିନକୁ ଜାତୀୟ କ୍ରୀଡ଼ା ଦିବସ ଭାବେ ପାଳନ କରାଯାଏ । ଜିଲ୍ଲାପାଳଙ୍କ କାର୍ଯ୍ୟ ପରିସରରେ ଜିଲ୍ଲା ପ୍ରଶାସନ ପକ୍ଷରୁ ସକାଳ ୭ଟାରେ ଜିଲ୍ଲା କ୍ରୀଡ଼ା ଅଧିକାରୀ ତୁଷାରକାନ୍ତି ମିଶ୍ର ମେଜର୍ ଧ୍ୟାନଚାନ୍ଦଙ୍କ ଜୀବନ କାହାଣୀ ଉପରେ ଉପସ୍ଥିତ ଥିବା କ୍ରୀଡ଼ାବିତ୍‌ଙ୍କୁ ଏହି ଦିବସ ପାଳନର ତାତ୍ପର୍ଯ୍ୟ ବିଷୟରେ ଆଲୋକପାତ କରିଥିଲେ । ପୁରାତନ ଖେଳ ପରିଚାଳକ ଗଣେଷ ନାୟକ ଉପସ୍ଥିତ ଥିଲେ । ଅପରାହ୍ନରେ ଝାରସୁଗୁଡ଼ା ଜିଲ୍ଲା ହକି ଷ୍ଟାଡିୟମ୍‌ରେ ମୁଖ୍ୟଅତିଥି ଭାବେ ଭାରତୀୟ ମହିଳା ଦଳର ପୂର୍ବତନ ଦଳପତି ଓ ବର୍ତ୍ତମାନ ମହିଳା ଭାରତୀୟ ଦଳର ଚୟନକର୍ତ୍ତା ଶୁଭଦ୍ରା ପ୍ରଧାନ ଯୋଗଦେଇ ମେଜର୍ ଧ୍ୟାନଚାନ୍ଦଙ୍କ ସମ୍ପର୍କରେ ଉପସ୍ଥିତ ଥିବା ହକି ଖେଳାଳିଙ୍କୁ ଉଦ୍‌ବୋଧନ ଦେଇଥିଲେ । ସମ୍ମାନିତ ଅତିଥିଭାବେ ହକି ସଂଘର ପ୍ରଜଳ ପଟେଲ ଓ କ୍ଲେମେଣ୍ଟ ରୋନାଡ୍ ଯୋଗଦେଇ ବାଳକଙ୍କୁ ଉତ୍ସାହିତ କରିଥିଲେ । ଶେଷରେ କକ୍‌ସ କଲୋନୀ ଓ ଏଚ୍ କଟାପାଲି ବାଳକଙ୍କ ମଧ୍ୟରେ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା । ହକି କୋଚ୍ ସକୁନ ନାୟକ ଓ ଡେଫର୍ ଟେଟେ ଖେଳ ପରିଚାଳନା କରିଥିଲେ । ସନ୍ଧ୍ୟାରେ ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନ୍ ପକ୍ଷରୁ ମଙ୍ଗଳ ବଜାର ଇନଡୋର୍ ହଲ୍‌ରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଛି ।



**ମାଲକାନଗିରି:** ହକିର ଯାଦୁଗର ଧ୍ୟାନଚାନ୍ଦଙ୍କ ସ୍ମୃତି ଉଦ୍ଦେଶ୍ୟରେ ସମଗ୍ର ଭାରତରେ ରାଷ୍ଟ୍ରୀୟ କ୍ରୀଡ଼ା ଦିବସ ପାଳନ କରାଯାଉଛି । ଏହି ପରିପ୍ରେକ୍ଷୀରେ ମାଲକାନଗିରି ଜିଲ୍ଲା ସଦରମହକୁମାସ୍ଥିତ ସ୍ଥାନୀୟ ବିଜୁ ପଟ୍ଟନାୟକ ଇନଡୋର୍ ଷ୍ଟାଡିୟମ୍‌ରେ ଜିଲ୍ଲା ବ୍ୟାଡମିଣ୍ଟନ୍ ଆସୋସିଏସନ୍ ପକ୍ଷରୁ ବ୍ୟାଡ୍‌ବିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା । ଏହି କାର୍ଯ୍ୟକ୍ରମରେ ଆସୋସିଏସନ୍‌ର ସଭାପତି ଜଗନ୍ନାଥ ସହୁ ଅଧକ୍ଷତା କରିଥିବାବେଳେ ଧ୍ୟାନଚାନ୍ଦଙ୍କ ଜନ୍ମଦିନ ଉପଲକ୍ଷେ ସ୍ମୃତିଚାରଣ କରାଯାଇଥିଲା । ଏହି ଅବସରରେ ୧୫ ବୟସରୁ କମ୍ ପିଲାଙ୍କୁ ନେଇ ଏକ ବ୍ୟାଡମିଣ୍ଟନ୍ ଟୁର୍ଣ୍ଣାମେଣ୍ଟ ଆୟୋଜନ କରାଯାଇଥିଲା । ଏଥିରେ ମୁଖ୍ୟଅତିଥି ଭାବେ ଜିଲ୍ଲା ବାର୍ ଆସୋସିଏସନ୍ ସଭାପତି ତଥା ଜିଲ୍ଲା ବ୍ୟାଡ୍‌ମିଣ୍ଟନ୍ ଆସୋସିଏସନ୍‌ର ସମ୍ପାଦକ ପ୍ରୀତପାଲ ସିଂ ଓ ସମ୍ମାନିତ ଅତିଥିଭାବେ ଜିଲ୍ଲା କ୍ରୀଡ଼ା ଅଧିକାରୀ ମୁନା ତୁରକୁ ଯୋଗ ଦେଇଥିଲେ । ଅନ୍ୟମାନଙ୍କ ମଧ୍ୟରେ ବାର୍ ଆସୋସିଏସନ୍‌ର ସମ୍ପାଦକ ସାଗର ପାଣିଗ୍ରାହୀ, ରତନ ମଣ୍ଡଳ, ଦିନେଶ ହାଲଓ୍ୱା, ଭାଗିରଥୀ ବେହେରା ଓ ଲକ୍ଷ୍ମୀକାନ୍ତ ପୂଜରୀ ପ୍ରମୁଖ ଯୋଗ ଦେଇଥିଲେ ।




# ପ୍ଲାଣ୍ଟ ସାଇଟ୍ ଦୁର୍ଗାପୂଜା କମିଟିର ବୈଠକ

**ରାଉରକେଲା,୨୯।୮/ଏନ୍‌ଏନ୍‌ଏସ୍:** ପ୍ଲାଣ୍ଟ ସାଇଟ୍ ଦୁର୍ଗାପୂଜା କମିଟିର ବୈଠକ ଓ ଖାତା ପୂଜା ଅନୁଷ୍ଠିତ ହୋଇଯାଇଛି । ସଭାପତି ପ୍ରଣୟ ନାୟକଙ୍କ ସଭାପତିତ୍ୱରେ ଅନୁଷ୍ଠିତ ବୈଠକରେ ସାଧାରଣ ସମ୍ପାଦକ ମନୋଜ ପୃଷ୍ଟି ଚଳିତଥର ପୂଜାକୁ ଆକର୍ଷଣୀୟ କରିବାକୁ ପ୍ରସ୍ତାବ ଆଗତ କରିଥିଲେ । ଆଗାମୀ ୨୦୨୭ରେ ରୌପ୍ୟ ଜୟନ୍ତୀ ପାଳନ କରାଯିବାକୁ ଥିବାରୁ ସମସ୍ତଙ୍କ ମତାମତ ଲୋଡ଼ା ଯାଇଥିଲା । ଏହି ବୈଠକରେ ସମ୍ପାଦକ ଅମିତ ନାୟକ, ମନୋରଞ୍ଜନ ବେହେରା, ଚନ୍ଦନ ବାରିକ, କୋଷାଧ୍ୟକ୍ଷ ରାଜନ ସାହୁ, ଯୁଗ୍ମ କୋଷାଧ୍ୟକ୍ଷ ବିଶ୍ୱଜିତ ସାହୁ ଓ ସୁବ୍ରତ ଦାସ ମତବ୍ୟକ୍ତ କରିଥିଲେ । ଏଥିରେ ସୁବ୍ରତ ବୋଷ, ଶଶିକାନ୍ତ ନାୟକ, ରଞ୍ଜିତ ନାୟକ, ସଂଗ୍ରାମ କିଶୋର ମହାନ୍ତି, ପ୍ରକାଶ ପାଶ୍ୱାନ, ଜିତେନ୍ଦ୍ର ପାଣିଗ୍ରାହୀ, ଗଗନ ବିହାରୀ ପରିଡ଼ା, ସୁବାଷ ସ୍ୱାଇଁ, ସଞ୍ଜୟ ଅଗ୍ରଓ୍ୱାଲ, ଜଗଦିଶ ଅଗ୍ରଓ୍ୱାଲ, ରିଶି ଅଗ୍ରଓ୍ୱାଲ, ରାକେଶ ଗୁପ୍ତା, ରାଜେଶ ଗୁପ୍ତା ଓ ଆଦେଶ ଜୈନ ଉପସ୍ଥିତ ଥିଲେ ।

# ବିଭିନ୍ନ ଗାଁ ବୁଲି ସମସ୍ୟା ଶୁଣିଲେ ବିଧାୟକ

## ବିଶୁଦ୍ଧ ପିଇବା ପାଣି ଯୋଗାଇବାକୁ ଦାବି

**ରାମନାଗୁଡ଼ା,୨୯।୮/ଏନ୍‌ଏନ୍‌ଏସ୍:** ଗୁଣୁପୁର ବିଧାୟକ ସତ୍ୟଜିତ ଗମାଙ୍ଗ ରାୟଗଡ଼ା ଜିଲ୍ଲା ରାମନାଗୁଡ଼ା ବ୍ଲକ୍ ଅନ୍ତର୍ଗତ ପାରିଖିତି ପଞ୍ଚାୟତର ବିଭିନ୍ନ ଗାଁ ପରିଦର୍ଶନ କରିଛନ୍ତି । ସେ ପ୍ରଥମେ ରାମନାଗୁଡ଼ା ବଜାର ନିକଟସ୍ଥ କଲୋନୀକୁ ଯାଇ ଲୋକଙ୍କ ସମସ୍ୟା ସମ୍ପର୍କରେ ପଚାରିବା ସହ ଅଭିଯୋଗ ଶୁଣିଥିଲେ । ପରେ ସେ ପୁଣି ପାରିଖିତି ପଞ୍ଚାୟତର ତୁମ୍ବିଗୁଡ଼ା, ପାରିଖିତି, ଲିଙ୍ଗରାଇ, ଝିଞ୍ଜିରିବାଡ଼ି, ଗୁମାଗୁଡ଼ା, ଦେଉଳା, ଡାକରଡ଼ା, ପେଦାଗୁଡ଼ା ଓ ଖିଲାପଦର ପ୍ରମୁଖ ବିଭିନ୍ନ ଗାଁ ପରିଦର୍ଶନ କରି ଲୋକଙ୍କ ସମସ୍ୟା ଶୁଣିଥିଲେ । ଲୋକେ ବିଭିନ୍ନ ଗାଁରେ ଲାଗି ରହିଥିବା ବିଶୁଦ୍ଧ ପାନୀୟଜଳ, ସିସି ରାସ୍ତା ନିର୍ମାଣ ଓ ପେନସନ୍ ସହ ଆବାସ ଗୃହ ଯୋଗାଇବାକୁ ଦାବି କରିଥିଲେ । ବିଧାୟକଙ୍କ ଏହି ଗସ୍ତ ସମୟରେ କଂଗ୍ରେସ ଜିଲ୍ଲା ସଭାପତି ଦୁର୍ଗାପ୍ରସାଦ ପଣ୍ଡା, ବ୍ଲକ୍ ସଭାପତି ବାଞ୍ଛାନିଧି ବେହେରା, ଜିଲ୍ଲାପରିଷଦ ସଭ୍ୟ ତାଙ୍ଗୁଡୁ ଶ୍ରୀଧର, ନିର୍ବାଚନମଣ୍ଡଳୀ ଓବିସି ସଭାପତି ରଞ୍ଜିତ ନାୟକ ବେହେରା, ପୂର୍ବତନ ପଦ୍ମପୁର ବ୍ଲକ୍ ଅଧ୍ୟକ୍ଷ ରମାକାନ୍ତ ମାଝୀ, ନିଲୁ ସାହୁ, ପ୍ରକାଶ କଣ୍ଡାଗରୀ, ଆପାରାଓ ପାଲଟା, ଆପାରାଓ ହାରକା, ଯୁବନେତା ପତି, ସତ୍ୟ ଚୌଧୁରୀ, ବାବୁଲି ପାଣି ଓ ଅଭିରାମ ଖୁଣ୍ଟିଆ ପ୍ରମୁଖ ଉପସ୍ଥିତ ଥିଲେ ।



## ଯୁବକଙ୍କୁ ସଂଘବଦ୍ଧ ହତ୍ୟାକାଣ୍ଡ ମାମଲା

# ପୁଲସ ପଞ୍ଝାରେ ୬ ଅଭିଯୁକ୍ତ, ସିନ୍ ରିକ୍ରିଏସନ୍

**ରାୟଗଡ଼ା,୨୯।୮/ଏନ୍‌ଏନ୍‌ଏସ୍:** ରାୟଗଡ଼ା ସହରର ବହୁଚର୍ଚ୍ଚିତ ହତ୍ୟାକାଣ୍ଡ ଘଟଣାର ପୁଲିସ ପୂର୍ଣ୍ଣଚ୍ଛେଦ ପକେଇଛି । ଗତ ଗୁରୁବାର ରାୟଗଡ଼ା ସହରର ଛାତି ଉପରେ ଏକ ଜଘନ୍ୟ ହତ୍ୟାକାଣ୍ଡ ଘଟିଥିଲା । ଫଳରେ ସହରରେ ଭୟର ଏକ ବାତାବରଣ ସୃଷ୍ଟି ହୋଇଥିଲା ଯାହାକି ପୁଲିସ୍ ପାଇଁ ଏକ ଚ୍ୟାଲେଞ୍ଜ ସୃଷ୍ଟି କରିଥିଲା । ଏହି ହତ୍ୟାକାଣ୍ଡ ଘଟେଇଥିବା ସମସ୍ତ ଅଭିଯୁକ୍ତ ଧରାପଡ଼ିଥିବା ଜଣାପଡ଼ିଛି । ଅଭିଯୁକ୍ତଙ୍କୁ ନେଇ ଘଟଣା ଘଟିଥିବା ଅଗ୍ନିଶମ କାର୍ଯ୍ୟାଳୟ ପଛ ପାର୍ଶ୍ୱରେ ରହିଥିବା ପଡ଼ିଆରେ ପୁଲିସ ସିନ୍ ରିକ୍ରିଏସନ୍ କରିଛି । ଏହି ସମୟରେ ହତ୍ୟାକାରୀମାନେ କିଭଳି ହତ୍ୟାକାଣ୍ଡ ଭିଆଇଥିଲେ ବର୍ଣ୍ଣନା କରିବା ସହ ଘଟଣାସ୍ଥଳ ନିକଟରେ ଫୋପାଡ଼ିଥିବା ମାରଣାସ୍ତ୍ର ମଧ୍ୟ ପୁଲିସ ଜବତ କରିଥିଲା । ଏହି ମାମଲାରେ ପୁଲିସ ତଦନ୍ତ କରି ୪ ଜଣ ଯୁବକ ଓ ୨ ଜଣ ନାବାଳକଙ୍କୁ ଗିରଫ କରିଛି । ୨ ନାବାଳକଙ୍କୁ କୋର୍ଟ ଚାଲାଣ ପରେ ବାଳସୁଧାର ଗୃହକୁ ପଠାଇବା ନେଇ ଏସ୍‌ଡିପିଓ ଗୌରହରି ସାହୁ ସୂଚନା ଦେଇଛନ୍ତି । ଗିରଫ ୪ ଜଣ ହେଲେ ମହେଶ ନାଏକ, ରିଶାନ୍ତ ଗାଂଟା, ନୂତନ ନାଏକ ଓ ବାବୁଲା ନାଏକ ।

ପ୍ରକାଶଥାଉକି ପୂର୍ବ ଶତ୍ରୁତାକୁ କେନ୍ଦ୍ର କରି ଗୁରୁବାର ଅପରାହ୍ନରେ ଉପରୋକ୍ତ ୬ ଜଣ ସଂଘବଦ୍ଧ ଭାବେ ରୋହିତଙ୍କୁ ମରଣାନ୍ତକ ଆକ୍ରମଣ କରିଥିଲେ । ଫଳରେ ଘଟଣାସ୍ଥଳରେ ରୋହିତଙ୍କ ମୃତ୍ୟୁ ଘଟିଥିଲା । ଏହି ମାମଲାକୁ ନେଇ ଅଞ୍ଚଳରେ ଚାପା ଉତ୍ତେଜନା ପୂର୍ବକ ସାହିବାସିନ୍ଦା ଶୁକ୍ରବାର ରାୟଗଡ଼ା ଟାଉନ୍ ଥାନା ଘେରାଉ କରିବା ସହିତ ତହସିଲ୍ ଅଫିସ୍ ଛକ ନିକଟରେ ୩୨୬ନଂ ଜାତୀୟ ରାଜପଥ ଅବରୋଧ କରିଥିଲେ । ଏହି ସିନ୍ ରିକ୍ରିଏସନ୍ ବେଳେ ଏସ୍‌ଡିପିଓ ସାହୁ ଓ ଆଇଆଇସି ପ୍ରସନ୍ନ କୁମାର ବେହେରାଙ୍କ ସମେତ ଅନ୍ୟାନ୍ୟ ପୁଲିସ ଅଧିକାରୀ ଓ କର୍ମଚାରୀ ଉପସ୍ଥିତ ଥିଲେ ।



# ସାଇବର୍ ଠକ ଗିରଫ, ସହଯୋଗୀ ଫେରାର୍

**ରାଉରକେଲା,୨୯।୮/ଏନ୍‌ଏନ୍‌ଏସ୍:** ଏନ୍‌ଆଇଟିର ଜଣେ କର୍ମଚାରୀ ଦୀନବନ୍ଧୁ ବାଗ୍ ସାଇବର୍ ଠକେଇର ଶିକାର ହୋଇଛନ୍ତି । ରାଜ୍ୟ ବାହାରର ଏହି ସାଇବର୍ ଠକକୁ ସେକ୍ଟର୍-୩ ପୁଲିସ ଧରିଛି । ଏହି ସାଇବର୍ ଠକେଇ ସମ୍ପର୍କରେ ସେକ୍ଟର-୩ରେ ମାମଲା ରୁଜୁ ହୋଇଥିଲା । ମାମଲା ରୁଜୁର ୨ ମାସ ପରେ ଠକେଇ କରିଥିବା ଅଭିଯୁକ୍ତକୁ ହରିଆନାରୁ ରାଉରକେଲା ପୁଲିସ୍ ଗିରଫ କରିଛି । ଗିରଫ ଅଭିଯୁକ୍ତ ଜଣକ ହେଲେ ହରିଆନାର ମେଓ୍ୱାଟ୍ ଜିଲ୍ଲାର ସାହିଲ୍ ଖାନ୍ । ସୂଚନାନୁସାରେ ଏନ୍‌ଆଇଟି କ୍ୟାମ୍ପସ୍ କ୍ୱାର୍ଟର୍ ବାସିନ୍ଦା ଦୀନବନ୍ଧୁ ବାଗଙ୍କୁ ଗତ ଜୁନ୍ ୧୩ ତାରିଖ ମଧ୍ୟାହ୍ନରେ ଏକ ଅଜଣା ନମ୍ବରରୁ କଲ୍ ଆସିଥିଲା । କଲ୍ କରିଥିବା ବ୍ୟକ୍ତି ଅବିନାଶ ବାଗାଡ଼େ ଯିଏ ଦୀନବନ୍ଧୁଙ୍କ ପୁରୁଣା ବନ୍ଧୁଙ୍କ ଅତ୍ୟନ୍ତ ପରିଚିତ ବୋଲି ପରିଚୟ ଦେଇଥିଲେ । ସଂଯୋଗବଶତଃ ଦୀନବନ୍ଧୁଙ୍କ ନାମ ମେଳ ଖାଇବାରୁ ସେ ଅବିନାଶକୁ ବିଶ୍ୱାସ କରିନେଇଥିଲେ । ଦୀନବନ୍ଧୁଙ୍କୁ କଲ୍ କରିଥିବା ବ୍ୟକ୍ତି ଏକ ଜରୁରିକାଳୀନ ପରିସ୍ଥିତିରେ ଥିବା ତାଙ୍କର ଅନ୍ୟଜଣେ ବନ୍ଧୁ ଜାକିର୍ ଖାନ୍‌ଙ୍କ ଚିକିତ୍ସା ପାଇଁ କିଛି ଟଙ୍କା ଆବଶ୍ୟକ ବୋଲି କହିଥିଲେ । ପରେ ଦୀନବନ୍ଧୁଙ୍କ ଫୋନ୍ ନମ୍ବର୍‌କୁ ୪୫ ହଜାର ଟଙ୍କା ଆସିଥିବା ନେଇ ଏକ ମେସେଜ୍ ଆସିଥିଲା । ଦୀନବନ୍ଧୁ ସେତେବେଳେ ବାହାରେ ଥିବାରୁ ମେସେଜ୍ ଯାଞ୍ଚ କରିପାରିନଥିଲେ । ପରେ ଦୀନବନ୍ଧୁଙ୍କ ବନ୍ଧୁର ପରିଚୟ ଦେଇଥିବା ଉକ୍ତ ଅଜଣା ଯୁବକ ତାଙ୍କୁ ଏକ ଆକାଉଣ୍ଟକୁ ଟଙ୍କା ପଠାଇବାକୁ କହିଥିଲେ । ଦୀନବନ୍ଧୁ ପ୍ରଥମେ ୧୦ ହଜାର ଓ ପରେ ୩୫ ହଜାର କରି ପଠାଇଥିଲେ । ପରେ ବ୍ୟାଙ୍କ ଷ୍ଟେଟମେଣ୍ଟ ଯାଞ୍ଚ କରିବାରୁ କୌଣସି ଟଙ୍କା ଆସିନଥିବା ଜାଣିବାକୁ ପାଇଥିଲେ । କଲ୍ କରିଥିବା ଯୁବକ ତାଙ୍କୁ ଠକି ଦେଇଥିବା ଜାଣିପାରି ସେ ସେକ୍ଟର୍-୩ ଥାନାରେ ସୂଚନା ଦେଇଥିଲେ । ରାଉରକେଲା ଏସ୍‌ପି ଏ ସମ୍ପର୍କରେ ଜାଣିବା ପରେ ଏକ ସ୍ୱତନ୍ତ୍ର ଦଳ ଗଠନ କରିଥିଲେ । ଏହି ଦଳ ରାଉରକେଲା ଏସ୍‌ପି ନିତେଶ ଓ୍ୱାଧଓ୍ୱାନି, ଡେପୁଟି ଏସ୍‌ପି ଜେ ପଣ୍ଡା ଓ ଆଡିସିନାଲ୍ ଏସ୍‌ପି ଆର୍ କେ ମିଶ୍ରଙ୍କ ମାର୍ଗଦର୍ଶନରେ ଗଠିତ ଦଳରେ ଇନ୍ସପେକ୍ଟର୍ ପି କେ ମୁର୍ମୁ, ଆର୍ କେ ଭୁଏ, କନେଷ୍ଟବଳ ବି ଏନ୍ ବାଲା, ଓଏପିଏଫ୍ ଏମ୍ ତିର୍କୀ, ସେକ୍ଟର୍-୩ର ଜେ କେ ପଣ୍ଡାଙ୍କ ତତ୍ତ୍ୱାବଧାନରେ ଏହି ଘଟଣାର ତଦନ୍ତ କରାଯାଉଥିଲା । ଘଟଣାର ଅଢ଼େଇ ମାସ ପରେ ସାହିଲକୁ ହରିଆନାରୁ ଗିରଫ କରାଯାଇଛି । ସାଇବର୍ ଠକେଇର ମାଷ୍ଟର ମାଇଣ୍ଡ ସାହିଲ୍ ତାର ଅନ୍ୟ ୨ ସହଯୋଗୀ ସଲମାନ୍ ଓ ତାହିର ସହ ମିଶି ନକଲି ମେସେଜ୍ ପଠାଇ ଲୋକଙ୍କୁ ଏପରି ଠକୁଥିବା ଜଣା ପଡ଼ିଥିଲା । ସାହିଲକୁ ପୁଲିସ ଗିରଫ କରିଥିବା ବେଳେ ଅନ୍ୟ ୨ ସହଯୋଗୀ ଫେରାର୍ ରହିଛନ୍ତି । ସାଇବର୍ ଠକମାନେ ନକଲି ଫୋନ୍ ପେ ଆପ୍ ଜରିଆରେ ଠକେଇ କରୁଥିବା ପୁଲିସ ସୂଚନା ଦେଇଛି । ତେବେ ଏଭଳି ଘଟଣା ଆହୁରି ଅନେକ ଘଟିବାର ଆଶଙ୍କା ଥିବାରୁ ଏହାର ପ୍ରତିକାର ପାଇଁ ପ୍ରଶାସନିକ ସ୍ତରରେ କିଛି ଦୃଢ଼ ନିଷ୍ପତ୍ତି ଗ୍ରହଣ କରାଯାଇଛି ।



# ପାରମ୍ପରିକ ରୀତିରେ ନୂଆଁଖାଇ ଭେଟ୍‌ଘାଟ୍




**ସିନାପାଲି,୨୯।୮/ଏନ୍‌ଏନ୍‌ଏସ୍:** ସିନାପାଲି ଅଞ୍ଚଳରେ ଗଣପର୍ବ ନୂଆଁଖାଇ ପାଳିତ ହୋଇଯାଇଛି । ଅଧିକାଂଶ ସ୍ଥାନରେ ନିଜ ବଂଶର ଭାଇଙ୍କୁ ନେଇ ଶତାଧିକ ଲୋକ ସାମୂହିକ ନବାନ୍ନ ଗ୍ରହଣ କରିଥିବା ଦେଖିବାକୁ ମିଳିଛି । ସିନାପାଲିର ପରମ୍ପରା ଅନୁଯାୟୀ ନୂଆଁଖାଇ ସାରି ଅପରାହ୍ଣରେ ସ୍ଥାନୀୟ ଜଗନ୍ନାଥ ମନ୍ଦିରରେ ଭଦ୍ର ବ୍ୟକ୍ତି ଓ ଯୁବ ସମାଜ ଏକତ୍ରୀତ ହୋଇ ନଗର ପରିକ୍ରମା ସହ ସହରର ଦେବାଦେବୀ ମନ୍ଦିର ଦର୍ଶନ କରିଥିଲେ । ପରେ ନେହେରୁ ସ୍ମୃତି ମଣ୍ଡପରେ ନାଗରିକ କମିଟିର ସଭାପତି ଡମ୍ବରୁଧର ମେହେରଙ୍କ ଅଧ୍ୟକ୍ଷତାରେ ନୂଆଁଖାଇ ଭେଟ୍ କାର୍ଯ୍ୟକ୍ରମ ଅନୁଷ୍ଠିତ ହୋଇଥିଲା । ପିଢ଼ି ପରେ ପିଢ଼ି ଚାଲି ଆସିଥିବା ଏହି ପାରମ୍ପରିକ ନୂଆଁଖାଇ ଭେଟ୍ ଶତାଧିକ ବର୍ଷ ହେଲା ଅନୁଷ୍ଠିତ ହୋଇଆସୁଛି । ଏହି ଅବସରରେ ବରିଷ୍ଠ ଆଇନଜୀବୀ ବୈଶମ୍ପାୟନ ମେହେର, ଚିନ୍ତାମଣି ସାହୁ, ନୀଳମଣି ମେହେର, ନରହରି ମେହେର, ତୁଳସୀରାମ ମେହେର, ମନୋଜ ମେହେର, ପ୍ରିୟରଞ୍ଜନ ମେହେର ଓ ବୁଦ୍ଧଦେବ ମେହେର ପ୍ରମୁଖ ଗଣପର୍ବ ନୂଆଁଖାଇ ଏବଂ ପରବର୍ତ୍ତୀ ଭେଟ୍‌ଘାଟ୍ ସାମାଜିକ ସଂହତି ରକ୍ଷାରେ ସହାୟକ ହୋଇଥାଏ ବୋଲି ମତ ରଖିଥିଲେ । ଅନ୍ୟମାନଙ୍କ ମଧ୍ୟରେ ନାରାୟଣ ପାତ୍ର, ପୂର୍ଣ୍ଣଚନ୍ଦ୍ର ମେହେର, ଗୋଲାମଣି ସା, ଅରିଗଞ୍ଜନ ଯୋଶୀ, ଟେଣୋ ମେହେର, ବୈଷ୍ଣବ ମେହେର, ସତ୍ୟବ୍ରତ ଗହିର, ଡମ୍ବରୁଧର ମେହେର, ତରୁଣ କୁମାର ମେହେର, ଅମିତ ଜୈନ, ଭରତ ବାଗ, ଲୋକନାଥ ମେହେର, ଲକ୍ଷ୍ମୀଧର ମେହେର, ମନୋଜ ଜୈନ, ହଦାନନ୍ଦ ମେହେର, ମୁରଲୀଧର ସା, ଆଦିତ୍ୟ ଯୋଶୀ, ରୂପେଶ ଚନ୍ଦ୍ର ମେହେର, ରବୀନ୍ଦ୍ର ସା, ଶିବ ପ୍ରସାଦ ମେହେର, ଗଣପତି ମେହେର, ନୀଳାଞ୍ଚଳ ମେହେର, ପ୍ରସନ୍ନ ସାହୁ, ଗୌତମ ମେହେର ଓ ଗୋବର୍ଦ୍ଧନ ମେହେର ପ୍ରମୁଖ ଉପସ୍ଥିତ ଥିଲେ । ବୈଷ୍ଣବ ମେହେର ଧନ୍ୟବାଦ ଦେଇଥିଲେ ।

ନିତି ଭାରତୀ

ଆମେ ସମସ୍ତେ ମହାନ କାମ କରି ପାରିବା ନାହିଁ, କିନ୍ତୁ ଆନନ୍ଦର ସହିତ ଛୋଟ ଛୋଟ କାମଗୁଡ଼ିକୁ କରି ପାରିବା। - ମଦର ଟେରେସା

NITIDIN
ନିତିଦିନ
ଶନିବାର, ୩୦ ଅଗଷ୍ଟ, ୨୦୨୫

# ଦୋସ୍ତ୍ ଦୋସ୍ତ୍ ନା ରହା



ସନ୍ତୋଷ କୁମାର ମହାପାତ୍ର

ବର୍ତ୍ତମାନ ବିଶ୍ୱରେ ଗୋଟିଏ ପ୍ରସଙ୍ଗ ବେଶୀ ଆଲୋଚିତ ହେଉଛି। ତାହା ହେଲା- ଯେଉଁ ଦେଶଗୁଡ଼ିକର ଆମେରିକା ସହିତ ବାଣିଜ୍ୟ ବଳକା ରହିଛି, ସେହି ଦେଶ ଉପରେ ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପ୍ ପାରସ୍ପରିକ ଆମଦାନୀ ଶୁଳ୍କ ଧାର୍ଯ୍ୟ କରିଛନ୍ତି। ଭାରତ ଉପରେ ୨୫% ମଧ୍ୟ ଧାର୍ଯ୍ୟ କରିଥିଲେ, କିନ୍ତୁ ରୁଷିଆରୁ ତୈଳ ଆମଦାନୀ କରୁଥିବାରୁ ଭାରତ ଉପରେ ଆହୁରି ୨୫% ଶାସ୍ତିମୂଳକ ଶୁଳ୍କ ଧାର୍ଯ୍ୟ କରିଛନ୍ତି, ଯାହାର ସମାଧାନ ହୋଇପାରି ନାହିଁ ଏବଂ ଏହା ଅଗଷ୍ଟ ୨୭ରୁ କାର୍ଯ୍ୟକାରୀ ହୋଇ ସାରିଛି। ଅର୍ଥାତ୍ ଅଗଷ୍ଟ ୨୭ରୁ ଭାରତରୁ ଆମେରିକା ରପ୍ତାନି ହୋଇ ଯାଇଥିବା ଦ୍ରବ୍ୟ ଉପରେ ୫୦% ଆମଦାନୀ ଶୁଳ୍କ ଆମେରିକା ଆଦାୟ କରିବ। ଭାରତୀୟ ଦ୍ରବ୍ୟ ଆମେରିକାବାସୀଙ୍କ ପାଇଁ ଅଧିକ ବ୍ୟୟସାପେକ୍ଷ ହେବା ଯୋଗୁଁ ଭାରତୀୟ ରପ୍ତାନି ହ୍ରାସ ପାଇବ। ବର୍ତ୍ତମାନ ଟ୍ରମ୍ପଙ୍କର ଭାରତ ପ୍ରତି ଏପରି କୌତୂହଳପୂର୍ଣ୍ଣ ଏବଂ ଶତ୍ରୁତାପୂର୍ଣ୍ଣ ମନୋଭାବ ବିରୋଧୀଙ୍କୁ ଏକ ଲୋକପ୍ରିୟ ଗୀତ- 'ଦୋସ୍ତ୍ ଦୋସ୍ତ୍ ନା ରହା...' ପଙ୍କ୍ତିଟିକୁ ଉଦ୍ଧୃତ କରିବାକୁ ସୁଯୋଗ ଦେଇଛି, ଯାହା ଟ୍ରମ୍ପ୍-ମୋଦୀ ବନ୍ଧୁତ୍ୱର ଅନ୍ତ ସହିତ ସମ୍ପୃକ୍ତ। 'ଦୋସ୍ତ୍ ଦୋସ୍ତ୍ ନା ରହା...' ଗୀତଟି ୧୯୬୪ ମସିହାରେ 'ସଙ୍ଗମ'ରେ ମୁକେଶ ଗାଇଥିଲେ, ଯେଉଁଥିରେ ରାଜ କପୁର, ବୈଜୟନ୍ତୀମାଲା ଏବଂ ରାଜେନ୍ଦ୍ର କୁମାର ଅଭିନୟ କରିଥିଲେ। ବିରୋଧୀ ଦଳ ତଥା ସମାଲୋଚକଙ୍କ କହିବା କଥା ହେଉଛି, ଉଭୟ ଟ୍ରମ୍ପ୍ ଓ ନରେନ୍ଦ୍ର ମୋଦୀ ପରସ୍ପରଙ୍କ ଘନିଷ୍ଠ ବନ୍ଧୁ ଅଟନ୍ତି। ଉଭୟ ପରସ୍ପରକୁ ପ୍ରଶଂସାରେ ପୋତି ପକାଉ ଥିଲେ। ଅନେକ ପ୍ରଶ୍ନ କରୁଛନ୍ତି, ପ୍ରଧାନମନ୍ତ୍ରୀ ମୋଦୀ ଖୋଲାଖୋଲି ଭାବରେ କହୁଥିଲେ ଯେ ଟ୍ରମ୍ପ୍ ଭାରତର ବନ୍ଧୁ ଏବଂ ଟ୍ରମ୍ପ୍ କହୁଥିଲେ ଭାରତ ଆମେରିକାର ବନ୍ଧୁ ବୋଲି। ତେବେ ଟ୍ରମ୍ପ୍ କାହିଁକି ଏପରି ଭାରତ ବିରୋଧୀ ପଦକ୍ଷେପ ନେଲେ ?

ଆସନ୍ତୁ, ଆମେ ସେପ୍ଟେମ୍ବର ୨୨, ୨୦୧୯ରେ ହ୍ୟୁଷ୍ଟନର ଏନଆରଜି ଷ୍ଟାଡିୟମରେ ଟେକ୍ସାସ ଇଣ୍ଡିଆ ଫୋରମ ଦ୍ୱାରା ଆୟୋଜିତ ହାଉଡି ମୋଦୀ ମେଗା ଇଭେଣ୍ଟରେ ଏବଂ ୨୪ ଫେବୃଆରୀ ୨୦୨୦ରେ ଭାରତର ଅହମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ (ତତ୍କାଳୀନ ସର୍ଦ୍ଦାର ପଟେଲ ଷ୍ଟାଡିୟମ)ରେ ୧,୨୫,୦୦୦ ଲୋକଙ୍କ ସମ୍ମୁଖରେ 'ନମସ୍ତେ ଟ୍ରମ୍ପ୍' କାର୍ଯ୍ୟକ୍ରମରେ ଟ୍ରମ୍ପ୍ ଏବଂ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ- ଉଭୟ କହିଥିବା କିଛି ଗୁରୁତ୍ୱପୂର୍ଣ୍ଣ ପଙ୍କ୍ତିକୁ ମନେ ପକାଇବା। 'ହାଉଡି ମୋଦୀ' କାର୍ଯ୍ୟକ୍ରମରେ ପ୍ରଧାନମନ୍ତ୍ରୀ ମୋଦୀ 'ଅବ୍‌କି ବାର୍ ଟ୍ରମ୍ପ୍ ସରକାର' କହି ଟ୍ରମ୍ପଙ୍କର ପୁନଃନିର୍ବାଚନ ଅଭିଯାନକୁ ଖୋଲା ସମର୍ଥନ ଦେଇଥିଲେ। ସେଠାରେ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଟ୍ରମ୍ପଙ୍କୁ ମଧ୍ୟ ନିଜର ତଥା ଭାରତର ବନ୍ଧୁ ଭାବେ ଦର୍ଶାଇ ଥିଲେ। ନରେନ୍ଦ୍ର ମୋଦୀ ତାଙ୍କ ଭାଷଣରେ କହିଥିଲେ ଯେ ହ୍ୱାଇଟ୍ ହାଉସରେ ଭାରତର ଜଣେ 'ପ୍ରକୃତ ବନ୍ଧୁ' ଅଛନ୍ତି; ସେ ହେଉଛନ୍ତି ଡୋନାଲ୍ଡ ଟ୍ରମ୍ପ୍। ସେ ଟ୍ରମ୍ପଙ୍କୁ 'ଉଷ୍ମ, ବନ୍ଧୁତ୍ୱପୂର୍ଣ୍ଣ, ସୁଗମ, ଶକ୍ତିଶାଳୀ ଏବଂ ବୁଦ୍ଧିରେ ପରିପୂର୍ଣ୍ଣ' ଭାବରେ ବର୍ଣ୍ଣନା କରିଥିଲେ। ସେ କହିଲେ, 'ମହିଳା ଏବଂ ସଜ୍ଜନଗଣ, ମୁଁ ଆପଣଙ୍କ ସମ୍ମୁଖରେ ମୋର ବନ୍ଧୁ, ଭାରତର ଜଣେ ବନ୍ଧୁ, ଜଣେ ମହାନ ଆମେରିକୀୟ ରାଷ୍ଟ୍ରପତି ଶ୍ରୀଯୁକ୍ତ ଡୋନାଲ୍ଡ ଟ୍ରମ୍ପଙ୍କୁ ଉପସ୍ଥାପନ କରୁଛି।' ଟ୍ରମ୍ପ୍ ଉତ୍ତରରେ କହିଥିଲେ, 'ନମସ୍କାର ହ୍ୟୁଷ୍ଟନ ! ମୁଁ ଏଠାରେ ଆମେରିକାର ଜଣେ ମହାନ, ସବୁଠାରୁ ସମର୍ପିତ ଏବଂ ସବୁଠାରୁ ବିଶ୍ୱସ୍ତ ବନ୍ଧୁ: ଭାରତର ପ୍ରଧାନମନ୍ତ୍ରୀ ମୋଦୀଙ୍କ ସହିତ ଟେକ୍ସାସର ମହାନ ରାଜ୍ୟରେ ଉପସ୍ଥିତ ହୋଇ ବହୁତ ଆନନ୍ଦିତ। ସେହିପରି ନମସ୍ତେ ଟ୍ରମ୍ପ୍ କାର୍ଯ୍ୟକ୍ରମରେ ଟ୍ରମ୍ପ୍ କହିଥିଲେ, 'ଆମେରିକା ଭାରତକୁ ଭଲ ପାଏ, ଆମେରିକା ଭାରତକୁ ସମ୍ମାନ କରେ ଏବଂ ଆମେରିକା ସର୍ବଦା ଭାରତୀୟ ଲୋକଙ୍କ ବିଶ୍ୱସ୍ତ ଏବଂ ବିଶ୍ୱସ୍ତ ବନ୍ଧୁ ହେବ। ପ୍ରଧାନମନ୍ତ୍ରୀ ମୋଦୀ, ଆପଣ କେବଳ ଗୁଜରାଟର ଗର୍ବ ନୁହନ୍ତି- ଆପଣ ଜୀବନ୍ତ ପ୍ରମାଣ ଯେ କଠିନ ପରିଶ୍ରମ ଏବଂ ନିଷ୍ଠା ସହିତ ଭାରତୀୟମାନେ ଯେ କୌଣସି ଜିନିଷ ହାସଲ କରି ପାରିବେ। ଭାରତୀୟ ରାଷ୍ଟ୍ରର କାହାଣୀ ଆଶ୍ଚର୍ଯ୍ୟଜନକ ପ୍ରଗତି, ଗଣତନ୍ତ୍ରର ଏକ ଚମତ୍କାର, ଅସାଧାରଣ ବିବିଧତା ଏବଂ ସର୍ବୋପରି, ଏକ ଶକ୍ତିଶାଳୀ ଏବଂ ମହାନ ଲୋକଙ୍କ କାହାଣୀ। ଭାରତ ସମଗ୍ର ମାନବ ଜାତିକୁ ଆଶା ପ୍ରଦାନ କରେ। ମାତ୍ର ୭୦ ବର୍ଷ ମଧ୍ୟରେ ଭାରତ ଏକ ଆର୍ଥିକ ବିଶାଳ, ଏ ପର୍ଯ୍ୟନ୍ତର ସର୍ବବୃହତ୍ ଗଣତନ୍ତ୍ର ଏବଂ ବିଶ୍ୱର ଯେ କୌଣସି ସ୍ଥାନରେ ସବୁଠାରୁ ଆଶ୍ଚର୍ଯ୍ୟଜନକ ରାଷ୍ଟ୍ର ମଧ୍ୟରୁ ଗୋଟିଏ ହୋଇ ସାରିଛି।'

ଟ୍ରମ୍ପଙ୍କ ଏପରି ବ୍ୟବହାରରେ ପରିବର୍ତ୍ତନର ଓ ଭାରତ ଦଣ୍ଡାତ୍ମକ ଶୁଳ୍କର ସମ୍ମୁଖୀନ ହେବାର କାରଣ ହେଲା, ଆମେରିକା ସହିତ ଭାରତ ସରକାର ଫୌଷ୍ଟିଅନ୍ ଚୁକ୍ତି କରିବା ଏବଂ ଅତ୍ୟଧିକ ଦାସତ୍ୱପୂର୍ଣ୍ଣ ହେବା। ଫୌଷ୍ଟିଅନ୍ ଚୁକ୍ତିନାମା ଜର୍ମାନୀ କିମ୍ବଦନ୍ତୀ ଜୋହାନ୍ ଜର୍ଜ ଫାଉଷ୍ଟଙ୍କଠାରୁ ଆରମ୍ଭ ହୋଇଛି- ଜଣେ ବିଦ୍ୱାନ୍, ଯିଏକି ଜ୍ଞାନ ଏବଂ ସାଂସାରିକ ସୁଖ ପାଇଁ ନିଜ ଆତ୍ମାକୁ ସଇତାନକୁ ବିକ୍ରି କରି ଦେଇଥିଲେ ବୋଲି କୁହାଯାଉଛି। ଏହି ଶବ୍ଦଟି ବର୍ତ୍ତମାନ ସାଧାରଣତଃ ଯେ କୌଣସି ଚୁକ୍ତିକୁ ବୁଝାଏ, ଯେଉଁଠାରେ ଜଣେ ବ୍ୟକ୍ତି ଏକ ଅସ୍ଥାୟୀ ଲାଭ ପାଇଁ ମହାନ ନୈତିକ କିମ୍ବା ଆଧ୍ୟାତ୍ମିକ ମୂଲ୍ୟର କିଛି ବଳିଦାନ ଦିଅନ୍ତି। ପ୍ରାୟତଃ ଭୟଙ୍କର ଦୀର୍ଘକାଳୀନ ପରିଣାମ ଭୋଗିବାକୁ ପଡ଼ିଥାଏ ଏଥିପାଇଁ। ସମ୍ପ୍ରତି ଭାରତ ଟ୍ରମ୍ପଙ୍କୁ ଖୁସି କରିବା ପାଇଁ ଅନେକ କିଛି ବଳିଦାନ ଦେଇଛି। ଟ୍ରମ୍ପ୍ ଚୀନ୍‌ର ଗୁରୁତ୍ୱ ହ୍ରାସ ପାଇଁ ଭାରତକୁ ବ୍ୟବହାର କରିଛନ୍ତି। ଭାରତ ନିକଟ ଅତୀତରେ ଧୀରେ ଧୀରେ ଶୁଳ୍କ ଏବଂ ଅଣ-ଶୁଳ୍କ ପ୍ରତିବନ୍ଧକଗୁଡ଼ିକୁ କମ୍ କରିଛି, ବିଶେଷକରି ଯାହା ଆମେରିକାକୁ ଲାଭ ପହଞ୍ଚାଇଛି। ସେହିପରି ବିଶ୍ୱ ବ୍ୟାଙ୍କର ପୂର୍ବତନ ମୁଖ୍ୟ ଅର୍ଥନୀତିଜ୍ଞ କୌଶିକ ବସୁ ଅର୍ଥନୀତିଜ୍ଞ ଏରିଏଲ୍ ରୁବିନଷ୍ଟାଇନ୍‌ଙ୍କ ଉଦାହରଣ ଦେଇଛନ୍ତି, ଯିଏ ଚେଖଭଙ୍କ କାହାଣୀକୁ ନେଇ ଏକ ମଡେଲ୍ ବିକଶିତ କରିଥିଲେ ଯାହା ଦର୍ଶାଏ ଯେ କିପରି ଆତ୍ମସମର୍ପଣ ଶୋଷଣକୁ ଆମନ୍ତ୍ରଣ କରିପାରେ। ଆଣ୍ଟନ୍ ଚେଖଭଙ୍କ କ୍ଷୁଦ୍ର କାହାଣୀ ହେଉଛି 'ଦି ନିନି' , ଯେଉଁଥିରେ ଜଣେ ନିଯୁକ୍ତିଦାତା ମନଇଚ୍ଛା କାରଣ ପାଇଁ ତାଙ୍କ ପିଲାମାନଙ୍କ ଗଭର୍ଣ୍ଣେସ୍‌ଠାରୁ ପ୍ରାୟ ଏକ ମାସର ଦରମା ସମାନ ସ୍ଥଗିତ ରଖନ୍ତି। ଗଭର୍ଣ୍ଣେସ୍ ପ୍ରତିବାଦ ବିନା ପ୍ରତ୍ୟେକ କାଟକୁ ଗ୍ରହଣ କରନ୍ତି- ଏକ ନିଷ୍କ୍ରିୟତା, ଯାହାକୁ ନିଯୁକ୍ତିଦାତା ମେରୁଦଣ୍ଡହୀନ ଭାବରେ ଭର୍ତ୍ସନା କରନ୍ତି। ତେଣୁ ଟ୍ରମ୍ପଙ୍କୁ ସର୍ବଦା ସମର୍ଥନ କରିବା ଏବଂ ସବୁ କଥା ବିନା ପ୍ରତିବାଦରେ ଗ୍ରହଣ କରିବା ଯୋଗୁଁ ଟ୍ରମ୍ପ୍ ଭାରତ ଉପରେ ଶାସ୍ତିମୂଳକ ଶୁଳ୍କ ବସାଇବାକୁ ସାହସ କଲେ। ଭାରତ ଏକମାତ୍ର ପ୍ରମୁଖ ଅର୍ଥନୀତି ନୁହେଁ, ଯାହା ରୁଷିଆଠାରୁ ତୈଳ ଆମଦାନୀ କରୁଛି। ଚୀନ୍ ଭାରତଠାରୁ ଅଧିକ ତୈଳ ରୁଷିଆରୁ ଆମଦାନୀ କରୁଛି। ତା' ସତ୍ତ୍ୱେ ଟ୍ରମ୍ପ୍ ଚୀନ୍ ଉପରେ କୌଣସି ଶାସ୍ତିମୂଳକ ଶୁଳ୍କ ଧାର୍ଯ୍ୟ କରିବାକୁ ସାହସ କଲେନାହିଁ। କେବଳ ଟ୍ରମ୍ପ୍ ନୁହନ୍ତି, ଆମେରିକାର ଅଧିକାରୀ ଏବଂ ମନ୍ତ୍ରୀ, ଯେଉଁଥିରେ ଟ୍ରେଜେରୀ ସେକ୍ରେଟାରୀ ସ୍କଟ୍ ବେସେଣ୍ଟ, ହ୍ୱାଇଟ୍ ହାଉସ୍ ବାଣିଜ୍ୟ ପରାମର୍ଶଦାତା ପିଟର୍ ନାଭାରୋ ଭାରତକୁ ରୁଷୀୟ ତେଲ କିଣିବା ପାଇଁ ସମାଲୋଚନା କରିଛନ୍ତି।

ଆମେରିକା ରାଷ୍ଟ୍ରପତି ଟ୍ରମ୍ପଙ୍କ ଦ୍ୱାରା ଭାରତ ଉପରେ ଜୋରିମାନା ଶୁଳ୍କ ଲାଗୁ କରିବା ଭାରତର ଆର୍ଥିକ ସାର୍ବଭୌମତ୍ୱର ଉଲ୍ଲଙ୍ଘନ, କିନ୍ତୁ ଭାରତୀୟ ନୁହନ୍ତି, ବରଂ ଅମ୍ବାନୀଙ୍କ ରିଲାଏନ୍ସ ହିଁ ରୁଷୀୟ ତୈଳ ଆମଦାନୀର ଲାଭାର୍ଥୀ। ତାହାର ଫାଇଦା ଉପଭୋକ୍ତା ପାଇ ନାହାନ୍ତି। ରିଲାଏନ୍ସର ଜାମନଗର କମ୍ପ୍ଲେକ୍ସ ବିଶ୍ୱ ସ୍ତରରେ ସର୍ବବୃହତ୍ ରିଫାଇନାରୀ, ଯାହାର କ୍ଷମତା ପ୍ରତିଦିନ ପ୍ରାୟ ୧.୨୪ ନିୟୁତ ବ୍ୟାରେଲ। ରିଲାଏନ୍ସର ଜାମନଗର ରିଫାଇନାରୀରେ ରୁଷୀୟ ଅଶୋଧିତ ତୈଳ ପରିମାଣ ରୁଷ-ୟୁକ୍ରେନ ଯୁଦ୍ଧ ପୂର୍ବରୁ ମାତ୍ର ୩% ଥିଲା , ତାହା ୨୦୨୫ ମସିହାରେ ପ୍ରାୟ ୫୦% ବୃଦ୍ଧି କରିଛି। ଏହା ଜାଣିବାକୁ ମିଳିଛି ଯେ ଜାମନଗର ରିଫାଇନାରୀରେ ଫେବୃଆରୀ ୨୦୨୩ରୁ ଗତ ଜୁଲାଇ ମାସ ପର୍ଯ୍ୟନ୍ତ ବିଶ୍ୱ ସ୍ତରରେ ୮୫.୯ ବିଲିୟନ ଡଲାର ରିଫାଇନାରୀ ଉତ୍ପାଦ ରପ୍ତାନି କରିଛି। ଏହି ରିଫାଇନାରୀରୁ ମୂଲ୍ୟ ଦୃଷ୍ଟିରୁ ଆମେରିକା ବ୍ୟକ୍ତିଗତ ଦେଶମାନଙ୍କ ମଧ୍ୟରେ ଚତୁର୍ଥ ବୃହତ୍ ଆମଦାନୀକାରୀ। କେବଳ ସଂଯୁକ୍ତ ଆରବ ଏମିରେଟ୍ସ, ଅଷ୍ଟ୍ରେଲିଆ ଏବଂ ସିଙ୍ଗାପୁର ଶୀର୍ଷରେ ଅଛନ୍ତି। ପରିମାଣ ଦୃଷ୍ଟିରୁ ଆମେରିକା ଜାମନଗର ରିଫାଇନାରୀରୁ ସର୍ବାଧିକ ଆମଦାନୀ କରିଛି। ଜୁଲାଇ ୨୦୨୫ ଶେଷ ପର୍ଯ୍ୟନ୍ତ ୮.୪ ନିୟୁତ ଟନ୍ ତୈଳ ଉତ୍ପାଦ ଆମଦାନୀ କରିଛି। ୨୦୨୫ ମସିହାରେ ଆମେରିକା ଏହି ରିଫାଇନାରୀରୁ ୧.୪ ବିଲିୟନ ଡଲାର ମୂଲ୍ୟର ତୈଳ ଉତ୍ପାଦ ଆମଦାନୀ କରିଥିଲା, ଯାହା ବର୍ଷକୁ ବର୍ଷ ୧୪ ପ୍ରତିଶତ ବୃଦ୍ଧି ପାଇଛି। ବିଶ୍ୱ ସ୍ତରରେ ଯେ କୌଣସି ଦେଶ ତୁଳନାରେ ତୃତୀୟ ସର୍ବାଧିକ। ଜାମନଗରରୁ ଆମେରିକାର ତୈଳ ଆମଦାନୀରେ ମୁଖ୍ୟତଃ ମିଶ୍ରଣ ଉପାଦାନ (୬୪ ପ୍ରତିଶତ), ପେଟ୍ରୋଲ (୧୪ ପ୍ରତିଶତ) ଏବଂ ଇନ୍ଧନ ତେଲ (୧୩ ପ୍ରତିଶତ) ଅନ୍ତର୍ଭୁକ୍ତ। ଆମେରିକୀୟ ଅଧିକାରୀମାନେ ଆକଳନ କରନ୍ତି ଯେ ଭାରତୀୟ ରିଫାଇନର୍ସ, ବିଶେଷକରି ରିଲାଏନ୍ସ ଏବଂ ନାୟାରା ଏହି ବାଣିଜ୍ୟରୁ ପ୍ରାୟ ୧୬ ବିଲିୟନ ଡଲାର ଅତିରିକ୍ତ ଲାଭ ପାଇଛନ୍ତି। ଏଥି ମଧ୍ୟରୁ ପ୍ରାୟ ୬ ବିଲିୟନ ଡଲାର କେବଳ ରିଲାଏନ୍ସ ପାଖକୁ ଯାଇଛି। ରୁଷୀୟ ଅଶୋଧିତ ତୈଳକୁ ଡିଜେଲ ଏବଂ ଜେଟ୍ ଇନ୍ଧନ ଭଳି ଉଚ୍ଚ-ମୂଲ୍ୟ ଉତ୍ପାଦରେ ପରିଣତ କରି ଏବଂ ବିଶ୍ୱ ବଜାରକୁ ରପ୍ତାନି କରି ରିଲାଏନ୍ସ ଲାଭ କରିଥାଏ। ବିଶେଷକରି ରିଲାଏନ୍ସର ବିଶ୍ୱବ୍ୟାପି ବ୍ୟବସାୟ ଏବଂ ୟୁରୋପ ଏବଂ ଆମେରିକାକୁ ପରିଶୋଧିତ ତୈଳ ଉତ୍ପାଦ ରପ୍ତାନି ଏହି ଲାଭକୁ ବୃଦ୍ଧି କରିଛି। ଆଶ୍ଚର୍ଯ୍ୟଜନକ ଭାବରେ ଶସ୍ତା ରୁଷୀୟ ଅଶୋଧିତ ତୈଳ ଗ୍ରାହକଙ୍କ ପାଇଁ ପମ୍ପ ମୂଲ୍ୟକୁ ଯଥେଷ୍ଟ ହ୍ରାସ କରିନାହିଁ। ଉଚ୍ଚ ଇନ୍ଧନ କର, ଉଭୟ କେନ୍ଦ୍ର ଏବଂ ରାଜ୍ୟ, ଚୂଡ଼ାନ୍ତ ଖୁଚୁରା ମୂଲ୍ୟର ପ୍ରାୟ ୫୦-୬୦ ପ୍ରତିଶତ ଅଟେ, ଯାହା ଗ୍ରାହକ ଉପରେ ଏକ ବଡ଼ ବୋଝ।




ଭାରତ ବିରୁଦ୍ଧରେ ନୀତିଗତ ଆକ୍ରମଣ ୨୦୨୫ ଜୁଲାଇ ୩୧ରେ ଆରମ୍ଭ ହୋଇଥିଲା, ଯେତେବେଳେ ଟ୍ରମ୍ପ୍ ଘୋଷଣା କରିଥିଲେ ଯେ ଭାରତର ଅର୍ଥନୀତି 'ମୃତ'। ପ୍ରକୃତରେ ଭାରତ ଏକ ମୃତ ଅର୍ଥନୀତି ନୁହେଁ, ବରଂ ୨୦୦୭ ପରଠାରୁ ଏକ ନିମ୍ନ ମଧ୍ୟବିତ୍ତ ଆୟ ଅର୍ଥନୀତି ଏବଂ ପ୍ରତି ମୁଣ୍ଡପିଛା ଆୟ ଦୃଷ୍ଟିରୁ ୧୪୧ ଦେଶ ପଛରେ ରହିଛି। କିନ୍ତୁ ଭାରତ ସମୃଦ୍ଧ ଉଚ୍ଚ ବର୍ଗର ସବୁଠାରୁ ଅସମାନ ଦେଶମାନଙ୍କ ମଧ୍ୟରେ ଅନ୍ୟତମ। ବିପରୀତରେ, ଆମେରିକାର ସାମ୍ରାଜ୍ୟବାଦୀ ଆଧିପତ୍ୟର ଅପରିବର୍ତ୍ତନୀୟ ଏବଂ ଅକ୍ଳାନ୍ତ ପତନ ଏବେ ୪୭ତମ ଆମେରିକା ରାଷ୍ଟ୍ରପତି ଭାବରେ ଡୋନାଲ୍ଡ ଟ୍ରମ୍ପଙ୍କ ଦ୍ୱିତୀୟ ଆଗମନ ଦ୍ୱାରା ଆହୁରି ଦ୍ରୁତ ଗତିରେ ଆଗକୁ ବଢ଼ିଛି। ଟ୍ରମ୍ପବାଦ (କିମ୍ବା 'ଟ୍ରମ୍ପୋନୋମିକ୍ସ') ଭାବରେ ସଂହିତାବଦ୍ଧ ଟ୍ରମ୍ପଙ୍କ ନୀତିଗୁଡ଼ିକ ଚରମ 'ଅର୍ଥନୈତିକ ଜାତୀୟତାବାଦ', 'ପ୍ରୋଟେକ୍ସନିଜମ' ଏବଂ 'ବେଗର ଦାଏ ନେବର ବାଣିଜ୍ୟ ନୀତି'ରେ ପ୍ରତିଫଳିତ। କର୍ପୋରେଟ୍ ଟିକସ ହ୍ରାସ, ନିୟନ୍ତ୍ରଣମୁକ୍ତ ବ୍ୟବସାୟ ଏବଂ ସାମାଜିକ କଲ୍ୟାଣ ଖର୍ଚ୍ଚରେ ବ୍ୟାପକ ହ୍ରାସ ଦ୍ୱାରା ବର୍ଣ୍ଣିତ, ଯାହା ସମଗ୍ର ବିଶ୍ୱ ପାଇଁ ଏକ ଅପମାନଜନକ ପ୍ରମାଣିତ ହୋଇଛି। ମାଗା ବା 'ଆମେରିକାକୁ ପୁଣି ଥରେ ମହାନ କରିବା' ଏବଂ 'ଆମେରିକା ପ୍ରଥମ' ନୀତିରେ ଆବଦ୍ଧ ହୋଇ ଟ୍ରମ୍ପବାଦ ସମଗ୍ର ବିଶ୍ୱରେ, ଏପରିକି ପାରମ୍ପରିକ ଆମେରିକାର ସହଯୋଗୀମାନଙ୍କ ମଧ୍ୟରେ ମଧ୍ୟ ସମସ୍ୟା ସୃଷ୍ଟି କରିଛି। ଗ୍ରେଟ୍ ଡିପ୍ରେସନ ସମୟରେ ପୂର୍ବତନ ଆମେରିକା ରାଷ୍ଟ୍ରପତି ରୁଜଭେଲ୍ଟ ଆମେରିକାର ଅର୍ଥନୀତିକୁ ମାନ୍ଦାବସ୍ଥାର କବଳରୁ ବାହାର କରିବା ପାଇଁ କିଛି ମୌଳିକ ପଦକ୍ଷେପ ନେଇଥିଲେ। କିନ୍ତୁ ଟ୍ରମ୍ପ୍ ତାଙ୍କ ପ୍ରଥମ ୬ ମାସରେ କିଛି ଅଦ୍ଭୁତ ପଦକ୍ଷେପ ନେଇଛନ୍ତି। ଧନୀ ଓ କର୍ପୋରେସନଗୁଡ଼ିକ ପାଇଁ ଟିକସ କାଟ ସହିତ ସ୍ୱାସ୍ଥ୍ୟସେବା, କଲ୍ୟାଣ ଖର୍ଚ୍ଚ, ଖାଦ୍ୟ ସହାୟତା କାର୍ଯ୍ୟକ୍ରମଗୁଡ଼ିକୁ ଏକତ୍ରିତ କରୁଥିବା ଏକ ବଡ଼ ସୁନ୍ଦର ବିଲ୍ ଆଇନରେ ପରିଣତ ହୋଇଛି, ଯାହା ନିମ୍ନ ଏବଂ ମଧ୍ୟବିତ୍ତ ଆମେରିକୀୟମାନଙ୍କୁ ଅଧିକ ପ୍ରଭାବିତ କରିବ।

ଟ୍ରମ୍ପଙ୍କର ଏହି 'ବେଗର ଦାଏ ନେବର୍ ପଲିସି'- 'ଅନ୍ୟ ରାଷ୍ଟ୍ରର କ୍ଷତି କରି ନିଜ ଅର୍ଥନୀତିକୁ ଉନ୍ନତ କରିବା' ବିଶ୍ୱର ବହୁମୁଖୀ ସଙ୍କଟକୁ ଆହୁରି ତୀବ୍ର କରିବ, ବିଶ୍ୱାସକୁ ନଷ୍ଟ କରିବ ଏବଂ ମାନ୍ଦା ଅବସ୍ଥା ଆଡ଼କୁ ମୁହାଁଇ ଥିବା ବିଶ୍ୱ ଅର୍ଥନୀତିକୁ ଆହୁରି ଅସ୍ଥିର କରିବ। କାରଣ ୧୯୩୦ର ସ୍ମୁଟ୍-ହାଲି ଟାରିଫ୍ ଆଇନ ମାଧ୍ୟମରେ ବ୍ୟାପକ ଶୁଳ୍କ ବୃଦ୍ଧି ବିଶ୍ୱ ବାଣିଜ୍ୟ ଯୁଦ୍ଧ ଆରମ୍ଭ କରିବା ସହିତ ଗ୍ରେଟ ଡିପ୍ରେସନ ବା ମହାମନ୍ଦିକୁ ବିଶ୍ୱ ଅର୍ଥନୀତୀକୁ ଠେଲି ଦେଇଥିଲା। ୧୯୩୦ର ଟାରିଫ୍ ଆଇନ ସ୍ମୁଟ୍-ହାଲି ଟାରିଫ୍ ଆଇନ ଭାବରେ ମଧ୍ୟ ଜଣାଶୁଣା। ଏହା ଏକ ସୁରକ୍ଷାବାଦୀ ବାଣିଜ୍ୟ ପଦକ୍ଷେପ ଥିଲା, ଯାହାକୁ ଆମେରିକାରେ ରାଷ୍ଟ୍ରପତି ହର୍ବର୍ଟ ହୁଭରଙ୍କ ଦ୍ୱାରା ୧୭ ଜୁନ୍ ୧୯୩୦ରେ ଆଇନରେ ସ୍ୱାକ୍ଷରିତ କରାଯାଇଥିଲା। ଏହା ମୁଖ୍ୟ କଂଗ୍ରେସ ସିନେଟର ରିଡ୍ ସ୍ମୁଟ୍ ଏବଂ ପ୍ରତିନିଧି ୱିଲିସ୍ ସି ହାଉଲିଙ୍କ ନାମରେ ନାମିତ। ହୁଭର ତାଙ୍କ ଦଳ ଏବଂ ବ୍ୟବସାୟୀ ନେତାଙ୍କ ଚାପର ବଶବର୍ତ୍ତୀ ହୋଇ ଅନେକ ବରିଷ୍ଠ ଅର୍ଥନୀତିଜ୍ଞଙ୍କ ପରାମର୍ଶ ବିରୁଦ୍ଧରେ ବିଲ୍ ସ୍ୱାକ୍ଷର କରିଥିଲେ। ୧୯୨୯ ମସିହା ଅକ୍ଟୋବରରେ ଆରମ୍ଭ ହୋଇଥିବା ଗ୍ରେଟ ଡିପ୍ରେସନ ବା ମହାମନ୍ଦିର ପ୍ରଭାବରୁ ଆମେରିକୀୟ ଶିଳ୍ପଗୁଡ଼ିକୁ ବିଦେଶୀ ପ୍ରତିଯୋଗିତାରୁ ରକ୍ଷା କରିବା ପାଇଁ ୨୦,୦୦୦ରୁ ଅଧିକ ଆମଦାନୀ ହେଉଥିବା ସାମଗ୍ରୀ ଉପରେ ଟାରିଫ୍ ବୃଦ୍ଧି କରିଥିଲା। ଟାରିଫ୍ ଘରୋଇ ନିଯୁକ୍ତି ଏବଂ ଉତ୍ପାଦନକୁ ବୃଦ୍ଧି କରିବା ବଦଳରେ ମାନ୍ଦାବସ୍ଥାକୁ ଆହୁରି ଘନିଷ୍ଠ କରିଥିଲା, କାରଣ ଆମେରିକାର ବାଣିଜ୍ୟିକ ଅଂଶୀଦାରମାନେ ପ୍ରତିଶୋଧମୂଳକ ନିଜସ୍ୱ ଟାରିଫ୍ ଧାର୍ଯ୍ୟ କରିଥିଲେ, ଯାହା ଫଳରେ ଆମେରିକାର ରପ୍ତାନି ଏବଂ ବିଶ୍ୱ ବାଣିଜ୍ୟ ହ୍ରାସ ପାଇଥିଲା। ଅର୍ଥନୀତିଜ୍ଞ ଏବଂ ଇତିହାସକାରମାନେ ଏହି ଆଇନକୁ ଏକ ନୀତିଗତ ଭୁଲ୍ ପଦକ୍ଷେପ ଭାବରେ ବିବେଚନା କରନ୍ତି ଏବଂ ଏହା ଆଧୁନିକ ଅର୍ଥନୈତିକ ବିତର୍କରେ ସୁରକ୍ଷାବାଦୀ ନୀତିର ଏକ ସତର୍କୀକରଣ ଉଦାହରଣ ହୋଇ ରହିଛି। ଏହା ପରେ ଅଧିକ ଉଦାର ବାଣିଜ୍ୟ ଚୁକ୍ତିନାମା ପ୍ରଚଳିତ ହେଲା, ଯେପରିକି ପାରସ୍ପରିକ ବାଣିଜ୍ୟ ଚୁକ୍ତିନାମା ଆଇନ ୧୯୩୪। ସେ ଯାହାହେଉ, ଭାରତ ଏପରି ଚାପରେ ନଇଁବା ଅନୁଚିତ୍ ନୁହେଁ।■

ସ୍ତମ୍ଭକାର, ମୋ: ୯୪୩୭୨୦୮୭୬୨


# ବିଚାରପତି ନିଯୁକ୍ତିରେ ସ୍ୱଚ୍ଛତା

ପାଟନା ହାଇକୋର୍ଟର ମୁଖ୍ୟ ବିଚାରପତି ନ୍ୟାୟମୂର୍ତ୍ତି ବିପୁଲ ପାଞ୍ଚୋଲିଙ୍କର ପଦୋନ୍ନତି କରାଯାଇ ତାଙ୍କୁ ଦେଶର ସର୍ବୋଚ୍ଚ ଅଦାଲତ ସୁପ୍ରିମ୍‌କୋର୍ଟରେ ଜଣେ ବିଚାରପତି ଭାବରେ ନିଯୁକ୍ତ କରିବା ଏବଂ ତାଙ୍କ ନିଯୁକ୍ତିକୁ ସୁପାରିସ କରିଥିବା କଲେଜିୟମ୍‌ର ଜଣେ ସଦସ୍ୟ ନ୍ୟାୟମୂର୍ତ୍ତି ବିଭି ନାଗରତ୍ନାଙ୍କ ଦ୍ୱାରା ଦୃଢ଼ ଅସନ୍ତୋଷ ବ୍ୟକ୍ତ କରାଯାଇଥିବା ସତ୍ତ୍ୱେ ମାତ୍ର ଦୁଇ ଦିନ ପରେ କେନ୍ଦ୍ର ସରକାର ସେହି ପ୍ରସ୍ତାବକୁ ତ୍ୱରିତ ଗତିରେ ପୁଷ୍ଟ କରିବା ନ୍ୟାୟପାଳିକାର ନିଯୁକ୍ତି ପ୍ରକ୍ରିୟା ଉପରେ କେତେକ ପ୍ରଶ୍ନ ସୃଷ୍ଟି କରିଛି। ଏଇ ମାତ୍ର ଅଳ୍ପ କେତେ ମାସ ପୂର୍ବେ ଜଣେ ବିଚାରପତିଙ୍କ ଘରୁ ବିପୁଳ ପରିମାଣର ଟଙ୍କା ଜବତ ହେବା ପରେ ନ୍ୟାୟପାଳିକାର ସ୍ୱଚ୍ଛତା ଉପରକୁ ଅଙ୍ଗୁଳି ଉଠିଥିଲା, ଯାହାର ଏବେ ସୁଦ୍ଧା ଏକ ନିରପେକ୍ଷ ପରିସମାପ୍ତି ଘଟିନାହିଁ। ତେଣୁ ପ୍ରତ୍ୟେକ କ୍ଷେତ୍ରରେ ସ୍ୱଚ୍ଛତା ବଜାୟ ରଖାଯିବା ଉପରେ ଗୁରୁତ୍ୱାରୋପ କରାଯାଉଥିବା ବେଳେ ସର୍ବୋଚ୍ଚ ନ୍ୟାୟାଳୟରେ ବିଚାରପତି ନିଯୁକ୍ତି କ୍ଷେତ୍ରରେ ଯେ ସ୍ୱଚ୍ଛତା ଅବଲମ୍ବନ କରାଯିବାର ଅପରିହାର୍ଯ୍ୟତା ରହିଛି, ଏଥିରେ କେହି ଦ୍ୱିମତ ହେବେନାହିଁ। ସୁପ୍ରିମ୍‌କୋର୍ଟରେ ବିଚାରପତି ନିଯୁକ୍ତି ନିମନ୍ତେ ଗଠିତ ପାଞ୍ଚଜଣିଆ କଲେଜିୟମ୍‌ରେ ସଦସ୍ୟ ଭାବରେ ରହିଥିଲେ ଭାରତର ପ୍ରଧାନ ବିଚାରପତି ଭୂଷଣ ଆର ଗଭାଇ ଏବଂ ନ୍ୟାୟମୂର୍ତ୍ତି ସୂର୍ଯ୍ୟ କାନ୍ତ, ବିକ୍ରମ ନାଥ, ଜେକେ ମାହେଶ୍ୱରୀ ଏବଂ ବିଭି ନାଗରତ୍ନା। ତେବେ ସେମାନଙ୍କ ଦ୍ୱାରା ନ୍ୟାୟମୂର୍ତ୍ତି ପାଞ୍ଚୋଲିଙ୍କ ନିଯୁକ୍ତି ସପକ୍ଷରେ ନିଆଯାଇଥିବା ନିଷ୍ପତ୍ତି ୪-୧ ବିଭାଜନରେ ବିଭକ୍ତ ହୋଇଥିଲା, ଯଦ୍ୟପି କଲେଜିୟମ୍‌ରେ ସଦସ୍ୟା ଥିବା ଶୀର୍ଷ ଅଦାଲତର ଏକମାତ୍ର ମହିଳା ବିଚାରପତି ମଧ୍ୟ ଗୁରୁତ୍ୱାରୋପ କରିଥିଲେ ଯେ ନ୍ୟାୟମୂର୍ତ୍ତି ପାଞ୍ଚୋଲିଙ୍କ ନିଯୁକ୍ତି କେବଳ ନ୍ୟାୟ ପ୍ରଦାନ ନିମନ୍ତେ 'ପ୍ରତିକୂଳ-ଉତ୍ପାଦକ' ବା ଅନୁତ୍ପାଦକ ହେବନାହିଁ, ବରଂ କଲେଜିୟମ୍ ବ୍ୟବସ୍ଥାର ଗରିମାକୁ ବିପଦାପନ୍ନ କରିବ।

ବରିଷ୍ଠ ଆଇନଜୀବୀମାନଙ୍କର ଏକ ବର୍ଗ ଦର୍ଶାଇଥାନ୍ତି ଯେ ନ୍ୟାୟମୂର୍ତ୍ତି ପାଞ୍ଚୋଲିଙ୍କ ପଦୋନ୍ନତିରେ ଅନେକ ସଂଖ୍ୟକ ତ୍ରୁଟି ରହିଛି- ଯେ ସର୍ବଭାରତୀୟ ବରିଷ୍ଠତା ଦୃଷ୍ଟିରୁ ସେ ହେଉଛନ୍ତି ଏକ ଆପାତତଃ ନିମ୍ନ ପଦ ବା ଲୋ ର୍‌ୟାଙ୍କର ଅଧିକାରୀ; ସେ ଗୁଜରାଟ ହାଇକୋର୍ଟର ପ୍ରତିନିଧିତ୍ୱ କରୁଛନ୍ତି, ଯେଉଁ ରାଜ୍ୟର ୩୪ ଜଣ ବିଚାରପତି ରହିଥିବା ଶୀର୍ଷ ଅଦାଲତରେ ଆଗରୁ ଦୁଇ ଜଣ ବିଚାରପତି ଅଛନ୍ତି, ଯେତେବେଳେ କି ଦେଶରେ ମୋଟ ହାଇକୋର୍ଟର ସଂଖ୍ୟା ହେଉଛି ୨୫; ସୁପ୍ରିମ୍‌କୋର୍ଟରେ ଜଣେ ମାତ୍ର ମହିଳା ବିଚାରପତି ରହିଛନ୍ତି ଯେତେବେଳେ କି ୨୦୨୧ ମସିହାରୁ ଆଜି ପର୍ଯ୍ୟନ୍ତ ଶୀର୍ଷ ଅଦାଲତରେ କୌଣସି ମହିଳା ବିଚାରପତିଙ୍କୁ ନିଯୁକ୍ତ କରାଯାଇ ନାହିଁ ଏବଂ ଏହି ପରିପ୍ରେକ୍ଷୀରେ ତିନି ଜଣ ବରିଷ୍ଠ ମହିଳା ବିଚାରପତିଙ୍କୁ ଅଣଦେଖା କରାଯାଇଛି ଏବଂ ନ୍ୟାୟମୂର୍ତ୍ତି ପାଞ୍ଚୋଲିଙ୍କର ଗୁଜରାଟ ହାଇକୋର୍ଟରୁ ପାଟନା ହାଇକୋର୍ଟକୁ ବଦଳି ଏକ ନିୟମିତ ବା ରୁଟିନ୍ ବଦଳି ନଥିଲା। ନିକଟରେ ସର୍ବୋଚ୍ଚ ଅଦାଲତରୁ ଅବସର ଗ୍ରହଣ କରିଥିବା ନ୍ୟାୟମୂର୍ତ୍ତି ଅଭୟ ଏସ ଓକା ନ୍ୟାୟମୂର୍ତ୍ତି ନାଗରତ୍ନାଙ୍କ ଅସନ୍ତୋଷ ମନ୍ତବ୍ୟକୁ ସର୍ବସାଧାରଣରେ ପ୍ରକାଶ କରିବା ନିମନ୍ତେ ହେଉଥିବା ଦାବିକୁ ସ୍ୱୀକାର କରିବାକୁ ଯାଇ କହିଛନ୍ତି ଯେ ଏହି ଅସନ୍ତୋଷ ବ୍ୟକ୍ତ କରାଯାଇଥିବା ମନ୍ତବ୍ୟରେ କ'ଣ ଅଛି, ତାହା ସର୍ବସାଧାରଣଙ୍କର ଜାଣିବାର ଅଧିକାର ରହିଛି।

ଅତୀତରେ ଅନେକ ସଂଖ୍ୟକ ରାୟର ସମାହାର ଜରିଆରେ ସୁପ୍ରିମ୍‌କୋର୍ଟ ହାଇକୋର୍ଟ ଏବଂ ସୁପ୍ରିମ୍‌କୋର୍ଟରେ ନିଯୁକ୍ତି ପ୍ରସଙ୍ଗକୁ ସ୍ୱତନ୍ତ୍ର ଭାବରେ ଏକ ନ୍ୟାୟିକ ଦାୟିତ୍ୱରେ ପରିଣତ କରି ଆସିଥିବା ଦେଖା ଯାଇଛି, ଯାହାକି ଏହାକୁ ପରିଚାଳନା କରୁଥିବା ସାମ୍ବିଧାନିକ ବିଧି ବ୍ୟବସ୍ଥାଗୁଡ଼ିକର ବିରୋଧାଚରଣ କରିଥାଏ; ଏପରିକି ଏହା ସମ୍ପୃକ୍ତ ପ୍ରକ୍ରିୟାରେ ସମସାମୟିକ କ୍ଷମତାସୀନ ସରକାରଙ୍କର ରହିଥିବା ଏକ ଭୂମିକାକୁ ସ୍ୱୀକୃତି ପ୍ରଦାନ କରିଥିବା ଏକ ସାମ୍ବିଧାନିକ ସଂଶୋଧନକୁ ମଧ୍ୟ ଖାରଜ କରି ଦେଇଛନ୍ତି। ତେଣୁ ଏଭଳି ଯେ କୌଣସି ଘଟଣା କ୍ଷେତ୍ରରେ ସର୍ବୋଚ୍ଚ ଅଦାଲତ ପ୍ରତ୍ୟେକଟି ନିଷ୍ପତ୍ତି ନେବା ସମୟରେ ସ୍ୱଚ୍ଛତା ଅବଲମ୍ବନ କରିବାର ଅନିବାର୍ଯ୍ୟତା ରହିଛି। ସମ୍ପ୍ରତି ଏହି ବିବାଦ କଲେଜିୟମ୍‌ର ନିଷ୍ପତ୍ତିକୁ ଘୋର ଅନ୍ଧକାରାଚ୍ଛନ୍ନ କରି ଦେଇବା ସହିତ କେତେକ ପ୍ରଶ୍ନ ଜାଗ୍ରତ କରାଇଛି। ସେଗୁଡ଼ିକ ହେଉଛି- ୨୦୨୩ରେ ନ୍ୟାୟମୂର୍ତ୍ତି ପାଞ୍ଚୋଲିଙ୍କର ଗୁଜରାଟରୁ ପାଟନା ବଦଳି କରାଯିବାର କି ଆବଶ୍ୟକତା ପଡ଼ିଲା ? ସେ ସମୟରେ କିଛି ବିଚାର ବିମର୍ଶ କରାଯାଇଥିଲା କି ? ଭାରତର ତତ୍କାଳୀନ ପ୍ରଧାନ ବିଚାରପତି ନ୍ୟାୟମୂର୍ତ୍ତି ଡିୱାଇ ଚନ୍ଦ୍ରଚୂଡ଼ଙ୍କୁ କାହିଁକି ଅଭିବେଦନ ପ୍ରଦାନ କରାଗଲା ? ତାହା କାହିଁକି ସର୍ବସାଧାରଣରେ ପ୍ରକାଶ କରାଗଲା ନାହିଁ ? ବିଚାରପତିମାନଙ୍କ ଅନୁରୋଧ ସତ୍ତ୍ୱେ ନ୍ୟାୟମୂର୍ତ୍ତି ନାଗରତ୍ନାଙ୍କ ଅସନ୍ତୋଷମୂଳକ ବିବୃତିକୁ କାହିଁକି ଅପ୍‌ଲୋଡ୍ କରାଯାଇ ନାହିଁ ? ନ୍ୟାୟମୂର୍ତ୍ତି ପାଞ୍ଚୋଲିଙ୍କ ନିଯୁକ୍ତିକୁ ନେଇ ଦୃଢ଼ ଭାବରେ ଚିନ୍ତା କରାଯାଇଥିଲେ ସୁଦ୍ଧା ସେହି ପ୍ରସ୍ତାବକୁ କାହିଁକି ତ୍ୱରିତ ଗତିରେ ପାରିତ କରାଇ ଦିଆଗଲା ଏବଂ ଏହି ପ୍ରସ୍ତାବ ଏତେ ଶୀଘ୍ର କିପରି ପୁଷ୍ଟିକରଣ ହାସଲ କଲା ? ଆଉ ପରିଶେଷରେ, ଦିନେ ଯାହାଙ୍କର ଭାରତର ପ୍ରଧାନ ବିଚାରପତି ହେବାର ସମ୍ଭାବନା ରହିଛି, ତାଙ୍କ ସମ୍ପର୍କରେ ନିଆଯାଇଥିବା ନିଷ୍ପତ୍ତିକୁ ଜନସାଧାରଣ ଜାଣିବାର କ'ଣ ଅଧିକାର ନାହିଁ ? ବର୍ତ୍ତମାନ ଯେହେତୁ ନବନିଯୁକ୍ତ ବିଚାରପତି ପ୍ରଧାନ ବିଚାରପତି ହେବାର ଧାଡ଼ିରେ ରହିବେ, ତେଣୁ ତାଙ୍କର ପଦୋନ୍ନତି ଅତ୍ୟନ୍ତ ନିର୍ମଳ ବା ସ୍ୱଚ୍ଛ ହେବାର ଆବଶ୍ୟକତା ରହିଛି। କୋର୍ଟ ତାଙ୍କର ପଦୋନ୍ନତି ସମ୍ବନ୍ଧିତ ସମସ୍ତ ସକାରାତ୍ମକ ଏବଂ ବିରୋଧାତ୍ମକ ମନ୍ତବ୍ୟକୁ ଯଥାଶୀଘ୍ର ସର୍ବସାଧାରଣରେ ପ୍ରକାଶ କରିବା ପାଇଁ ପଦକ୍ଷେପ ନେବା ଉଚିତ ଏବଂ ବାର୍ ଓ ସାଧାରଣ ଜନତାଙ୍କ ମନରେ ରହିଥିବା ସନ୍ଦେହକୁ ମୋଚନ କରିବା ବିଧେୟ। ଏହି ଘଟଣା ହେଉ କି ଅନ୍ୟ ଯେ କୌଣସି ଘଟଣାରେ ସ୍ୱଚ୍ଛତାର କୌଣସି ସୀମା ନାହିଁ।■

# ଶୃଙ୍ଖଳ ଶୃଙ୍ଖଳା



ବିଜୟ ଦାସ

ଶୃଙ୍ଖଳ ଏକ ବନ୍ଧନ। ଏକ ଶିକୁଳି। ବିଚଳିତ, ବିଦ୍ରୋହୀ, ଉଶୃଙ୍ଖଳ ଓ ଅବାଧ ଜୀବଙ୍କୁ କାବୁ କରିବାର ଉପାୟ। କେବଳ ଲୁହା ଜଞ୍ଜିରକୁ ଶୃଙ୍ଖଳ ବୋଲି ଅଭିହିତ କଲେ ହେବନାହିଁ। ବରଂ ବିଚଳିତ ମନକୁ, ବେଷ୍ଟନ କରୁଥିବା ଅଜ୍ଞାନ ଅନ୍ଧାରକୁ ବାନ୍ଧି ରଖିବାର କୌଶଳ ହେଲା ଶୃଙ୍ଖଳ। ଯେପରି ଉନ୍ମାଦ ହସ୍ତୀର ଲୌହ ଜଞ୍ଜିରକୁ ଶୃଙ୍ଖଳ କୁହାଯାଏ, ସେହିପରି ମାହୁନ୍ତର ଗଜକୁ ମଧ୍ୟ ଶୃଙ୍ଖଳ କହି ପାରିବା। କାରଣ ସେହି ମୁନିଆ ଅସ୍ତ୍ରଟି ହସ୍ତୀର ଉନ୍ମାଦନାକୁ କାବୁରେ ରଖିପାରେ। କଏଦୀର ଶୃଙ୍ଖଳ, ପାଗଳର ଶୃଙ୍ଖଳ ଭିତରେ ପ୍ରଭେଦ ଅଛି। ଏମିତିରେ ଦୋଷ କରି ଦଣ୍ଡ ପାଇଥିବା କଏଦୀକୁ ଆୟତ୍ତକୁ ଆଣିବାକୁ ଶୃଙ୍ଖଳର ଆବଶ୍ୟକତା ଥାଏ। କାରଣ ସେ ହୁଏତ ଦଣ୍ଡରୁ ବର୍ତ୍ତିବା ପାଇଁ ଖସି ପଳାଇ ପାରେ ବା ମୁକ୍ତ ଅବସ୍ଥାରେ ପୁନଃ ପୁନଃ ଅପରାଧ କରିବାକୁ ପଛାଏ ନାହିଁ। ଏହା ପୁଣି ଗାରଦ ବା ଜେଲ୍ ଭିତରକୁ ନେବା ପର୍ଯ୍ୟନ୍ତ। କିନ୍ତୁ ଅନେକ ଉଗ୍ର ଅପରାଧୀଙ୍କୁ ମଧ୍ୟ ସାବାଡ଼ କରିବା ପାଇଁ ଜେଲ୍ ଭିତରେ ବା ହାଜତରେ ହାତରେ କଡ଼ି ଓ ଗୋଡ଼ରେ ବେଡ଼ି ପିନ୍ଧାଇବାକୁ ପଡ଼େ। କିନ୍ତୁ ଜେଲ୍ ମଧ୍ୟ ଏକ ଶୃଙ୍ଖଳ। ହାତ ପାଦରେ ସିନା କଡ଼ି କି ବେଡ଼ି ନଥାଏ, ହେଲେ ସେ ତ ବନ୍ଦୀ ନା। ଏହି ବନ୍ଦୀ ଶବ୍ଦରେ ବନ୍ଧନ ଶବ୍ଦଟି ସଂଯୋଜିତ ହୋଇ ରହିଛି।

ସେହିପରି ପାଗଳକୁ ମଧ୍ୟ ଉନ୍ମାଦତାପଣ ପାଇଁ ସ୍ଥିର ରଖିବାକୁ ଶୃଙ୍ଖଳର ଆବଶ୍ୟକତା ପଡ଼ିଥାଏ- ଯଦି ସେ ମାରାତ୍ମକ ହୋଇଥାଏ ଏବଂ ଆକ୍ରମଣାତ୍ମକ ହୋଇଥାଏ। ଏଠାରେ ଦୁଇଟି ଜିନିଷର କଥା ମନକୁ ଆସେ। ପ୍ରଥମତଃ ଅପରାଧୀର ଦୁଷ୍ଟ ବୁଦ୍ଧି ଓ ଦ୍ୱିତୀୟରେ ପାଗଳର ଦୁଷ୍ଟ ବୁଦ୍ଧି ଭିତରେ ଫରକ୍ ରହିଛି। ଜଣେ ଜାଣିଶୁଣି ଅପରାଧ କରୁଛି, ଆଉ ଜଣେ ଜାଣିପାରୁ ନାହିଁ ସେ ଅପରାଧ କରୁଛି ବୋଲି। ଏଇ ଦୁଇଟି ତତ୍ତ୍ୱ ମଧ୍ୟ ସାଧାରଣ ମଣିଷ ଭିତରେ କେଉଁଠି ନା କେଉଁଠି ଉଙ୍କି ମାରୁଥାଏ, ଯାହା ଆମେ ଅଲକ୍ଷ୍ୟରେ ପ୍ରାଧାନ୍ୟ ଦେଇ ନଥାଉ। ଯେପରିକି ଦୁଷ୍ଟ ବୁଦ୍ଧିରେ କଳେ ବଳେ କଉଶଳେ ଅନ୍ୟର ଧନ ହରଣ କରିବା, ନାରୀ ହରଣ କରିବା କିମ୍ବା ମାନ ସମ୍ମାନ ହରଣ କରିବା। ଏହି ତିନୋଟି ଭିତରେ ହରଣ କରିବାର ଦୁଷ୍ଟ ମାନସିକତା ନିଶ୍ଚେ ରହିଛି। ଏପରି ମାନସିକତାକୁ କେଉଁ ଶୃଙ୍ଖଳରେ, କାହା ଦ୍ୱାରା ବନ୍ଧନ କରି ପାରିବା ! ହଁ, ଜଣେ ଅଛି ଯିଏ ଏସବୁକୁ କାବୁ କରି ପାରିବ। ତାହା ହେଲା ବିବେକ। ନିଜେ ନିଜର ସୁରକ୍ଷା ପାଇଁ ବିବେକ ଜ୍ଞାନ ପରି ପ୍ରହରୀଙ୍କୁ ଜାଗ୍ରତ ଓ ନିୟୋଜିତ କରିବାର ଅଛି। ପୁଣି ପାଗଳାମୀ କ'ଣ ? ଯାହା ଖାଲି ଆଖିକୁ ଦେଖାଯାଏ ନାହିଁ ବାହାରକୁ ଦେଖା ଯାଉଥିବା ସୁସ୍ଥ ମଣିଷର ? ଏଠାରେ ମନ ବୋଲି ଗୋଟିଏ ଦୁଷ୍ଟାତ୍ମା ରହିଛି। ମନ ସ୍ଥିର ନ ରହି ଚହଲି ଗଲେ ସବୁ ଗୋଳମାଳ। ଧନ ପାଇଁ ପାଗଳାମୀ, ମାନ ସମ୍ମାନ ଓ ପଦପଦବୀ ପାଇଁ ପାଗଳାମୀ, ଯୌବନ ପାଇଁ ପାଗଳାମୀ ତଥା ପରିଚୟ ପାଇଁ ପାଗଳାମୀ। ଏମନ୍ତ ପାଗଳାମୀ ଶୈଶବରୁ ବୃଦ୍ଧାବସ୍ଥା ପର୍ଯ୍ୟନ୍ତ କେତେବେଳେ ବି ଆସିପାରେ। ଆଜିର କଳା ସାମ୍ରାଜ୍ୟର ସମ୍ରାଟମାନଙ୍କୁ ଦେଖ, ପରକୀୟା ପ୍ରୀତିର କାମୁକମାନଙ୍କୁ ଦେଖ, ତୁଚ୍ଛା ପଦପଦବୀ ପାଇଁ ଅହଂବାଦୀଙ୍କୁ ଦେଖ ବା କ୍ଷମତାଲୋଭୀଙ୍କୁ ଦେଖ ତଥା ପୁରସ୍କାର ହାତେଇବାର ଅସାହିତ୍ୟିକମାନଙ୍କୁ ଦେଖ, କେତେ ପାଗଳ ସେମାନେ !

ଏଥକୁ କେଉଁ ଶୃଙ୍ଖଳର ଆବଶ୍ୟକତା ଅଛି। ନିଶ୍ଚୟ ଅଛି। ସଂସ୍କୃତି ପରମ୍ପରାର ଶୃଙ୍ଖଳ, ସୁକାର୍ଯ୍ୟ କରିବାର ମନର ଶୃଙ୍ଖଳ, ନିର୍ଲୋଭପଣର ଶୃଙ୍ଖଳ ଏବଂ କାମନା ବାସନା ରହିତ ଭଗବତ୍ ଚିନ୍ତନର ଶୃଙ୍ଖଳ। ଅହଂକାର ପରି କୁଟିଳ ସତ୍ତା ହିଁ ସବୁ ପାଗଳାମୀର କାରଣ। କିଛି ତ ବୟସର ଦୋଷ, କିଛି ପୁଣି ଅୟସର ଦୋଷ। କିଛି 'ମୁଁ'ର ଦୋଷ ଆଉ କିଛି ସମାଜର ଦୋଷ। କେବଳ ଦୋଷ ବାହାର କଲେ ହୁଏ ନାହିଁ। ଦୋଷୀକୁ ବୁଝେଇବାକୁ ହୁଏ ଯେ ସେ ଦୋଷ କରିଛି। ତା'ର କାରଣ, ଠିକ୍ ଅପରାଧୀ ଓ ପାଗଳଙ୍କ ଅବୁଝାପଣ ପରି ସାଧାରଣରେ ବସା ବାନ୍ଧିଥିବା ଏଇ କୁ-ମାନସିକତା ବି ଅବୁଝା। ନିଜେ ବୁଝିପାରେ ନାହିଁ ଭୁଲ୍ କ'ଣ ଆଉ ଭଲ କ'ଣ।




ବିଶୃଙ୍ଖଳିତ ସାମାଜିକ ଚଳଣି ସମ୍ପର୍କରେ ଟୀକା ଟିପ୍ପଣୀ ଦେବା ବାହୁଲ୍ୟ ମାତ୍ର। ସମସ୍ତେ ଦେଖନ୍ତି, ସମସ୍ତେ ଜାଣନ୍ତି ଓ ସମସ୍ତେ ନହେଲେ ବି ଅନେକ ଚୁପ୍ ରୁହନ୍ତି। ଏହି ଚୁପ୍ ରହିବା ହିଁ ପ୍ରେରଣା ଦିଏ 'କୁ' ସତ୍ତାକୁ। ଅତଏବ, ସବୁଠାରୁ ବଡ଼ ଶୃଙ୍ଖଳ ହେଉଛି ଅନ୍ୟାୟ ବିରୁଦ୍ଧରେ ସ୍ୱର ଉତ୍ତୋଳନ କରି ପାଞ୍ଚଜନ୍ୟ ଶଙ୍ଖର ଶବ୍ଦ ପରି ସଂଗ୍ରାମର ଆହ୍ୱାନ କରିବା। ଏହା ହିଁ ତ ଆଜିର ମାନସ ମନ୍ଥନର ବହୁମୂଲ୍ୟ ବିଷୟ।■

ଶୃଙ୍ଖଳା ଏକ ଧାରା। ନୀତି ନିୟମର ପ୍ରତିଶବ୍ଦ। ଶୃଙ୍ଖଳ ପରି ଏକ ବନ୍ଧନ ନୁହେଁ। ବରଂ ଏ ଏକ ମୁକ୍ତ ବିଚାରଧାରା। ଏହି ବିଚାରଧାରା ଯେ ଶୃଙ୍ଖଳ ସହ ଜଡ଼ିତ ନୁହେଁ, ତାହା କହିହେବ ନାହିଁ। ତାହା ଅନୁବନ୍ଧିତ ନ ହୋଇପାରେ। ମାତ୍ର ଶୃଙ୍ଖଳା ଏକ ଭାବ, ଏକ ସମ୍ବେଦନଶୀଳତା, ଏକ ତ୍ୟାଗପୂତ ବିଦ୍ରୋହ। ଅନେକ ଶୃଙ୍ଖଳାର ଧାରା ସହିତ ଆମ ଜୀବନଧାରା ପ୍ରବାହିତ। ଶୈଶବରେ ଯେଉଁ ଶିଶୁଟି ଶୃଙ୍ଖଳାରେ ବଢ଼ିଲା, ସେ ନିଶ୍ଚେ ଭବିଷ୍ୟତରେ ଉତ୍ତମ ମଣିଷ ହେବ। ବିଶୃଙ୍ଖଳିତ ଶିଶୁ ଯେ ପରେ ପରେ ଶୃଙ୍ଖଳିତ ହେବନାହିଁ, ତାହା ମଧ୍ୟ ସତ୍ୟ ନୁହେଁ। ମଜାର କଥା ହେଉଛି, ଶୃଙ୍ଖଳାରେ ବିତିଥିବା ଶୈଶବ ଯେ କେତେବେଳେ ଯୌବନରେ କଡ଼ ଲେଉଟାଇ ବିଶୃଙ୍ଖଳାରେ ପରିଣତ ହୁଏ, ହୁଏତ ଅନେକଙ୍କୁ ଅଜଣା। ସେହିପରି ଯୌବନ ପର୍ଯ୍ୟନ୍ତ ଶୃଙ୍ଖଳାର ତପ କରୁଥିବା ବ୍ୟକ୍ତିଟି କେମିତି ଯେ ପ୍ରୌଢ଼ ଅବସ୍ଥାରେ ବା ବୃଦ୍ଧାବସ୍ଥାରେ ବିଶୃଙ୍ଖଳାକୁ ଆଦରି ନିଏ, ତାହା ହିଁ ବିଡ଼ମ୍ବନା।

କିନ୍ତୁ ଶୃଙ୍ଖଳା ଏକ ଧାରା। ଏହା ଜନ୍ମରୁ ମୃତ୍ୟୁ ପର୍ଯ୍ୟନ୍ତ ବହି ଚାଲିବା ଉଚିତ୍। ପୁଣି ଶୃଙ୍ଖଳା ଏକ ସମତଳରୁ ପର୍ବତ ଶିଖରକୁ ଯାଇଥିବା ରାସ୍ତା। କଥା ଉଠେ, ମଣିଷ ଶୃଙ୍ଖଳିତ ହେବ କିପରି, ଯଦି ତା' ଚାରି ପାଖର ମଣିଷ ଓ ଆବହାୱା ବିଶୃଙ୍ଖଳିତ ହେଉଥାଏ ? ତା'ହେଲେ ନଦୀକୁ ପଚାର ସେ କିପରି ସମୁଦ୍ର ପର୍ଯ୍ୟନ୍ତ ଲମ୍ବି ଚାଲିଲା। ଏଥର ପାହାଡ଼ି ରାସ୍ତାର ଖାଲଖମାର କି କଣ୍ଟକିତ ରାସ୍ତା ବିଷୟରେ କହି ପାରନ୍ତି। ମନେ ରଖିବେ, ଏହି କଣ୍ଟକ ବିଶୃଙ୍ଖଳାକୁ ସଫା କରିବାର ତାକତ ଯଦି ଆପଣଙ୍କ ଶୃଙ୍ଖଳାରେ ଅଛି, ତାହା ହେଲେ ସ୍ୱର୍ଗ ଆଉ କେତେ ଦୂର କି ?

ପରିବାରର ଶୃଙ୍ଖଳା, ସାହି ପଡ଼ିଶାର ଶୃଙ୍ଖଳା, ରାଜ୍ୟ ଦେଶର ଶୃଙ୍ଖଳା ସମେତ ସାରା ପୃଥିବୀର ଶୃଙ୍ଖଳିତ ସମୟ ନିଶ୍ଚୟ ଦୃଶ୍ୟମାନ ହୁଏ ନାହିଁ। ଏଠାରେ ଆମେ ଆମ ପରିସରକୁ ଛାଡ଼ି ବିଶାଳ ପରିସରର ବିଶୃଙ୍ଖଳା ବାବଦରେ ବେଶ୍ ଟୀକା ଟିପ୍ପଣୀ କରୁ। ଏହା ହିଁ ତ ବିଶୃଙ୍ଖଳିତ ଆଚରଣ। ନିଜର, ନିଜ ପରିବାରର ଶୃଙ୍ଖଳାକୁ ପ୍ରାଧାନ୍ୟ ଦେଲେ ଦେଖିବେ ସାରା ସମାଜ କେତେ ଶୃଙ୍ଖଳିତ ହୋଇ ଯାଇଛି। ରାସ୍ତାର ବାମ ପଟେ ଚାଲ ବୋଲି ସ୍ଲୋଗାନ୍ ଏବେ ଶ୍ମଶାନରେ। ଏପଟ ସେପଟ ହୋଇ ଦ୍ରୁତ ଗତିରେ ଗଲେ ଦୁର୍ଘଟଣା ନିଶ୍ଚେ ଘଟେ। ଏହା ହିଁ ତ ବିଶୃଙ୍ଖଳା। ସମୟ ବଞ୍ଚାଇବାକୁ ଯାଇ ଜୀବନକୁ ବିପଦରେ ପକାଇବା କେଉଁ ଶୃଙ୍ଖଳା ଜ୍ଞାନ କହିଲେ ? To save time at the risk of life is no bargain.

ଜୀବନଚର୍ଯ୍ୟାର ଆରମ୍ଭରୁ ଏକ ନୀତିର ଆବଶ୍ୟକତା ଅପରିହାର୍ଯ୍ୟ। ମୁଁ ମୋର ଶୟନ, ଜାଗରଣଠାରୁ ସାରା କର୍ମରେ ସମୟାନୁବର୍ତ୍ତିତା ଆଣିଲେ ହିଁ ଶୃଙ୍ଖଳାବଦ୍ଧ ବୋଲି ବିବେଚିତ ହେବି। ଠିକ୍ ସମୟରେ ଖାଇବା, ଶୋଇବା, ପଢ଼ିବା, ଖେଳିବାଠାରୁ ଯାବତୀୟ କର୍ମର ବିଭାଜନ କରିବା ଉଚିତ୍। କିନ୍ତୁ ପାରିବାରିକ ଶୃଙ୍ଖଳା ଏକ ପ୍ରକାରର ଏକଛତ୍ରବାଦୀ ହେବା ଆବଶ୍ୟକ। ଘରର ମୁରବୀଙ୍କ ନିର୍ଦ୍ଦେଶ ଯଦି ବିନା ଦ୍ୱିଧାରେ ସମସ୍ତେ ପାଳନ କରନ୍ତି, ତାହା ହେଲେ ବିଶୃଙ୍ଖଳା ଉପୁଜେ ନାହିଁ। କିନ୍ତୁ ସେ ମୁରବୀ ମଧ୍ୟ ସାଧୁତା ଓ ସତ୍ୟପଥର ଯାତ୍ରୀ ହୋଇଥିବା ଏଠାରେ ମିଥ୍ୟା ବୋଲି ଶବ୍ଦଟି ସବୁ ବିଶୃଙ୍ଖଳାର କାରଣ ବୋଲି କହି ପାରିବା। ରାଜନୀତିରେ ମିଥ୍ୟା, ଅର୍ଥନୀତିରେ ମିଥ୍ୟା ଓ ସାମାଜିକ ନୀତିରେ ମିଥ୍ୟା ହିଁ ବିଶୃଙ୍ଖଳାର କାରଣ। ଏହି ମିଥ୍ୟାର ଆଶ୍ରୟ ନେଉଥାଏ ଛଳନା, ପ୍ରବଞ୍ଚନା, ପ୍ରତାରଣା ଓ ଶେଷରେ ପାପ।

ଯଦି ଆଖି ମିଛ କୁହେ, ଓଠ ଓ ଜିଭ ମିଛ କୁହନ୍ତି, ତେବେ ବିଶ୍ୱାସ କରିବା କାହାକୁ ? କାନ ଯଦି ସତ ଶୁଣି ବି ମିଥ୍ୟା ଶୁଣିଛି ବୋଲି କୁହେ, କାହା ଉପରେ ଭରସା କରିବ ମନ ଓ ବିବେକ ? ଠିକ୍ ପରିବାରର ସଦସ୍ୟମାନଙ୍କ ପରି, ଦେଶର ନାଗରିକଙ୍କ ପରି ଏମାନେ। କିନ୍ତୁ ମୁରବୀ ଯଦି ଠିକ୍, ମସ୍ତିଷ୍କ ଯଦି ଜ୍ଞାନାପ୍ଲୁତ, ବିଚାରବନ୍ତ, ବିବେକପୂର୍ଣ୍ଣ, ତେବେ ସବୁ ମିଥ୍ୟା କଥାକୁ ବାଦ୍ ଦେଇ ନିର୍ଦ୍ଦେଶ ଦିଏ ସତ୍ୟର ସନ୍ଧାନ କରିବାକୁ। ଏହା ହିଁ ତ ମଣିଷର ଜ୍ଞାନୀ ମସ୍ତିଷ୍କର ଭିଟୋ ପାୱାର। ଶୃଙ୍ଖଳା ଏକ ବାହ୍ୟ ପଥ ନୁହେଁ। ଏହା ଶରୀର ଭିତରେ ଥିବା ରକ୍ତ ପ୍ରବାହ ଓ ସ୍ନାୟବିକ ଧାରା ହେବା ଦରକାର।■

ପୋଖରୀପୁଟ, ଭୁବନେଶ୍ୱର
ମୋ: ୯୩୪୮୮୯୩୭୫୨

# ସୁକିନ୍ଦା ବନାଞ୍ଚଳରେ ୩ ହାତୀ, ଅଞ୍ଚଳବାସୀ ଆତଙ୍କିତ



**ଯାଜପୁରରୋଡ,୨୯।୮/ଏନ୍‌ଏନ୍‌ଏସ୍:** ସୁକିନ୍ଦା ବନାଞ୍ଚଳର ବୋତଲଣ୍ଡା ଗାଁରେ ଗୋଟିଏ ଦନ୍ତା ଏବଂ ସାଗୁଆବାହୀ ଜଙ୍ଗଲରେ ୨ଟି ହାତୀ ଗତକାଲି ରାତିରୁ ପଶିଥିଲେ। ଢେଙ୍କାନାଳ କପିଳାସ ଜଙ୍ଗଲରୁ ଏହି ୩ଟି ହାତୀ ଭୁବନ ଦେଇ ସୁକିନ୍ଦା ବନାଞ୍ଚଳକୁ ପଶି ଆସିଥିବା ଅନୁମାନ କରାଯାଉଛି। ଏହିଁ ୩ ଟି ହାତୀ ମଧ୍ୟରେ ୨ଟି ଦନ୍ତା ଏବଂ ଅନ୍ୟଟି ମାଈ ହାତୀ ବୋଲି ବନବିଭାଗ ପକ୍ଷରୁ କୁହାଯାଉଛି। ଏଥିନେଇ ସ୍ଥାନୀୟ ଲୋକେ ଆତଙ୍କିତ ଅବସ୍ଥାରେ ଅଛନ୍ତି। କାରଣ ଗୋଟିଏ ଦନ୍ତା ହାତୀଟି ବୋତଲଣ୍ଡା ଗାଁରେ ପଶି ପନିପରିବା ନଷ୍ଟ ଭ୍ରଷ୍ଟ କରିଥିଲା ଏବଂ ଅନ୍ୟ ୨ଟି ହାତୀ କଳିଙ୍ଗନଗର ଶିଳ୍ପାଞ୍ଚଳସ୍ଥ ଡୁବୁରୀ-ମଙ୍ଗଳପୁର ଜାତୀୟ ରାଜପଥ ପାର୍ଶ୍ୱ ଶାଗୁଆବାହୀ ଜଙ୍ଗଲରେ ଘୁରି ବୁଲୁଛି। ଏ ସମ୍ପର୍କରେ ସୁକିନ୍ଦା ଓ ଟମକା ବନାଞ୍ଚଳ ଅଧିକାରୀ କିଶୋର ଚନ୍ଦ୍ର ପାଣିଗ୍ରାହୀ ଖବରପାଇ କଟକ ବନଖଣ୍ଡ ଅଧିକାରୀଙ୍କୁ ଜଣାଇଥିଲେ। ଯାହା ଫଳରେ ବନଖଣ୍ଡ ଅଧିକାରୀଙ୍କ ନିର୍ଦ୍ଦେଶ କ୍ରମେ ଏସିଏଫ୍ ରବୀନ୍ଦ୍ର କୁମାର ମହାନ୍ତି, ଏସିଏଫ୍ ସନ୍ତୋଷ କୁମାର ପତି ଘଟଣାସ୍ଥଳରେ ପହଞ୍ଚିଥିବା ଜଣାପଡିଛି। ତେବେ ହାତୀ ଲୋକଙ୍କୁ କ୍ଷତିକରିବା ଆଶଙ୍କାରେ ଉକ୍ତ ଏସିଏଫ୍ ଦ୍ୱୟଙ୍କ ତତ୍ୱାବଧାନରେ ଟମକା ଏବଂ ସୁକିନ୍ଦା ବନାଞ୍ଚଳ ସ୍କ୍ୱାର୍ଡ ଉକ୍ତ ହାତୀ ୩ଟି ଉପରେ ତୀକ୍ଷ୍ଣ ନଜର ରଖିଥିଲେ। ଏହି ସ୍କ୍ୱାର୍ଡରେ ଡୁବୁରୀ ସେକ୍ସନର ଫରେଷ୍ଟର ଲକ୍ଷ୍ମୀଧର ନାୟକ, ସୁକିନ୍ଦା ସେକ୍ସନର ମନୋରମା ହୋତା, ରାଣୋଳ ସେକ୍ସନର ରାମ ଚନ୍ଦ୍ର ତିରିଆ ସମେତ ଫରେଷ୍ଟ ଗାର୍ଡ ସାମିଲ ଥିଲେ। ଏଥିନେଇ ସାରା ସୁକିନ୍ଦା, କଳିଙ୍ଗନଗର ଶିଳ୍ପାଞ୍ଚଳ ସମେତ ସାରା ଜିଲାବାସୀ ଆତଙ୍କିତ ଅବସ୍ଥାରେ ଅଛନ୍ତି।

# ସୁନା ଦୋକାନରେ ପଶିଗଲା ଭ୍ୟାନ୍, ୪ ଆହତ



**ଜଗତ୍‌ସିଂହପୁର,୨୯।୮/ଏନ୍‌ଏନ୍‌ଏସ୍:** ଶୁକ୍ରବାର ସନ୍ଧ୍ୟାରେ ଜଗତସିଂହପୁର ପୌରପରିଷଦ ଅନ୍ତର୍ଗତ ରଶ୍ମୀହଲ ଛକ ଠାରେ ଏକ ପିକ୍‌ଅପ୍ ଭ୍ୟାନ ଭାରସାମ୍ୟ ହରାଇ ଏକ ସାଇକେଲ ଓ ଏକ ସ୍କୁଟିକୁ ପଛପାର୍ଶ୍ୱରୁ ଧକ୍କା ଦେବା ସହିତ ରାସ୍ତା କଡରେ ଥିବା ଶ୍ରୀରାମ ଜୁଏଲାରୀ ଦୋକାନ ମଧ୍ୟକୁ ପଶିଯାଇଛି। ଘଟଣାସ୍ଥଳରେ ୪ରୁ ଉର୍ଦ୍ଧ୍ୱ ଆହତ ହେବା ସହିତ ଏକ ସାଇକେଲ ସହିତ ୪ରୁ ଉର୍ଦ୍ଧ୍ୱ ବାଇକ ଓ ସୁନା ଦୋକାନର ସମ୍ମୁଖ ଭାଙ୍ଗିରୁଜି ଚୁରମାର ହୋଇ ଯାଇଛି। ଅଞ୍ଚଳବାସୀ ଉତ୍ୟକ୍ତ ହୋଇ ଚାଳକଙ୍କୁ କାବୁ କରି ବହେ ଉତ୍ତମମଧ୍ୟମ ଦେବା ସହିତ ସଦର ଥାନା ପୁଲିସକୁ ଡାକି ହସ୍ତାନ୍ତର କରା ଯାଇଥିବା ଜଣା ଯାଇଛି। ଅପରପକ୍ଷରେ ଆହାତ ୪ଜଣଙ୍କୁ ଅଞ୍ଚଳବାସୀ ଉଦ୍ଧାର କରି ନିକଟସ୍ଥ ଜିଲ୍ଲା ମୁଖ୍ୟ ଚିକିତ୍ସାଳୟରେ ଚିକିତ୍ସା ନିମନ୍ତେ ଭର୍ତ୍ତି କରା ଯାଇଥିବା ଜଣାଯାଇଛି। ତେବେ ଆହାତ ୪ଜଣଙ୍କ ମଧ୍ୟରେ ସାଇକେଲ ଚାଳକ ମିକଟସ୍ଥ ସିପି ମକୁନ୍ଦପୁର ଗ୍ରାମର ପରି ଜେନା(୬୦) ହୋଇଥିବା ବେଳେ, ଅନ୍ୟମାନଙ୍କ ମଧ୍ୟରେ ସଦର ଥାନା ଅନ୍ତର୍ଗତ ଧନିପୁର ଗ୍ରାମର ସୋନି ବିବି ଓ ତାଙ୍କ ସ୍ୱାମୀ ସେକ୍ ଅଜିଉଲ୍, ଚାନ୍ଦୁରା ପାଟେଣୀ ଗାଁର ପ୍ରଶାନ୍ତ ସେଠୀ ଇତ୍ୟାଦି ଅନ୍ତର୍ଭୁକ୍ତ। ତେବେ ଏପରି କାଣ୍ଡ ଭିଆଇଥିବା ଚାଳକ ଜଣଙ୍କ ନିଶାସକ୍ତ ଅବସ୍ଥାରେ ଏପରି କାରିଥିବା ସାଧାରଣରେ ଆଲୋଚନା ହେଉଛି।

# ଡକ୍ୟୁମେଣ୍ଟାରୀ ଫିଲ୍ମରେ ଅନନ୍ୟା



**କୁଆଖିଆ,୨୯।୮/ଏନ୍‌ଏନ୍‌ଏସ୍:** ରସୁଲପୁର ବ୍ଲକ ଅନ୍ତର୍ଗତ କୁଆଖିଆ ଥାନା ଯାବରା ଗ୍ରାମର ଅନନ୍ୟା ଜେନା, ବୟସ ମାତ୍ର ୭ବର୍ଷ ପୁରିନି ପିତା-ବିକ୍ରମ ଜେନା ମାତା- ପ୍ରଗତି ଜେନାଙ୍କର ଝିଅ। ନଠୁଆବର ଇମେଜ ପବ୍ଲିକ ସ୍କୁଲରେ ୟୁକେଜିରେ ପଢୁଛି। ମାତ୍ର ୪ବର୍ଷ ବୟସରୁ ମା'ଙ୍କ ଠାରୁ ପ୍ରେରଣା ପାଇ ଓଡିଶୀ ନୃତ୍ୟ କଳା ଶିକ୍ଷାଲାଭ କରି ବିଭିନ୍ନ ଆଞ୍ଚଳିକ ସାଂସ୍କୃତିକ କାର୍ଯ୍ୟକ୍ରମରେ ନିଜର ନୃତ୍ୟକଳା ପ୍ରଦର୍ଶିତ କରି ପୁରସ୍କୃତ ହେଇଛି। ତା ପରେ ସେ ଦର୍ଶକମାନଙ୍କ ଆଶୀର୍ବାଦରୁ ଜୀ ସାର୍ଥକ ଚ୍ୟାନେଲରେ ମେଗା ଧାରାବାହିକ ସନ୍ଧ୍ୟା ରାଗିଣୀରେ ଶିଶୁ କଳାକାର ବେବି ଭାବେ ଦୀର୍ଘ ୧ବର୍ଷ ଧରି ନିଖୁଣ ଅଭିନୟ କରି ଦର୍ଶକଙ୍କ ଆଗରେ ନିଜର ପରିଚୟ ସୃଷ୍ଟି କରି ପାରିଲା। ଏହା ପରେ ଜୀ ସାର୍ଥକର ସିନେମା,ଶାଶୁ ନୁହେଁ ସେ ସୁନାମି ଝଡ଼ରେ ମିଠୀ ଭୂମିକାରେ ଅଭିନୟ କରି ବେଶ ସଫଳ ହେଲା। ତା ପରଠୁ ସିଏ ଆଉ ପଛକୁ ଫେରି ନାହିଁ ଏହା ଭିତରେ ଓମସୋମ ମ୍ୟୁଜିକ୍‌ରେ ଅନେକ ମ୍ୟୁଜିକ୍ ଭିଡିଓରେ ଏବଂ ଡକ୍ୟୁମେଣ୍ଟାରୀ ଫିଲ୍ମରେ ମଧ ବହୁତ ଭଲ ଅଭିନୟ କରିସାରିଲେଣି।

# କମୁଛି ବନ୍ୟାଜଳ, ରେଙ୍ଗାଳିର ସମସ୍ତ ଗେଟ୍ ବନ୍ଦ

**ଧର୍ମଶାଳା,୨୯।୮/ଏନ୍‌ଏନ୍‌ଏସ୍:** ଓଡିଶାର ଦ୍ୱିତୀୟ ବୃହମ ନଦୀ ବ୍ରାହ୍ମଣୀ ଓ ଏହାର ଶାଖା ନଦୀ ଗୁଡିକ ଗତ ୩ ଦିନ ହେବ ବନ୍ୟାଜଳ ବୃଦ୍ଧି ପାଉଥିବା ବେଳେ ଗତକାଲି ରାତିରୁ ଧିରେ ଧିରେ ବନ୍ୟାଜଳ ଖସୁଥିବା ଦେଖିବକୁ ମିଳିଛି। ରେଙ୍ଗାଲି ଡ୍ୟାମ୍‌ର ଉପରମୁଣ୍ଡରେ ଭାରି ବର୍ଷା ଲାଗିରହିବାରୁ ଡ୍ୟାମର ଜଳପତନ ବୃଦ୍ଧି ପାଇଥିଲା। ବନ୍ୟା ନିୟନ୍ତ୍ରଣ ପାଇଁ ଜଳସେଚନ ବିଭାଗ ପକ୍ଷରୁ ଡ୍ୟାମର ୩ଗୋଟି ଗେଟ ଗତ ୩ ଦିନ ହେବ ଖୋଲାଯାଇଥିଲା। ଫଳରେ ବ୍ରାହ୍ମଣୀ ନଦୀରେ ଏକ ବଡଧରଣର ବନ୍ୟା ଆସିବାର ଆଶଙ୍କା କରାଯାଇଥିଲା । ବ୍ରାହ୍ମଣୀ ନଦୀର ଜେନାପୁର ଠାରେ ବିପଦ ସଙ୍କେତ ୬୭ ଫୁଟ ରହିଥିବା ବେଳେ ବୁଧବାର ନଦୀର ଜଳସ୍ତର ବୃଦ୍ଧି ପାଇ ୬୪.୭୦ ଫୁଟ ଉପରେ ବନ୍ୟାଜଳ ପ୍ରବାହିତ ହେଉଥିଲା। ତେବେ ରେଙ୍ଗାଲୀ ଡ୍ୟାମର ପର୍ଯ୍ୟାୟ କ୍ରମେ ୩ ଗୋଟି ଗେଟ ବନ୍ଦ କରିବା ପରେ ନଦୀରେ ଜଳପତନ ଧିରେ ଧିରେ ହ୍ରାସ ପାଇବାରେ ଲାଗିଛି । ରେଙ୍ଗାଲି ଡ୍ୟାମର ୩ ଗୋଟି ଗେଟ ବନ୍ଦ ହେବା ଯୋଗୁଁ ନଦୀରେ ବନ୍ୟାଜଳ ହ୍ରାସ ପାଇ ଜେନାପୁର ଠାରେ ଆଜି ସନ୍ଧ୍ୟା ସୁଦ୍ଧା ଜଳପତନ ୬୧.୪୦ ଫୁଟରେ ରହିଛି ଏବଂ ଧିରେ ଧିରେ ଏହା କମିବାରେ ଲାଗିଛି । ତେବେ ନଦୀରେ ଜଳପତନ ବଢୁଥିବା ବେଳେ ନଦୀର ତଳିଆ ଅଞ୍ଚଳରେ ରହିଥିବା ଅନେକ ଚାଷ ଜମିରେ ବନ୍ୟାଜଳ ମାଡିଯାଇଥିଲା। ଏବେ ବନ୍ୟା କମିବା ପରେ ଚାଷ ଜମିରେ ହୋଇଥିବା ପନିପରିବା ଚାଷ ଗୁଡିକ ସମ୍ପୂର୍ଣ୍ଣ ଭାବେ ନଷ୍ଟ ହୋଇଯାଇଥିବା ଦେଖିବାକୁ ମିଳିଛି । ଅନ୍ୟପଟେ ଏହି ଚାଷ ଜମି ଗୁଡିକରେ ହୋଇଥିବା ଧାନ ଫସଲ ଆଂଶିକ ଭାବେ କ୍ଷତି ହୋଇଛି । ଯାହାକୁ ନେଇ ଚଷୀମାନଙ୍କ ମଧ୍ୟରେ ଭାଳେଣି ପଡିଯାଇଛି । ପରିଶ୍ରମ କରି ବିଲରେ କରିଥିବା ପନିପରିବା ଚାଷ ନଷ୍ଟ ହୋଇଥିବା ଦେଖି ଚାଷୀମାନେ ମୁଣ୍ଡରେ ହାତଦେଇ ବସିଛନ୍ତି । ସେହିପରି ଏହି ବନ୍ୟାରେ କୃଷ୍ଣଦାସପୁର ଓ ବରୁଆଁ ରାସ୍ତାର ଭଗବାନପୁର ଠାରେ ୨ ଫୁଟ ଉଚ୍ଚରେ ବନ୍ୟାଜଳ ପ୍ରବାହିତ ହୋଇ ଯାତାୟତ ବନ୍ଦ ରହିଥିବା ବେଳେ ଏବେ ଜଳସ୍ତର ହ୍ରାସ ପାଇବାରୁ ଉକ୍ତ ରାସ୍ତା ଦେଇ ଯାତାୟତ ସ୍ୱଭାବିକ ହୋଇଛି । ବର୍ତ୍ତମାନ ବ୍ରାହ୍ମଣୀ ନଦୀରେ ଆସିଥିବା ବନ୍ୟାରେ ସୁଦ୍ଧାର ଆସିଛି । ଫଳରେ ନଦୀ କୂଳିଆ ଲୋକେ ଆସ୍ତସ୍ତି ଲାଭ କରିଛନ୍ତି।

# ବନ୍ଦର ପ୍ରାଧିକରଣ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ



**ପାରାଦୀପ,୨୯।୮/ଏନ୍‌ଏନ୍‌ଏସ୍:** ପ୍ରତିବର୍ଷ ପରି ଚଳିତ ବର୍ଷ ପାରାଦୀପ ବନ୍ଦର ପ୍ରାଧିକରଣ ପକ୍ଷରୁ ଜାତୀୟ କ୍ରୀଡା ଦିବସ ଅଗଷ୍ଟ ୨୯ ତାରିଖ ଶୁକ୍ରବାର ଦିନ ପାଳିତ ହୋଇଯାଇଛି। ଏହି ଅବସରରେ ସକାଳେ ଗୋପବନ୍ଧୁ ଷ୍ଟାଡିୟମ ଠାରେ ଆୟୋଜିତ ଏକ କାର୍ଯ୍ୟକ୍ରମରେ ଗୋପବନ୍ଧୁ କ୍ରୀଡା ସଂସଦର କାର୍ଯ୍ୟକାରୀ ସଭାପତି ଡା. ଦୁର୍ଗା ପ୍ରସାଦ ସେଠୀ ମୁଖ୍ୟ ଅତିଥି ଭାବେ ଯୋଗଦେଇ ମେଜର ଧ୍ୟାନଚାନ୍ଦଙ୍କ ଫଟୋଚିତ୍ରରେ ମାଲ୍ୟାର୍ପଣ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରି ଜାତୀୟ କ୍ରୀଡା ଦିବସର ଆଭିମୁଖ୍ୟ ଓ ମେଜର ଧ୍ୟାନଚାନ୍ଦଙ୍କ ଜୀବନୀ ଉପରେ ଆଲୋକପାତ କରିଥିଲେ। ଏହି କାର୍ଯ୍ୟକ୍ରମରେ ଅନ୍ୟମାନଙ୍କ ମଧ୍ୟରେ ବନ୍ଦର କ୍ରୀଡା ଉପଦେଷ୍ଟା ରବି ଦାସ, ବନ୍ଦର ହକି ଦଳର ଅଧିନାୟକ ବିଜୟ ଦାସ, ଜିକେଏସ ସମ୍ପାଦକ ଧ୍ରୁବଚନ୍ଦ୍ର ତରାଇ ପ୍ରମୁଖ ଉପସ୍ଥିତ ରହି ମହାନ ହକି ଖେଳାଳି ଧ୍ୟାନଚାନ୍ଦଙ୍କ ଜୀବନୀ ଓ ହକି ପ୍ରତି ତାଙ୍କର ଅବଦାନ ସମ୍ପର୍କରେ ଆଲୋଚନା କରିଥିଲେ। ଏହି ଅବସରରେ ଏକ ଗଣଦୌଡ଼ର ଆୟୋଜନ କରାଯାଇଥିବା ବେଳେ ଗଲ୍ଫ ପଡିଆରେ ନିଅରେଷ୍ଟ ପିନ୍ ଗଲ୍ଫ ପ୍ରତିଯୋଗିତାରେ ପାରାଦୀପ ଗଲ୍ଫ ଟିମ ଅଧିନାୟକ ଅକ୍ଷୟ ଚନ୍ଦ୍ର ସୁତାର ଏବଂ ଦୀପକ ଷଡଙ୍ଗୀ ଯୁଗ୍ମ ବିଜେତା ହୋଇଥିଲେ। ସେହିପରି କ୍ରୀଡା ଦିବସ ଉପଲକ୍ଷେ ବିଭିନ୍ନ ବର୍ଗରେ ଭଲିବଲ, ଫୁଟବଲ, ବିଲିୟାର୍ଡ୍ସ ଇତ୍ୟାଦି ମ୍ୟାଚ ଅନୁଷ୍ଠିତ ହୋଇଥିଲା।

# ଛାତ୍ରୀଙ୍କ ପାଠପଢ଼ା ପାଇଁ ସହାୟତା



**ଆଳି,୨୯।୮/ଏନ୍‌ଏନ୍‌ଏସ୍:** ବର୍ଷେ ହେବ ପରିବାରର ମୁଖ୍ୟ ଶରତ ନାୟକ ନିଖୋଜ ହୋଇ ଯାଇଥିବା ବେଳେ ଆଜି ପର୍ଯ୍ୟନ୍ତ ତାଙ୍କ ଖୋଜ ଖବର ମିଳୁନି। ପରିବାର ଲୋକ ଖୋଜା ଖୋଜି କରିବା ସହ ଥାନାରେ ଅଭିଯୋଗ କରିଥିଲେ ମଧ କିଛି ଶରତଙ୍କର ଆଜି ପର୍ଯ୍ୟନ୍ତ ପତାମିଳୁନି। ଅପରପକ୍ଷରେ ଶରତଙ୍କ ଅନୁପସ୍ଥିତ ଯୋଗୁଁ ପରିବାର ଚଳିବା କଷ୍ଟକର ହୋଇ ପଡ଼ିଥିବା ବେଳେ ବିଟେକ ପଢୁଥିବା ଝିଅର ପାଠ ପଢା ବନ୍ଦ ହୋଇ ଯାଇଛି। ଏହି ଖବର ଗଣମାଧ୍ୟମରେ ପ୍ରକାଶ ପାଇବା ପରେ ସରକାରୀ ସ୍ତରରେ କୌଣସି ସହାୟତା ମିଳି ନଥିବା ବେଳେ ବିଭିନ୍ନ ସ୍ୱେଚ୍ଛାସେବୀ ଅନୁଷ୍ଠାନ ସହାୟତାର ହାତ ବଢ଼ାଇଛନ୍ତି। ଏହି ଅବସରରେ ଆଜି ଆଳି ଅଞ୍ଚଳର ବକ୍ସ ଅଫିସ ହେଲପିଙ୍ଗ୍ ହ୍ୟାଣ୍ଡର ସଦସ୍ୟମାନେ ଛାତ୍ରୀଙ୍କ ପାଠ ପଢା ନିମନ୍ତେ କିଛି ଆର୍ଥିକ ସହାୟତା ଯୋଗାଇ ଦେଇଛନ୍ତି। ସୂଚନା ଅନୁଯାୟୀ ଆଳି ବ୍ଲକ କୁମାରଟଙ୍କା ଗ୍ରାମର ଶରତ ନାୟକ ପ୍ରାୟ ବର୍ଷେ ହେବ କେଉଁଆଡେ ନିଖୋଜ ହୋଇ ଯାଇଥିବା ବେଳେ ପରିବାର ଲୋକ ତାଙ୍କ ଫେରିବା ବାଟକୁ ଚାହିଁ ବସିଛନ୍ତି। ଶରତଙ୍କ ନିଖୋଜ ହେବା ପରେ ପରିବାର ଚଳାଇବାରେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ତାଙ୍କ ପତ୍ନୀ ଅନୁପମା ନାୟକ। ଦୁଇ ଓଳି ଦୁଇ ମୁଠା ଖାଇବା ଯୋଗାଡ଼ କରିବା ଏହି ପରିବାର ପାଇଁ କାଠିକର ପାଠ ହୋଇଥିବାରୁ ମା ବିଟେକ ପଢୁଥିବା ବଡ଼ ଝିଅ ଶ୍ରଦ୍ଧାଞ୍ଜଳି ନାୟକର ପାଠ ପଢ଼ା ବନ୍ଦ କରିଥିବା ବେଳେ ସ୍ଥାନୀୟ ଅଞ୍ଚଳର କିଛି ସାମାଜିକ ଅନୁଷ୍ଠାନ ସହଯୋଗରେ ସାନଝିଅ ଶ୍ରାବଣୀ ରାଧା ନାୟକ ଆଳି ମହାବିଦ୍ୟାଳୟରେ +୨ ପାଠ ପଢୁଛନ୍ତି। ବିଟେକ ପାଠ ପଢିବା ନିମନ୍ତେ ଅଧିକ ଅର୍ଥର ଆବଶ୍ୟକତା ଥିବା ବେଳେ ସରକାରୀ, ବେସରକାରୀ ଓ ସାମାଜିକ ଅନୁଷ୍ଠାନ ସହଯୋଗର ହାତ ବଢ଼ାଇବାକୁ ବକ୍ସ ଅଫିସ ହେଲପିଙ୍ଗ ହ୍ୟାଣ୍ଡ ପକ୍ଷରୁ ନିବେଦନ କରାଯାଇଛି।

# କଣ୍ଡକ୍ଟରଙ୍କ ହର୍‌ତାଳ: ଗ୍ରାମୀଣ ବସ୍ ସେବା ଠପ୍



**ପରଜଙ୍ଗ,୨୯।୮/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍‌ରେ ୪ଦିନ ଧରି ଗ୍ରାମୀଣ ପରିବହନ ବସ୍ ସେବାରୁ ବଞ୍ଚିତ ହେଉଛନ୍ତି ଅଞ୍ଚଳବାସୀ। ଯାହା ଫଳରେ ଯାତ୍ରୀମାନେ ଗାଁକୁ ଯିବା ଆସିବା କରିବାପାଇଁ ବାରମ୍ବାର ଗ୍ରାମୀଣ ପରିବହନ ବସ୍ ସେବାକୁ ଅପେକ୍ଷା କରି ଫେରିବାକୁ ପଡୁଥିବା ବେଳେ ଗାଁ ଗହଳିରୁ କଲେଜକୁ ଆସୁଥିବା ଛାତ୍ରଛାତ୍ରୀମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ବ୍ଲକ କାର୍ଯ୍ୟାଳୟ ପରିସରରେ ସରକାରଙ୍କ ୫ଟି ଗ୍ରାମୀଣ ପରିବହନ ବସ୍‌କୁ ଛିଡ଼ାକରି ୧୨ କଣ୍ଡକ୍ଟର, ୬ ଡ୍ରାଇଭର , ୨ ସୁପରଭାଇଜର, ଜଣେ ଟେକ୍ନିସିଆନ୍ ଓ ଜଣେ ସୁଇପର ସମେତ ୨୨ ଜଣ କର୍ମଚାରୀ ୪ ଗୋଟି ଦାବିକୁ ନେଇ ସକାଳ ୬ ଟା ଠାରୁ ସନ୍ଧ୍ୟା ୬ଟା ପର୍ଯ୍ୟନ୍ତ ହରତାଲ୍‌ରେ ବସି ରହିଛନ୍ତି। ମୁଖ୍ୟ ଦାବୀ ପରଜଙ୍ଗ ସୁପର ଭାଇଜର( ପରିଚାଳିକା)କଳ୍ପନା ମହାପାତ୍ରଙ୍କୁ ଅନ୍ୟତ୍ର ବଦଳି କରାଯାଉ। ସମସ୍ତ କର୍ମଚାରୀଙ୍କୁ ଅସହ୍ୟ ଦୁର୍ବ୍ୟବହାର ଅଭିଯୋଗ ହେଉଥିବାରୁ ତାଙ୍କର ଅନ୍ୟତ୍ର ବଦଳି ନ ହେବା ପର୍ଯ୍ୟନ୍ତ ବସ୍‌ରେ କୌଣସି କର୍ମଚାରୀ ଚଢ଼ିବେ ନାହିଁ ବା କାହାରିକୁ ଚଢ଼ାଇ ଦେବେ ନାହିଁ । ଇପିଏଫ୍, ଇଏସ୍‌ଆଇ ଓ ଲିଭ୍ ବୋନସ ପାଇଁ ଏହିଭଳି ଦାବି ରଖି ଏକ ଲିଖିତ ଅଭିଯୋଗ ରାଜ୍ୟ ସରକାରଙ୍କ ଜିଲ୍ଲା ମୁଖ୍ୟ ପରିଚାଳକଙ୍କ ଉଦ୍ଦେଶ୍ୟରେ ଜିଲ୍ଲା ସୁପର ଭାଇଜର ଅବିନାଶ ବେହେରାଙ୍କ ଜରିଆରେ ଦାବିପତ୍ର ପ୍ରଦାନ କରିଛନ୍ତି। ଏ ନେଇ ଗତ ଗୁରୁବାର ଦିନ ଭୁବନେଶ୍ୱରରୁ ଉକ୍ତ ଠିକା ସଂସ୍ଥାର ଜେନେରାଲ ମ୍ୟାନେଜର ଚକ୍ରଧର ପାଢ଼ୀ, ମାନବସମ୍ବଳ ଅଧିକାରୀ ଅଶୋକ ରାଉତ ଓ ଜିଲ୍ଲା ସୁପରଭାଇଜର ଅବିନାଶ ବେହେରା ଆସି ସମସ୍ତ କର୍ମଚାରୀଙ୍କୁ ବୁଝି ସୁଝି କରିବା ସହ ଆଲୋଚନା କରିଥିଲେ ସୁଦ୍ଧା କୌଣସି ସମାଧାନ ହୋଇପାରି ନ ଥିଲା।

# ଝରି ବସନ୍ତିଆଙ୍କ ସ୍ମୃତିଚାରଣ ସଭା



**ମାର୍ଶାଘାଇ,୨୯।୮/ଏନ୍‌ଏନ୍‌ଏସ୍:** ମାର୍ଶାଘାଇ ଅଞ୍ଚଳର ବରିଷ୍ଠ ସମାଜସେବୀ ଦିବଂଗତ ଝରି ବସନ୍ତିଆଙ୍କ ଦ୍ୱାଦଶାହରେ ଏକ ସ୍ମୃତିଚାରଣ ସଭା ମାର୍ଶାଘାଇ ଉପକଣ୍ଠ ଦି ରୟାଲ ଗାର୍ଡେନ ମଣ୍ଡପ ପରିସରରେ ଅନୁଷ୍ଠିତ ହୋଇଯାଇଛି । ଅଧ୍ୟାପକ ସୁକାନ୍ତ କୁମାର ପ୍ରଧାନଙ୍କ ସଂଯୋଜନାରେ ଆୟୋଜିତ ସ୍ମୃତିଚାରଣ ସଭାରେ ବରିଷ୍ଠ ରାଜନେତା ତଥା ପୂର୍ବତନ ମନ୍ତ୍ରୀ ବିଜୟ କୁମାର ମହାପାତ୍ର, ଅତନୁ ସବ୍ୟସାଚୀ ନାୟକ, ମାର୍ଶାଘାଇ ପଞ୍ଚାୟତ ସମିତିର ପ୍ରାକ୍ତନ ଅଧ୍ୟକ୍ଷ ସଞ୍ଜୟ କୁମାର ଲେଙ୍କା, ଜିଲ୍ଲା ପରିଷଦ ସଦସ୍ୟ ପ୍ରମୋଦ କୁମାର ରଥ, ପ୍ରତାପ କୁମାର ମଲ୍ଲିକ,ସମାଜସେବୀ ତ୍ରୈଲୋକ୍ୟନାଥ ବେଉରା, ମନୋରଞ୍ଜନ ସାମଲ, କୈଳାସ ଚନ୍ଦ୍ର ଦାସ, ସୁରେନ୍ଦ୍ର ବେହେରା, ରତ୍ନାକର ବାରିକ, ରବୀନ୍ଦ୍ର ପଣ୍ଡା, ନିର୍ମଳା ଦାସ, ଅବସରପ୍ରାପ୍ତ ଆରକ୍ଷୀ ଅଧିକାରୀ ବସନ୍ତ କୁମାର ବଡ଼ଜେନା, ଶିକ୍ଷାବିତ ଦେବେନ୍ଦ୍ରନାଥ ଦାସ, ପ୍ରତାପ ଚନ୍ଦ୍ର ପ୍ରଧାନ, ମଧୁସୂଦନ ବେହେରା ପ୍ରମୁଖ ଯୋଗଦେଇ ସ୍ୱର୍ଗତ ଝରି ବସନ୍ତିଆଙ୍କ ମାର୍ଶାଘାଇ ପ୍ରାଥମିକ କୃଷି ସେବା ସମବାୟ ସମିତି, ମାର୍ଶାଘାଇ ମହାବିଦ୍ୟାଳୟ, ମହିଳା ଉଚ୍ଚ ମାଧ୍ୟମିକ ବିଦ୍ୟାଳୟ, ଦୁର୍ଗାପୂଜା କମିଟି, କଷୋଟିବାଲିର ବଜ୍ରସୁନା ମନ୍ଦିର ପ୍ରତି ଅବଦାନ, ତ୍ୟାଗ, ମୂଲ୍ୟବୋଧର ସ୍ମୃତି ଚାରଣ କରିବା ସହ ପ୍ରବାଦପୁରୁଷ ବିଜୁ ପଟ୍ଟନାୟକଙ୍କ ଏକାନ୍ତ ଅନୁଗତ ସ୍ୱର୍ଗତ ବସନ୍ତିଆ ମାର୍ଶାଘାଇ ବିକାଶ ପର୍ବର ଅନ୍ୟତମ ବିନ୍ଧାଣୀ ଥିଲେ ବୋଲି ମତବ୍ୟକ୍ତ କରିଥିଲେ। ପୁତ୍ର ମନୋରଞ୍ଜନ ବସନ୍ତିଆ ଓ ଜ୍ଞାନରଞ୍ଜନ ବସନ୍ତିଆ ସଭା ପରିଚାଳନା କରିଥିଲାବେଳେ ମାର୍ଶାଘାଇ ସରପଞ୍ଚ ଭାଗବତ ପ୍ରସାଦ ବେହେରା, ସମିତିସଭ୍ୟ ପ୍ରସନ୍ନ କୁମାର ସାହୁ, ସମାଜସେବୀ ରନେନ୍ଦ୍ର କୁମାର ସ୍ୱାଇଁ, ସାରଦା ପ୍ରସନ୍ନ ବେହେରା ଉମାକାନ୍ତ ଦାସ ପ୍ରମୁଖ ଉପସ୍ଥିତ ଥିଲାବେଳେ ସାମ୍ବାଦିକ ବିଚିତ୍ରାନନ୍ଦ ବେହେରା ଧନ୍ୟବାଦ ଅର୍ପଣ କରିଥିଲେ।

# କେନାଲରେ ବୁଡ଼ି ଯୁବକ ମୃତ

**ପରଜଙ୍ଗ,୨୯।୮/ଏନ୍‌ଏନ୍‌ଏସ୍:** ଢେଙ୍କାନାଳ ଜିଲ୍ଲା ପରଜଙ୍ଗ ବ୍ଲକ୍ ଅନ୍ତର୍ଗତ ବସୁଲେଇ ଗ୍ରାମଦେଇ ଯାଇଥିବା ରେଙ୍ଗାଲି ବାମ ପାର୍ଶ୍ୱ କେନାଲ ରେ ବୁଡି ଜଣେ ଯୁବକର ମୃତ୍ୟୁ ହୋଇଛି। ପ୍ରକାଶ, ଗତକାଲି ରାତିରେ ଗ୍ରାମରେ ଡ୍ରାମା ଦେଖି ସକାଳେ ଗଣେଶ ମୂର୍ତ୍ତି ବିସର୍ଜନ କରି ବସୁଲେଇ ଗ୍ରାମର ଯୁବକ ମାନସ ପରିଡ଼ା (୩୪) ରେଙ୍ଗାଲି ବାମ ପାର୍ଶ୍ୱ କେନାଲରେ ଗାଧୋଇବା ବେଳେ ଗଭୀର ଜଳରେ ବୁଡି ଯାଇଥିଲେ। ଖବରପାଇ ଘଟଣାସ୍ଥଳରେ ପରଜଙ୍ଗ ଅଗ୍ନିଶମ ବିଭାଗ ଓ ପୁଲିସ ପହଞ୍ଚି ସ୍ଥାନୀୟ ଲୋକଙ୍କ ସାହାଯ୍ୟରେ ଯୁବକକୁ ଖୋଜାଖୋଜି କରି ଗଭୀର ଜଳରୁ ଉଦ୍ଧାର କରି ପରଜଙ୍ଗ ଗୋଷ୍ଠୀ ସ୍ୱାସ୍ଥ୍ୟ କେନ୍ଦ୍ରରେ ଭର୍ତ୍ତି କରିଥିଲେ। ଡାକ୍ତର ତାଙ୍କୁ ମୃତ ଘୋଷଣା କରି ପୁଲିସ ସହାୟତାରେ ଶବ ବ୍ୟବଚ୍ଛେଦ ପାଇଁ ପଠାଇଥିଲେ। ଏ ନେଇ ଏକ ଅପ ମୃତ୍ୟୁ ମାମଲା ରୁଜୁ କରି ତଦନ୍ତ ଚଳାଇଛି ପୁଲିସ।

# ସ୍ୱାୟତ୍ତ ଶାସନରେ ମନୋରଞ୍ଜନ କାର୍ଯ୍ୟକ୍ରମ ବନ୍ଦ

**କାମାକ୍ଷାନଗର,୨୯।୮/ଏନ୍‌ଏନ୍‌ଏସ୍:** ସବୁ ବର୍ଷ ଭଳି ଚଳିତ ବର୍ଷ ୩୧ରେ ହେବାକୁ ଥିବା ସ୍ୱାୟତ୍ତ ଶାସନ ଦିବସ ଖୁବ୍ ଆଡମ୍ବରରେ ପାଳିତ ହେବାକୁ ଯାଉଥିଲା। ହେଲେ ଅଚାନକ ୯ନଂ ୱାର୍ଡ଼ର କାଉନସିଲର ଜିତେନ୍ଦ୍ର ରାଉଳଙ୍କ ଦେହ ଅସୁସ୍ଥ ହୋଇ କଟକର ଏକ ଘରୋଇ ହସ୍ପିଟାଲରେ ଚିକିତ୍ସିତ ହେଉଥିଲେ। ତାଙ୍କର ଅଚାନକ ଅସୁସ୍ଥତା ଖବର ଶୁଣି ତାଙ୍କ ସାନ ଭାଇଙ୍କ ହୃଦ୍‌ଘାତ ହେବାରୁ ପ୍ରଥମେ ଅନୁଗୁଳ ପରେ କଟକକୁ ସ୍ଥାନାନ୍ତରିତ କରାଯାଇଥିଲା । ହେଲେ ଡାକ୍ତର ତାଙ୍କୁ ମୃତ ଘୋଷଣା କରିଥିଲେ। ସାନଭାଇ ମୃତ୍ୟୁ ହେବାର ଦୁଇ ଦିନ ପରେ ଜିତେନ୍ଦ୍ର ମେଡିକାଲ୍‌ରୁ ଡିସଚାର୍ଜ ହୋଇ ଘରକୁ ଆସିଛନ୍ତି। ହେଲେ ଏବେ ବି ସେ ଅସୁସ୍ଥ ଅଛନ୍ତି। କାଉନସିଲରଙ୍କ ଏପରି ବିପଦ ସମୟରେ ମନୋରଞ୍ଜନ କାର୍ଯ୍ୟକ୍ରମ କରିବାକୁ ନଗରପାଳ ଉଚିତ୍ ଭାବିନଥିଲେ। ସେଥିଲାଗି ଏହି କାର୍ଯ୍ୟକ୍ରମକୁ ବାତିଲ କରିଥିଲେ। ନଗରପାଳଙ୍କ ଏପରି ପଦକ୍ଷେପକୁ ସହର ସାରା ପ୍ରଶଂସା କରାଯାଉଛି। ନଗରପାଳଙ୍କ ସହ ଯୋଗାଯୋଗ କରିବାରୁ ସେ କହିଛନ୍ତି ମନୋରଞ୍ଜନ କାର୍ଯ୍ୟକ୍ରମକୁ ବନ୍ଦ ରଖାଯାଇଛି କିନ୍ତୁ ପୂର୍ବ ପ୍ରସ୍ତୁତି ଅନୁଯାୟୀ ସାଧାରଣ ସଭା ଓ ପୁରସ୍କାର ବିତରଣ କାର୍ଯ୍ୟକ୍ରମ ଅଡିଟୋରୀୟମ ହଲ୍‌ରେ ସକାଳ ୧୦ରୁ ଅନୁଷ୍ଠିତ ହେବ।

# ଖେଲ୍ ମହୋତ୍ସବକୁ ଉଦ୍‌ଘାଟନ କଲେ ସାଂସଦ




**କେନ୍ଦ୍ରାପଡ଼ା,୨୯।୮/ଏନ୍‌ଏନ୍‌ଏସ୍:** ପ୍ରଥମଥର ପାଇଁ କେନ୍ଦ୍ରାପଡ଼ା ଲୋକସଭା ନିର୍ବାଚନ ମଣ୍ଡଳୀରେ ଆରମ୍ଭ ହେବାକୁ ଥିବା ସାଂସଦ ଖେଲ୍ ମହା ଉତ୍ସବକୁ କେନ୍ଦ୍ରାପଡା ସାଂସଦ ତଥା ରାଷ୍ଟ୍ରୀୟ ବିଜେପି ଉପସଭାପତି ବୈଜୟନ୍ତ ପଣ୍ଡା ଉଦ୍‌ଘାଟନ କରିଛନ୍ତି । ଫିଟ୍ ଇଣ୍ଡିଆ କାର୍ଯ୍ୟକ୍ରମରେ ଅନ୍ତର୍ଭୁକ୍ତ ଉକ୍ତ କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଲୋକସଭା ଅଧିନରେ ଥିବା ୭ଟି ବିଧନସଭା ନିର୍ବାଚନ ମଣ୍ଡଳୀର ବହୁ ଖେଳାଳୀମାନେ ଯୋଗ ଦେଇଥିଲେ । ଜିଲ୍ଲା ସଂସ୍କୃତି ଭବନ ପରିସରରେ ଆୟୋଜିତ ଏହି କାର୍ଯ୍ୟକ୍ରମରେ କେନ୍ଦ୍ରାପଡା ଜିଲ୍ଲାପାଳ ରଘୁରାମ ଆର ଆୟାର, ଅତିରିକ୍ତ ଜିଲ୍ଲାପାଳ ନବକୃଷ୍ଣ ଜେନା, ଜିଲ୍ଲା କ୍ରୀଡା ଅଧିକାରୀ ଲୋକନାଥ ପାଣିଗ୍ରାହୀ, ମହାକାଳପଡା ବିଧାୟକ ଦୁର୍ଗା ପ୍ରସନ୍ନ ନାୟକଙ୍କ ସହିତ ଜିଲ୍ଲା ବିଜେପି ସଭାପତି ଶଶାଙ୍କ ଶେଖର ସେଠୀ, କିଶୋର ପଣ୍ଡା, ବିଜେପି ପ୍ରବକ୍ତା ତେଜେଶ୍ୱର ପରିଡା, ଦୁର୍ଯ୍ୟୋଧନ ସାହୁ, ଗୀତାଞ୍ଜଳୀ ସେଠୀ, କୃଷ୍ଣଚନ୍ଦ୍ର ପଣ୍ଡା, କଳ୍ପନା ମଲ୍ଲିକ, ପୂର୍ବତନ ସାଂସଦ ଅର୍ଚ୍ଚନା ନାୟକ, ସଲିମ୍ ଖାନ୍, ଜ୍ୟୋତ୍ସ୍ନାମୟୀ ଜେନା, ଲଳିତ ବେହେରା, ପ୍ରମୁଖ ଉପସ୍ଥିତ ଥିଲେ। ଉକ୍ତ ମହୋତ୍ସବରେ ଭାଗ ନେବାପାଇଁ ଖେଳାଳୀମାନଙ୍କ ନାମ ପଞ୍ଜୀକରଣ ପ୍ରକ୍ରିୟା ଆରମ୍ଭ ହୋଇଛି । ଏହି ପ୍ରକ୍ରିୟା ସେପ୍ଟେମ୍ବର ୨୦ ତାରିଖ ପର୍ଯ୍ୟନ୍ତ ଚାଲୁ ରହିବ । ଏହାପରେ ତ୍ରିସ୍ତରୀୟ ଖେଳ ଆରମ୍ଭ ହୋଇ ଡିସେମ୍ବର ୨୫ରେ ଶେଷ ହେବ। ଉକ୍ତ ପ୍ରତିଯୋଗିତାରେ ୮ଟି ବିଭାଗରେ ଖେଳାଳୀମାନେ ଭାଗନେଇ ପାରିବେ। ପ୍ରଥମେ ଗ୍ରାମ ପଞ୍ଚାୟତସ୍ତରୀୟ ଏହାପରେ ବିଧାନସଭାସ୍ତରୀୟ ଓ ଲୋକସଭାକ୍ଷେତ୍ରୀୟ ପ୍ରତିଯୋଗିତା ଅନୁଷ୍ଠିତ ହେବ। ଏହି କାର୍ଯ୍ୟକ୍ରମର ମୁଖ୍ୟ ଉଦ୍ଦେଶ୍ୟ ହେଲା ଗ୍ରାମାଞ୍ଚଳରେ ଥିବା ପ୍ରତିଭା ଜାତୀୟ ଓ ଆନ୍ତର୍ଜାତୀୟସ୍ତରର ଖେଳାଳୀ ସୃଷ୍ଟି କରିବା । ଏଥିରେ ଜିଲ୍ଲା ପ୍ରଶାସନ ସହ ଜନ ସାଧାରଣଙ୍କର ସହଯୋଗ ଆବଶ୍ୟକ ବୋଲି ସାଂସଦ ଶ୍ରୀ ପଣ୍ଡା ପ୍ରକାଶ କରିଛନ୍ତି । ଏହି କାର୍ଯ୍ୟକ୍ରମରେ ଜାତୀୟ ଓ ଆନ୍ତର୍ଜାତୀୟସ୍ତରରେ ଉତୀର୍ଣ୍ଣ ହୋଇଥିବା ଖେଳାଳୀ ଓ ଜିଲ୍ଲାର ବହୁ ବିଶିଷ୍ଟ ବ୍ୟକ୍ତିମାନେ ଉପସ୍ଥିତ ଥିଲେ।

# ଜବତ ବାଲିଗାଡ଼ିକୁ ବିନା ଫାଇନ୍‌ରେ ଛାଡ଼ିଦେଲେ !




**ତାଲଚେର,୨୯।୮/ଏନ୍‌ଏନ୍‌ଏସ୍:** ଚୋରାରେ ବାଲି ନେଉଥିବା ଏକ ହାଇୱା ଟ୍ରକ୍‌କୁ ତାଲଚେର ମାଇନିଙ୍ଗ୍ ମିନରାଲ ବିଭାଗ ପକ୍ଷରୁ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟ ଭିତରକୁ ଅଣାଯାଇ କିଛି ସମୟ ମଧ୍ୟରେ ବାଲିକୁ ଅନ୍ୟତ୍ର ଅନଲୋଡ୍ କରିବା କହି ଚାଳକ ବାଲି ବୋଝେଇ ହାଇୱା ଗାଡ଼ିକୁ ନେଇ ଫେରାର୍ ହୋଇଯିବା ଘଟଣା ବିଭାଗୀୟ କର୍ତ୍ତୃପକ୍ଷଙ୍କୁ ସନ୍ଦେହ ଘେରକୁ ଟାଣି ନେଇଛି। ବିଶେଷ ସୂତ୍ରର ଖବର ଅନୁଯାୟୀ ପୋଲିସ ସ୍କ୍ୱାର୍ଡ ତାଲଚେର ମାଇନ ମିନରାଲ ବିଭାଗ ଅନୁଯାୟୀ ତାଲଚେର ଥର୍ମାଲ ଆନନ୍ଦ ବଜାର ଠାରୁ ଏକ ହାଇୱା ବାଲି ବୋଝେଇ ଟ୍ରକକୁ ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାଳୟକୁ ଆଣିଥିଲେ। କିଛି ସମୟ ମଧ୍ୟରେ ପୋଲିସକୁ ଖଣି କାର୍ଯ୍ୟାଳୟରେ ଅପେକ୍ଷା କରନ୍ତୁ ବୋଲି କାର୍ଯ୍ୟାଳୟ ପକ୍ଷରୁ କୁହାଯାଇଥିଲା। ଏହାପରେ ଗାଡ଼ି ଚାଳକ ସେଠାରୁ ବାଲିକୁ ଅନ୍ୟତ୍ର ଅନଲୋଡ଼ କରିବାପାଇଁ କହି କେଉଁ ଆଡ଼େ ଉଭାନ ହୋଇଯାଇଥିଲା ବୋଲି ଅଭିଯୋଗ ହେଉଛି। ଅପରପକ୍ଷେ ପୁଲିସ୍ ଘଣ୍ଟା ଘଣ୍ଟା ଧରି ଅପେକ୍ଷା କରିଥିବା ବେଳେ ବହୁ ସମୟ ପରେ ବିଭାଗର ଅଧିକାରୀ ଆସି ଗାଡ଼ିକୁ ଅନ୍ୟତ୍ର ରଖାଯାଇଛି ବୋଲି କହିଥିଲେ। କିନ୍ତୁ ହାଇୱାଟିକୁ ଆଉ ଦେଖିବାକୁ ମିଳିନଥିଲା। ତେବେ ସେ ଯାହା ହେଉନା କାହିଁକି ବିନା ଫାଇନରେ ରଫାଦଫା ହାଇୱା ଟିକୁ ଛାଡ଼ି ଦିଆଯାଇଛି। ସୂଚନା ଯୋଗ୍ୟ ପୂର୍ବରୁ ମଧ ଥର୍ମାଲ ତାଲଚେର ବସଷ୍ଟାଣ୍ଡ ଠାରୁ ଅନୁରୂପ ଭାବେ ଦୁଇଗୋଟି ବାଲି ବୋଝେଇ ହାଇୱାକୁ ଜବତ କରି ବିନା ଫାଇନରେ ଛାଡ଼ିଥିବାର ଅଭିଯୋଗ ହେଉଛି। ଏହି କାର୍ଯ୍ୟରେ ବିଭାଗର କିଛି ଅସାଧୁ ଅଧିକାରୀ, କର୍ମଚାରୀଙ୍କ ସହାୟତାରେ ଚୋରା ବାଲି ବୋଝେଇ ହାଇୱା ଗୁଡ଼ିକୁ ଯାହାର କି ଦାମ୍ ୧୪ହଜାର ଟଙ୍କା ବିନା ରସିଦରେ ଗ୍ରାହକଙ୍କ ଠାରୁ ନେଉଥିବା ମାଫିଆମାନେ ମାଲା ମାଲା ହେଉଥିବା ବେଳେ କିପରି ପ୍ରତ୍ୟେକ ଦିନ ଦିନଦ୍ୱିପ୍ରହରେ ବାଲି ଚୋରି ହେଉଥିବା ଘଟଣା ଖଣି ଉପନିର୍ଦ୍ଦେଶକ କାର୍ଯ୍ୟାକଳାପକୁ ସନ୍ଦେହ ଘେରକୁ ଟାଣି ନେଉଛି ଯାହାକି ଏହାର ଭିଜିଲାନ୍ସ ତଦନ୍ତ କରାଗଲେ ପ୍ରକୃତ ତଥ୍ୟ ଜଣାପଡ଼ିବ ବୋଲି ସାଧାରଣରେ ମତପ୍ରକାଶ ପାଇଛି। ଏହି ବାଲି ଚୋରି ପାଇଁ ରାଜ୍ୟ ସରକାରଙ୍କ କୋଟି କୋଟି ଟଙ୍କା ରାଜସ୍ୱ ହାନୀ ହେଉଥିବା ବେଳେ ବିଭାଗର କିଛି ଅଧିକାରୀ ଦୀର୍ଘବର୍ଷ ରହି କେବଳ ଛୋଟ ଗାଡ଼ିକୁ ଫାଇନ କରି ବାହା ବାହା ନେଉଥିବା ବେଳେ ଖୋଲମ ଖୁଲା ଭାବେ କୃତ୍ରିମ ପହାହାଡ଼ ଭଳି ଗଦା ହୋଇଥିବା ବାଲି ଉପରେ କାର୍ଯ୍ୟାନୁଷାନ ଗ୍ରହଣ ନକରିବା ଏହା କେତେ ଯୁକ୍ତିଯୁକ୍ତ ତାହା ତଦନ୍ତ ସାପେକ୍ଷା।

# ଯାଜପୁରରେ ଜାତୀୟ କ୍ରୀଡ଼ା ଦିବସ ପାଳିତ



**ଯାଜପୁର,୨୯।୮/ଏନ୍ଏନ୍ଏସ୍:** ଅଗଷ୍ଟ ୨୯ରୁ ୩୧ ପର୍ଯ୍ୟନ୍ତ ଜାତୀୟ କ୍ରୀଡା ଦିବସ ଅବସରରେ କ୍ରୀଡା ଉତ୍ସାହ ଓ ଏକତାର ଦେଶ ବ୍ୟାପୀ ଉତ୍ସବ ପାଳନ ପରିପ୍ରେକ୍ଷୀରେ ଆଜି ଯାଜପୁରରେ ଜିଲ୍ଲା କ୍ରୀଡା ବିଭାଗ ଓ ଜିଲ୍ଲା ପ୍ରଶାସନ ଆନୁକୂଲ୍ୟରେ ଜାତୀୟ କ୍ରୀଡା ଦିବସ ପାଳିତ ହୋଇଯାଇଛି। ସ୍ଥାନୀୟ ହକି ପ୍ରଶିକ୍ଷଣ କେନ୍ଦ୍ର ଠାରେ ଆୟୋଜିତ କାର୍ଯ୍ୟକ୍ରମରେ ମୁଖ୍ୟ ଅତିଥି ଭାବେ ଜିଲ୍ଲାପାଳ ଅମ୍ବର କୁମାର କର, ଜିଲ୍ଲା କ୍ରୀଡା ଅଧିକାରୀ ଫକୀର ଚରଣ ଟୁଡୁ, ହକି ପ୍ରଶିକ୍ଷକ ଉପସ୍ଥିତ ଅନ୍ୟାନ୍ୟ ସମସ୍ତେ ଭାରତୀୟ ହକିର ଯାଦୁଗର, ପଦ୍ମଭୂଷଣ, ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଜୟନ୍ତୀ ଉପଲକ୍ଷେ ତାଙ୍କ ଫୋଟୋ ଚିତ୍ରରେ ପୁଷ୍ପ ମାଲ୍ୟ ଅର୍ପଣ ପୂର୍ବକ ଭକ୍ତିପୂତ ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଅବସରରେ ମୁଖ୍ୟ ଅତିଥି ଭାବେ ଯୋଗଦେଇଥିବା ଜିଲ୍ଲାପାଳ କହିଥିଲେ ବର୍ତ୍ତମାନର ବ୍ୟସ୍ତ ବହୁଳ ଆଧୁନିକ ଜୀବନଶୈଳୀ ଓ ଖାଦ୍ୟପେୟ ଯୋଗୁଁ ଅନେକ ସମୟରେ ହଠାତ ଲୋକମାନେ ବିଭିନ୍ନ ପ୍ରକାର ମାରାତ୍ମକ ରୋଗର ଶୀକାର ହେଉଛନ୍ତି। ତେଣୁ ରୋଗ ଠାରୁ ଦୁରେଇ ରହି ନିଜ ଶରୀରକୁ ସୁସ୍ଥ ଓ ଫିଟ୍ ରଖିବା ପାଇଁ ପ୍ରତ୍ୟେକ ଦିନ ଅତିକମରେ ଏକ ଘଣ୍ଟା ଖେଳ ପଡିଆରେ ଖେଳକୁଦରେ ବିତାଇବା ଉଚିତ। ଖେଳକୁଦ ମଣିଷକୁ ଶାରୀରିକ ଭାବେ ସୁସ୍ଥ, ମାନସିକ ଭାବେ ଶକ୍ତିଶାଳୀ କରିବା ସହିତ ସକାରାତ୍ମକ ଭାବନା ଉଦ୍ରେକ କରିଥାଏ। ପରେ ପରେ ଜିଲ୍ଲାପାଳ ଇଣ୍ଡୋର ଷ୍ଟାଡ଼ିୟମରେ ବ୍ୟାଡ୍‌ମିଣ୍ଟନ, ଟାଇକୋଣ୍ଡୋ ଏବଂ ଅନ୍ୟାନ୍ୟ କ୍ରୀଡ଼ାବିତ୍‌ମାନଙ୍କୁ ଭେଟି କ୍ରୀଡ଼ା କ୍ଷେତ୍ରରେ ନିଜର ଉତ୍ତମ ପ୍ରଦର୍ଶନ କରି ଦେଶ, ରାଜ୍ୟ ତଥା ଜିଲ୍ଲା ପାଇଁ ଗୌରବ ଆଣିବାକୁ କହିଥିଲେ। ଏହି କାର୍ଯ୍ୟକ୍ରମରେ ହକି ପ୍ରଶିକ୍ଷକ ଅମୁଲ୍ୟ କୁମାର ବେହେରା, ମମତା କିଣ୍ଡୋ, କ୍ରୀଡା ଶିକ୍ଷକ ଶିକ୍ଷୟିତ୍ରୀ, ବିଦ୍ୟାଳୟ ଛାତ୍ରଛାତ୍ରୀ ଉପସ୍ଥିତ ଥିଲେ। ପରେ ପରେ ଜିଲ୍ଲା ସ୍କୁଲ ଓ ହକି ପ୍ରଶିକ୍ଷଣ କେନ୍ଦ୍ର, ଏନ୍‌ସି କଲେଜ ମଧ୍ୟରେ ପ୍ରଦର୍ଶନୀ ହକି ପ୍ରତିଯୋଗିତା ଅନୁଷ୍ଠିତ ହୋଇଥିଲା। ଏନ୍‌ସି କଲେଜ ଦଳ ଚାମ୍ପିୟନ ହୋଇଥିଲେ। ଏହାପରେ ଉପସ୍ଥିତ କ୍ରୀଡ଼ାବିତ ଓ ବିଦ୍ୟାଳୟ ଛାତ୍ରଛାତ୍ରୀ, ଶିକ୍ଷକ ଶିକ୍ଷୟିତ୍ରୀ ସମସ୍ତଙ୍କୁ ଫିଟନେସ କାର୍ଯ୍ୟକଳାପରେ ଉତ୍ସାହିତ କରିବା ପାଇଁ ଜିଲ୍ଲାପାଳ ଶପଥ ପାଠ କରାଇଥିଲେ। ଜିଲ୍ଲା କ୍ରୀଡା ଅଧିକାରୀ ସମସ୍ତ କାର୍ଯ୍ୟ ପରିଚାଳନା କରିଥିଲେ।

# ସାପ୍ତାହିକ ହାଟର ଉନ୍ନତି ପାଇଁ ବୈଠକ



**କେନ୍ଦ୍ରାପଡ଼ା,୨୯।୮/ଏନ୍ଏନ୍ଏସ୍:** କେନ୍ଦ୍ରାପଡ଼ା ଆର୍‌ଏମ୍‌ସି କାର୍ଯ୍ୟାଳୟ ଅଧୀନରେ ପରିଚାଳିତ ସାପ୍ତାହିକ ପରିବା ହାଟର ଉନ୍ନତି କରଣ ଓ ଭଡା ସୂତ୍ରରେ ଦିଆଯାଇଥିବା ଦୋକାନ ଗୃହ ଗୁଡିକର ବକେୟା ଭଡା ଓ ନିୟମିତ ଭଡା ପ୍ରଦାନ ସମ୍ପର୍କରେ ଜିଲ୍ଲାପାଳ ରଘୁରାମ ଆର୍. ଆୟରଙ୍କ ଅଧ୍ୟକ୍ଷତାରେ ଜିଲ୍ଲାପାଳଙ୍କ ସମ୍ମିଳନୀ କକ୍ଷରେ ଏକ ବୈଠକ ଅନୁଷ୍ଠିତ ହୋଇଯାଇଛି। ବୈଠକରେ ସାପ୍ତାହିକ ହାଟର ବିଭିନ୍ନ ସମସ୍ୟା ବିଷୟରେ ସବିଶେଷ ଆଲୋଚନା କରାଯାଇଥିଲା। ପ୍ରକାଶ ଆର୍‌ଏମ୍‌ସି ଅଧିନସ୍ଥ ଘାଗରା ହାଟ, ଇନ୍ଦୁପୁର ହାଟ, ଛତା ହାଟ ଓ ନିଜସ୍ୱ ଗୋପ ହାଟର ବଜାରକମିଟିର ସଦସ୍ୟ ବୃନ୍ଦଙ୍କୁ ଜିଲ୍ଲାପାଳ ବିଭିନ୍ନ ସମସ୍ୟା ସମାଧାନର ସବିଶେଷ ଆଲୋଚନା ପାଇଁ ଡାକିଥିଲେ। ମିଲନ କୁମାର ଓଝା, ବୈଷ୍ଣବ ଚରଣ ସ୍ୱାଇଁ, ବିଶ୍ୱପ୍ରକାଶ ସାହୁ, ବିଜୟ କୁମାର ବେହେରା, ଅଜିତ କୁମାର ପରିଡା, ଶଙ୍କର୍ଷଣ ମଲ୍ଲିକ, ସୁନୀଲ କୁମାର ପରିଡା, ହେମନ୍ତ କୁମାର ମଲ୍ଲିକ, ଶରତ କୁମାର ମଲ୍ଲିକ, ଦୁଷ୍ମନ୍ତ କୁମାର ବିଶ୍ୱାଳ, ସରୋଜ କୁମାର ବେହେରା, ପ୍ରଫୁଲ୍ଲ କୁମାର ଦାସ, ଯଶୋବନ୍ତ ପ୍ରଧାନ, ସୁରେଶ ଚନ୍ଦ୍ର ମହାନ୍ତି, ସତ୍ୟପ୍ରିୟ ବେହେରା, ରଞ୍ଜନ କୁମାର ନାୟକ ପ୍ରମୁଖ ଉକ୍ତ ବୈଠକରେ ଯୋଗଦେଇ ବିଭିନ୍ନ ସମସ୍ୟା ତଥା ପାଣି ନିଷ୍କାସନ ନିମନ୍ତେ ଡ୍ରେନ ବ୍ୟବସ୍ଥା,ବିଦ୍ୟୁତ୍ ବ୍ୟବସ୍ଥା , କଂକ୍ରିଟ ରାସ୍ତା ନିର୍ମାଣ, ଦୋକାନ ଗୃହ ଗୁଡିକର ମରାମତି ନିମନ୍ତେ ପ୍ରସ୍ତାବ ଦେଇଥିଲେ। ଉକ୍ତ ପ୍ରସ୍ତାବ ଗୁଡିକ ବିଷୟରେ ପଦକ୍ଷେପ ନେଇ ତୁରନ୍ତ ସେଗୁଡ଼ିକ ନିର୍ମାଣ କରି ବିଦ୍ୟୁତ ସଂଯୋଗୀକରଣର ସୁବ୍ୟବସ୍ଥା କରିବାପାଇଁ ଆର.ଏମ.ସି ସମ୍ପାଦକ ବିଦ୍ୟାଧର ବେହେରାଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଥିଲେ। ଏହାଛଡା ବକେୟା ଘର ଭଡା ପ୍ରଦାନରେ ଅହେତୁକ ଅବହେଳା ପାଇଁ ଭଡା ସୂତ୍ରରେ ନେଇଥିବା ଉକ୍ତ ବ୍ୟକ୍ତିଙ୍କୁ ତୁରନ୍ତ ନୋଟିସ ଜାରିକରି ଘରଭଡା ପୈଠ କରିବାକୁ ଜିଲ୍ଲାପାଳ ଆର୍‌ଏମ୍‌ସି ସମ୍ପାଦକ ଶ୍ରୀ ବେହେରାଙ୍କୁ ନିର୍ଦ୍ଦେଶ ଦେଇଛନ୍ତି। ନୋଟିସ ପାଇ କୌଣସି ବ୍ୟକ୍ତି ବକେୟା ଭଡା ପୈଠ ନକଲେ ଉକ୍ତ ଦୋକାନ ଘର ଆଲଟମେଣ୍ଟ ଆଦେଶକୁ ଖାରଜ କରି ଉକ୍ତ ଘରକୁ ଅନ୍ୟ ଆଶାୟୀ ବ୍ୟକ୍ତିଙ୍କୁ ପ୍ରଦାନ କରାଯିବାପାଇଁ ବୈଠକରେ ନିଷ୍ପତି ନିଆଯାଇଅଛି। ଇନ୍ଦୁପୁର ହାଟପରିସର ସଂକୁଚିତ ଥିବାରୁ ଏହାକୁ ଲାଗି ସରକାରଙ୍କ ପ୍ରଶସ୍ତ ଅନାବାଦୀ ଜାଗା ଚିହ୍ନଟ କରି ହାଟପରିସରକୁ ବଢାଇବାପାଇଁ ବଜାର କମିଟିର ସଦସ୍ୟମାନେ ପ୍ରସ୍ତାବ ରଖିଥିଲେ। ସଭାପତି ଶରତ କୁମାର ମଲ୍ଲିକ ଉକ୍ତ ପ୍ରସ୍ତାବ ଟିକୁ ତୁରନ୍ତ ବିଚାର କରିବାକୁ ଜିଲ୍ଲାପାଳଙ୍କୁ ନିବେଦନ କରିଥିଲେ। ସେହିପରି ଘାଗରା ହାଟ ୫ ଗୋଟି ପଂଚାୟତ ବାସୀ ପାଖାପାଖି ୨୦ହଜାର ଲୋକ ଉପକୃତ ହେବେ ବୋଲି ଘାଗରା ପଂଚାୟତ ସରପଞ୍ଚ ଜିଲ୍ଲାପାଳଙ୍କ ଦୃଷ୍ଟି ଆକର୍ଷଣ କରିଥିଲେ। ଘାଗରା ହାଟ ଉନ୍ନତି ପାଇଁ ସମସ୍ତ ପ୍ରକାର ସହଯୋଗ କରିବା ପାଇଁ ସହମତି ପ୍ରକାଶ କରିଥିଲେ। ଘାଗରା ହାଟ ବିଦ୍ୟୁତ ସଂଯୋଗୀକରଣ, କଂକ୍ରିଟ ରାସ୍ତା ନିର୍ମାଣ ଓ ଜଳ ନିଷ୍କାସନର ବ୍ୟବସ୍ଥା ନିମନ୍ତେ ପ୍ରସ୍ତାବ ରଖିଥିଲେ। ଘାଗରା ହାଟରେ ଥିବା ପ୍ରସସ୍ଥ ପଡିଆରେ ଗୋରୁ ହାଟ କରିବା ପାଇଁ ପ୍ରସ୍ତାବ ରଖିଥିଲେ। ସେହିପରି ଛତା ହାଟରେ ବିଦ୍ୟୁତ ସଂଯୋଗୀକରଣ, କଂକ୍ରିଟ ରାସ୍ତା ନିର୍ମାଣ ଓ ଜଳ ନିଷ୍କାସନର ବ୍ୟବସ୍ଥା ନିମନ୍ତେ ବଜାର କମିଟିର ସଭାପତି ଯଶୋବନ୍ତ ପ୍ରଧାନ ପ୍ରସ୍ତାବ ରଖିଥିଲେ। କୌଣସି ଚାଷୀ ଭାଇ ଓ ବ୍ୟବସାୟୀମାନେ ଯେପରି ଜାତୀୟ ରାଜପଥରେ ନବସନ୍ତି ଏବଂ ସେମାନଙ୍କୁ ହାଟ ପରିସର ଭିତରେ ବସାଇବାକୁ ହାଟ ସୁପରଭାଇଜର ମାନଙ୍କୁ ଜିଲ୍ଲାପାଳ ନିର୍ଦ୍ଦେଶ ଦେଇଛନ୍ତି। କୌଣସି ବ୍ୟକ୍ତି ବିଶୃଙ୍ଖଳା କଲେ ଦୃଢ଼ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ସେ କହିଛନ୍ତି। ପ୍ରତ୍ୟେକ ହାଟରେ ଉଭୟ ପୁରୁଷ ଏବଂ ମହିଳାଙ୍କ ନିମନ୍ତେ ଶୌଚାଳୟ ବ୍ୟବସ୍ଥା, ହାଟପରିସରକୁ ସ୍ୱଚ୍ଛ ଓ ସୁନ୍ଦର ରଖିବା ପାଇଁ ପ୍ରସ୍ତାବ ଦିଆଯାଇଥିଲା।

# ଖାଦ୍ୟ ନିରାପତ୍ତା ବିଭାଗର ଜୋର୍‌ଦାର୍ ଚଢ଼ଉ



**ତାଳଚେର,୨୯।୮/ଏନ୍ଏନ୍ଏସ୍:** ତାଳଚେର ପ୍ରସିଦ୍ଧ ଗଣେଶ ପୂଜା ମହାଆଡ଼ମ୍ବରରେ ଚାଲୁଥିବା ବେଳେ ଆଜି ରାଜ୍ୟ ଖାଦ୍ୟ ଯୋଗାଣ ବିଭାଗ ପକ୍ଷରୁ ଏକ ଟିମ ଅଚାନକ ଭାବେ ତାଳଚେର ପୂଜାରେ ଦେଇଥିବା ଖାଦ୍ୟ ପଦାର୍ଥ ଦୋକାନ ଗୁଡ଼ିକ ଉପରେ ଜୋରଦାର ଚଢଉ କରିଥିଲେ। ଏହି ଚଢଉରେ ଲାକ୍ରା ମ୍ୟାଡମ, ଏସିଏସଓ ଲିପ୍ସାରାଣୀ ରାଉତ, ସୁମିତ ସୌରଭ ପରିଡ଼ା, ଶ୍ରୀବନ୍ତ ଖଣ୍ଡଗିରିଙ୍କ ଉପସ୍ଥିତିରେ ପ୍ରତ୍ୟେକ ଦୋକାନ ଗୁଡ଼ିକରୁ ଖାଦ୍ୟ ପଦାର୍ଥ ଯାଂଚ କରାଯାଇ କେମିକାଲ ଯୁକ୍ତ ଖାଦ୍ୟକୁ ପୋଫାଡ଼ି ଦେବା ସହ ସେମାନଙ୍କ ନିକଟରୁ ୨ହଜାର ୫ଶହ ଟଙ୍କା ଫାଇନ ଆଦାୟ କରାଯାଇଥିବା ବିଭାଗୀୟ ସୂତ୍ରରୁ ଜଣାପଡ଼ିଛି। ତେବେ ଦୋକାନୀ ମାନେ ଗ୍ରାହକମାନଙ୍କୁ ଆକୃଷ୍ଟ ଏବଂ ସ୍ୱାଦିଷ୍ଟ କରିବାପାଇଁ ବିଭିନ୍ନ ରାସାୟନିକ ରଙ୍ଗ ଖାଦ୍ୟପଦାର୍ଥରେ ଲେପନ କରି ବିକ୍ରି କରିବା ସହିତ ବିଭିନ୍ନ ଭେଜାଲ ତେଲ, ମସଲା ଇତ୍ୟାଦି ବ୍ୟବହାର କରି ଖାଦ୍ୟ ପ୍ରସ୍ତୁତ କରିଥାନ୍ତି, ଯାହାକି ସ୍ୱାସ୍ଥ୍ୟପକ୍ଷେ କ୍ଷତିକାରକ ବୋଲି ଅଭିଯୋଗ ହୋଇଥାଏ।

# ବଳଦେବଜିଉଙ୍କ ମନ୍ଦିର ହୁଣ୍ଡି ଗଣତି

**କେନ୍ଦ୍ରାପଡା,୨୯।୮/ଏନ୍ଏନ୍ଏସ୍:** ଆଜି ବଳଦେବଜିଉଙ୍କ ଜଗମୋହନ ହୁଣ୍ଡି ଖୋଲାଯାଇ ଦେବଉର କାର୍ଯ୍ୟାଳୟରେ ଗଣତି କରାଯାଇଥିଲା। ଏଥିରୁ ୨ଲକ୍ଷ ୬୯ହଜାର ୪୦୦ଟଙ୍କାକୁ ମନ୍ଦିର ପାଣ୍ଠିଭୁକ୍ତ କରାଯାଇଅଛି । ଉକ୍ତ ଗଣତି କାର୍ଯ୍ୟରେ ଦେବଦତ୍ତ ସଂସ୍ଥାର ନିର୍ବାହୀ ଅଧିକାରୀ ବଳଭଦ୍ର ପତ୍ରୀ, ଟ୍ରଷ୍ଟବୋର୍ଡ ସଭ୍ୟ ଯଥା ପୂର୍ବତନ ନଗରପାଳିକା ଧିରେନ କୁମାର ସାହୁ, ସେବକ ଟ୍ରଷ୍ଟି ନୃସିଂହ ପ୍ରସାଦ ପତ୍ରୀ, ଅବସରପ୍ରାପ୍ତ କର୍ମଚାରୀ ପତିତପାବନ ଲେଙ୍କା, ପ୍ରବୋଧ କୁମାର ପଣ୍ଡା, ଶ୍ରୀଧର ବେହେରା, କୈଳାସ ସ୍ୱାଇଁ, ରାଜକିଶୋର ମହାନ୍ତି ଓ ଦେବୋତ୍ତର ସଂସ୍ଥାର ହିସାବରକ୍ଷକ ଶରତ ଚନ୍ଦ୍ର ପାତ୍ର ଓ ଅନ୍ୟ କର୍ମଚାରୀମାନେ ରହି ଉକ୍ତ ଗଣତି କାର୍ଯ୍ୟକୁ ସମ୍ପାଦନ କରିଥିଲେ।

**ପୂର୍ବ ତଟ ରେଳପଥ**

ଟେଣ୍ଡର ସଂ. 31-KUR-TRD-OT-2025-26

କାର୍ଯ୍ୟର ନାମ : ଖୋର୍ଦ୍ଧା ରୋଡ଼ ମଣ୍ଡଳର ଭଦ୍ରକ-ମଂଜୁରି ରୋଡ ସେକ୍ସନ ମଧ୍ୟରେ PSC ସ୍ଲାବ ଦ୍ୱାରା 12.20 ମିଟର ସ୍ପାନର ୫ ଗୋଟି ଷ୍ଟିଲ୍ ଗର୍ଡର ବ୍ରିଜ୍‌ର ପ୍ରସ୍ତାବିତ ପୁନଃସ୍ଥାପନ ସମ୍ବନ୍ଧୀୟ OHE ରୂପାନ୍ତରଣ।

ବିଜ୍ଞାପିତ ମୂଲ୍ୟ : ₹ 29,13,414.02, EMD : ₹ 58,300/-, ବୈଧତା ହେବା ଅବଧି: 180 ଦିନ।

ବିକ୍ରି ଆରମ୍ଭ ହେବା ତାରିଖ : ତା.01.09.2025ରିଖ

ଟେଣ୍ଡର ବନ୍ଦ ହେବା ତାରିଖ ଓ ସମୟ : ତା.15.09.2025ରିଖ 1300 ଘଣ୍ଟିକାରେ।

ଏହି ଟେଣ୍ଡର ନିମନ୍ତେ ମାନୁଆଲ ଅଫରଗୁଡ଼ିକୁ ଅନୁମତି ଦିଆଯିବ ନାହିଁ ଏବଂ ସେହିଭଳି ପ୍ରାପ୍ତ ଯେକୌଣସି ମାନୁଆଲ ପ୍ରସ୍ତାବକୁ ଗ୍ରହଣ କରାଯିବ ନାହିଁ।

ଇ-ଟେଣ୍ଡର କାଗଜପତ୍ର ସହିତ ସମ୍ପୂର୍ଣ୍ଣ ବିବରଣୀ ଏବଂ ଶୁଦ୍ଧିପତ୍ର ୱେବସାଇଟ୍ www.ireps.gov.inରେ ଉପଲବ୍ଧ ଅଛେ।

ବରିଷ୍ଠ ମଣ୍ଡଳ ବିଦ୍ୟୁତ୍ ଯନ୍ତ୍ରୀ (TRD), ଖୋର୍ଦ୍ଧା ରୋଡ଼

PR-528/Q/25-26

# ବୈଜ୍ଞାନିକ ତାପସ ସାହୁ ପୁରସ୍କୃତ




**କେନ୍ଦ୍ରାପଡ଼ା,୨୯।୮/ଏନ୍ଏନ୍ଏସ୍:** କେନ୍ଦ୍ରାପଡା ଜଖଙ୍ଗ ସ୍ଥିତ କୃଷି ବିଜ୍ଞାନ କେନ୍ଦ୍ରର ବୈଜ୍ଞାନିକ ତାପସ ରଞ୍ଜନ ସାହୁଙ୍କୁ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ରାଜ୍ୟପାଳ ପୁରସ୍କୃତ କରିଥିବା ଜଣାପଡିଛି। ଓଡିଶା କୃଷି ବୈଷୟିକ ବିଶ୍ୱ ବିଦ୍ୟାଳୟ ର ୬୪ ତମ ପ୍ରତିଷ୍ଠା ଦିବସ ଅବସରରେ ଅନୁଷ୍ଠିତ ଏକ କାର୍ଯ୍ୟକ୍ରମ ରେ ଶ୍ରୀ ସାହୁଙ୍କୁ ଶ୍ରେଷ୍ଠ ବୈଜ୍ଞାନିକ ଭାବେ ସମ୍ବର୍ଦ୍ଧିତ କରା ଯାଇଥିଲା । ଏହି କାର୍ଯ୍ୟକ୍ରମରେ ଉପମୁଖ୍ୟମନ୍ତ୍ରୀ ତଥା କୃଷି ମନ୍ତ୍ରୀ କନକ ବର୍ଦ୍ଧନ ସିଂହଦେଓ, ମତ୍ସ୍ୟ ଓ ପଶୁ ସମ୍ପଦ ବିକାଶ ବିଭାଗ ମନ୍ତ୍ରୀ ଗୋକୁଳାନନ୍ଦ ମଲିକ,ଏକାମ୍ର କ୍ଷେତ୍ରର ବିଧାୟକ ବାବୁ ସିଂ, ଓୟୁଏଟିର କୂଳପତି ପ୍ରଫେସର ପ୍ରଭାତ କୁମାର ରାଉତଙ୍କ ସମେତ ବହୁ ବିଶିଷ୍ଟ ବ୍ୟକ୍ତି ଉପସ୍ଥିତ ଥିଲେ।

# ବନ୍ୟାଞ୍ଚଳ ପରିଦର୍ଶନରେ ଜିଲ୍ଲା ଯୁବ କଂଗ୍ରେସ



**ଯାଜପୁର,୨୯।୮/ଏନ୍ଏନ୍ଏସ୍:** ଯାଜପୁର ଜିଲ୍ଲା ଦଶରଥପୁର ବ୍ଲକ୍‌ର ଅହିୟାସ ସ୍ଥିତ ଦରଘା ଠାରେ ବୈତରଣୀର ଶାଖା ନଦୀ କାଣୀ ନଦୀରେ ୧୭୦ ଫୁଟ୍ ଘାଇ ସୃଷ୍ଟି ହୋଇଛି। ଫଳରେ କସପା, ମଲ୍ଲିକାପୁର ପଞ୍ଚାୟତରେ ବ୍ୟାପକ କ୍ଷୟକ୍ଷତି ହୋଇଥିବା ବେଳେ ବ୍ଲକର ୨୦ ପଞ୍ଚାୟତରୁ ଊର୍ଦ୍ଧ୍ୱ ଲୋକ ପ୍ରଭାବିତ ହୋଇଛନ୍ତି। ଆଜି କସପା ଓ ମଲ୍ଲିକାପୁର ପଞ୍ଚାୟତରେ ଜିଲ୍ଲା ଯୁବ କଂଗ୍ରେସର ନେତା କୁମାର ଆଶୁତୋଷଙ୍କ ନେତୃତ୍ୱରେ ରାଜ୍ୟ ଯୁବ କଂଗ୍ରେସ ସଭାପତି ରଞ୍ଜିତ କୁମାର ପାତ୍ର, ରାଜ୍ୟ ଯୁବ କଂଗ୍ରେସର ସାଧାରଣ ସମ୍ପାଦକ ନିହାର ରଞ୍ଜନ ବେହେରା, ରାଜ୍ୟ ଯୁବ କଂଗ୍ରେସ ସମ୍ପାଦକ ସୁଦିପ ସାମଲ ପ୍ରଭୃତି ଯାଜପୁର ଗସ୍ତରେ ଆସି କୁମାର ଆଶୁତୋଙ୍କ ନେତୃତ୍ୱରେ ବନ୍ୟାଞ୍ଚଳ ପରିଦର୍ଶନ କରିଥିଲେ। ପ୍ରଥମ ଦଶରଥପୁର ବ୍ଲକ କାଟିଆ ଠାରେ ପହଞ୍ଚିବାପରେ ସେଠାରେ ଯୁବ କଂଗ୍ରେସ ପକ୍ଷରୁ ତାଙ୍କୁ ଭବ୍ୟ ସ୍ୱାଗତ ଓ ସମ୍ବର୍ଦ୍ଧନା ଦିଆଯାଇଥିଲା। ମିଳିତଭାବେ ବନ୍ୟାଞ୍ଚଳ ପରିଦର୍ଶନ କରିବା ସହିତ ଲୋକଙ୍କ ଦୁଃଖ ଦୁର୍ଦ୍ଦଶାକୁ ପଚାରି ବୁଝି ହଜାରରୁ ଊର୍ଦ୍ଧ୍ୱ ପରିବାରକୁ ରନ୍ଧା ଖାଦ୍ୟ ବଣ୍ଟନ କରାଯାଇଥିଲା। ଜିଲ୍ଲା ଯୁବ କଂଗ୍ରେସ ପକ୍ଷରୁ ସତ୍ୟବ୍ରତ ନାୟକ, ଯଯାତି ନାୟକ, ସଞ୍ଜୀବି ଦାସ, ଅନୁପମ ମଲ୍ଲିକ, ବିରଜା ସାହୁ, ରବିପ୍ରକାଶ ନାୟକ, ଉତ୍କଳ ପାଣିଗ୍ରାହୀ, ରୁପକ ଦାସ, ଅର୍ଜିତ ନାୟକ, ଭବାନିଶଙ୍କର ଦେଓ, ଜଗନ ଜେନା ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିବା ବେଳେ ଜିଲ୍ଲା କଂଗ୍ରେସ ପକ୍ଷରୁ ବରିଷ୍ଠ ନେତା ସନ୍ତୋଷ ନନ୍ଦ, ଦେବେନ୍ଦ୍ର ପଣ୍ଡା, ଦଶରଥପୁର ବ୍ଲକ ସଭାପତି ଶ୍ୟାମସୁନ୍ଦର କର, ଦୁର୍ଯ୍ୟୋଧନ ବେହେରା, ଏକାଦଶୀ ତ୍ରିପାଠୀ, ପ୍ରଫୁଲ୍ଲ ନାୟକ, ଏସ୍‌କେ ବଧିରୁଦ୍ଦିନ, ଅଲ୍ଲିମାନ ଖାଁନ୍, ଅଫ୍‌ସର ଖାନ୍, ଏସ୍‌କେ ତାରୋ, ଏସ୍‌କେ ବାବୋ, ଦେବକାନ୍ତ ପତି, ମନୋଜ ମହାନ୍ତି ପ୍ରଭୃତି ବନ୍ୟାଞ୍ଚଳ ପରିଦର୍ଶନ କରି ବଣ୍ଟନ କାର୍ଯ୍ୟରେ ସହଯୋଗ କରିଥିଲେ।

**ଦକ୍ଷିଣ ପୂର୍ବ ରେଳପଥ-ଟେଣ୍ଡର**

Tender Notice No.: e-Tender/2025/28, Date: 28.08.2025. ଭାରତର ରାଷ୍ଟ୍ରପତିଙ୍କ ପକ୍ଷରୁ ଓ ପକ୍ଷେ କାର୍ଯ୍ୟ କରୁଥିବା The Divisional Railway Manager (Engg.), S.E Railway, Kharagpur-721301 ନିମ୍ନଲିଖିତ କାର୍ଯ୍ୟ ପାଇଁ ...

E-KGP-EAST-54-2025 ...

www.ireps.gov.in ...

(PR-574)

# କାରୀଗରପଡ଼ା ପୂଜା କମିଟି ପୁରସ୍କୃତ



**ତାଳଚେର,୨୯।୮/ଏନ୍ଏନ୍ଏସ୍:** ଗତବର୍ଷ ଗଣେଶପୂଜା ସମୟରେ ପ୍ରତିଦ୍ୱନ୍ଦିତା ମୂଳକ ପୂଜା ଭସାଣୀ ଉତ୍ସବ ପାଳନ ହୋଇଥିବା ବେଳେ ବିଭିନ୍ନ କମିଟିର ଉଚ୍ଚ ପ୍ରଦର୍ଶନ କରି ପୁରସ୍କୃତ ହୋଇଥିଲେ। କିଛି କାରଣକୁ ନେଇ ଅବା ଅସନ୍ତୁଷ୍ଟ ହୋଇ ଗତବର୍ଷ ଗଣେଶ ପୂଜାର ପୁରସ୍କାର ପାଇଥିବା କାରୀଗରପଡ଼ା ଉକ୍ତ ପୁରସ୍କାରକୁ ଗ୍ରହଣ କରିଥିଲା। କେନ୍ଦ୍ରୀୟ ଗଣେଶପୂଜା କମିଟି ପକ୍ଷରୁ ଏହାକୁ ହୃଦଙ୍ଗମ କରି ସମସ୍ତ ସଭ୍ୟ ପୂଜା ମଣ୍ଡପ ନିକଟରେ ପହଞ୍ଚି କମିଟିର ସମସ୍ତ ସଦସ୍ୟଙ୍କୁ ବୁଝାସୁଝା କରିବା ସହ ପୂର୍ବରୁ ପାଇଥିବା ପୁରସ୍କାର ପ୍ରଦାନ କରିଥିଲେ ଓ ୫ହଜାର ଟଙ୍କା ପ୍ରଦାନ କରିଥିଲେ। ଏଥିନେଇ କାରୀଗର ପଡ଼ା ପକ୍ଷରୁ ପୂଜା କମିଟିର ସମସ୍ତ ସଦସ୍ୟଙ୍କୁ ଧନ୍ୟବାଦ୍ ଦେବା ସହ ଉପଜିଲ୍ଲାପାଳ ସମୀର ଜେନା ସମସ୍ତ ପୂଜା କମିଟିର ସଦସ୍ୟଙ୍କୁ ଧନ୍ୟବାଦ୍ ପ୍ରଦାନ କରିଥିଲେ।

# ଗଁଦିଆକୁ ଏନ୍‌ଏସି ପାଇଁ ମିଳିଲା ପ୍ରତିଶ୍ରୁତି



**ଢେଙ୍କାନାଳ,୨୯।୮/ଏନ୍ଏନ୍ଏସ୍:** ଗଁଦିଆକୁ ନୂତନ ଏନ୍‌ଏସିର ମାନ୍ୟତା ପାଇଁ ଖାଦ୍ୟ ଯୋଗାଣ ଓ ଖାଉଟି କଲ୍ୟାଣ ବିଭାଗ ମନ୍ତ୍ରୀ କୃଷ୍ଣ ଚନ୍ଦ୍ର ପାତ୍ରଙ୍କ ଠାରୁ ପ୍ରତିଶ୍ରୁତି ମିଳିଛି। ଆଜି ଗଁଦିଆ ଏନ୍‌ଏସି କ୍ରିୟାନୁଷ୍ଠାନ କମିଟି ପକ୍ଷରୁ ସଭାପତି ମଙ୍ଗରାଜ ବାରିକିଙ୍କ ନେତୃତ୍ୱରେ ପରିଚାଳନା କମିଟିର ସଦସ୍ୟମାନେ ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ତାଙ୍କର ସରକାରୀ ବାସଭବନ ଭୁବନେଶ୍ୱର ଠାରେ ସାକ୍ଷାତ କରିଥିଲେ। ମନ୍ତ୍ରୀ ଶ୍ରୀ ପାତ୍ରଙ୍କୁ ଗଁଦିଆକୁ ନୂତନ ଏନ୍‌ଏସିର ମାନ୍ୟତା ପାଇଁ ଅବଗତ କରାଇଥିଲେ। ଉପସ୍ଥିତ ସମସ୍ତ ସଦସ୍ୟମାନଙ୍କ ସହିତ ମନ୍ତ୍ରୀ ସିଧାସଳଖ କଥା ହୋଇଥଲେ ଓ କମିଟି ତାଙ୍କୁ ସମସ୍ତ ବିଷୟରେ ପୁଙ୍ଖାନୁପୁଙ୍ଖ ଭାବରେ ଅବଗତ କରିବା ସହିତ ଦାବି ଉପସ୍ଥାପନ କରିଥଲା ଗଦିଆକୁ ନୂତନ ଏନ୍‌ଏସିର ମାନ୍ୟତା ପାଇଁ ସେ ସବୁ ପ୍ରକାର ସହଯୋଗ କରିବାକୁ ନିର୍ଭର ପ୍ରତିଶ୍ରୁତି ଦେବା ସହିତ ସହମତି ପ୍ରଦାନ କରିଥିବାରୁ କ୍ରିୟାନୁଷ୍ଠାନ କମିଟି ଓ ଗଁଦିଆ ଅଞ୍ଚଳବାସୀ ମନ୍ତ୍ରୀ ଶ୍ରୀ ପାତ୍ରଙ୍କ ଠାରେ କୃତଜ୍ଞତା ଜଣାଇଛନ୍ତି। ଅନ୍ୟ ସଭ୍ୟମାନଙ୍କ ମଧ୍ୟରେ ବିପିନି ବିହାରୀ ସିଂହ, ରାମଚନ୍ଦ୍ର ସାହୁ, ପ୍ରଦୀପ କୁମାର ସାହୁ ରବିନାରାୟଣ ସେଠୀ, ଅନିଲ ରାଉତ, ସୁଦାମ କୁମାର ସାହୁ, ଗଣେଶ୍ୱର ପଧାନ ପ୍ରକାଶ କୁମାର ମିଶ୍ର ସୁଶାନ୍ତ କୁମାର ସାହୁ ବନମାଳୀ ବାରିକ, ପ୍ରମୁଖ ଉପସ୍ଥିତ ଥିଲେ। ଗଁଦିଆ ନୂତନ ଏନ୍‌ଏସିର ରୂପରେଖ ଗଁଦିଆ ଗ୍ରାମ ପଞ୍ଚାୟତର ଗଁଦିଆ, ଶ୍ରୀରାମଚନ୍ଦ୍ରପୁର, ଆଙ୍କୁର୍ଦ୍ଦା, ବାଙ୍ଗଲ, ଛାଟଖୁମ୍ବ ଓ ପୋରୁହଖୋଜ ଗ୍ରାମ ପଞ୍ଚାୟତର ପୋରୁହଖୋଜ, ସାଦାପସୀ, ବଣିଆପଡା, ଦଣ୍ଡେଇବେରେଣି ତଥା ବିଧାରପୁର ଗ୍ରାମ ପଞ୍ଚାୟତର ସାପୁଆଝର, ମଠତେନ୍ତୁଳିଆ ଗ୍ରାମ ପଞ୍ଚାୟତର ଇଲେଇଜଙ୍ଗ ଗ୍ରାମ ଅନ୍ତର୍ଭୁକ୍ତ କରି ନୂତନ ଗଁଦିଆ ଏନ୍‌ଏସିର ରୂପରେଖ ପ୍ରସ୍ତୁତ ହୋଉଛି।

GOVERNMENT OF ODISHA
OFFICE OF THE SUPERINTENDING ENGINEER
RURAL WORKS DIVISION, BHANJANAGAR.
No. 4432 /RWDBNJ/Dated.22.08.2025
1ST CORRIGENDUM TO TENDER CALL NOTICE
IDENTIFICATION NO.07/RWDBNJ/2025-2026 T.O.LETTER NO. 4160 DATED 05.08.2025

O-662

The following modifications to the Online Tender/05/SERWBNJ/2025-2026 are made under unavoidable circumstances.

| Procurement officer | Bid Identification No. | Availability of Tender on line for bidding: From | Availability of Tender on line for bidding: To | Last date & Time of Seeking Tender clarification | Date of opening Technical BID |
|---|---|---|---|---|---|
| 1 | 2 | 3 | 4 | 5 | 6 |
| | | As per Office order | | | |
| Superintending Engineer, Rural Works Division, Bhanjanagar | Online Tender/07/RWDBNJ/ 2025-2026 | 25.08.2025 at 10.00 AM | 04.09.2025 to 3.00 PM | 02.09.2025 Upto 3.00 P.M. | 06.09.2025 at 12.30 Noon |
| | | As per 1ST Corrigendum | | | |
| | | 12.09.2025 at 10.00 AM | 22.09.2025 to 3.00 PM | 20.09.2025 Upto 3.00 P.M. | 23.09.2025 at 12.00 Noon |

All other terms and conditions of the said tender call notice shall remain unchanged.

Sd/- Executive Engineer
Rural Works Division, Bhanjanagar

OIPR-25174/11/0038/2526

# ବନ୍ୟା ପ୍ରଭାବିତ ଅଞ୍ଚଳରେ କଂଗ୍ରେସ ନେତା



**ରାଜନଗର,୨୯।୮/ଏନ୍ଏନ୍ଏସ୍:** ରାଜନଗର ବ୍ଲକ୍‌ରେ ତୃତୀୟ ଥର ବନ୍ୟା ଆସିବା ଫଳରେ ୪ପଞ୍ଚାୟତ ପ୍ରଭାବିତ ହୋଇଛି। କଂଗ୍ରେସର ନେତୃବୃନ୍ଦ ବନ୍ୟା ପ୍ରବାହିତ ଗାଁ କୁ ଯାଇ ଲୋକମାନଙ୍କ ସହ ସେମାନଙ୍କର ସମସ୍ୟା ପଚାରି ବୁଝିଥିଲେ। ପାଣି ଘେରରେ ଦୀର୍ଘ ଦିନ ଥିବା ବେଳେ ସାଧାରଣ ଲୋକମାନେ ନାହିଁ ନଥିବା ଅସୁବିଧାର ସମ୍ମୁଖୀନ ହେଉଛନ୍ତି। ପ୍ରଶାସନ ପକ୍ଷରୁ ବନ୍ୟା ପ୍ରଭାବିତଙ୍କ ପାଖରେ ଏପର୍ଯ୍ୟନ୍ତ ଅତ୍ୟାବଶ୍ୟକୀୟ ସାମଗ୍ରୀ ଶୁଖିଲା ଖାଦ୍ୟ, ପିଇବାପାଣି, ଗାଈଗୋରୁମାନଙ୍କ ପାଇଁ ଗୋଖାଦ୍ୟ ପହଞ୍ଚି ନାହିଁ। ବନ୍ୟା ପାଣି ଘେରରେ ଥିବା ବିପନ୍ନଙ୍କୁ କୁମ୍ଭୀର ଦାଉରୁ ସୁରକ୍ଷା ଦେବା ସହ ଗମନାଗମନ ପାଇଁ ଡିଙ୍ଗିର ବ୍ୟବସ୍ଥା କରିବାକୁ ଦାବି କରିଛନ୍ତି।

# ଡିଭାଇଡର୍ ଭାଙ୍ଗିଲେ ହାତୀ, ଆତଙ୍କିତ ଗ୍ରାମବାସୀ



**ଢେଙ୍କାନାଳ,୨୯।୮/ଏନ୍ଏନ୍ଏସ୍:** ରାସ୍ତା ଡିଭାଇଡର୍ ଭାଙ୍ଗିଲେ ହାତୀ,ଆତଙ୍କିତ ଗ୍ରାମବାସୀ। ଏଭଳି ଘଟଣା ଢ଼େଙ୍କାନାଳ ଜିଲ୍ଲା ଭୁବନ ଦେଇ ଯାଇଥିବା ଜାତୀୟ ରାଜପଥ ଅନନ୍ତପୁର ଛକରେ ଘଟିଛି । ପ୍ରକାଶ, ଗତ ୮ଦିନ ପୂର୍ବରୁ ଗୋଟିଏ ଦନ୍ତା ଏବଂ ଗୋଟିଏ ମାଇ ହାତୀ ଷଡ଼ଙ୍ଗୀ ରେଞ୍ଜ ଜଙ୍ଗଲ ଅଞ୍ଚଳରୁ ଆସି ଭୁବନ ସ୍ଥିତ ଭାରତୀ ପାହାଡ଼ରେ ଥିଲେ।ତେବେ ଆଜି ସକାଳ ସମୟରେ ହଠାତ୍ ଦୁଇଟି ଯାକ ହାତୀ ରାଜ ରାସ୍ତା ଉପରକୁ ଆସି ଅନନ୍ତପୁର ଗ୍ରାମ ଆଡ଼କୁ ପଳାଇଯାଇଥିଲେ।ରାସ୍ତା ପାର ହେବା ସମୟରେ ରାସ୍ତା ଉପରେ ଲାଗିଥିବା ଡିଭାଇଡର୍‌କୁ ଭାଙ୍ଗିଦେଇଥିବା ବେଳେ ସ୍ଥାନୀୟ ଅଞ୍ଚଳରେ କିଛି କ୍ଷୟ କ୍ଷତି ଘଟି ନଥିବା ଜଣାପଡ଼ିଛି। ହାତୀ ଦୁଇଟି ଯାଜପୁର ଜିଲ୍ଲା ସୁକିନ୍ଦା ଅଞ୍ଚଳର ପୋବଳ ଜଙ୍ଗଲକୁ ଚାଲିଯାଇଥିବା ବେଳେ ସେଠାରେ ସୁକିନ୍ଦା ବନ ବିଭାଗ ଏବଂ ଗ୍ରାମବାସୀ ହାତୀଙ୍କୁ ଜଗି ରହିଛନ୍ତି।

# କୃଷି ବିଭାଗ ପକ୍ଷରୁ ପ୍ରଶିକ୍ଷଣ ଶିବିର

**ଧର୍ମଶାଳା,୨୯।୮/ଏନ୍ଏନ୍ଏସ୍:** ଧର୍ମଶାଳା ବ୍ଲକ ପଟୁଣିଆ ପଞ୍ଚାୟତ ଗଲଗଲି ଶଙ୍ଖ ଠାରେ କୃଷି ବିଭାଗ ପକ୍ଷରୁ ନାରୀମାନଙ୍କ ଦକ୍ଷତା ଓ କ୍ଷମତା ବିକାଶ ପ୍ରଶିକ୍ଷଣ ଶିବିର ଅନୁଷ୍ଠିତ ହୋଇଯାଇଛି। ଆଇନଜୀବୀ ସୁଧୀର କୁମାର ରାଉତଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ଉଦଯାପନୀ ଉତ୍ସବରେ ଜିଲ୍ଲା କୃଷି ଅଧିକାରୀ ଦିଲ୍ଲୀପ କୁମାର ମହାନ୍ତି ମୁଖ୍ୟଅତିଥି ଭାବେ ଯୋଗଦେଇ ନାରୀମାନଙ୍କୁ ସଶକ୍ତିକରଣ କରିବା ନେଇ କୃଷି ବିଭାଗ କାଷ୍ଟର କାର୍ଯ୍ୟକ୍ରମକୁ ପ୍ରଶଂସା କରିଥିଲେ। ସମ୍ମାନିତ ଅତିଥିଭାବେ ସହକାରୀ କୃଷି ଅଧିକାରୀ ପ୍ରଦ୍ୟୁମ୍ନ ଷଡ଼ଙ୍ଗୀ, ବ୍ଲକ କୃଷି ବିଭାଗ ଅଧିକାରୀ ଡକ୍ଟର ସନ୍ଧ୍ୟାରାଣୀ ଦାସ, ସହକାରୀ କୃଷି ଅଧିକାରୀ ଜ୍ୟୋତି ରଞ୍ଜନ ଦାସ, ବିପିଏମ ପ୍ରିୟଦର୍ଶୀ ଦାଶ, ଦୀପାଞ୍ଜଳି କୃଷକ ମଞ୍ଚର ସାଧାରଣ ସମ୍ପାଦକ ଅଭିମନ୍ୟୁ ଧଳ ପ୍ରମୁଖ ଯୋଗଦେଇ ନାରୀ ସଶକ୍ତ ହେଲେ ଦେଶ ସଶକ୍ତ ହେବ ବୋଲି ମତବ୍ୟକ୍ତ କରିଥିଲେ। ଏହି ପ୍ରଶିକ୍ଷଣ ଶିବିରରେ ୨୦ଜଣ ମହିଳା ଯୋଗଦେଇ ପ୍ରଶିକ୍ଷଣ ନେଇଥିଲେ। ।

**କଟକ ମହାନଗର ନିଗମ**

ସାୟତ ଶାସନ ପାଳନ ଅବସରରେ
କଟକ ମହାନଗର ନିଗମ ତରଫରୁ ହାର୍ଦ୍ଦିକ ଅଭିନନ୍ଦନ

କାର୍ଯ୍ୟସୂଚୀ

ତା. ୩୦.୦୮.୨୦୨୫ ରିଖ

ପ୍ରାତଃ ୦୯.୦୦ ଘଟିକା : ରକ୍ତଦାନ ଶିବିର, ଟାଉନହଲ, କଟକ

ତା. ୩୧.୦୮.୨୦୨୫ ରିଖ

ପୂର୍ବାହ୍ନ -୧୦.୩୦ ଘଟିକା : ନିଗମ ଅଞ୍ଚଳରେ ନୂତନ ପ୍ରକଳ୍ପ ନିମନ୍ତେ ଭିତ୍ତିପ୍ରସ୍ତର ସ୍ଥାପନ ଓ ସମ୍ପୂର୍ଣ୍ଣ ହୋଇଥିବା ପ୍ରକଳ୍ପ ଗୁଡ଼ିକର ଶୁଭ ଉଦ୍‌ଘାଟନ ।

ସନ୍ଧ୍ୟା -୦୫.୦୦ ଘଟିକା : ଶହିଦ ଭବନ, କଟକ ଠାରେ ସାଧାରଣ ସଭା

ମୁଖ୍ୟ ଅତିଥି :

ଶ୍ରୀଯୁକ୍ତ କୃଷ୍ଣଚନ୍ଦ୍ର ମହାପାତ୍ର, ମାନ୍ୟବର ମନ୍ତ୍ରୀ, ଗୃହ ନିର୍ମାଣ ଓ ନଗର ଉନ୍ନୟନ, ସାଧାରଣ ଉଦ୍ୟୋଗ ବିଭାଗ, ଓଡ଼ିଶା

ସମ୍ମାନିତ ଅତିଥି ବୃନ୍ଦ

OIPR-13031/13/0212/2526 DSPL-230

ନିଗମର ସମସ୍ତ କର୍ପୋରେଟର, ସମସ୍ତ ଅଧିକାରୀ ଏବଂ କର୍ମଚାରୀ ବୃନ୍ଦ

ପ୍ରଥମ ପୃଷ୍ଠାରୁ

## ଆଦିବାସୀଙ୍କୁ ଅଧିକାର ...

ଆର୍ଥିକ ଶକ୍ତି କ୍ଷେତ୍ରରେ ପରିବର୍ତ୍ତନ ହେବା ଜରୁରୀ ବୋଲି ଲୋକସଭା ବାଚସ୍ପତି ଓମ୍ ବିର୍ଲା କହିଛନ୍ତି। ଲୋକସେବା ଭବନର କନ୍‌ଭେନ୍‌ସନ୍ ହଲ୍‌ରେ ଶୁକ୍ରବାର ଆୟୋଜିତ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ ସମ୍ବନ୍ଧିତ ସଂସଦୀୟ ଏବଂ ବିଭିନ୍ନ ରାଜ୍ୟ/କେନ୍ଦ୍ର ଶାସିତ ଅଞ୍ଚଳର କମିଟିର ଅଧ୍ୟକ୍ଷ ଓ ସଦସ୍ୟଗଣଙ୍କ ଦୁଇ ଦିନିଆ ଜାତୀୟ ସମ୍ମିଳନୀକୁ ମୁଖ୍ୟ ଅତିଥି ଭାବେ ଉଦ୍‌ଘାଟନ କରି ଓମ୍ ବିର୍ଲା ଏହା କହିଛନ୍ତି।

ଏହାଛଡ଼ା ସେ କହିଛନ୍ତି ଯେ ଅନୁସୂଚିତ ଜାତି ଓ ଅନୁସୂଚିତ ଜନଜାତି କଲ୍ୟାଣ କମିଟିର ସଦସ୍ୟ ଗଣ ସବୁ ସମୟରେ ଦଳମତରୁ ଊର୍ଦ୍ଧ୍ୱରେ ରହି ବର୍ଗର ଉନ୍ନତି ପାଇଁ ନିଷ୍ପତ୍ତି ନିଅନ୍ତି। ଆଜି ଦେଶରେ ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଯାହା ବି ଉନ୍ନତି ହୋଇଛି, ତାହା ଏହି ସବୁ କମିଟିର ପ୍ରୟାସ, ଅନୁଶୀଳନ ଓ ଉଦାରକ୍ଷ ଦୃଷ୍ଟିକୋଣ ଯୋଗୁଁ ସମ୍ଭବ ହୋଇପାରିଥିଲା। ଦଳମତ ନିର୍ବିଶେଷରେ ସଂସଦୀୟ ଓ ବିଭିନ୍ନ ରାଜ୍ୟର କମିଟି ମାନେ ଏହି ବର୍ଗର ସାମଗ୍ରିକ ଉନ୍ନତି ଉପରେ ଧ୍ୟାନଦେଇ ଆସିଛନ୍ତି। ତେବେ ଭୁବନେଶ୍ୱରରେ ଅନୁଷ୍ଠିତ କମିଟି ଯାହା ପ୍ରସ୍ତାବ ଦେବ, ତାହାକୁ କାର୍ଯ୍ୟକାରୀ କରାଯିବ। ଏହାପରେ ଦେଶରେ ଏକ ସମତା ଭିତ୍ତିକ ସମାଜ ଗଠନ ପାଇଁ ଆମର ଯେଉଁ ଲକ୍ଷ୍ୟ ଅଛି ତାହା ସମ୍ପୂର୍ଣ୍ଣ ଭାବେ ପୂରଣ ହୋଇପାରିବ। ଏହାଦ୍ୱାରା ବିକଶିତ ଭାରତ ଗଠନର ଲକ୍ଷ୍ୟ ମଧ୍ୟ ସଫଳ ହେବ। ବାବା ସାହେବ ଆମ୍ବେଦକରଙ୍କର ବିଚାରକୁ ନେଇ ସମ୍ବିଧାନର ମୂଳ ସିଦ୍ଧାନ୍ତ ପ୍ରସ୍ତୁତ କରାଯାଇଛି। ଦୀର୍ଘ ୭୮ ବର୍ଷ ଧରି ଏହି ସିଦ୍ଧାନ୍ତକୁ ନେଇ ଦେଶ ଆଗକୁ ବଢ଼ୁଛି। ଏହି ସିଦ୍ଧାନ୍ତ ଅନୁଯାୟୀ ଅନୁସୂଚିତ ଜାତି ଓ ଜନଜାତି ତଥା ବିଭିନ୍ନ ପଛୁଆ ବର୍ଗଙ୍କୁ ସାମାଜିକ ଓ ଆର୍ଥିକ କ୍ଷେତ୍ରରେ ନ୍ୟାୟ ଦେବା ପାଇଁ ପଦକ୍ଷେପ ନିଆଯାଉଛି। ଆଜିର ଏହି କମିଟିର ଆଲୋଚନା ଓ ଅନୁଶୀଳନରୁ ଯେଉଁ ଯେଉଁ ନୂଆ ଚିନ୍ତାଧାରାର ପରିପ୍ରକାଶ ହେବ, ତାକୁ ଗ୍ରହଣ କରି ଦେଶ ତଥା ବିଭିନ୍ନ ରାଜ୍ୟରେ କାର୍ଯ୍ୟକାରୀ ହେଉଥିବା ବେଷ୍ଟ ପ୍ରାକ୍ଟିସେସ୍‌କୁ ଅନ୍ୟାନ୍ୟ ସ୍ଥାନରେ କାର୍ଯ୍ୟକାରୀ କରାଯାଇ, ଏହି ବର୍ଗର ଲୋକଙ୍କ ପାଇଁ ଏକ ସମତା ଭିତ୍ତିକ ଓ ନ୍ୟାୟପୂର୍ଣ୍ଣ ସମାଜ ଗଠନ କରାଯାଇ ପାରିବ ବୋଲି ଶ୍ରୀ ବିର୍ଲା କହିଛନ୍ତି। ଏହି ଅବସରରେ ଲୋକସଭା ବାଚସ୍ପତି କନ୍‌ଭେନ୍‌ସନ୍ ହଲ୍ ମଧ୍ୟରେ ଆୟୋଜିତ ହୋଇଥିବା ଏକ ପ୍ରଦର୍ଶନୀକୁ ଉଦ୍‌ଘାଟନ କରି ବୁଲି ଦେଖିଥିଲେ।

## ଆଦିବାସୀଙ୍କ ବିକାଶରେ ...

ଅନ୍ତର୍ଜାତୀୟ ସମ୍ମିଳନୀ ଓଡ଼ିଶାରେ ଆୟୋଜିତ ହୋଇଛି ବୋଲି ପ୍ରକାଶ କରି, ଏହାଦ୍ୱାରା ଜାତୀୟସ୍ତରରେ ଓଡ଼ିଶାର ଗୁରୁତ୍ୱ ବୃଦ୍ଧି ପାଉଛି। ସ୍ୱାଧୀନତା ସମୟରେ ଦେଶର ସାମାଜିକ ଓ ରାଜନୈତିକସ୍ତର ବହୁତ ଦୟନୀୟ ଥିଲା। ବହୁତ ବଡ଼ ସମସ୍ୟା ଥିଲା ଦଳିତ, ଆଦିବାସୀ ମାନଙ୍କର। ତେବେ ବାବା ସାହେବ ଆମ୍ବେଦକରଙ୍କ ବିଚାର ଓ ମାର୍ଗ ଅନୁସରଣ କରି ଆଜି ଦେଶରେ ଦଳିତ ଓ ଆଦିବାସୀ ମାନଙ୍କର ଅବସ୍ଥାରେ ବହୁତ ପରିବର୍ତ୍ତନ ଆସିଛି। ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ସେମାନେ ଯେପରି ସମାଜର ମୁଖ୍ୟସ୍ରୋତରେ ସାମିଲ ହୋଇପାରିବେ ଏବଂ ବିକଶିତ ଭାରତ ଗଠନରେ ମହତ୍ତ୍ୱପୂର୍ଣ୍ଣ ଯୋଗଦାନ ରଖିପାରିବେ, ସେ ଦିଗରେ ଉଦ୍ୟମ ତ୍ୱରାନ୍ୱିତ ହୋଇଛି। ପିଏମ୍ ଜନମନ, ଧରତି ଆବା ଗ୍ରାମ ଉତ୍କର୍ଷ ଅଭିଯାନ ପରି ଯୋଜନା ଗୁଡିକ ଏହି ଲକ୍ଷ୍ୟ ହାସଲ କରିବା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛି। ଓଡ଼ିଶାର ୪୦ ପ୍ରତିଶତ ଜନସଂଖ୍ୟାରେ ଦଳିତ ଓ ଜନଜାତି ବର୍ଗର ପ୍ରତିନିଧିତ୍ୱ କରନ୍ତି ବୋଲି ପ୍ରକାଶ କରି ମୁଖ୍ୟମନ୍ତ୍ରୀ ସେମାନଙ୍କ ବିକାଶ ପାଇଁ ହୋଇଥିବା ବିଭିନ୍ନ ଯୋଜନା ସମ୍ପର୍କରେ ଆଲୋକପାତ କରିଥିଲେ। ମୁଖ୍ୟମନ୍ତ୍ରୀ କହିଛନ୍ତି ଯେ, ବିକାଶ ସହିତ ଆଦିବାସୀ ସଂସ୍କୃତିର ସୁରକ୍ଷା ପାଇଁ ଓଡ଼ିଶା ସରକାର ଆଦିବାସୀ ସଂସ୍କୃତି ଓ ଐତିହ୍ୟ ଭବନ ଏବଂ ଆଦିବାସୀ ଭାଷା ପ୍ରତିଷ୍ଠାନ ମଧ୍ୟ ନିର୍ମାଣ କରୁଛନ୍ତି। ଜନଜାତି ଭାଷାରେ ପାଠପଢ଼ାଇବା ପାଇଁ ପଦକ୍ଷେପ ନିଆଯାଇଛି। ଏହି ସମ୍ମିଳନୀ ସବୁ ଦୃଷ୍ଟିରୁ ଏକ ଐତିହାସିକ ସମ୍ମିଳନୀ ହେବ। ଏହି ସମ୍ମିଳନୀର ମନ୍ଥନରୁ ନେଇ ନୂଆ ନୂଆ ନୀତି ଓ କାର୍ଯ୍ୟକ୍ରମ ପ୍ରସ୍ତୁତ କରାଯିବ। ଅନୁସୂଚିତ ଜାତି ଓ ଜନଜାତି ବର୍ଗର ଲୋକ ମୁଖ୍ୟସ୍ରୋତରେ ସାମିଲ ହୋଇ ସମୃଦ୍ଧ ଓଡିଶା ଓ ବିକଶିତ ଭାରତ ଗଠନରେ ଗୁରୁତ୍ୱପୂର୍ଣ୍ଣ ଅବଦାନ ରଖିବେ ବୋଲି ମୁଖ୍ୟମନ୍ତ୍ରୀ ଶ୍ରୀ ମାଝୀ କହିଛନ୍ତି। ଶେଷରେ ବିଧାନସଭା ଉପ ବାଚସ୍ପତି ଭବାନୀ ଶଙ୍କର ଭୋଇ ଧନ୍ୟବାଦ ଅର୍ପଣ କରିଥିଲେ।

## ଜିଡିପି ଅଭିବୃଦ୍ଧି ...

ସାମାନ୍ୟ ମାନ୍ଦା ରହିଛି । ୨୦୨୫-୨୬ ଆର୍ଥିକ ବର୍ଷରେ ସ୍ଥିର ମୂଲ୍ୟରେ ତୃତୀୟ କ୍ଷେତ୍ର (୯.୩%) ଯଥେଷ୍ଟ ଅଭିବୃଦ୍ଧି ହାର ରେକର୍ଡ କରିଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ବୃଦ୍ଧି ହାର ୬.୮% ଠାରୁ ଅଧିକ। ସରକାରୀ ଅନ୍ତିମ ବ୍ୟବହାର ଖର୍ଚ୍ଚ (ଜିଏଫ୍‌ସିଇ) ପୁଣି ଥରେ ବୃଦ୍ଧି ପାଇଛି । ୨୦୨୫-୨୬ ଆର୍ଥିକ ବର୍ଷରେ ନାମମାତ୍ର ଆଧାରରେ ୯.୭% ବୃଦ୍ଧି ହାର ରେକର୍ଡ ହୋଇଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ବୃଦ୍ଧି ହାର ୪.୦% ଠାରୁ ଅଧିକ। ବାସ୍ତବ ଘରୋଇ ଅନ୍ତିମ ବ୍ୟବହାର ଖର୍ଚ୍ଚ (ପିଏଫ୍‌ସିଇ) ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୭.୦% ବୃଦ୍ଧି ହାର ହାସଲ କରିଛି । ଏହା ପୂର୍ବ ଆର୍ଥିକ ବର୍ଷର ସମାନ ଅବଧିରେ ୮.୩% ରହିଥିଲା। ମୋଟ ସ୍ଥିର ପୁଞ୍ଜି ଗଠନ (ଜିଏଫ୍‌ସିଏଫ୍) ୨୦୨୪-୨୫ ଆର୍ଥିକ ବର୍ଷରେ ୬.୭% ବୃଦ୍ଧି ହାର ତୁଳନାରେ ସ୍ଥିର ମୂଲ୍ୟରେ ୭.୮% ବୃଦ୍ଧି ହାର ରେକର୍ଡ କରିଛି।୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ସ୍ଥିର ମୂଲ୍ୟରେ ବାସ୍ତବ ଜିଡିପି ବା ଜିଡିପି ପରିମାଣ ୪୭.୮୯ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଏହା ୨୦୨୪-୨୫ ଆର୍ଥିକ ବର୍ଷର ସମାନ ଅବଧିରେ ୪୪.୪୨ ଲକ୍ଷ କୋଟି ଟଙ୍କା ଥିଲା। ତେଣୁ ବାସ୍ତବ ଜିଡିପି ଅଭିବୃଦ୍ଧି ହାର ୭.୮% ରହିଛି । ନାମମାତ୍ର ଜିଡିପି ବା ସ୍ଥିର ମୂଲ୍ୟରେ ଜିଡିପି ହାର ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୮୬.୦୫ ଲକ୍ଷ କୋଟି ଟଙ୍କା ରହିବା ନେଇ ଆକଳନ କରାଯାଇଥିଲା ଯାହା ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୭୯.୦୮ ଲକ୍ଷ କୋଟି ଟଙ୍କା ଥିଲା। ଏହି କ୍ଷେତ୍ରରେ ୮.୮% ଅଭିବୃଦ୍ଧି ହାର ପରିଲକ୍ଷିତ ହୋଇଛି ।ସେହିପରି ଏହି ସମୟ ସୁଦ୍ଧା ପ୍ରକୃତ ଜିଭିଏ ୪୪.୬୪ ଲକ୍ଷ କୋଟି ଟଙ୍କା ହେବ ବୋଲି ଆକଳନ କରାଯାଇଥିଲା। ଏହା ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୪୧.୪୭ ଲକ୍ଷ କୋଟି ଟଙ୍କା ଥିଲା। ତେଣୁ ଜିଭିଏରେ ଅଭିବୃଦ୍ଧି ହାର ୭.୬% ରହିଛି । ସେହିପରି ୨୦୨୫-୨୬ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ନାମମାତ୍ର ଜିଭିଏ ୭୮.୨୫ ଲକ୍ଷ କୋଟି ଟଙ୍କା ଥିବା ଆକଳନ କରାଯାଇଛି, ଯାହା ୨୦୨୪-୨୫ ଆର୍ଥିକ ବର୍ଷର ପ୍ରଥମ ତ୍ରୈମାସରେ ୭୧.୯୫ ଲକ୍ଷ କୋଟି ଟଙ୍କା ଥିଲା। ଏଥିରେ ଅଭିବୃଦ୍ଧି ହାର ୮.୮% ରହିଛି।

## ସଶକ୍ତ ହେବ ଓଡ଼ିଶାର ...

ଅଧିକ ରାଜପଥ ଓ ସଡ଼କ ପ୍ରକଳ୍ପ କେନ୍ଦ୍ର ସରକାରଙ୍କ ସହାୟତାରେ ନିର୍ମିତ ହେଉଛି। ଏଥି ସହିତ, କିଛି ଦିନ ତଳେ କେନ୍ଦ୍ର ସରକାର ୮୩୦୮ କୋଟି ଟଙ୍କା ବ୍ୟୟରେ କ୍ୟାପିଟାଲ ରିଜିୟନ ରିଂ ରୋଡ ଘୋଷଣା କରିଛନ୍ତି। ଆମ ସରକାର ବି ଆଗାମୀ ପାଞ୍ଚ ବର୍ଷରେ ୭୫ ହଜାର କିଲୋମିଟରର ଉଚ୍ଚ ମାନର ସଡ଼କ ନିର୍ମାଣ କରିବେ। ସେହିପରି ବିମାନ ବନ୍ଦର ଭିତ୍ତିଭୂମିରେ ମଧ୍ୟ ଉନ୍ନତିକରଣ କରାଯାଇ ଦେଶ ବିଦେଶର ନୂଆ ନୂଆ ଗନ୍ତବ୍ୟ ସ୍ଥଳକୁ ବିମାନ ଚଳାଚଳର ସୁବିଧା କରାଯାଇଛି। ରାଜ୍ୟର ବନ୍ଦର ଭିତ୍ତିଭୂମିର ବିକାଶ ପାଇଁ ମଧ୍ୟ ଉଦ୍ୟମ ଜାରି ରହିଛି। ରାଜ୍ୟରେ ତିନୋଟି ପ୍ରମୁଖ ବନ୍ଦର ଥିବାବେଳେ ଆମେ ଆଉ ୪ଟି ନୂତନ ବନ୍ଦର ନିର୍ମାଣ କରିବାର ଲକ୍ଷ୍ୟ ରଖିଛୁ। ଆଗାମୀ ପାଞ୍ଚ ବର୍ଷରେ ପ୍ରାୟ ୧୫ ଲକ୍ଷ ହେକ୍ଟର ଚାଷଜମି ଜଳସେଚିତ ହେବ।ଏହାଛଡ଼ା ୨୦୪୭ ବେଳକୁ ଓଡ଼ିଶାରେ ସହରୀକରଣ ୬୦ ପ୍ରତିଶତ ହେବ ବୋଲି ଆକଳନ କରାଯାଉଛି। ଏଥିପାଇଁ ଆମେ ନୂଆ ସହରାଞ୍ଚଳ, ସୁଲଭ ବାସଗୃହ, ବିଶ୍ୱସ୍ତରୀୟ ଭିତ୍ତିଭୂମି ସୃଷ୍ଟି ଉପରେ ସ୍ୱତନ୍ତ୍ର ଧ୍ୟାନ ଦେଉଛୁ। ଭୁବନେଶ୍ୱର, କଟକ, ରାଉରକେଲା, ବ୍ରହ୍ମପୁର ଏବଂ ସମ୍ବଲପୁର ସହରକୁ ଆମେ ଆଧୁନିକ ସହର ଭିତ୍ତିଭୂମିର ମଡେଲ ଭାବେ ବିକଶିତ କରିବୁ। ଏମ୍‌ଏସ୍‌ଏମ୍‌ଇ କ୍ଷେତ୍ର ହେଉଛି ସର୍ବାଧିକ ନିଯୁକ୍ତି ପ୍ରଦାନକାରୀ କ୍ଷେତ୍ର। ଏହା ମଧ୍ୟ ଅର୍ଥନୈତିକ ପ୍ରଗତିକୁ ଇନ୍‌କ୍ଲୁସିଭ୍ ବା ସମାବେଶୀ କରିଥାଏ। ଏଥିପାଇଁ କ୍ଲଷ୍ଟର ଉନ୍ନତିକକରଣ, ସହଜ ଋଣ ବ୍ୟବସ୍ଥା ଏବଂ ବଜାର ପ୍ରବେଶ ପାଇଁ ଡିଜିଟାଲ ପ୍ଲାଟଫର୍ମ ଜରିଆରେ ଆମେ ଆମର ଏମ୍‌ଏସ୍‌ଏମ୍‌ଇଗୁଡିକୁ ଦକ୍ଷ କରିବା ପାଇଁ କାର୍ଯ୍ୟକ୍ରମ କରୁଛୁ । କାର୍ଯ୍ୟକ୍ରମରେ ଦକ୍ଷତା ବିକାଶ ଓ ବୈଷୟିକ ଶିକ୍ଷା ମନ୍ତ୍ରୀ ସମ୍ପଦ ଚନ୍ଦ୍ର ସ୍ୱାଇଁ କହିଥିଲେ ଯେ ଓଡ଼ିଶାରେ ବିକଶିତ ଓଡିଶା ଗଠନ ପାଇଁ ସମୟ ଧାର୍ଯ୍ୟ ହୋଇସାରିଛି। ବିକଶିତ ରାଜ୍ୟ ଓ ରାଷ୍ଟ୍ର ପାଇଁ ସୁସ୍ଥ ସମାଜ ଆବଶ୍ୟକ। ଏଥିପାଇଁ ସମସ୍ତଙ୍କ ଉଦ୍ୟମ ଆବଶ୍ୟକ ରହିଛି। ଆମେ ଚିନ୍ତା କରିବା ସ୍ୱପ୍ନ ଦେଖିଲେ ହେବ ନାହିଁ କଠିନ ପରିଶ୍ରମ ଦରକାର। ଆମ ପାଖରେ ପ୍ରଚୁର ସମ୍ପଦ ରହିଛି। ଆମ ପାଖରେ ଯୁବଶକ୍ତି ଅଛି। ଆମେ ସେମାନଙ୍କୁ ଉପଯୋଗୀ କରି ଆଗକୁ ଯିବା ଦରକାର। ତେବେ ଯାଇ ବିକଶିତ ଓଡିଶା ସ୍ୱପ୍ନ ପୁରଣ ହୋଇପାରିବ। ଉକ୍ତ କାର୍ଯ୍ୟକ୍ରମରେ ଏମ୍‌ଏସ୍‌ଏମ୍‌ଇ ତଥା ମତ୍ସ୍ୟ ଓ ପଶୁପାଳନ ମନ୍ତ୍ରୀ ଗୋକୁଳାନନ୍ଦ ମଲ୍ଲିକ, ପ୍ରମୁଖ ସଚିବ ଭୂପେନ୍ଦ୍ର ସିଂ ପୁନିଆ, ଆଇସିସି ଡିଜି ଡ.ରାଜୀବ ସିଂ ଯୋଗଦେଇଥିବାବେଳେ ଉଦଯାପନୀ ଉତ୍ସବରେ ସ୍ୱତନ୍ତ୍ର ଅତିଥି ଭାବେ ବିଜେପି ରାଜ୍ୟ ସଭାପତି ମନମୋହନ ସାମଲ, ଲଘୁ ଉଦ୍ୟୋଗୀ ଭାରତୀ ସଭାପତି ଗୋପାଳ ଦାସ ଅଗ୍ରୱାଲ, ଆଇସିସିର ଅଧ୍ୟକ୍ଷ ରାଜୀବ ସାହୁ ପ୍ରମୁଖ ଯୋଗଦେଇଥିଲେ।

# ଜାତୀୟ କ୍ରୀଡ଼ା ଦିବସରେ ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି



**ପୁରୀ,୨୯।୮/ଏନ୍‌ଏନ୍‌ଏସ୍:** ଆଜିର ଯୁବପିଢ଼ି ଓ କ୍ରୀଡ଼ା ପ୍ରତି ମନୋନିବେଶ କରୁଥିବା ପ୍ରତିଟି କ୍ରୀଡ଼ାବିତ୍‌ଙ୍କ ପାଇଁ ଧ୍ୟାନଚାନ୍ଦ ଆଦର୍ଶ ହୋଇ ରହିଥିବେ। ପ୍ରଧାନମନ୍ତ୍ରୀଙ୍କ ଆହ୍ୱାନ ଏକ ଘଣ୍ଟା କ୍ରୀଡ଼ା ପାଇଁ ଆମେ ପ୍ରତ୍ୟେକ ବ୍ୟୟ କରିପାରିଲେ ସୁସ୍ଥ ନିରୋଗ ରହି ପାରିବା ବୋଲି ମତବ୍ୟକ୍ତ କରିଛନ୍ତି ପୁରୀ ଲୋକସଭା ସାଂସଦ ଡା. ସମ୍ବିତ ପାତ୍ର। ଜାତୀୟ କ୍ରୀଡ଼ା ଦିବସ ଆଜି ପୁରୀ ଜିଲ୍ଲା ପ୍ରଶାସନ ପକ୍ଷରୁ ତାଳବଣିଆ ସ୍ଥିତ ସ୍ପୋର୍ଟ୍ସ କମ୍ପ୍ଲେକ୍ସଠାରେ ଅନୁଷ୍ଠିତ ହୋଇଥିଲା।

ଏହି ଅବସରରେ ଏକ ସଚେତନତା ଶୋଭାଯାତ୍ରାକୁ ସାଂସଦ ଡା. ପାତ୍ର ଓ ଜିଲ୍ଲାପାଳ ଦିବ୍ୟ ଜ୍ୟୋତି ପରିଡ଼ା ଉଦ୍‌ଘାଟନ କରିବା ସହ କ୍ରୀଡ଼ା ଦିବସରେ ସମସ୍ତଙ୍କୁ ଶୁଭେଚ୍ଛା ଜଣାଇଥିଲେ। ସାଂସଦ ଡା. ପାତ୍ର ସରକାର କ୍ରୀଡ଼ା ଓ କ୍ରୀଡ଼ାବିତ୍‌ଙ୍କ ଉନ୍ନତି ପାଇଁ ଅନେକ ବ୍ୟବସ୍ଥା କରିଛନ୍ତି। ପ୍ରଧାନମନ୍ତ୍ରୀଙ୍କ ପରାମର୍ଶ କ୍ରମେ ସେପ୍ଟେମ୍ବର ମାସରେ ସାଂସଦ ଖେଳ ମହୋତ୍ସବ ର ଆୟୋଜନ କରାଯାଇଛି। ଏଥିରେ ୮ ଟି କ୍ରୀଡ଼ା ବର୍ଗ ପାଇଁ ପ୍ରତିଯୋଗିତା ଅନୁଷ୍ଠିତ ହେବ ବୋଲି ସେ ସୂଚନା ଦେଇଥିଲେ। ଏକ ହଜାରରୁ ଉର୍ଦ୍ଧ୍ୱ କ୍ରୀଡ଼ାବିତ୍ ଏହି ଶୋଭାଯାତ୍ରାରେ ସାମିଲ ହୋଇ ଶ୍ରୀଜଗନ୍ନାଥ କ୍ରିକେଟ ଷ୍ଟାଡିୟମ୍‌ଠାରୁ ଇନ୍‌ଡୋର୍ ଷ୍ଟାଡିୟମ ପର୍ଯ୍ୟନ୍ତ ଯାଇଥିଲେ। ସେଠାରେ ଆୟୋଜିତ କାର୍ଯ୍ୟକ୍ରମରେ ସାଂସଦ ଡା. ପାତ୍ର ଯୋଗ ଦେବା ସହ କୋଚ ଓ କ୍ରୀଡ଼ାବିତ୍‌ଙ୍କୁ ସମ୍ବର୍ଦ୍ଧିତ କରିଥିଲେ। ପରେ ସେ ସମସ୍ତଙ୍କୁ କ୍ରୀଡ଼ା ଶପଥ ପାଠ କରାଇଥିଲେ। ବେଟି ବଚାଓ ବେଟି ପଢ଼ାଓ ଏବଂ ସାଂସଦ ଖେଳ ପ୍ରତିଯୋଗିତାର ଲିଫଲେଟକୁ ଡା. ପାତ୍ର ଓ ଅନ୍ୟାନ୍ୟ ଅତିଥିମାନେ ପ୍ରଦର୍ଶନ କରିଥିଲେ। ବାଲୁକା କଳା ଶିଳ୍ପୀ ସନ୍ତୋଷ କୁମାର ସେଠୀଙ୍କ ଦ୍ୱାରା ପ୍ରସ୍ତୁତ ଜାତୀୟ କ୍ରୀଡ଼ା ଦିବସ ଓ ବେଟି ବଚାଓ ବେଟୀ ପଢ଼ାଓର କୃତିକୁ ସାଂସଦ ଉନ୍ମୋଚନ କରିଥିଲେ। ଯୋଗ ଗୁରୁ ଆଲୋକ କୁମାର ସ୍ୱାଇଁଙ୍କ ତତ୍ତ୍ୱାବଧାନରେ ଯୋଗ ପ୍ରଦର୍ଶନ ସହ, ମାଲଖମ୍ବ କ୍ରୀଡ଼ା ପ୍ରଦର୍ଶନ କରାଯାଇଥିଲା। ଅତିରିକ୍ତ ଜିଲ୍ଲାପାଳ ପ୍ରଶାସନ ଶରତ ଚନ୍ଦ୍ର ବେହେରା, ଅତିରିକ୍ତ ଜିଲ୍ଲାପାଳ ପ୍ରୋଟୋକଲ ନିଳମାଧବ ଭୋଇ, ଜିଲ୍ଲା ପରିଷଦର ମୁଖ୍ୟ ଉନ୍ନୟନ ଅଧିକାରୀ ପ୍ରିୟରଞ୍ଜନ ପୃଷ୍ଟି,ପୌର ନିର୍ବାହୀ ଅଧିକାରୀ ଅଭିମନ୍ୟୁ ବେହେରା, ଉପ ଜିଲ୍ଲାପାଳ ରାଜ କିଶୋର ଜେନା, ଭାରତୀୟ କ୍ରୀଡ଼ା କର୍ତ୍ତୃପକ୍ଷଙ୍କ ଭାରପ୍ରାପ୍ତ ଅଧିକାରୀ ତୈଲୋକ୍ୟ ନାଥ ସାହୁ, ସୂଚନା ଓ ଲୋକ ସମ୍ପର୍କ ଉପ ନିର୍ଦ୍ଦେଶକ ସନ୍ତୋଷ କୁମାର ସେଠୀ, ଜିଲ୍ଲା କ୍ରୀଡ଼ା ଅଧିକାରୀ ଚନ୍ଦନ କୁମାର ସାହୁ, ଜିଲ୍ଲା ଶିଶୁ ସୁରକ୍ଷା ଅଧିକାରୀ ମନୋଜ କୁମାର ତ୍ରିପାଠୀ, କ୍ରୀଡ଼ା ସଂସଦର ପ୍ରାକ୍ତନ ସମ୍ପାଦକ ରବି ଶଙ୍କର ପ୍ରତିହାରୀ, ଖୋ ଖୋ କ୍ରୀଡ଼ାର ମୁଖ୍ୟ କୋଚ ସଞ୍ଜୀବ ଶର୍ମା ,ବିଭିନ୍ନ କ୍ରୀଡ଼ା ସଂଘର ମୁଖ୍ୟମାନେ ଯୋଗ ଦେଇ ଜାତୀୟ କ୍ରୀଡ଼ା ଦିବସର ଅନୁଚିନ୍ତା ସହ ଧ୍ୟାନଚାନ୍ଦଙ୍କ ପ୍ରତି ଶ୍ରଦ୍ଧାଞ୍ଜଳି ଅର୍ପଣ କରିଥିଲେ। ଏଥିରେ କ୍ରୀଡ଼ା କାର୍ଯ୍ୟାଳୟର ସମସ୍ତ କର୍ମଚାରୀ, କ୍ରୀଡ଼ାବିତ୍, କ୍ରୀଡ଼ା କେନ୍ଦ୍ରରେ ରହୁଥିବା ଅନ୍ତେବାସୀମାନେ ଯୋଗ ଦେଇଥିଲେ।



**ଓଡ଼ଗାଁ:** ଓଡ଼ଗାଁ ବ୍ଲକ ଅନ୍ତର୍ଗତ ରାହାସ ବିଦ୍ୟାପୀଠ ସାକେରୀରେ ଶୁକ୍ରବାର ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। କ୍ରୀଡ଼ାଶିକ୍ଷକ ରିଙ୍କୁ ଦଲେଇଙ୍କ ଅବାହକତ୍ୱରେ ଓ ପ୍ରଧାନ ଶିକ୍ଷକ ସନ୍ତୋଷ କୁମାର ତ୍ରିପାଠୀଙ୍କ ଅଧ୍ୟକ୍ଷତାରେ ଆୟୋଜିତ କାର୍ଯ୍ୟକ୍ରମରେ ପ୍ରଥମେ କିମ୍ବଦନ୍ତୀ ହକି ଖେଳାଳି ମେଜର ଧ୍ୟାନଚାନ୍ଦଙ୍କୁ ଶ୍ରଦ୍ଧାଞ୍ଜଳି ଦେବାପରେ ଛାତ୍ରଛାତ୍ରୀମାନେ କ୍ରୀଡ଼ାଦିବସ ପାଳନ ପ୍ରସଙ୍ଗରେ ଭାଷଣ ଦେଇଥିଲେ। ଶୁକ୍ରବାରଠାରୁ ଆରମ୍ଭ ହୋଇଥିବା ଏହି କାର୍ଯ୍ୟକ୍ରମ ୩୧ ତାରିଖ ପର୍ଯ୍ୟନ୍ତ ଚାଲିବ। ଏହି ଦିବସଗୁଡ଼ିକରେ ଛାତ୍ରଛାତ୍ରୀମାନେ ବିଭିନ୍ନ କ୍ରୀଡ଼ାରେ ସେମାନଙ୍କର ନୈପୁଣ୍ୟ ପ୍ରଦର୍ଶନ କରିବେ ବୋଲି ପ୍ରଧାନ ଶିକ୍ଷକ ଶ୍ରୀତ୍ରିପାଠୀ ସୂଚନା ଦେଇଥିବାବେଳେ କାର୍ଯ୍ୟକ୍ରମରେ କାର୍ଯ୍ୟାଳୟ ସହକାରୀ ଅଶୋକ କୁମାର ଦାଶ ସହଯୋଗ କରିଥିବା ଜଣାପଡ଼ିଛି।



**ବାଲୁଗାଁ:** କିମ୍ବଦନ୍ତି ହକି ଖେଳାଳି ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ ଜନ୍ମ ଦିବସ ଅବସରରେ ବିଜୁ ପଟ୍ଟନାୟକ ଇଣ୍ଡୋର ବାଲୁଗାଁଠାରେ ଷ୍ଟାଡିୟମ ଇନ -ଚାର୍ଜ କ୍ରିଷ୍ଣା ଶିକାରୀଙ୍କ ପ୍ରତ୍ୟକ୍ଷ ତତ୍ତ୍ୱାବଧାନରେ ଜାତୀୟ କ୍ରୀଡ଼ା ଦିବସ ପାଳନ କରାଯାଇଛି। ଏହି କ୍ରୀଡ଼ା ମହୋତ୍ସବରେ ଅତିଥିଭାବେ ବାଲୁଗାଁ ଥାନା ଭାରପ୍ରାପ୍ତ ଅଧିକାରୀ ଜୟ ପ୍ରକାଶ ପରିଡ଼ା, ଚିଲିକା ପ୍ରେସ୍ କ୍ଲବର ସଭାପତି ପ୍ରକାଶ କୁମାର ପ୍ରଧାନଙ୍କ ସମେତ ଅନ୍ୟ ଅତିଥିମାନେ ମେଜର ଧ୍ୟାନଚାନ୍ଦଙ୍କ ଫଟୋରେ ପୁଷ୍ପ ମାଲ୍ୟ ପ୍ରଦାନ ଓ ପ୍ରଦ୍ୱୀପ ପ୍ରଜ୍ୱଳନ କରି ଉତ୍ସବ ଶୁଭାରମ୍ଭ କରିଥିଲେ। ଏହା ପରେ ଉତ୍କଳ କରାଟେ ସ୍କୁଲ, ବାଲୁଗାଁର କରାଟେ ପ୍ରଶିକ୍ଷକ ପ୍ରତାପ କେଶରୀ ଜେନା କରାଟେ ଛାତ୍ରମାନଙ୍କୁ ନେଇ ଏକ ଚିତ୍ତାକର୍ଷକ ସାମରିକ କଳା କୌଶଳ ପ୍ରଦର୍ଶନ କରିଥିଲେ। ଏହି ଉତ୍ସବରେ ଅତିଥିମାନେ କିମ୍ବଦନ୍ତି ହକି ଖେଳାଳି ସ୍ୱର୍ଗତ ମେଜର ଧ୍ୟାନଚାନ୍ଦଙ୍କ କ୍ରୀଡ଼ା ପ୍ରତିଭା ବିଷୟରେ ସ୍ମୃତିଚାରଣ କରିବା ସହିତ ଯୁବପିଢ଼ିଙ୍କୁ ଖେଳର ମହତ୍ତ୍ୱ ବିଷୟରେ ସାରଗର୍ଭକ ବକ୍ତବ୍ୟ ପ୍ରଦାନ କରିଥିଲେ। ଶେଷରେ ସମସ୍ତ କ୍ରୀଡ଼ାବିତ୍ କ୍ରୀଡ଼ା ପ୍ରତିଜ୍ଞା ପାଠ କରିଥିଲେ। ଏ ସମସ୍ତ କାର୍ଯ୍ୟକ୍ରମକୁ ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡାଙ୍କ ପ୍ରତ୍ୟକ୍ଷ ପରାମର୍ଶରେ କ୍ରିଷ୍ଣା ଶିକାରୀ ସୁଚାରୁ ରୂପେ ପରିଚାଳନା କରଥିଲେ ଏବଂ ତାଙ୍କୁ ସହଯୋଗ କରିଥିଲେ ଷ୍ଟାଡିୟମର ଜିମ୍ ଶିକ୍ଷକ ସଂଗ୍ରାମ କେଶରୀ ସ୍ୱାଇଁ ଓ ସମସ୍ତ ସଦସ୍ୟ।

**ଆଠଗଡ଼:** ଜାତୀୟ କ୍ରୀଡ଼ା ଦିବସ ଅବସରରେ କଟକ ଜିଲ୍ଲା କ୍ୱାନ କି ଡୋ ଆସୋସିଏସନ, ଆଠଗଡ଼ ପକ୍ଷରୁ ଆଠଗଡ଼ ମାର୍ଶାଲ ଆର୍ଟ ଏକାଡେମୀ ସହଯୋଗରେ ଆଠଗଡ଼ ମାଟିର ଗର୍ବ ତଥା ପୁରୀଠାରେ ଆୟୋଜିତ ୫୯ତମ ବରିଷ୍ଠ ଜାତୀୟ ଖୋ ଖୋ ପ୍ରତିଯୋଗିତାରେ ରେଲୱେ (ଏସ ବି ପି) ପକ୍ଷରୁ ପ୍ରତିନିଧିତ୍ୱ କରି ଏକଲବ୍ୟ ପୁରସ୍କାର ପ୍ରାପ୍ତ ଟି. ଜଗନ୍ନାଥ ଦାସଙ୍କୁ ସମ୍ବର୍ଦ୍ଧିତ କରିଛି। ଆସୋସିଏସନ୍‌ର ସଭାପତି ରୁଦ୍ର ଚରଣ ମହାନ୍ତି, ଉପସଭାପତି ଶ୍ରୀତମ କୁମାର ଶତପଥୀ, ରାହୁଲ କୁମାର ଜେନା ସମ୍ପାଦକ ବଦ୍ରିନାରାୟଣ ବାହିନିପତି, ଯୁଗ୍ମ ସମ୍ପାଦକ ଅଭିଜିତ ରାଉତ, ପ୍ରତ୍ୟୁଷ ହୋତା, ସହ ସମ୍ପାଦକ ଚନ୍ଦନ ପ୍ରସାଦ ରାଉତ, କୋଷାଧ୍ୟକ୍ଷ ଶ୍ୟାମ ପ୍ରସାଦ ପଣ୍ଡା ଉପସ୍ଥିତ ଥିଲେ। ସେହିଭଳି ସ୍ଥାନୀୟ ଦୋରଡ ସ୍ଥିତ ଡା. ବ୍ରଜ ବିହାରୀ ମହାନ୍ତି ମେମୋରିଆଲ ମେଣ୍ଟାଲ ରିଟାୟାର୍ଡ ବେନିଫଟ ପକ୍ଷରୁ ଜାତୀୟ କ୍ରୀଡ଼ା ଦିବସ ପାଳିତ ହୋଇଯାଇଛି। ଏଠାରେ ଥିବା ୪୦ ଜଣ ମସ୍ତିଷ୍କବାଧିତ ୪୦ ଜଣ ଛାତ୍ରଛାତ୍ରୀ ଏବଂ ୧୦ ଜଣ ସହଯୋଗୀଙ୍କୁ ନେଇ ପିଲାମାନଙ୍କ ମଧ୍ୟରେ ଫୁଟବଲ ଓ ବ୍ୟାଡମିଣ୍ଟନ ଖେଳ ହୋଇଥିଲା। ଆଠଗଡ଼ ସ୍ପୋର୍ଟସ୍ ଆଥେଲେଟିକ୍ ଆସୋସିଏସନ୍‌ର ସମ୍ପାଦକ ଶ୍ୟାମାନନ୍ଦ ମହାରଣା ମୁଖ୍ୟଅତିଥି ଏବଂ ସମ୍ମାନିତ ଅତିଥି ଭାବେ ସହସମ୍ପାଦକ ସୋମନାଥ ଭକ୍ତା ଓ ବିଶିଷ୍ଟ ସମାଜସେବୀ ଲକ୍ଷ୍ମୀନାରାୟଣ ଭଞ୍ଜ ଯୋଗଦେଇ କ୍ରୀଡ଼ା ଓ ତାର ଉପାଦେୟତା ଉପରେ ବୁଝାଇଥିଲେ। କାର୍ଯ୍ୟକ୍ରମକୁ ଟ୍ରଷ୍ଟର ପରିଚାଳକ ବିବେକାନନ୍ଦ ମହାନ୍ତି ପରିଚାଳନା କରିଥିଲେ। ସମସ୍ତ ପ୍ରତିଯୋଗୀଙ୍କୁ ଅତିଥିମାନେ ପୁରସ୍କୃତ କରିଥିଲେ।




## କୃତୀ ଖେଳାଳି ଓଡ଼ିଶାର ...

କହିଥିଲେ ଯେ ଯେଉଁ ପିଲାମାନେ କ୍ରୀଡା କ୍ଷେତ୍ର କୁ ଆସୁଛନ୍ତି ସେମାନଙ୍କ ଠାରେ ଥିବା ଅନ୍ତର୍ନିହିତ ପ୍ରତିଭା ଓ ସମ୍ଭାବନାକୁ ପୋଷଣ କରି ସେମାନଙ୍କୁ ଉତ୍କର୍ଷତା ପ୍ରତିପାଦନ ଦିଗରେ ଉତ୍ସାହିତ କରିବା ଆମର କର୍ତ୍ତବ୍ୟ ହେବା ଉଚିତ। ହକି ଯାଦୁକର ମେଜର ଧ୍ୟାନଚାନ୍ଦଙ୍କର କୀର୍ତ୍ତି ଓ କୃତି ଦ୍ୱାରା ଅନୁପ୍ରାଣିତ ହୋଇ ଶୃଙ୍ଖଳା, ଦଳଗତ ଉଦ୍ୟମ, ସାହସ ଓ ନମ୍ରତାର ମୂଲ୍ୟବୋଧକୁ ପାଥେୟ କରି ଓଡ଼ିଶା ଏବଂ ଭାରତକୁ ବିଶ୍ୱପାଇଁ କ୍ରୀଡା ଉତ୍କର୍ଷତାର ଉଜ୍ଜ୍ୱଳ ବତୀଘର କରିବା ନିମନ୍ତେ ପ୍ରୟାସ କରିବାକୁ ରାଜ୍ୟପାଳ ଆହ୍ୱାନ ଜଣାଇଛନ୍ତି। ଏହି ସମାରୋହରେ କ୍ରୀଡା ଓ ଯୁବସେବା, ଉଚ୍ଚ ଶିକ୍ଷା, ଓଡ଼ିଆ ଭାଷା, ସାହିତ୍ୟ ଓ ସଂସ୍କୃତି ମନ୍ତ୍ରୀ ସୂର୍ଯ୍ୟବଂଶୀ ସୁରଜ ଏବଂ ଏକାମ୍ର - ଭୁବନେଶ୍ୱରର ବିଧାୟକ ବାବୁ ସିଂହ ସମ୍ମାନନୀୟ ଅତିଥି ଭାବେ ଯୋଗଦେଇ ଓଡ଼ିଶାରେ କ୍ରୀଡ଼ା ଓ କ୍ରୀଡ଼ାବିତଙ୍କ ବିକାଶ ପାଇଁ ସରକାରଙ୍କ ତରଫରୁ ନିଆ ଯାଉଥିବା ବହୁବିଧ ପଦକ୍ଷେପ ସମ୍ପର୍କରେ ଆଲୋକପାତ କରିବା ସହ କ୍ରୀଡା କ୍ଷେତ୍ରରେ ଓଡ଼ିଶାର ସମ୍ଭାବନାକୁ ସଫଳତାରେ ପରିଣତ କରିବା ପାଇଁ ସମସ୍ତଙ୍କର ସହଯୋଗ କାମନା କରିଥିଲେ। ଏତଦ୍ ବ୍ୟତୀତ ଓଡ଼ିଶା କିପରି ଜାତୀୟ ଓ ଅନ୍ତର୍ଜାତୀୟ ସ୍ତରର କ୍ରୀଡ଼ା ଇଭେଣ୍ଟ ଆୟୋଜନ କରି ସୁନାମ ଅର୍ଜନ କରିଛି ସେ ସମ୍ପର୍କରେ ଆଲୋକପାତ କରିଥିଲେ। କ୍ରୀଡ଼ା ଓ ଯୁବ ସେବା ବିଭାଗର କମିଶନର ତଥା ଶାସନ ସଚିବ ସଚିନ ରାମଚନ୍ଦ୍ର ଯାଦବ ପ୍ରାରମ୍ଭରେ ସ୍ୱାଗତ ଭାଷଣ ପ୍ରଦାନ କରିଥିବା ବେଳେ ନିର୍ଦ୍ଦେଶକ ଏଦୁଲା ବିଜୟ ଧନ୍ୟବାଦ୍ ଦେଇଥିଲେ।

## ଲାଭଜନକ ପଦବୀରେ ଥିଲେ ...

ବାବଦରେ ବାର ଆସୋସିଏସନଗୁଡ଼ିକୁ ପରିଷଦ ପକ୍ଷରୁ ଚିଠି ଲେଖି ଏଭଳି ଆଇନଜୀବୀମାନଙ୍କୁ ସେମାନଙ୍କ ଲାଇସେନ୍ସ ତୁରନ୍ତ ସରେଣ୍ଡର୍ କିମ୍ବା ସସ୍‌ପେଣ୍ଡ ଲାଗି ଆବେଦନ କରିବାକୁ ନିର୍ଦ୍ଦେଶ ଦିଆଯାଇଛି। ଏଥିସହ ଯେଉଁ ଆଇନଜୀବୀମାନେ ଏହି ନିୟମକୁ ଉଲଂଘନ କରୁଛନ୍ତି ସେମାନଙ୍କ ବିରୁଦ୍ଧରେ ଫୌଜଦାରି ମୋକଦ୍ଦମା କରାଯିବା ସହିତ ଶୃଙ୍ଖଳାଗତ କାର୍ଯ୍ୟାନୁଷ୍ଠାନ ମଧ୍ୟ ଗ୍ରହଣ କରାଯିବ। ପରିଷଦର ସଦସ୍ୟ ସଚିବ ଯଯାତି କେଶରୀ ସାମନ୍ତସିଂହାର ସମସ୍ତ ବାର ଆସୋସିଏସନ୍‌କୁ ଏନେଇ ଜଣାଇଛନ୍ତି। ଆଇନ ପେସାରେ ପୂର୍ଣ୍ଣ ସମୟ ଦେଇ କାର୍ଯ୍ୟ କରୁଥିବା ଆଇନଜୀବୀମାନେ ଏଭଳି ଆଇନ ଉଲ୍ଲଘନ କରୁଥିବା ଆଇନଜୀବୀମାନଙ୍କ ସମ୍ପର୍କରେ ମଧ୍ୟ ତଥ୍ୟ ବାର ଆସୋସିଏସନ କିମ୍ବା ପରିଷଦରେ ଜଣାଇଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ପରିଷଦ ପକ୍ଷରୁ ଶୁକ୍ରବାର ପ୍ରେସ ବିବୃତ୍ତିରେ ସୂଚନା ଦିଆଯାଇଛି।

## ବିଜେପି ଓ କଂଗ୍ରେସ କର୍ମୀ ...

ଦିନ ହିଂସାଭିମୁଖୀ ହେବାରେ ଲାଗିଛି। ତେବେ ଶୁକ୍ରବାର ଦରଭଙ୍ଗା ପ୍ରାନ୍ତରେ କଂଗ୍ରେସ ଏବଂ ବିଜେପି କର୍ମୀଙ୍କ ମଧ୍ୟରେ ପିଟାପିଟି ପରିସ୍ଥିତି ଉପୁନ୍ନ ହୋଇଛି। ପ୍ରକାଶ ଯେ ଗୁରୁବାର କଂଗ୍ରେସର ଶୋଭାଯାତ୍ରା ସମୟରେ କିଛି କଂଗ୍ରେସ କର୍ମୀ ଏବଂ ନେତା ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ତାଙ୍କ ଦିବଙ୍ଗତ ମାଆ ହୀରାବେନ୍‌ଙ୍କ ପ୍ରତି ଅପମାନଜନକ ଶବ୍ଦ ବ୍ୟବହାର କରିଥିଲେ। ଏହାକୁ ନେଇ ବିଜେପି କର୍ମୀମାନେ ପ୍ରତିଶୋଧପରାୟଣ ହୋଇପଡିଥିଲେ। ବିଜେପି କର୍ମୀମାନେ ପ୍ରତିବାଦ ପୂର୍ବକ ଶୁକ୍ରବାର ଏକ ଶୋଭାଯାତ୍ରା କରିଥିଲେ। ଏହି ଶୋଭାଯାତ୍ରା ବିହାର କଂଗ୍ରେସ ରାଜ୍ୟ କାର୍ଯ୍ୟାଳୟ ସଦ୍‌କତ ଆଶ୍ରମ ଦେଇ ଯିବାକୁ ଥିବା ବେଳେ କଂଗ୍ରେସ କର୍ମୀମାନେ ବିଜେପି କର୍ମୀଙ୍କ ଉପରେ ଟେକାପଥର ମାଡ଼ କରିବା ସହ ଆକ୍ରମଣ କରିଥିଲେ। ଏହାପରେ କଂଗ୍ରେସ ଓ ବିଜେପି କର୍ମୀ ମୁହାଁମୁହିଁ ହେବା ସହ ଧସ୍ତାଧସ୍ତି ପରିସ୍ଥିତି ସୃଷ୍ଟି ହୋଇଥିଲା। ବିଜେପି ଓ କଂଗ୍ରେସକର୍ମୀଙ୍କ ମଧ୍ୟରେ ଲାଠି, ଠେଙ୍ଗାରେ ମାରପିଟ୍ ଆରମ୍ଭ ହୋଇଥିଲା। ପରସ୍ପର ଉପରେ ପଥର ମାଡ ମଧ୍ୟ ହୋଇଛି। ଘଟଣାସ୍ଥଳରେ ଅନେକ ପୁଲିସ କର୍ମୀ ଉପସ୍ଥିତ ଥିବା ସହ ପରିସ୍ଥିତିକୁ ନିୟନ୍ତ୍ରଣ କରିବାକୁ ଚେଷ୍ଟା କରିଥିଲେ। ଏନେଇ ଅନେକ ସ୍ଥାନରେ ମାମଲା ମଧ୍ୟ ରୁଜୁ ହୋଇଛି। ତେବେ ଅନେକ ବିଶିଷ୍ଟ ବ୍ୟକ୍ତି, ନେତାମାନେ ଏହାକୁ ନିନ୍ଦା କରିଛନ୍ତି। ପ୍ରକାଶ, ଏହି ମାମଲାରେ ରାଜନୈତିକ ହଇଚଇ ସୃଷ୍ଟି ହୋଇଛି। ଅନ୍ୟପକ୍ଷେ ଦରଭଙ୍ଗାର ସିମରି ପୁଲିସ ଭିଡିଓ ଫୁଟେଜ୍ ଆଧାରରେ ଭାପୁରାର ବାସିନ୍ଦା ଅଭିଯୁକ୍ତ ରିଜଭି ଓରଫ ରାଜାଙ୍କୁ ଗିରଫ କରିଛି।

## ଶ୍ରୀମନ୍ଦିର ଭିତରବେଢ଼ା ...

ରାଜ୍ୟରେ ଚିରସ୍ଥାୟୀ ଶାନ୍ତି, ସମୃଦ୍ଧି ଏବଂ ମଙ୍ଗଳ ପାଇଁ ପ୍ରଭୁ ଜଗନ୍ନାଥଙ୍କ ଦିବ୍ୟ ଆଶୀର୍ବାଦ କାମନା କରିଥିଲି। ତେବେ ଉକ୍ତ ଫୋଟୋ ଶ୍ରୀମନ୍ଦିର ଭିତର ବେଢ଼ାରେ ଥିବା ପାର୍ଶ୍ୱ ଦେବଦେବୀଙ୍କ ମନ୍ଦିର ବୁଲୁଥିବା ବେଳର ଫୋଟୋ ବୋଲି ଜଣାପଡୁଛି। ସିକ୍କିମ୍ ମୁଖ୍ୟମନ୍ତ୍ରୀଙ୍କ ଦର୍ଶନ ସମୟରେ ପୁରୀ ଜିଲ୍ଲାପାଳ ଦିବ୍ୟଜ୍ୟୋତି ପରିଡ଼ା, ଏସ୍‌ପି ପ୍ରତୀକ ସିଂଙ୍କ ସହିତ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀ ପ୍ରମୁଖ ଉପସ୍ଥିତ ଥିଲେ। ତେବେ ବରିଷ୍ଠ ପ୍ରଶାସନିକ ଅଧିକାରୀମାନେ ଉପସ୍ଥିତ ଥିବା ସମୟରେ କିଭଳି ଶ୍ରୀ ମନ୍ଦିର ଭିତର ବେଢ଼ାରେ ଫୋଟୋ ଉତ୍ତୋଳନ ହେଲା ତାହା ଭକ୍ତଙ୍କ ମହଲରେ ଚର୍ଚ୍ଚାର ବିଷୟ ପାଲଟିଛି। ଏନେଇ ଶ୍ରୀମନ୍ଦିର ମୁଖ୍ୟ ପ୍ରଶାସକଙ୍କୁ ଫୋନ୍ ଯୋଗେ ଯୋଗାଯୋଗ କରିବାକୁ ଚେଷ୍ଟା କରାଯାଇଥିଲେ ମଧ୍ୟ ତାହା ସମ୍ଭବପର ହୋଇପାରିନାହିଁ।

# ସୂର୍ଯ୍ୟ ରଥରେ ବିରାଜିତ ରାଜା ବିନାୟକ ମହାରାଜା

**ଜଟଣୀ,୨୯।୮/ଏନ୍‌ଏନ୍‌ଏସ୍:** ଆରମ୍ଭ ହୋଇଛି ଓଡ଼ିଶା ପ୍ରସିଦ୍ଧ ଜଟଣୀ ଗଣେଶ ପୂଜା। ଦର୍ଶକଙ୍କ ମନ ମୋହୁଛି ସହରର ଅନ୍ୟ ଏକ ଅଗ୍ରଣୀ ପୂଜା ଅନୁଷ୍ଠାନ 'ପୋଷ୍ଟଅଫିସ ଛକ ବ୍ୟବସାୟୀ ସଂଘ'। ସ୍ଥାନୀୟ ବ୍ୟବସାୟୀଙ୍କ କହିବା ଅନୁଯାୟୀ ଦଶ ଦଶନ୍ଧି ଧରି ପୋଷ୍ଟ ଅଫିସ ଛକର ବ୍ୟବସାୟୀ ସୀତାରାମ ଅଗ୍ରୱାଲ ନିଜେ ଏହି ପୂଜା ଆରମ୍ଭ କରିଥିଲେ। ପରବର୍ତ୍ତୀ ସମୟରେ ବ୍ୟବସାୟ ପ୍ରତିଷ୍ଠାନ ବୃଦ୍ଧିହେବାରୁ ବ୍ୟବସାୟୀମାନେ ଏକତ୍ରିତ ହୋଇ ପୂଜାକୁ ଅଧିକ ଆକର୍ଷଣୀୟ କରିବାକୁ ଯାଇ ୨୦୧୭ ମସିହାରୁ ପୋଷ୍ଟ ଅଫିସ ଛକରେ ପ୍ରତିବର୍ଷ ନୂତନ ଶୈଳୀରେ ପୂଜା ପାଳନ କରି ଆସୁଛନ୍ତି।

ପ୍ରତିବର୍ଷ ଦର୍ଶକଙ୍କୁ ଆକୃଷ୍ଟ କରିବାପାଇଁ କିଛି କିଛି ନୂଆ କରିବାର ପ୍ରୟାସ ଜାରି ରହିଥାଏ। ଚଳିତବର୍ଷ ୩୦ ଫୁଟ ଉଚ୍ଚର ସୂର୍ଯ୍ୟ ରଥରେ ବିରାଜିତ ରାଜା ବିନାୟକ ମହାରାଜା ଶ୍ରୀଗଣେଶ ପ୍ରତିମୂର୍ତ୍ତି ସହ ମା' ଲକ୍ଷ୍ମୀ ଏବଂସରସ୍ୱତୀ ପୂଜା ପାଉଥିବା ବେଳେ ୩୨ ଫୁଟର ଦେବୀ ଏଲଇଡ଼ି ଲାଇଟ୍ ତୋରଣ ସହ ୫୨ଫୁଟର ୱାଲ ଟାୱାର, ୪୨ ଫୁଟର କଟକ ଚଣ୍ଡୀମନ୍ଦିର ମୁଖଶାଳା ଏଲଇଡ଼ି ତୋରଣଦର୍ଶକଙ୍କ ମୁଖ୍ୟ ଆକର୍ଷଣର କେନ୍ଦ୍ରବିନ୍ଦୁ ପାଲଟିଛି। ସନ୍ଧ୍ୟାହେଲେ ହଜାର ହଜାର ଦର୍ଶକଙ୍କ ସମାଗମ ଦେଖିବାକୁମିଳୁଛି। ଦର୍ଶକ ମାନଙ୍କ ପାଇଁ ଭଳିକି ଭଳି ସୁସ୍ୱାଦୁ ଖାଦ୍ୟର ସମ୍ଭାର ହୋଇଛି।ଗଣେଶ ଚତୁର୍ଥୀଠାରୁ ପୂର୍ଣ୍ଣମୀ ପର୍ଯ୍ୟନ୍ତ ପ୍ରତିଦିନ ସକାଳେ ଚୂଡ଼ାଘଷା ସହ ବିଭିନ୍ନ ଫଳ ଭୋଗ ଲାଗିହେଉଥିବା ବେଳେ ମଧ୍ୟାହ୍ନର ମାନସିକଧାରୀଙ୍କ ଦ୍ୱାରାଖେଚୁଡ଼ି ଭୋଗ ଏବଂ ସନ୍ଧ୍ୟାରେ ପାଲିଭୋଗ ଠାକୁରଙ୍କ ପାଖରେ ଲାଗି ହୁଏ। ଦେଶ ଏବଂ ରାଜ୍ୟର ବିଭିନ୍ନ ସ୍ଥାନରେ କେବଳ ଗଣେଶ ପୂଜା ପାଇବାର ପରମ୍ପରା ଥିବାବେଳେ ଜଟଣୀ ଗଣେଶ ପୂଜାରେ ମା' ସରସ୍ୱତୀଏବଂ ମା' ଲକ୍ଷ୍ମୀଙ୍କ ସହ ଗଜାନନ ପୂଜା ପାଇବାର ପରମ୍ପରା ଚାଲିଆସିଛି। କମିଟି ତରଫରୁ ଦର୍ଶକଙ୍କୁ ଆକୃଷ୍ଟ କରିବା ପାଇଁ ବିଭିନ୍ନ ମେକାନିଜିମ୍ ସରଞ୍ଜାମ ଏବଂ୫୨ଫୁଟ୍ ଉଚ୍ଚର ୱାଲ ଟାୱାର ଏଲଇଡ଼ି ଲାଇଟ୍ ଶୋଭା ପାଉଛି ବୋଲି କମିଟି ସଭାପତି ହେମନ୍ତକୁମାର ସୁନ୍ଦରାୟ ପ୍ରକାଶ କରିଛନ୍ତି। ଶ୍ରଦ୍ଧାଳୁମାନେ ଶୃଙ୍ଖଳିତ ଭାବରେ ପ୍ରଭୁଙ୍କ ଦର୍ଶନ ପାଇଁ କମିଟି ତରଫରୁଗୁରୁତ୍ୱ ଦିଆଯାଇ ବ୍ୟାପକ ପ୍ରସ୍ତୁତି କରାଯାଇଥିବା କମିଟି ସମ୍ପାଦକ ମାନସ ରଞ୍ଜନ ମିଶ୍ର ପ୍ରକାଶ କରିଛନ୍ତି ।



ଜମୁଛି ଗଣେଶ ପୂଜା

# ଦାବି ପୂରଣ ନ ହେଲେ ପଞ୍ଚାୟତ ସମ୍ମୁଖରେ ଧାରଣା

**କଣ୍ଟିଲୋ,୨୯।୮/ଏନ୍‌ଏନ୍‌ଏସ୍:** ଖଣ୍ଡପଡ଼ା ବ୍ଲକ ଅନ୍ତର୍ଗତ କଣ୍ଟିଲୋ ଗ୍ରାମ ପଞ୍ଚାୟତ ଅଧୀନ ହାଟମୁଣ୍ଡ ପାଟଣା ର ସ୍ଥାୟୀ ବାସିନ୍ଦା କେତେକ ମୌଳିକ ଅଧିକାରରୁ ବଞ୍ଚିତ ହୋଇ ବହୁ ସମସ୍ୟା ମଧ୍ୟରେ ଗତି କରୁଛନ୍ତି। ପ୍ରତ୍ୟେକ ଦିନ ଉକ୍ତ ସମସ୍ୟା ପାଇଁ ବହୁ ଅସୁବିଧାର ସମ୍ମୁଖିନ ହେଉଥିବା ଯୋଗୁଁ ସ୍ଥାନୀୟ ସରପଞ୍ଚଙ୍କୁ ଆଠ ଦଫା ସମ୍ବଳିତ ଦାବି ପତ୍ର ଦେବା ସହିତ ଜି ଲ୍ଲା ପ୍ରଶାସନିକ ଅଧିକାରୀମାନଙ୍କୁ ମଧ୍ୟ ଅବଗତ କରାଯାଇଛି। ଦୁଇ ସପ୍ତାହ ମଧ୍ୟରେ ଦାବି ପୂରଣ ନହେଲେ ଆସନ୍ତା ସେପ୍ଟେମ୍ବର ୧୫ରେ ପଞ୍ଚାୟତ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେବାକୁ ଚେତାବନି ଦେଇଛନ୍ତି। ହାଟ ମୁଣ୍ଡ ପାଟଣା ସାହିର ଡ୍ରେନ ସଫା ନ ହେବା, ଡ୍ରେନ ମରାମତି କିମ୍ବା ନୂତନ ଭାବେ ନିର୍ମାଣ ନହେବା, ରାସ୍ତା ନିର୍ମାଣ ନହେବା, ଆବଶ୍ୟକୀୟ ଆଲୋକ ନ ଲାଗିବା, କୁଅକୁ ପୁନରୁଦ୍ଧାର ନକରିବା ଇତ୍ୟାଦି ନେଇ ବିଗତ ଦୁଇ ବର୍ଷ ହେଲା ସାହି ବାସିନ୍ଦା ନାହିଁ ନଥିବା ଦୁର୍ଦ୍ଦଶା ଭୋଗୁଛନ୍ତି। ପଞ୍ଚାୟତ କିଛି ପଦକ୍ଷେପ ନେଉ ନଥିବା ଅଭିଯୋଗ କରିଛନ୍ତି। ଏହି ଦାବିପତ୍ର ଉପରେ ସ୍ଥାନୀୟ ସରପଞ୍ଚ କହିଛନ୍ତି ଯେ ଗାଁ କଲ୍ୟାଣ ସମିତି ଓ ପଞ୍ଚାୟତ ତରଫରୁ ଦୁଇଥର ଡ୍ରେନ ସଫା ହୋଇଛି। ସ୍ଥାୟୀ ଡ୍ରେନ ନିର୍ମାଣ ପାଇଁ ୮୬ ହଜାର ଟଙ୍କା ୨୦୨୫-୨୬ ବର୍ଷ ଆକସନ୍ ପ୍ଲାନ୍‌ରେ ଅଛି। କୁଅ ସଫା ଓ ପୁନରୁଦ୍ଧାର ପାଇଁ ୫୦ ହଜାର ଟଙ୍କା ଦିଆ ଯାଇଛି ଏବଂ ସାହିର ବରିଷ୍ଠ ବ୍ୟକ୍ତିମାନେ କୁଅ କାର୍ଯ୍ୟ କରିବା ପାଇଁ ମାଧବ ଚନ୍ଦ୍ର ସାହୁଙ୍କୁ ଦାୟିତ୍ୱ ଦେଇଥିବା ଖବର ମଧ୍ୟ ଅଛି। ଡ୍ରେନ ନିର୍ମାଣ ପାଇଁ ସାହି ବାସିନ୍ଦା ପ୍ରତିବନ୍ଧକ ସୃଷ୍ଟି କରୁଥିବା ବହୁ ପୁରାତନ ଅସ୍ୱସ୍ଥ ଗଛ କାଟିବା ପାଇଁ ଆବଶ୍ୟକ ପଦକ୍ଷେପ ନେଇ ନଥିବାରୁ ଡ୍ରେନ କାର୍ଯ୍ୟରେ ପ୍ରତିବନ୍ଧକ ସୃଷ୍ଟି ହୋଇଛି। ପ୍ରକାଶ ଥାଉ କି ପ୍ରତିମାସ ପଞ୍ଚାୟତ ମିଟିଂରେ ପ୍ରତ୍ୟେକ ୱାର୍ଡ ସଭ୍ୟ ଓ ସଭ୍ୟା ମାନେ ନିଜ ନିଜ ୱାର୍ଡରେ ଥିବା ପ୍ରତ୍ୟେକ ସମସ୍ୟା ଉପସ୍ଥାପନ ସହିତ ତାର ସମାଧାନ ପାଇଁ ମତାମତ ପ୍ରଦାନ କରିବାକୁ ପରାମର୍ଶ ଦିଆଯାଇଛି। ଏହା ସତ୍ତ୍ୱେ ହାଟ ମୁଣ୍ଡ ପାଟଣା ସାହି ବାସିନ୍ଦା ନିଷ୍ପତି ନେବା ପଦକ୍ଷେପ ନିଶ୍ଚିତ ଭାବେ ଦୁର୍ଭାଗ୍ୟଜନକ। ପଞ୍ଚାୟତର ପ୍ରତ୍ୟେକ ଆବଶ୍ୟକୀୟ ଉନ୍ନତି କାର୍ଯ୍ୟ ଆଲୋଚନା ମାଧ୍ୟମରେ କରିବା ହେଉଛି ମୋର ମତ ବୋଲି ସରପଞ୍ଚ କହିଛନ୍ତି।

ଗପ

## ହାର୍ ମାନିବା ନାହିଁ



ଶ୍ରୁତକୀର୍ତ୍ତି ତ୍ରିପାଠୀ

ବହୁଦିନ ତଳେ, ପାହାଡ଼ ତଳ ଗାଁରେ ରହୁଥିଲା ଶିବା ନାମରେ ଜଣେ ସାହସୀ ଓ ପରିଶ୍ରମୀ ବାଳକ। ସେ ତା ପରିବାର ସହ ଖୁବ ସୁଖରେ ଚଳୁଥିଲା। ଗୋଟିଏ ବର୍ଷ ତାଙ୍କ ଅଞ୍ଚଳରେ ମରୁଡ଼ି ପଡ଼ିଲା। ଚାଷ ତ ଦୂରର କଥା, ମାଟିରେ ଘାସଟିଏ ଉଠିଲା ନାହିଁ କି ଗଛରେ ପତ୍ରଟିଏ କଅଁଳଲା ନାହିଁ। ଚାରିଆଡ଼େ ଜମି ଶୁଖିଲା ପଡ଼ିଗଲା। ସମସ୍ତେ ବର୍ଷା ପାଇଁ ଚାହିଁ ରହିଥିଲେ କିନ୍ତୁ ବର୍ଷା ହେଲାନାହିଁ; ତେଣେ ଗଡ଼ିଆ, ପୋଖରୀ, ନଈ, ନାଳ ସବୁ ଧୀରେ ଧୀରେ ଶୁଖିବାକୁ ଲାଗିଲା। ଫସଲ, ଜମି ଓ ଗଛଲତା ଶୁଖିଯିବାରୁ, ଗୃହପାଳିତ ପଶୁପକ୍ଷୀ ମଧ ମରିବାକୁ ଲାଗିଲେ। ଆଖପାଖ ଗାଁରେ କାନ୍ଦବୋବାଳି ପଡ଼ିଗଲା।

ଏହାର ସମାଧାନ ପାଇଁ ଶିବା ଦିନେ ଗ୍ରାମବାସୀଙ୍କୁ ଏକାଠି କଲା ଏବଂ ଗୋଟିଏ ପ୍ରସ୍ତାବ ଦେଲା, 'ସାଥୀମାନେ, ଆମେ ସମସ୍ତେ ଶୁଣି ଆସିଛେ ଆମର ପୂର୍ବପୁରୁଷ କହୁଥିଲେ ଯେ ଆମ ଗାଁର ମାଟି ତଳେ ଗୋଟିଏ ଗୁପ୍ତଝର ବହିଯାଉଛି। ଚାଲ ଆମେ ସମସ୍ତେ ମିଶି ମାଟି ଖୋଳିକି ଦେଖିବା, ତାହା ସତ କି ନୁହେଁ ? ଯଦି ଗୁପ୍ତଝର ଆମକୁ ମିଳିଯାଏ, ତାହେଲେ ଆମର ପାଣି ସମସ୍ୟା ଦୂରେଇଯିବ। ଗ୍ରାମବାସୀ ତା' କଥାରେ ଏକମତ ହେଲେ। କିଛିଦିନ ମାଟି ଖୋଳିବା ପରେ ମଧ କିଛି ସୁଫଳ ମିଳିଲା ନାହିଁ, ଏଣୁ ସେମାନେ ବୃଥା ପରିଶ୍ରମ ଭାବି ଖୋଳିବା କାମ ବନ୍ଦ କରିଦେଲେ। ଶିବା କିନ୍ତୁ ତା କାମ ଜାରି ରଖିଥାଏ। ରାତିଦିନ ପରିଶ୍ରମ କରି ଖାଇବା ପିଇବା କଥା ବି ସେ ଭୁଲି ଯାଇଥାଏ। ଲୋକମାନେ ତାକୁ ଯେତେବେଳେ ମାଟି ଖୋଳି ସମୟ ଓ ଶ୍ରମ ନଷ୍ଟ ନ କରିବାକୁ କୁହନ୍ତି ସେ କହେ, 'ଭଗବାନ ମୋତେ ରାସ୍ତା ଦେଖାଉଛନ୍ତି, ମୁଁ ଗୁପ୍ତଝର ନ ପାଇଲା ଯାଏଁ ମାଟି ଖୋଳି ଚାଲିଥିବି !

ଲଗାତର ବହୁତ ଦିନ ଖୋଳିବା ପରେ ଶିବାକୁ ପାଣିର ସରୁ ଧାରଟିଏ ଦେଖାଗଲା। ପାଣିର ଧାର କଥା ଜାଣିବା ମାତ୍ରେ ଗାଁ ସାରା ଲୋକ ଉତ୍ସାହର ତା ସହ କାମରେ ପୁଣିଥରେ ଯୋଗ ଦେଲେ। ଶେଷରେ ସେମାନେ ପାଣିର ସ୍ରୋତକୁ ଗୋଟିଏ ସ୍ଥାନରେ ବନ୍ଧ ବାନ୍ଧି ଜମା କରି ରଖିଲେ। ଏହା ପରେ ସେଇ ଗାଁରେ ମରୁଡ଼ି ସତ୍ତ୍ୱେ ପାଣିର ଅଭାବ ରହିଲା ନାହିଁ। ଏକମାତ୍ର ଶିବାର ହାର୍ ନ ମାନିବା ଗୁଣ ଯୋଗୁଁ ପୂରା ଗାଁ ମରୁଡ଼ି କବଳରୁ ରକ୍ଷା ପାଇଗଲା। ତା' ପରେ ଗାଆଁରେ ଆଉ ପାଣିର ଅଭାବ ରହିଲା ନାହିଁ। ଧୀରେ ଧୀରେ ଶସ୍ୟକ୍ଷେତ, ଫସଲ, ଗଛପତ୍ର, ଜୀବଜନ୍ତୁ ସମସ୍ତେ ପାଣି ପାଇ ପୁଣି ଜୀବନ୍ତ ହୋଇ ଉଠିଲେ। ଶିବା ଭଳି ଗୋଟିଏ ପିଲାର ଚେଷ୍ଟା; ପୂରା ଗାଁର ଲୋକଙ୍କୁ ହାରିବାକୁ ଦେଇ ନ ଥିଲା।



ବିବେକାନନ୍ଦ ମାର୍ଗ, ଭୁବନେଶ୍ୱର-୨
ମୋ: ୬୩୭୦୫୧୬୪୭୮

## ଭିଜାମାଟିର ମହକ



ଜଗଦୀଶ ସାହୁ

ଆକାଶରେ ଭେଳା ଭେଳା ବଉଦ ଭାସିଲା
ମଉସୁମୀ ରାଜରାଣୀ ହେବାକୁ ଆସିଲା।
ଦୁଃଖ ଲାଗୁଥିଲା ଦେଖି ଫାଟିଲା ମାଟିକି
ଚାତକ ବି ଚାହିଁଥିଲା ମେଲାଇ ପାଟିକି।
ଥଣ୍ଡା ହେଲା ପାଗ ମେଘ ବରଷି ରାତିରେ
କଅଁଳିଲା ଦୁବଘାସ ପଡ଼ିଆ ଛାତିରେ।
ମହା ଆନନ୍ଦରେ ଗାଈ ବାଛୁରୀ ଚରିଲେ
ନୂଆପାଣି ପିଇ ବଥ ଘିମିରି ମରିଲେ।
ତୁହାକୁ ତୁହା ଅସରା ବରଷା ଖସିଲା
କମିଗଲା ଗୁଳୁଗୁଳି ଗରିବ ହସିଲା।
ଜୁଇ ଜାଇ କନିଅର କଦମ୍ବ ଫୁଟୁଛି
ଚଉଦିଗେ ଭୁରୁଭୁରୁ ବାସନା ଛୁଟୁଛି।
ଚାତକ ପିଇଲା ପାଣି ହସିଲା ଧରଣୀ
ନଈ ଛାତିରେ ନାଉରି ବାହିଲା ତରଣୀ।
ଖୋଲା ପଡ଼ିଆରେ ଗାତ ଖୋଳିଲା ହରିଆ
ଚାରା ଆଣି ପୋତିଦେଲେ ପରିଆ ନରିଆ।
ଭିଜାମାଟିର ମହକ ଉଠିଲା ମହକି
ବର୍ଷା ପରି ଋତୁ ଅଛି କେଉଁଠି କହକି ?

ଙ୍କଜପଡା, ହିନ୍ଦୋଳ, ଢେଙ୍କାନାଳ-୭୫୯୧୨୮
ମୋ: ୯୦୭୮୧୮୫୬୧୬

## ବିଲେଇ ମୂଷାଙ୍କ ଖେଳ



ରଶ୍ମି ରଞ୍ଜନ ସାହୁ

ଚଷା ଭାଇ ଘରେ ଦୁଇଟି ମୂଷା
ଦେଉଥିଲେ ଦିନେ ମୁରୁକି ହସା।
ହସଟା ବାଜିଲା ବିଲେଇ କାନେ
ଭାବିଲା ଦୁହିଁକୁ ଦେବି ମୁଁ ପାନେ।
ଦଉଡ଼ି ଦଉଡ଼ି ଆସିଲା ଧାଇଁ
ତା'କୁ ଦେଖି ମୂଷା ରହିଲେ ନାହିଁ।
ପଛରେ ବିଲେଇ ଆଗରେ ମୂଷା
ତିନିଙ୍କୁ ଅଜଣା ତିନିଙ୍କ ଦଶା।
ଆଗରେ ସଡ଼କ ଦି'ଭାଗ ହୋଇ
ଡାହାଣ ବାଆଁକୁ ପଡ଼ିଛି ଯାଇ।
ଡାହାଣ ପଟକୁ ଚାଲିଲା ପଟେ
ବାଆଁ ସଡ଼କକୁ ଆହୁରି ଗୋଟେ।
ଭାବି ନପାରିଲା ବିଲେଇ ନାନୀ
କୋଉ ପଟେ ଯାଇ ଧରିବ ଆଣି।
ଭାବୁ ଭାବୁ ଯାଇ ଗଡ଼ିଲା ବେଳ
ବିଲେଇ ମୂଷାଙ୍କ ସରିଲା ଖେଳ।

କଳିଙ୍ଗ ବିହାର, ସାକ୍ଷୀଗୋପାଳ, ପୁରୀ
ମୋ: ୮୨୪୯୯୧୦୧୩୮

## ହସୁଛନ୍ତି ଦେଶବାସୀ



କୁନ୍ତଳା ମହାପାତ୍ର

ବେଳ ରତରତ ହେଲାଣି ଲୋ ଆସି
ସୂରୁଜ ଗଲେଣି ବୁଡ଼ି,
ସଅଳ ସଅଳ ରୋଇ ଦେ ସେତକ
ଘରକୁ ଯିବା ବାହୁଡ଼ି।
ପୂରୁବ ଦିଗରୁ ବାଦଲ ଖଣ୍ଡିଏ
ଉଠାଇତ ଆସିଲାଣି,
ସେତିକି ଥାଉ ଲୋ କାଲି ରୁଆ ହେବ
ଫେରିଯିବା ଏଇ କ୍ଷଣି।
ଟିକେ ରହିଥାଅ ଆଉ ଦି'ଟା ତଳି
ଲାଗିବତ ଏଇ ବିଲେ,
ସାରି ଦେଇ ଯିବା ଆଜି କାମ ଏଠି
ହେଳା କରିବାନି ତିଳେ।
ସୁଲୁସୁଲୁ ହୋଇ ପବନ ବହୁଛି
ବାଧା ଜମା ଲାଗୁ ନାହିଁ,
ଏଇ ବେଳେ କାମ ଆଗେଇ ଯେ ନେବା
ଖରା ହେଉ ନାହିଁ ସହି।
ଦିନରେ କେମିତି ଖରାତ ହେଉଛି
ଝାଇଁ ମାରିଯାଏ ଦେହ,
ଶ୍ରାବଣ ସରିଲା କାମ ସାରି ଦେବା
ଆଉଟିକେ ରହ ରହ।
ଚାଷ କାମ ବେଳେ କଷ୍ଟ ହେଉ ପଛେ
ଆନନ୍ଦ ଲାଗୁଛି ପରା,
ପାଣି କାଦୁଅରେ ସର ସର ହୋଇ
ବିଲେ କଟେ ଦିନ ସାରା।
ଆହାର ଗଣ୍ଡିଏ ଯୋଗାଇବା ପାଇଁ
ଚାଷୀ ମନ କେତେ ଖୁସି,
ତା' ପାଇଁ ସଭିଏଁ ଅନ୍ନ ପାଉଛନ୍ତି
ହସୁଛନ୍ତି ଦେଶବାସୀ।

ହନୁମନ୍ତ ବ୍ରହ୍ମପୁର, ମଧଶାସନ, ଜଗତସିଂହପୁର
ମୋ: ୯୯୩୭୬୩୧୫୪୪



କ'ଣ, କେମିତି, କାହିଁକି

## ପାଣି ଉପରେ ଭାସେ ତେଲ




ନିହାର ରଞ୍ଜନ ସାବତ

ପାଣିରେ କିଛି ତେଲ ପକାଇଲେ ଦେଖାଯାଏ ଯେ ତେଲ ଉପରେ ଭାସେ। ଏହାର ମୁଖ୍ୟ କାରଣ ହେଉଛି ଘନତ୍ୱ। ଘନତ୍ୱ ମାନେ କେତେ ଭାରୀ। ପାଣିର ଘନତ୍ୱ ପ୍ରତି କ୍ୟୁବିକ୍ ସେଣ୍ଟିମିଟରରେ ୧ ଗ୍ରାମ୍, କିନ୍ତୁ ତେଲର ଘନତ୍ୱ କେବଳ ୦.୮ରୁ ୦.୯ଗ୍ରାମ୍। ପାଣିଠାରୁ ତେଲ ହାଲୁକା ହୋଇଥିବାରୁ ଏହା ଉପରେ ଭାସେ, ଯେମିତି କାଠ ଭାସେ।

ଆଉ ଏକ କାରଣ ହେଉଛି ପାଣିର ଅଣୁ ଗଠନ ଓ ପୋଲାରିଟି। ପାଣିର ପ୍ରତ୍ୟେକ ଅଣୁରେ ଦୁଇଟି ଉଦଜାନ ପରମାଣୁ ଓ ଗୋଟିଏ ଅମ୍ଳଜାନ ପରମାଣୁ ଥାଏ ଏବଂ ଏହା ପୋଲାର୍, ଅର୍ଥାତ୍ ଏକ ପାର୍ଶ୍ୱରେ ଯୁକ୍ତାତ୍ମକ ଚାର୍ଜ ଓ ଅନ୍ୟ ପାର୍ଶ୍ୱରେ ବିଯୁକ୍ତାତ୍ମକ ଚାର୍ଜ। ତେଲର ପ୍ରତ୍ୟେକ ଅଣୁରେ ମୁଖ୍ୟତଃ ଅଙ୍ଗାରକ ଓ ଉଦଜାନ ଥାଏ ଏବଂ ଏହା ନନ୍-ପୋଲାର୍ ଓ ଲମ୍ବା ଅଣୁ ଓ ଏଥିରେ ଚାର୍ଜ ବିଭାଜନ ନାହିଁ।

ବିଜ୍ଞାନର ନିୟମ ଅନୁସାରେ, ସମାନ ପ୍ରକୃତିର ପଦାର୍ଥ ଏକାଠି ମିଶେ। ପୋଲାର୍ ପୋଲାର୍ ସହ ଓ ନନ୍-ପୋଲାର୍ ନନ୍-ପୋଲାର୍ ସହ ମିଶେ। ପାଣି ପୋଲାର୍ ଓ ତେଲ ନନ୍-ପୋଲାର୍ ହୋଇଥିବାରୁ ସେମାନେ ମିଶନ୍ତି ନାହିଁ। ଏହା ସମୁଦ୍ରରେ ତେଲ ନିର୍ଗମନ, ରୋଷେଇରେ ତରକାରୀରୁ ତେଲ ଅଲଗା ହେବା ଓ କାର୍ ଇଞ୍ଜିନରେ ଦେଖାଯାଏ।

ମିଶି ନପାରୁଥିବା ଦୁଇ ତରଳ ମଧ୍ୟରେ ଇଣ୍ଟରଫେସିଆଲ୍ ଟେନ୍ସନ୍ ବା ଅନ୍ତଃପୃଷ୍ଠ ବିକର୍ଷଣ ବା ପରସ୍ପର ବିରୋଧୀ ଶକ୍ତି ସୃଷ୍ଟି ହୁଏ, ଯାହା ସେମାନଙ୍କୁ ଅଲଗା ସ୍ତରରେ ରଖେ। କମ୍ ଘନତ୍ୱର ତେଲ ଉପରେ ଓ ଅଧିକ ଘନତ୍ୱର ପାଣି ତଳେ ରହେ।



ସରଳ କଥାରେ, ତେଲର ଘନତ୍ୱ କମ୍ ହୋଇଥିବାରୁ ଏହା ପାଣି ଉପରେ ଭାସେ- ଏହା ପ୍ରକୃତିର ଏକ ସରଳ ନିୟମ।

ସଂଗଣକ ବିଜ୍ଞାନ ଏବଂ ପ୍ରୟୋଗ ବିଭାଗ
ସାଇମ୍, ମଞ୍ଚେଶ୍ୱର ଶିଳ୍ପାଞ୍ଚଳ, ଭୁବନେଶ୍ୱର-୧୦
ମୋ: ୯୭୭୭୦୧୧୯୬୮

## ପ୍ରାର୍ଥନା ତ ଏକ କୁନି ଚଢ଼େଇ



ଶରତ କୁମାରୀ ସ୍ୱାଇଁ

ପାଦ ଥୁରୁଥୁରୁ ରୁକୁଣୀ ଆଈ
ବଙ୍କୁଲି ବାଡ଼ିକୁ ଠୁକୁଠୁକୁ କରି
ଚଉରା ପିଣ୍ଡାରେ ବସିଲେ ଯାଇ।
ପୁପୁଲି, କୁନୁଲି, ମିତୁଲି, ବୁଇ
ସୂରୁଜ ବୁଡ଼ିଲେ ଖେଳ ସରିଗଲା
ଆଈ ପାଖକୁ ସେ ଆସିଲେ ଧାଇଁ।
କଇ କଇ କାନ୍ଦି କୁହନ୍ତି ଆଈ
ଜଗତରୁ ଯୁଦ୍ଧ, ଆତଙ୍କ, ଅଶାନ୍ତି
ଦୂରକରି ଶାନ୍ତି ଦିଅ ଗୋସାଇଁ।
କୁନୁଲି କହିଲା- 'କହିଲ ଆଈ !
ଏତେ ଦୂରୁ ତୁମ ବିକଳ ପ୍ରାର୍ଥନା
ଦିଅଁଙ୍କ କାନେ କି ବାଜିବ ଯାଇ ?
ପ୍ରାର୍ଥନା ତ ଏକ କୁନି ଚଢ଼େଇ
ହସିଦେଇ ଆଈ କହିଲେ ପିଲାଙ୍କୁ
ଦୂରେ ଉଡ଼ିଯିବ ଡେଣା ହଲେଇ।
ସାରା ସଂସାରର ଉଦ୍ଧାର ପାଇଁ
ଆସ, ମିଳିମିଶି ପ୍ରାର୍ଥନା କରିବା
ନିଶ୍ଚୟ ଶୁଣିବେ ଜଗତ ସାଇଁ।

୫୫୪/୧୯୬୫, ଶ୍ରୀ ବିହାର, ପଟିଆ
ଭୁବନେଶ୍ୱର-୩୧
ମୋ: ୯୯୩୭୫୯୨୭୩୯

## ଗାଉଥିବୁ ଗୀତରେ



ରମାକାନ୍ତ ବେହେରା

ଆଷାଢ଼ ଶୁକ୍ଳ ଦ୍ୱିତୀୟା ଜଗା ରଥ ଯାତରେ
କାହା ପାଇଁ ଖୋଳିବୁନି କେବେ ତୁହି ଖାତରେ।
ଶିରାବଣେ ନଈ ପାଣି ରଙ୍ଗ କଳା ଭଅଁର
ପର ମଣିବୁନି କା'କୁ ମଣୁଥିବୁ ନିଜର।
ଅଶିଣେ ମରତ ପିନ୍ଧେ ଶୁଆରଙ୍ଗୀ ପାଟରେ
ମନ ଧିଆନ ଦେଇ ତୁ ପଢୁଥିବି ପାଠରେ।
ମଗୁଶିର ଗୁରୁବାର ଲକ୍ଷ୍ମୀ ମା' ପରବ
ଲୋଭ କରିବୁନି କେବେ ପରଧନ, ଦରବ।
ପୁନେଇଁର ଆକାଶରେ ଜହ୍ନ ହସେ ମୁରୁକି
ସ୍ନେହ, ପ୍ରେମ, ଶରଧାରେ ବାନ୍ଧି ଦେବୁ ସଭିଁକି।
ସକାଳର ବୁଲାବୁଲି ଦେହ ପାଇଁ ହିତରେ
ଦେଶ ଜନନୀର ଗାଥା ଗାଉଥିବୁ ଗୀତରେ।

ଭଣ୍ଡାରି ପୋଖରୀ, ଭଦ୍ରକ
ମୋ: ୯୫୮୩୮୦୦୩୧୩

ଆଶ୍ଚର୍ଯ୍ୟ

## ୟୋନାଗୁନି


ଜାପାନର ୟୋନାଗୁନି ଶିଳାଖଣ୍ଡ ହେଉଛି ଏକ ବିସ୍ମୟଜନକ କୀର୍ତ୍ତି। ୟୋନାଗୁନି ଦ୍ୱୀପର କିଛି ଦୂର ସମୁଦ୍ର ଭିତରେ ଏହି ଶିଳାଖଣ୍ଡଟି ବୁଡ଼ି ରହିଛି। କିନ୍ତୁ ଏହା ଏକ ପ୍ରାକୃତିକ ଶିଳା (ପଥର) କିମ୍ବା ମଣିଷ ଦ୍ୱାରା ନିର୍ମିତ ହୋଇଛି, ତାହା ଏ ପର୍ଯ୍ୟନ୍ତ ନିଶ୍ଚିତ ହୋଇପାରିନାହିଁ। ୟୋନାଗୁନି ପଥର ଖଣ୍ଡଟି ଏଭଳି ଦେଖାଯାଏ ଯେ, ଯେକେହି ହେଲେ ଭାବିବ, ଏହା ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ହୋଇଛି। କିନ୍ତୁ ପରୀକ୍ଷା ନିରୀକ୍ଷାରୁ ଜଣାଯାଇଛି ଏହା କେତେ ହଜାର ବର୍ଷର ପୁରୁଣା, ଯେତେବେଳେ କି ପୃଥିବୀ ପୃଷ୍ଠର ମଣିଷର ସୃଷ୍ଟି ହୋଇନଥିଲା।

ଏହାର ଆକାର ପ୍ରକାର, ଜ୍ୟାମିତିକ ଆକୃତିକୁ ନେଇ ସନ୍ଦେହ ସୃଷ୍ଟି ହୁଏ। କାରଣ ଏହାର ତୀକ୍ଷ୍ଣକୋଣ, ବାରଣ୍ଡା ଓ ପାହାଚ ଭଳି ଆକୃତି ଏଭଳି ଯେ ସମସ୍ତେ ଭାବିବେ ଏହା ନିଶ୍ଚିତ ଭାବେ ଶିଳ୍ପୀମାନଙ୍କ ଦ୍ୱାରା ନିର୍ମିତ ହେଇଛି। କିନ୍ତୁ ଐତିହାସିକ ଦୃଷ୍ଟିକୋଣରୁ ଏହା ଅସମ୍ଭବ ଲାଗେ। ବୈଜ୍ଞାନିକମାନଙ୍କ ମତରେ ବର୍ଷବର୍ଷ ଧରି ପାଣି ଗର୍ଭର ଭୂକମ୍ପ ପ୍ରକ୍ରିୟା ଓ ଭୂତାତ୍ତ୍ୱିକ ପରିବର୍ତ୍ତନ କାରଣରୁ ଏହି ଶିଳାଖଣ୍ଡ ସୃଷ୍ଟି ହୋଇଛି। ସମୁଦ୍ର ବୁଡ଼ାଳି, ଗବେଷକ ଓ ପର୍ଯ୍ୟଟକମାନଙ୍କ ପାଇଁ ଏହା ଏକ ଆକର୍ଷଣୀୟ ପର୍ଯ୍ୟଟନସ୍ଥଳୀ ପାଲଟିଛି। ଗ୍ଲାସ-ଟମ ବୋଟରେ ସାଧାରଣ ପର୍ଯ୍ୟଟକମାନେ ପାଣି ତଳକୁ ଯାଇ ଏହାର ମଜା ନେଇପାରିବ।



ବିଚିତ୍ର ଜୀବଜନ୍ତୁ

## ଆଠ ଆଖି



ଅଧିକାଂଶ ପ୍ରାଣୀଙ୍କର ପ୍ରାୟ ୨ଟି ଆଖି ରହିଛି। କିନ୍ତୁ ଏମିତି କେତେକ ପ୍ରାଣୀ ଅଛନ୍ତି ଯେଉଁମାନଙ୍କ ଆଖି ସଂଖ୍ୟା ୨ରୁ ଅଧିକ। ଏଭଳି ଏକ ପ୍ରାଣୀ ହେଉଛି ଜମ୍ପିଂ ସ୍ପାଇଡ଼ର। ଏହି ବୁଢ଼ିଆଣୀର ଆଖି ସଂଖ୍ୟା ୮। ଏହାର ମୁଖମଣ୍ଡଳ ଗୋଲ ନୁହେଁ ଆୟତକାର। ସେମାନଙ୍କର ଦୁଇଟି ମୁଖ୍ୟ ଆଖି ରହିଛି। ସେଗୁଡ଼ିକ ଦୂରବୀକ୍ଷଣ ଯନ୍ତ୍ର ଭଳି କାମ କରେ। ସେହି ଆଖି ଦୁଇଟି ଅନ୍ୟ ଆଖିଗୁଡ଼ିକଠାରୁ ଯଥେଷ୍ଟ ବଡ଼। ଅନ୍ୟ ୬ଟି ଆଖି ଛୋଟଛୋଟ ଏବଂ ସେଗୁଡ଼ିକ ପାଖଆଖର ପରିବେଶ ଦେଖିବାରେ ସାହାଯ୍ୟ କରିଥାଏ।

ତୁମ ପାଇଁ ବହି





## ନନ୍ଦନ କାନନ

ସଂପାଦକ: ସରଳା ପତ୍ରୀ
ଠିକଣା: ୧/୨୭୧, ନୟାପଲ୍ଲୀ, ଭୁବନେଶ୍ୱର-୧୫
ମୂଲ୍ୟ: ୫୦ ଟଙ୍କା

ନିକଟରେ ପ୍ରକାଶ ପାଇଛି ଏହି ଶିଶୁ ପତ୍ରିକାର ଅଗଷ୍ଟ-ସେପ୍ଟେମ୍ବର-ଅକ୍ଟୋବର ସଂଖ୍ୟା। ୮୪ ପୃଷ୍ଠାର ଏହି ପତ୍ରିକାରେ ସୁନ୍ଦର ସୁନ୍ଦର ଗପ କବିତା ସାଙ୍ଗକୁ ରହିଛି ଦେଶ ବିଦେଶର କଥା, ଚିତ୍ରକଥା, ରଙ୍ଗଦିଅ, ବଡ଼ ଲୋକଙ୍କ ପିଲାଦିନ, ନୀତିକଥା, ପଶୁପକ୍ଷୀ କାହାଣୀ, ତୁମ ଚିତ୍ର ଆଦି ବିଷୟ ପ୍ରକାଶ ପାଇଛି। ସବୁଗୁଡ଼ିକ ଖୁବ୍ ଉପଯୋଗୀ ଓ ଶିକ୍ଷଣୀୟ। ପିଲାମାନେ ପତ୍ରିକାଟିକୁ ନିଶ୍ଚୟ ଆଗ୍ରହରେ ଗ୍ରହଣ କରିବେ।

କୁନାକୁନିଙ୍କ ଚିତ୍ର






ଦିବ୍ୟାଂଶୀ ଅବନ୍ତିକା ରାଉତ
କ୍ଲାସ୍-୭, ସେଣ୍ଟ ଜାଭିୟର୍ସ ହାଇସ୍କୁଲ, ପୁରୀ



ସ୍ୱଦିତା ଦିବ୍ୟରାଣୀ
କ୍ଲାସ-୪, ଡିଏଭି ପବ୍ଲିକ୍ ସ୍କୁଲ, ପୋଖରୀପୁଟ, ଭୁବନେଶ୍ୱର



'ନବପଲ୍ଲବ'ର ବିଭିନ୍ନ ବିଭାଗ ପାଇଁ ଲେଖା ପଠାନ୍ତୁ

ଲେଖା ଓ ଛବି ପଠାଇବାର ଠିକଣା: ମାର୍ଫତ୍- ନିତିଦିନ, ଶେଡ୍ ନଂ-ଟିଏସ୍-୨/୨୧୦/ଏ, ଜୋନ୍-ବି, ସେକ୍ଟର୍-ଏ, ମଞ୍ଚେଶ୍ୱର ଇଣ୍ଡଷ୍ଟ୍ରିଆଲ୍ ଇଷ୍ଟେଟ୍, ଭୁବନେଶ୍ୱର-୭୫୧୦୧୦ ଅଥବା nabapallaba@nitidin.com

## ବିଧାୟକଙ୍କ ଗଣେଶ ମଣ୍ଡପ ପରିଭ୍ରମଣ



**ବୟାଳିଶମୌଜା,୨୯।୮/ଏନ୍ଏନ୍ଏସ୍:** ୪୨ମୌଜା ଦଧିବାମନପୁର ସ୍ଥିତ ସିଦ୍ଧି ବିନାୟକ ୟୁଥ୍ କ୍ଲବ୍ ଗଣେଶ ପୂଜା ମଣ୍ଡପ କଟକ ସଦର ବିଧାୟକ ପ୍ରକାଶ ଚନ୍ଦ୍ର ସେଠୀ ପହଞ୍ଚି ଦର୍ଶନ କରିଛନ୍ତି। ଏଥିରେ ସଭାପତି ବବୁଲ ସାହୁ, ସମ୍ପାଦକ ସନାତନ ବେହେରା, ସିଲୁ, ଲିଟୁ, ବାବୁ, ଅପି, ସୁମୋ, ଆଶୀର୍ବାଦ, ପିଣ୍ଟୁ ଓ ପପୁନା ପ୍ରଭୃତି କର୍ମକର୍ତ୍ତା ରହି ପୂଜା କାର୍ଯ୍ୟ ତୁଲାଇଥିଲେ। ବିଧାୟକ ପ୍ରକାଶ ସେଠି ଭଜନ ସନ୍ଧ୍ୟା ଓ ପ୍ରସାଦ ସେବନ ଉଦଘାଟନ କରି କାର୍ଯ୍ୟକୁ ଆଗକୁ ନେଇଥିଲେ। ସେହିପରି ଝିଙ୍କିରିଆ, ବ୍ରହ୍ମପୁର ଓ କଳପଡା ଆଦି ପ୍ରମୁଖ ମଣ୍ଡପ ବୁଲି ଶ୍ରୀ ଗଣେଶଙ୍କୁ ଦର୍ଶନ କରିଥିଲେ। ଏଥିରେ କର୍ମୀମାନେ ଉପସ୍ଥିତ ରହିଥିଲେ।

## ମେଡିକାଲ୍ ଛକ ରାସ୍ତା ଶୋଚନୀୟ



**ଫୁଲନଖରା,୨୯।୮/ଏନ୍ଏନ୍ଏସ୍:** କଟକ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ପରିଚାଳନାଧିନ ମହୀଧରପଡ଼ା-ଗୋବିନ୍ଦପୁର ରାସ୍ତା ବିଭିନ୍ନ ସ୍ଥାନରେ ଭାଙ୍ଗିରୁଜି ଅତି ଶୋଚନୀୟ ଅବସ୍ଥାରେ ରହିଛି। ଦୈନିକ ଏହି କାରଣରୁ ଛୋଟବଡ଼ ଦୁର୍ଘଟଣା ମଧ ଘଟୁଛି। ତ୍ରିନାଥବଜାରଠାରୁ ବାହାରିଥିବା ଏହି ବ୍ୟସ୍ତବହୁଳ ରାସ୍ତାର ମହୀଧରପଡ଼ା ମେଡ଼ିକାଲ ଛକଠାରେ ରାସ୍ତାଟି ଖାଲଖମାରେ ପରିଣତ ହୋଇଥିବାରୁ ଏଥିରେ ବର୍ଷା ପାଣି ଜମି ଦୁର୍ଘଟଣାର କାରଣ ପାଲଟୁଛି। ରାତି ସମୟରେ ଜାଣି ନପାରି ବାଇକ ଆରୋହୀ ହମ୍ପ ନିକଟ ଖାଲରେ ପଡ଼ି ଆହତ ହେଉଛନ୍ତି। ମାତ୍ର ୬ ମାସ ପୂର୍ବେ ସୁଦୃଢ଼ିକରଣ ହୋଇଥିବା ଏହି ରାସ୍ତା ବର୍ଷା ଯୋଗୁଁ ଭାଙ୍ଗିରୁଜି ଯାଇଛି। ତେବେ ନିମ୍ନମାନର କାମ ଯୋଗୁଁ ଏପରି ହେଲା ବୋଲି ଅଭିଯୋଗ ହୋଇଛି। ଅପରପକ୍ଷରେ ମହୀଧରପଡ଼ା ଗୋଷୀ ସ୍ୱାସ୍ଥ୍ୟକେନ୍ଦ୍ରର ସଂଯୋଗକାରୀ ରାସ୍ତା ଆରମ୍ଭ ସ୍ଥଳରେ ବର୍ଷା ପାଣି ଜମି ଯାତାୟାତରେ ସମସ୍ୟା ସୃଷ୍ଟି କରୁଛି। ଦୈନିକ ସ୍ୱାସ୍ଥ୍ୟକେନ୍ଦ୍ରକୁ ଆସୁଥିବା ଶତାଧିକ ରୋଗୀ ଓ ସମ୍ପର୍କୀୟ ଏହାଦ୍ୱାରା ହଇରାଣ ହେଉଛନ୍ତି। ଏ ନେଇ ବିଭାଗୀୟ ଅଧିକାରୀଙ୍କ ନିକଟରେ ବାରମ୍ବାର ଅଭିଯୋଗ କଲାପରେ ବି କୌଣସି ପ୍ରତିକାରମୂଳକ ବ୍ୟବସ୍ଥା ଗ୍ରହଣ କରାଯାଉନାହିଁ। ତ୍ରିନାଥବଜାର-ଗୋବିନ୍ଦପୁର ୧୩ କିଲୋମିଟର ଦୈର୍ଘ୍ୟ ରାସ୍ତାର ମରାମତି କରିବା ଦିଗରେ ଜିଲ୍ଲା ଗ୍ରାମ୍ୟ ଉନ୍ନୟନ ବିଭାଗ ଉଚ୍ଚ କର୍ତ୍ତୃପକ୍ଷ ଦୃଷ୍ଟି ଦେଇ ଆବଶ୍ୟକ ପଦକ୍ଷେପ ଗ୍ରହଣ କରିବାକୁ ସାଧାରଣରେ ଦାବି ହେଉଛି।

## ୩ରେ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ

**ପୁରୀ,୨୯।୮/ଏନ୍ଏନ୍ଏସ୍:** ଆସନ୍ତା ୩ ତାରିଖରେ ବସିବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଗଜପତି ମହାରାଜା ଦିବ୍ୟସିଂହ ଦେବଙ୍କ ଅଧକ୍ଷତାରେ ଏହି ବୈଠକ ବସିବ। ବୈଠକରେ ନୂତନ ସବ୍ କମିଟି ଗଠନ ହେବ। ଶ୍ରୀମନ୍ଦିରରେ ଧାଡ଼ି ଦର୍ଶନ ବ୍ୟବସ୍ଥା, ରତ୍ନଭଣ୍ଡାର ଗଣତି, ମଣତି ସହ ଅନ୍ୟାନ୍ୟ ଗୁରୁତ୍ୱପୂର୍ଣ୍ଣ ପ୍ରସଙ୍ଗରେ ଆଲୋଚନା ହେବ। ନୀଳାଦ୍ରି ଭକ୍ତ ନିବାସଠାରେ ଦିନ ୧୦ଟା ୩୦ରେ ବସିବ ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକ। ଗତ ମେ ମାସ ୨୬ ତାରିଖରେ ଅନୁଷ୍ଠିତ ହୋଇଥିବା ଶ୍ରୀମନ୍ଦିର ପରିଚାଳନା କମିଟିର ଉଚ୍ଚସ୍ତରୀୟ ପ୍ରଶାସନିକ ବୈଠକର ବିବରଣୀକୁ ଦୃଢ଼ୀକରଣ କରାଯିବ। ଅନ୍ୟପଟେ ସେପ୍ଟେମ୍ବର ୨ ତାରିଖରେ ଛତିଶା ନିଯୋଗ ବୈଠକ ହେବ। ପରଦିନ ଅର୍ଥାତ୍ ୩ ତାରିଖରେ ଚନ୍ଦ୍ର ଗ୍ରହଣ ନୀତିନିର୍ଘଣ୍ଟକୁ ମୋହର ମାରିବ ନୂତନ ପରିଚାଳନା କମିଟି।

## ଗଣେଶ ପୂଜାକୁ ଯାଇ ନାବାଳିକା ନିଖୋଜ

**ନିଶ୍ଚିନ୍ତକୋଇଲି,୨୯।୮/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ ସରପଡ଼ା ପଞ୍ଚାୟତରେ ଥିବା ବୋଧଙ୍ଗ ସରକାରୀ ବାଳିକା ବିଦ୍ୟାଳୟକୁ ଗଣେଶ ପୂଜା କରିବାକୁ ଯାଇ ଜଣେ ନାବାଳିକା ନିଖୋଜ ଥିବା ଥାନାରେ ଅଭିଯୋଗ ହୋଇଛି। ନାବାଳିକା ନିଖୋଜର ଦୁଇଦିନ ବିତିଯାଇଥିଲେ ମଧ ଏ ପର୍ଯ୍ୟନ୍ତ ପୁଲିସ କୌଣସି ସନ୍ଧାନ ପାଇନାହିଁ। କେନ୍ଦ୍ରାପଡ଼ା ସଦର ଥାନା ଅନ୍ତର୍ଗତ ଚାନ୍ଦୋଳ ଫାଣ୍ଡି ଅଧିନରେ ଥିବା ଲହଣ ଅଞ୍ଚଳର ଜଣେ ମହିଳା ଏହି ଥାନା ଅଧିନସ୍ଥ ଗୋପପୁର ପଣସପଡ଼ିଆରେ ଭଡ଼ାରେ ରହୁଥିଲେ। ଦଶମ ଶ୍ରେଣୀ ପାସ୍ କରିଥିବା ତାଙ୍କର ନାବାଳିକା ଝିଅ ଗଣେଶ ଚତୁର୍ଥୀ ଦିନ ବୋଧଙ୍ଗ ସ୍କୁଲକୁ ପୂଜା କରିବାକୁ ଯାଇ ଆଉ ଘରକୁ ଫେରିନଥିଲେ। ପରିବାର ପକ୍ଷରୁ ବିଭିନ୍ନ ସ୍ଥାନରେ ଖୋଜାଖୋଜି କରାଯାଇଥିଲେ ମଧ କୌଣସି ସନ୍ଧାନ ନମିଳିବାରୁ ତାଙ୍କ ମାଆ ଥାନାରେ ଅଭିଯୋଗ କରିଥିଲେ। ଏହି ଅଭିଯୋଗକୁ ଭିତ୍ତିକରି ଥାନା ପକ୍ଷରୁ କେସ ନଂ - ୧୭୧/୨୦୨୫ ରେ ଏକ ମାମଲା ରୁଜୁ କରାଯାଇ ପୁଲିସ ତଦନ୍ତ କରୁଥିବା ଜଣାଯାଇଛି।

### ଖୋଲିଲାନି ସେବା ସମବାୟ ସମିତି

## ଖରିଫ ଧାନ ମଣ୍ଡି ପଞ୍ଜୀକରଣରୁ ବଞ୍ଚିତ ହେଲେ ହଜାର ହଜାର ଚାଷୀ

**ପିପିଲି,୨୯।୮/ଏନ୍ଏନ୍ଏସ୍:** ଚାଷୀର ଉନ୍ନତି ହେଲେ ରାଜ୍ୟ ତଥା ଦେଶ ର ପ୍ରଗତି ହେବ ବୋଲି ସରକାର କହୁଥିବାବେଳେ ପ୍ରଶାସନିକ ସ୍ତରରେ ହେଉଥିବା ନିୟମ କାର୍ଯ୍ୟକାରୀ ହେଉନଥିବାରୁ ଚାଷୀମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଯାହା ଦ୍ୱାରା ପିପିଲିରେ ହଜାର ହଜାର ଚାଷୀ ଚଳିତବର୍ଷ ଖରିଫ ଧାନ ମଣ୍ଡି ପଞ୍ଜିକରଣରୁ ବଞ୍ଚିତ ହୋଇଛନ୍ତି। ପିପିଲି ବ୍ଲକର ସରସ୍ୱତୀପୁର କୃଷକସେବା ସମବାୟ ସମିତି ଅଧୀନରେ ଜସୁଆପୁର, ବୀରପୁରୁଷତମ ପୁର ଏବଂ ରଥପୁରୁଷୋତ୍ତମପୁର ପଞ୍ଚାୟତ ଅନ୍ତର୍ଭୁକ୍ତ। ସରସ୍ୱତୀ ପୁର କୃଷକ ସେବାସମବାୟ ସମିତି ଠାରୁ ଦୂରତାହେତୁ ଏହି ତିନି ପଞ୍ଚାୟତର ଚାଷୀମାନେ ସମିତି ପକ୍ଷରୁ ଯୋଗାଇ ଦିଆଯାଉଥିବା ସେବା ପାଇବାରୁ ଚାଷୀମାନେ ବଞ୍ଚିତ ହେଉଛନ୍ତି। ଏପରିକି ଖରିଫ୍ ଏବଂ ରବି ସିଜିନରେ ଏହି ପଞ୍ଚାୟତ ର ଚାଷୀମାନେ ସରକାରଙ୍କୁ ଧାନ ବିକ୍ରିକରିବାପାଇଁ ଧାନ ମଣ୍ଡିରେ ସେମାନଙ୍କ ନାମ ପଞ୍ଜିକୃତ କରିପାରୁନାହାନ୍ତି। ତେଣୁ ଏହି ତିନିଗୋଟି ଗ୍ରାମ ପଞ୍ଚାୟତ ର ଚାଷୀମାନେ ବାରମ୍ବାର ବିଭାଗୀୟ ଉଚ୍ଚପଦସ୍ଥ ଅଧିକାରୀ ମାନଙ୍କୁ ଜଣାଇବାରେ ପୂର୍ବତନ ସରକାର ସମୟରେ ଚାଷୀମାନଙ୍କର ସୁବିଧା,, ଦୂରତା, ଏବଂ ସ୍ୱଚ୍ଛତା ଦୃଷ୍ଟିରୁ ଉପରୋକ୍ତ ତିନିଗୋଟି ପଞ୍ଚାୟତ ରେ ସେବାସମବାୟ ସମିତି ଖୋଲିବା ପାଇଁ ରେଜିଷ୍ଟର କୋ ଅପରେଟିଭ ଓଡିଶା, ଭୁବନେଶ୍ୱର ତାଙ୍କ ପତ୍ର ନଂ ୮୦୫୧/୨୭/୦୪/୨୦୨୩ରେ ପୁରୀ ଡି ଆର ସି ଏସ ଙ୍କୁ ନିର୍ଦ୍ଦେଶ ଦେଇଥିଲେ। ନିର୍ଦ୍ଦେଶ ମୁତାବକ ଡି ଆର ସି ଏସ , ଏ ଆର ସି ଏସ ଏବଂ ପିପିଲି ବ୍ଲକ ପ୍ରଶାସନିକ ଅଧିକାରୀ ଙ୍କୁ ଦାଇତ୍ୱ ଦିଆଯାଇଥିଲା। ସେ ସମୟରେ ସମ୍ମିଳିତ ପୁରୀ ନିମାପଡା କେନ୍ଦ୍ରୀୟ ସମବାୟ ବ୍ୟାଙ୍କ ମଧ ଅନୁମୋଦନ କରାଯାଇଥିଲା, ଏହି ତିନିଗୋଟି ପ୍ରାଥମିକସେବା ସମବାୟ ସମିତିର ଅଧୀନରେ ଯାଉଥିବା ଚାଷୀ ମାନଙ୍କର ଋଣ, ସେୟାର, ପଞ୍ଜିକରଣ , ଏବଂ ଧାନ ମଣ୍ଡି ଖୋଲିବା ପାଇଁ ଡିଆର୍‌ସିଏସ୍ ନିର୍ଦ୍ଦେଶ ଦେଇଥିଲେ। ଡିଆର୍‌ସିଏସ୍ ନିର୍ଦ୍ଦେଶ ଦେବାର ଏହା ମଧ୍ୟରେ ଦୁଇ ବର୍ଷ ବିତିଗଲାଣି ମାତ୍ର ନୂତନ ଭାବେ ପ୍ରାଥମିକ ସେବା ସମବାୟ ସମିତି ଖୋଲିପାରିଲା ନାହିଁ। ରଥ ପୁରୁଷୋତ୍ତମପୁର ର ଚାଷୀନେତା ପ୍ରତାପ ପ୍ରଧାନ, ସରସ୍ୱତୀ ପୁରର ପୂର୍ବତନ ସରପଞ୍ଚ ରାଧାଶ୍ୟାମ ରଥ ଜସୁଆପୁରାର ଆଶିଷ ବରାଳ, ବୀରପୁରୁଷତମ ପୁରର ବିଷ୍ଣୁପତି ପ୍ରମୁଖ ଡି ଆର ସି ଏସ ଙ୍କୁ ଜଣାଇଲେ ମଧ ସେ ଏଥିପ୍ରତି ଦୃଷ୍ଟି ଦେଇନଥିଲେ। ଉକ୍ତ ତିନି ଗୋଟି ପ୍ରାଥମିକ ସେବା ସମବାୟ ସମିତି ଚବିଶ ନମ୍ବର ଜିଲ୍ଲାପରିଷଦ ଜୋନରେ ଯାଉଥିବାରୁ ଚାଷୀମାନେ ସଭ୍ୟ ଧରଣୀଧର ସାହୁ ଙ୍କ ପାଖରେ ଅଭିଯୋଗ କରିଥିଲେ। ଶ୍ରୀ ସାହୁ ଜିଲ୍ଲାପରିଷଦ ବୈଠକରେ ଏବଂ ପିପିଲି ବ୍ଲକରେ ଜିଲ୍ଲପାଳଙ୍କ ଜନ ଅଭିଯୋଗ ଶୁଣାଣିରେ ଅଭିଯୋଗ କରିଥିଲେ ମଧ ଏଥିପ୍ରତି କେହି ଦୃଷ୍ଟି ଦେଇନଥିଲେ। ତେବେ ନୂତନ ଭାବେ ପ୍ରାଥମିକ ସେବା ସମବାୟ ସମିତି ଖୋଲି ନଥିବାରୁ ହଜାର ହଜାର ଚାଷୀ ଖରିଫ ଧାନ ମଣ୍ଡି ପଞ୍ଜିକରଣ କରିବାରୁ ବଞ୍ଚିତ ହୋଇଛନ୍ତି। ଏବେ ଚାଷୀ ମାନଙ୍କ ମଧ୍ୟରେ ଅସନ୍ତୋଷ ଦେଖାଦେଇଛି। ଏହାର ପ୍ରତିବାଦ କରି ଏହି ତିନିଗୋଟି ପଞ୍ଚାୟତର ଚାଷୀମାନେ ଆନ୍ଦୋଳନକୁ ଓହ୍ଲାଇବାକୁ ନିଷ୍ପତ୍ତି ନେଇ ଜାସୁଆପୁର ଠାରେ ଚାଷୀମାନେ ଏକତ୍ର ହୋଇ ଏକ ବୈଠକ କରିଥିଲେ। ତେବେ ଏ ସମ୍ପର୍କ ରେ ଏ ଆର ସି ଏସ ସନାତନ ବେହେରାଙ୍କୁ ପଚାରିବାରେ ସରକାରୀ ନିୟମର ପାରାଫନିଆ ଅନୁଯାୟୀ କାଯ୍ୟ ଚାଲିଛି ଆସନ୍ତା ବର୍ଷ କୁ ନୂତନ ପ୍ରାଥମିକ ସେବା ସମବାୟ ସମିତି ଖୋଲିଯିବ ବୋଲି କହିଥିଲେ। ପିପିଲି ର ପ୍ରଶାସନିକ ଅଧିକାରୀ ଙ୍କୁ ପଚାରିବାରେ ଉପରିସ୍ଥ ଅଧିକାରୀଙ୍କ ଅସହଯୋଗ ହେତୁ କାଯ୍ୟଧାରା ଆଗେଇପାରୁନଥିବାର କହିଥିଲେ। ପୁନଶ୍ଚ ସରସ୍ୱତିପୁର କୃଷକ ସେବା ସମବାୟ ସମିତିରେ ଚାରି ହଜାର ଚାଷୀ ସଭ୍ୟ ଥିବାବେଳେ ପ୍ରତିବର୍ଷ ଚାଷୀ ପଞ୍ଜିକୃତ ସଂଖ୍ୟା ମାତ୍ର ନଅ ଶହ ମଧ୍ୟରେ ସୀମିତ ରହୁଛି। ଚାଷୀ ମାନଙ୍କ ଘର ସମିତି ଠାରୁ ସାତ/ଆଠ କିଲମିଟର ଦୂରତା ହେଉଥିବାରୁ ସେମାନେ ସେବା ପାଇବାରୁ ବଞ୍ଚିତ ହେଉଥିବାର କହିଥିଲେ ।

## ଷଷ୍ଠୀ ଦେବୀ ଭାବେ ପୂଜା ପାଇଲେ ମାଆ ଭଗବତୀ

**ବାଣପୁର,୨୯।୮/ଏନ୍ଏନ୍ଏସ୍:** ଖୋର୍ଦ୍ଧା ଜିଲ୍ଲା ବାଣପୁରର ପ୍ରଖ୍ୟାତ ଶକ୍ତିପୀଠ ମା'ଭଗବତୀ ମନ୍ଦିରରେ ଷଷ୍ଠୀଓଷା ମହାସମାରୋହରେ ପାଳିତ ହୋଇଯାଇଛି। ଏଠାରେ ଓଷା ଦିନ ମା' ଭଗବତୀଙ୍କୁ ଷଷ୍ଠୀଦେବୀ ବେଶରେ ପୂଜା କରାଯାଇଥାଏ। ଆଜି ପ୍ରତ୍ୟୁଷରୁ ମା'ଙ୍କ ଅଙ୍ଗରାଗ, ମାଜଣା ସହିତ ମହାସ୍ନାନ କରାଯାଇ ମହାପ୍ରସାଦ ଅର୍ପଣ ପରେ ବେଶ ହୋଇ ସର୍ବସାଧାରଣ ଦର୍ଶନ ଚାଲିଥିଲା। ଦିବା ଏକ ଘଟିକା ସମୟରେ ପିତ୍ରାଳୟ ଦକ୍ଷେଶ୍ୱର ମନ୍ଦିରଠାରେ ବିଜେ କାହାଳୀ ବାଜିଲା ପରେ ମା'ଙ୍କ ଚଳନ୍ତି ପ୍ରତିମା କାଠି ଠାକୁରାଣି ଘଣ୍ଟା ଘଣ୍ଟ କାହାଳି ବାଦ୍ୟ ବାଜଣାରେ ଛତ୍ର ତରାଶଆଲଟ ଚାମର ସହିତ ଥାଟ ପଟୁଆରରେ ନିଯୋଗୀ ସେବାୟତଙ୍କ ସାଥିରେ ନିଜ ମନ୍ଦିରକୁ ବିଜେ କରିଥିଲେ। ବାଣପୁର ବଡ଼ଦାଣ୍ଡରେ ଯାତ୍ରା କାଳରେ ଗୃହିଣୀମାନେ ଶଙ୍ଖ ହୁଳହୁଳି ପକାଇ ମା'ଙ୍କୁ ବନ୍ଦାପନା କରି ନିଜ ଘରମାନଙ୍କରେ ପ୍ରସ୍ତୁତ କ୍ଷୀରିଖେଚୁଡ଼ି, ପିଠାପଣା ସହିତ ଛ ତିଅଣ ନଭଜା କରି ଷଷ୍ଠୀଦେବୀ ଭାବରେ ମା'ଙ୍କୁ ପୂଜା କରିଥିଲେ। ଏହି ଅଞ୍ଚଳରେ ପରମ୍ପରାକ୍ରମେ ମା'କାଠି ଠାକୁରାଣୀ ଭଗବତୀ ମନ୍ଦିରକୁ ଯାତ୍ରା କଲା ପରେ ଯାଇ ନିଜ ଘରମାନଙ୍କରେ ଓଷା ପୂଜା କରାଯାଇଥାଏ ଏବଂ ସମସ୍ତେ ଏକାଠି ପ୍ରସାଦ ସେବନ କରନ୍ତି। ମା' ଠାକୁରାଣୀ ମନ୍ଦିରରେ ବିଜେ କଲା ପରେ ପୂଜକ ସାଆନ୍ତ ପରିଛା ପ୍ରସନ୍ନ ମହାପାତ୍ର ପାଳି ଆମାଳି ସଞ୍ଜୟ ମହାପାତ୍ରଙ୍କ ସହଯୋଗରେ ପିଣ୍ଡି ତଳେ ମୁରୁଜ ପକାଇ ନବ କଳସ କୁମ୍ଭ ସ୍ଥାପନ କରି ସାତ ଦୀପ ରୁଖା ପ୍ରଜ୍ୱଳନ ପୂର୍ବକ ବରୁଣ ପୂଜା କରି ମା'ଙ୍କୁ କର୍ପୂର ଆଳତୀ, ଥାଳି ଆଳତୀ ସହ ନିଶଙ୍କୁଡି ଧୂପ ଷୋଡ଼ଷ ଉପଚାରରେ ପୂଜାକରି କାଠି ଆଳତି ବଢାଇଥିଲେ। ପରେ ନିଯୋଗୀ ସେବାୟତ ଓ ଶ୍ରଦ୍ଧାଳୁମାନେ ଷଠି ସୂତା ଧାରଣ କରି ମା'ଙ୍କୁ ଆଶୀର୍ବାଦ ଭିକ୍ଷା କରିଥିଲେ। ମା'ଙ୍କୁ ଆଜି ଏକାଠି ବଲ୍ଲଭ ଖଇ ସହିତ ଖେଚଡ଼ି, କ୍ଷୀରି, ଡାଲି, ମାଛମହୁର, ମାଛ ଗୁଣ୍ଡି ଭଜା, ଶାଗମୁଗ, ଆମ୍ବିଲ, ଏଣ୍ଡୁରି ଇତ୍ୟାଦି ନୈବେଦ୍ୟ ଧୂପ କରାଯାଇଥିଲା। ପରେ ମନ୍ଦିରର ସମସ୍ତ ପାର୍ଶ୍ୱ ଦେବାଦେବୀଙ୍କୁ ଗୁଳା ଭୋଗ ପ୍ରଦାନ କରାଯିବା ପରେ ସମସ୍ତ ନିଯୋଗୀ ସେବାୟତ ଏକାଠି ପ୍ରସାଦ ସେବନ କରିଥିଲେ। ମା'ଙ୍କୁ ଷଷ୍ଠୀଦେବୀ ଭାବରେ ଦର୍ଶନ କରି ଆଶୀର୍ବାଦ ଲାଭ କରିବା ପାଇଁ ମନ୍ଦିରରେ ଶ୍ରଦ୍ଧାଳୁଙ୍କ ଖୁବ୍ ଭିଡ଼ ଦେଖିବାକୁ ମିଳିଥିଲା। ମନ୍ଦିର ପ୍ରଶାସନ ତରଫରୁ ଆଜିର ଏହି ଓଷା ବ୍ରତ ନିମନ୍ତେ ସମସ୍ତ ପ୍ରକାର ସୁବ୍ୟବସ୍ଥା ଗ୍ରହଣ କରାଯାଇଥିଲା।

## ସାମ୍ବାଦିକଙ୍କ ନାମରେ ଠକେଇ ଅଭିଯୋଗ

**ନିଶ୍ଚିନ୍ତକୋଇଲି,୨୯।୮/ଏନ୍ଏନ୍ଏସ୍:** ନିଶ୍ଚିନ୍ତକୋଇଲି ଥାନା ଅଧିନସ୍ଥ କଟିକଟା ପଞ୍ଚାୟତରେ ଥିବା ଏକ ଔଷଧ ଦୋକାନରୁ ଜଣେ ଥାନା ଅଧିକାରୀ ଅଢ଼େଇ ଲକ୍ଷ ଟଙ୍କା ନେଇଥିବା ଘଟଣାରେ ଦୁଇ ଜଣ ସାମ୍ବାଦିକ ଏଥିରେ ସମ୍ପୃକ୍ତ ଥିବା ନେଇ ନିଶ୍ଚିନ୍ତକୋଇଲି ଥାନାରେ ଅଭିଯୋଗ ହୋଇଛି। ଏହି ଦୁଇ ଜଣ ସାମ୍ବାଦିକ ଟଙ୍କା କାରବାରରେ ମଧ୍ୟସ୍ଥତା କରିଥିବା ଘଟଣା ସମ୍ପୃକ୍ତ ଔଷଧ ଦୋକାନୀ ପୁତ୍ର ପ୍ରଦୀପ୍ତ କୁମାର ସାହୁ ଏ ସଂକ୍ରାନ୍ତରେ ପୁଲିସ ଅଧିକାରୀଙ୍କୁ ଜଣାଇଥିଲେ। ଏହା ଜଣାପଡ଼ିବା ପରେ ଉକ୍ତ ଦୁଇ ଜଣ ସାମ୍ବାଦିକ ସେହି ମେଡ଼ିସିନ୍ ଷ୍ଟୋରକୁ ଯାଇ ସମ୍ପୃକ୍ତ ଦୋକାନୀକୁ ଅଶାଳୀନ ଭାଷାରେ ଗାଳିଗୁଲଜ ସହିତ ତାଙ୍କୁ ହତ୍ୟା ଧମକ ଦେଇଥିବା ଏବଂ ଅନେକ ସମୟରେ ମୋବାଇଲରେ ମଧ ଧମକ ଦେଉଥିବା ନେଇ ପ୍ରଦୀପ୍ତ ଥାନାରେ ଅଭିଯୋଗ କରିଛନ୍ତି। ଅପରପକ୍ଷରେ ସାମ୍ବାଦିକ ଶୁଭାଶିଷ ବସନ୍ତରାୟ ସମ୍ପୃକ୍ତ ଔଷଧ ଦୋକାନ ନାଁରେ ମଧ ଅଭିଯୋଗ କରିଛନ୍ତି। ଗଣେଶ ପୂଜା ଦିନ ଶୁଭାଶିଷ ଏବଂ ଅନ୍ୟ ଜଣେ ସାମ୍ବାଦିକ ଖବର ପ୍ରସାରଣ ନିମନ୍ତେ ଦୋକାନୀର ପ୍ରତିକ୍ରିୟା ନେବା ପାଇଁ କଟିକଟା ଛକ ଉକ୍ତ ମେଡ଼ିସିନ୍ ଷ୍ଟୋରକୁ ଯାଇଥିଲେ। ଦୋକାନରେ ଥିବା ମାଲିକ ପ୍ରଫୁଲ୍ଲ ସାହୁଙ୍କୁ ଏ ସଂକ୍ରାନ୍ତରେ ପଚାରିବାରୁ ସେ ପ୍ରତିକ୍ରିୟା ନଦେଇ ସାମ୍ବାଦିକଙ୍କୁ ଅଶ୍ଳୀଳ ଭାଷାରେ ଗାଳିଗୁଲଜ କରିବା ସହିତ ତାଙ୍କୁ ଧକ୍କା ମାରିଥିଲେ। ଏହାପରେ ଔଷଧ ଦୋକାନୀ ମାଲିକଙ୍କ ପୁଅ ପ୍ରଦୀପ୍ତ ସାହୁ ହଠାତ୍ ଶୁଭାଶିଷ ବେକରେ ଏକ ଗାମୁଛା ପକାଇ ତାଙ୍କୁ ଚେତାଶୂନ୍ୟ କରିବା ସହିତ ବେକରେ ଥିବା ଏକ ସୁନା ଚେନ, ନଗଦ ୪ ହଜାର ଟଙ୍କା ଓ କ୍ୟାମେରା ନେଇଯାଇଥିବା ଅଭିଯୋଗ ଫର୍ଦ୍ଦରେ ଦର୍ଶାଯାଇଛି। ଏ ସଂକ୍ରାନ୍ତରେ ଅଭିଯୋଗ ପାଇବା ପରେ ନିଶ୍ଚିନ୍ତକୋଇଲି ଥାନା ପୁଲିସ ଶୁଭାଶିଷଙ୍କ ଅଭିଯୋଗରେ ୧୬୯/୨୭.୦୮.୨୦୨୫ ରେ ଏକ ମାମଲା ରୁଜୁ କରିଛି। ଏହା ପରେ ପ୍ରଦୀପ୍ତ ସାହୁଙ୍କ ଅଭିଯୋଗରେ ୧୭୦/୨୭.୦୮.୨୦୨୫ରେ ମଧ ଏକ ମାମଲା ରୁଜୁ ହୋଇଛି। ଗୁରୁବାର ଏହି ଦୁଇ ମାମଲାକୁ ଭିତ୍ତି କରି ନିଶ୍ଚିନ୍ତକୋଇଲି ଥାନା ପୁଲିସ ସମ୍ପୃକ୍ତ ମେଡ଼ିସିନ୍ ଷ୍ଟୋରକୁ ଯାଇ ତଦନ୍ତ କରୁଥିବା ବେଳେ ସାମ୍ବାଦିକଙ୍କୁ ଡ଼ାକି ପଚରାଉଚରା କରୁଥିବା ଜଣାଯାଇଛି।

## ସୋରଭା କାନାରା ବ୍ୟାଙ୍କ ଶାଖାରେ ମହିଳା ସମାବେଶ



**ନୟାହାଟ,୨୯।୮/ଏନ୍ଏନ୍ଏସ୍:** ନୟାହାଟ ଫାଣ୍ଡି ଅନ୍ତର୍ଗତ ଶୋରଭା କାନାରା ବ୍ୟାଙ୍କ ପକ୍ଷରୁ ପରିଚାଳକ ଅଭୟ କୁମାର ଦାସଙ୍କ ନେତୃତ୍ୱରେ ପଞ୍ଚାୟତସ୍ତରୀୟ ମହିଳା ସମାବେଶ ଅନୁଷ୍ଠିତ ହୋଇଯାଇଛି। ଏହି କାର୍ଯ୍ୟକ୍ରମରେ ବ୍ୟାଙ୍କ ପରିଚାଳକ ନୟାହାଟ ଅଞ୍ଚଳର କୌଣସି ସାମ୍ବାଦିକଙ୍କୁ ଡାକିନଥିବାରୁ ସାମ୍ବାଦିକଙ୍କ ମହଲରେ ତୀବ୍ର ଅସନ୍ତୋଷ ଦେଖାଯାଇଥିଲା। ଆଗାମୀ ଦିନରେ ବ୍ୟାଙ୍କର କୌଣସି କାର୍ଯ୍ୟରେ ଯୋଗ ଦେବେନାହିଁ ବୋଲି ସାମ୍ବାଦିକମାନେ ପ୍ରକାଶ କରିଛନ୍ତି। ଏହି କାର୍ଯ୍ୟକ୍ରମରେ ପ୍ରଧାମନ୍ତ୍ରୀଙ୍କର ଜନଧନ ଯୋଜନାରେ କେତେକ ନାମକୁ ମାତ୍ର ମହିଳା ଯୋଗଦେଇଥିଲେ। ପ୍ରଧାମନ୍ତ୍ରୀଙ୍କ ସୁରକ୍ଷା ଯୋଜନା, ଜୀବନ ଜ୍ୟୋତି ଯୋଜନା, କେଓ୍ୱାଇଇସି କରିବା ପାଇଁ ମହିଳାମାନଙ୍କୁ ବୁଝାଇଥିଲେ। ଗୋପ ବ୍ଲକ ସାଂସଦଙ୍କ ପ୍ରତିନିଧି ରାଜଲକ୍ଷ୍ମୀ ଦାସ ଯୋଗ ଦେଇଥିଲେ। ସୋରଭ କାନାରା ବ୍ୟାଙ୍କରେ ଠିକ୍ ସମୟରେ ଲୋକମାନେ ଉପଯୁକ୍ତ ସେବା ପାଉନଥିବା ଅଭିଯୋଗ ହେଉଥିବା ବେଳେ ଋଣ ପାଇଁ କେତେକ ବ୍ୟକ୍ତି ବର୍ଷ ବର୍ଷ ଧରି ବ୍ୟାଙ୍କକୁ ଦୌଡ଼ି ନିରାଶ ହେଉଥିବା ଅଭିଯୋଗ ହୋଇଛି। ବ୍ୟାଙ୍କକୁ ପ୍ରତିଦିନ ଆସୁଥିବା ଲୋକମାନେ ବିଭିନ୍ନ ସମୟରେ ଉପଯୁକ୍ତ ସେବା ନପାଇ ନିରାଶରେ ଫେରୁଥିବା ଅଭିଯୋଗ ହୁଏ।

## ଋଣ ଭାର ସହି ନପାରି ଜୀବନ ହାରିଲେ ମହିଳା

**କଣାସ,୨୯।୮/ଏନ୍ଏନ୍ଏସ୍:** କଣାସ ବ୍ଲକ ଗଡ଼ିଶାଗୋଦା ଥାନା ପରିସରଭୁକ୍ତ ସାହୁପଡ଼ା ଗ୍ରାମର ସୁରେଶ ବଳିୟାରସିଂହଙ୍କ ପତ୍ନୀ ସତ୍ୟଭାମା ବଳିୟାରସିଂହ ବିଭିନ୍ନ ସଂସ୍ଥାରୁ ଋଣ ଆଣି ସୁଝିପାରି ନ ଥିବାରୁ ମହିଳା ଜଣଙ୍କ ଆତ୍ମହତ୍ୟା କରିଥିବା ପୁଲିସ ସୂତ୍ରରୁ ସୂଚନା ମିଳିଛି। ପ୍ରକାଶ ଯେ ସତ୍ୟଭାମା ଦୀର୍ଘ ଦିନ ହେଲା ଋଣ ଭାରରେ ବୁଡ଼ି ରହିଥିଲେ। ସ୍ୱାମୀଙ୍କ ସ୍ୱଳ୍ପ ରୋଜଗାର ହେତୁ ପ୍ରତ୍ୟେକ ଦିନ ସ୍ୱାମୀ ଓ ସ୍ତ୍ରୀଙ୍କ ମଧ୍ୟରେ ମନୋମାଳିନ୍ୟ ହେଉଥିଲା। ସେହି ଋଣ ଚାପରେ ଅତିଷ୍ଠ ହୋଇ ଗତକାଲି ସତ୍ୟଭାମା ସ୍ୱାମୀ ଘରେ ନ ଥିବା ସମୟରେ କନିଆରି ମଞ୍ଜି ବାଟି ପିଇଦେଇଥିବା ସ୍ୱାମୀଙ୍କ ନିକଟକୁ ଫୋନ୍‌ରେ ଜଣାଇଥିଲା। ସ୍ୱାମୀ ଫୋନ୍ ପାଇବା ପରେ ଘରେ ପହଞ୍ଚିବା ସମୟକୁ ସତ୍ୟଭାମାଙ୍କର ମୃତ୍ୟୁ ହୋଇ ଯାଇଥିଲା। ଖବର ପାଇ ଗଡ଼ିଶାଗୋଦା ଥାନା ଆଇ.ଆଇ.ସି ସୁଧିର କୁମାର ଦାସ ଘଟଣାସ୍ଥଳରେ ପହଞ୍ଚିବା ସହିତ ପୁରୀରୁ ସାଇଣ୍ଟିଫିକ୍ ଟିମ୍ ଡକାଇ ଶବକୁ ପରୀକ୍ଷା ନିରୀକ୍ଷା କରିଥିଲେ। ଗଡ଼ିଶାଗୋଦା ଥାନା ଏକ ଅପମୃତ୍ୟୁ କେସ୍ ନଂ-୬/୨୦୨୫ ଏକ ମକଦ୍ଦୋମା ରୁଜୁ କରି ଶବକୁ ବ୍ୟବଚ୍ଛେଦ ପାଇଁ ପଠାଇଦେଇଥିବା ଜଣାପଡ଼ିଛି।

## ମନ୍ଦାରବସ୍ତ ଫାଣ୍ଡି ଅଧିକାରୀଙ୍କୁ ଉଠାଇନେଲେ କ୍ରାଇମ୍‌ବ୍ରାଞ୍ଚ ଅଧିକାରୀ

**କଣାସ,୨୯।୮/ଏନ୍ଏନ୍ଏସ୍:** ପୁରୀ ଜିଲ୍ଲା କଣାସ କଣାସ ଥାନା ଅଧିନରେ ଥିବା ମନ୍ଦାରବସ୍ତ ଫାଣ୍ଡି ଅଧିକରୀ ଏ.ଏସ୍.ଆଇ କୃଷ୍ଣ ଚନ୍ଦ୍ର ବେହେରାଙ୍କୁ ଗତକାଲି ରାତିରେ କ୍ରାଇମ୍ ବ୍ରାଞ୍ଚ ଅଧିକାରୀମାନେ ଧରିନେଇଛନ୍ତି। ପ୍ରକାଶ ଯେ ଶ୍ରୀ ବେହେରା ୨୦୨୧ କୋରାପୁଟ ଜିଲ୍ଲା ଜୟପୁର ଟାଉନ୍ ଥାନାରେ ଏ.ଏସ୍.ଆଇ ଭାବେ କାର୍ଯ୍ୟ କରୁଥିବା ବେଳେ ଏକ ହତ୍ୟା ମାମଲା କେସ୍ ନଂ-ସି.ଆଇ.ବି.ସି.ବି୧୭/୨୦୨୧ ରେ ମୋକଦ୍ଦମା ଥିବାରୁ ଶ୍ରୀ ବେହେରାଙ୍କୁ ମନ୍ଦାରବସ୍ତ ଫାଣ୍ଡି ମଧ୍ୟରୁ କ୍ରାଇମ୍ ବ୍ରାଞ୍ଚ ଅଧିକାରୀମାନେ ଧରି ନେଇଛନ୍ତି। ସେହି ୨୦୨୧ରେ ଅସ୍ତରଙ୍ଗ ଥାନା ଆଇଆଇସି ଜୟପୁର ଥାନାର ଭାରପ୍ରାପ୍ତ ଅଧିକାରୀ ଭାବେ କାର୍ଯ୍ୟ କରୁଥିଲେ। ଗତ ସପ୍ତାହରେ କ୍ରାଇମ୍ ବ୍ରାଞ୍ଚ ଟିମ୍ ଅସ୍ତରଙ୍ଗ ଥାନା ଆଇ.ଆଇ.ସି ରାଜେଶ ବଳିୟାରସିଂହଙ୍କୁ ଅସ୍ତରଙ୍ଗ ଥାନାରୁ ଧରି ଭୁବନେଶ୍ୱର ଆଣି ପଚରାଉଚରା କରିବା ସମୟରେ ବାବୁ ଜଣଙ୍କ ଚକମା ଦେଖାଇ କ୍ରାଇମ୍ ବ୍ରାଞ୍ଚ ଟିମ୍ ନିକଟରୁ ଖସି ପଳାଇଥିଲେ। ତାଙ୍କ ସହଯୋଗୀ ଭାବେ ଶ୍ରୀ ବେହେରା ଥିବାରୁ ଗତକାଲି ରାତିରେ ମନ୍ଦାରବସ୍ତ ଫାଣ୍ଡିରୁ କ୍ରାଇମ୍ ବ୍ରାଞ୍ଚ ଅଧିକାରୀମାନେ ଏ.ଏସ୍.ଆଇ ଶ୍ରୀ ବେହେରାଙ୍କୁ ଉଠାଇ ନେଇଛନ୍ତି।







## ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ପ୍ରଥମ ପଥ ଉତ୍ସବ



**ଖୋର୍ଦ୍ଧା,୨୯।୮/ଏନ୍ଏନ୍ଏସ୍:** ଖୋର୍ଦ୍ଧା ପୌର ପରିଷଦ ଆନୁକୂଲ୍ୟରେ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ - ୨୦୨୫ ଓ ଜାତୀୟ କ୍ରୀଡ଼ା ଦିବସ ସମନ୍ୱିତ ଭାବେ ପାଳନ ଅବସରରେ ଖୋର୍ଦ୍ଧା ପ୍ରଥମ ପଥ ଉତ୍ସବ ଆଜି ସକାଳ ୭ଟାରେ ସମବାୟ ସମିତି ଲିଃ ବ୍ୟାଙ୍କଠାରୁ ଷ୍ଟେଟ ବ୍ୟାଙ୍କ ଛକ ପର୍ଯ୍ୟନ୍ତ ଆନନ୍ଦ ଉଲ୍ଲାସ ମଧ୍ୟରେ ପାଳିତ ହୋଇଯାଇଛି। ଉପଜିଲ୍ଲାପାଳ କିଶୋର କୁମାର ପଣ୍ଡାଙ୍କ ଅଧକ୍ଷତାରେ ମୁଖ୍ୟଅତିଥି ଭାବେ ଜିଲ୍ଲା ପରିଷଦ ଅଧକ୍ଷା ରୁପଶ୍ରୀରାଣୀ ଗୁମାସିଂହ ଯୋଗଦେଇ ପଥ ଉତ୍ସବକୁ ଉଦ୍‌ଘାଟନ କରିଥିଲେ। ମୁଖ୍ୟଅତିଥି ତାଙ୍କ ଅଭିଭାଷଣରେ କହିଲେ ଯେ ପଥ ଉତ୍ସବ ଓ କ୍ରୀଡ଼ା ଉତ୍ସବ ନିର୍ମଳ ମନ ଏବଂ ସୁସ୍ଥ ଶରୀର ପାଇଁ ଏକ ଗଭୀର ପ୍ରଭାବ ପକାଇବ।

ସମ୍ମାନିତ ଅତିଥି ଭାବେ ସାଂସଦଙ୍କ ପ୍ରତିନିଧି ଦିଲ୍ଲୀପ କୁମାର ହୋତା, ଖୋର୍ଦ୍ଧା ପୌର ପରିଷଦ ଅଧକ୍ଷା କନକ ଲକ୍ଷ୍ମୀ ମହାନ୍ତି, ଉପାଧକ୍ଷ ଶୌର୍ଯ୍ୟ ରଞ୍ଜନ ମହାନ୍ତି, ଜିଲ୍ଲା କ୍ରୀଡ଼ା ଅଧିକାରୀ ଗୀତାଞ୍ଜଳି ପଣ୍ଡା ଯୋଗଦେଇ କହିଥିଲେ ଯେ ଭାରତ ସରକାରଙ୍କ ଚଳିତ ୨୦୨୫ ନିଖିଳ ଭାରତ ସ୍ୱାୟତ୍ତ ଶାସନ ଦିବସ ଏବଂ ଜାତୀୟ କ୍ରୀଡ଼ା ଦିବସରେ ପଥ ଉତ୍ସବ ଏକ ଅଭିନବ କୌଶଳ ଯାହା ଖେଳ ଇଣ୍ଡିଆ ଯୋଜନା ଏବଂ ସ୍ୱଚ୍ଛ ଭାରତ ମିଶନ ଓ ଯୋଗାଭ୍ୟାସ ଯୋଜନାକୁ ଚରିତାର୍ଥ କରିବ। ସଭାର ସଭାପତି ଉପଜିଲ୍ଲାପାଳ ଖୋର୍ଦ୍ଧା କିଶୋର କୁମାର ପଣ୍ଡା ଖେଳ ଇଣ୍ଡିଆର ଶପଥ ପାଠ କରାଇଥିଲେ। ପ୍ରାରମ୍ଭରେ ଖୋର୍ଦ୍ଧା ପୌର ପରିଷଦ ନିର୍ବାହୀ ଅଧିକାରୀ ରିଜ୍ୱାନା କବ୍ବାବ ପଥ ଉତ୍ସବର ଉଦ୍ଦେଶ୍ୟ ଓ ଆଭିମୁଖ୍ୟ ତଥା ସ୍ୱାଗତ ଭାଷଣ ପ୍ରଦାନ କରିଥିଲେ ଏବଂ ଖୋର୍ଦ୍ଧା ବିଡିଓ କ୍ଷୀରାବ୍ଧି ତନୟା ସାହୁ ଧନ୍ୟବାଦ୍ ଦେଇଥିଲେ। ପ୍ରାରମ୍ଭରେ ଅତିଥିମାନଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ପଥ ଉତ୍ସବ ସମାରୋହରେ ରଙ୍ଗୋଲି, ବାଲୁକା କଳା, ଜିଲ୍ଲା କ୍ରୀଡ଼ା ଅଧିକାରୀ ଶ୍ରୀମତୀ ଗୀତାଞ୍ଜଳି ପଣ୍ଡାଙ୍କ ପରିଚାଳନାରେ କରାଟେ ପ୍ରଦର୍ଶନୀ, ଯୁଡୋ ପ୍ରଦର୍ଶନୀ, ଏସ ଆର ଫିଟନେସ ଟିମ୍ , ଖୋର୍ଦ୍ଧା ଜୁମ୍ବୋ ଏକ୍ସର୍ସାଇଜ୍, କବିରାଜ ପ୍ରଧାନ ଏବଂ ଦଳ ପାଇକ ଆଖଡ଼ା, ମୂର୍ଚ୍ଛନା ଡାନ୍ସ ଏକାଡେମୀ, ଗୋଟିପୁଅ ନୃତ୍ୟ, ନୃତ୍ୟାଞ୍ଜଳି ଅନୁଷ୍ଠାନ ସମ୍ବଲପୁରୀ ନୃତ୍ୟ, ଡାନ୍ସ ଗ୍ରୁପ, ମା' ମଙ୍ଗଳା ପାଇକ ଆଖଡ଼ା ଦ୍ୱାରା ପାଇକ ନୃତ୍ୟ, ନୃତ୍ୟାୟନ କଳାକାରଙ୍କ ଦ୍ୱାରା ସମ୍ବଲପୁରୀ ନୃତ୍ୟ, ଗଣପତି ନୃତ୍ୟ, ଦେଶାତ୍ମବୋଧକ ନୃତ୍ୟ ସଙ୍ଗୀତ ଓ ମା' ଚଇତାଳି ଘୋଡ଼ା ନାଚ ଅନୁଷ୍ଠାନ ପକ୍ଷରୁ ଚିତ୍ତାକର୍ଷକ ମନୋରଞ୍ଜନ ଶିକ୍ଷଣୀୟ କାର୍ଯ୍ୟକ୍ରମ ପରିବେଷଣ କରାଯାଇଥିଲା। ସେହିପରି ସ୍ୱୟଂ ସହାୟିକା ଗୋଷ୍ଠୀ ମାନଙ୍କ ଦ୍ୱାରା ଖାଦ୍ୟ ପିଠାପଣା ଆୟୋଜନ କରାଯାଇଥିଲା। ସମାରୋହରେ ଅନ୍ୟମାନଙ୍କ ମଧ୍ୟରେ ଜିଲ୍ଲା ସୂଚନା ଓ ଲୋକସମ୍ପର୍କ ଅଧିକାରୀ ଲକ୍ଷ୍ମଣ କୁମାର ବେହେରା, ବହୁ ବୁଦ୍ଧିଜୀବୀ, ସହରର ମାନ୍ୟଗଣ୍ୟ ବ୍ୟକ୍ତି, ସମସ୍ତ କାଉନସିଲର ଓ ବହୁ ଜନସମାଗମ ସହ ଗଣମାଧମ ପ୍ରତିନିଧି ବୃନ୍ଦ ଯୋଗଦେଇଥିଲେ।

ହକି ଏସିଆ କପ୍

# ଭାରତର ବିଜୟୀ ଅଭିଯାନ

■ ଚୀନ୍‌କୁ ୪-୩ରେ ହରାଇଲା ■ କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍‌ଙ୍କ ହ୍ୟାଟ୍ରିକ୍

**ରାଜଗିରି,୨୯।୮/ଏଜେନ୍ସି:** ହକି ଏସିଆ କପ୍ ୨୦୨୫ରେ ଆୟୋଜକ ଭାରତ ବିଜୟରୁ ଅଭିଯାନ ଆରମ୍ଭ କରିଛି। ବିହାରର ରାଜଗିରିରେ ଆଜିଠାରୁ ଆରମ୍ଭ ହୋଇଥିବା ଟୁର୍ଣ୍ଣାମେଣ୍ଟର ପୁଲ୍-ଏ' ମ୍ୟାଚ୍‌ରେ ଭାରତ ୪-୩ ଗୋଲ୍‌ରେ ଚୀନ୍‌କୁ ହରାଇ ଦେଇଛି। କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍ ସିଂହ ହ୍ୟାଟ୍ରିକ୍ ଅର୍ଜନ କରିଛନ୍ତି। ସେ ମ୍ୟାଚ୍‌ର ୨୦ତମ, ୩୩ତମ ଏବଂ ୪୭ତମ ମିନିଟ୍‌ରେ ଗୋଲ୍ ସ୍କୋର୍ କରିଥିଲେ। ଦ୍ୱିତୀୟ କ୍ୱାର୍ଟର୍‌ରେ ଜୁଗରାଜ ସିଂହ ପେନାଲ୍ଟି କର୍ଣ୍ଣର୍‌ରୁ ଭାରତ ପାଇଁ ପ୍ରଥମ ଗୋଲ୍ ଦେଇଥିଲେ। ଚୀନ୍ ପକ୍ଷରୁ ଦୁ ଶିହାଓ ଚେନ୍ ବେହ୍ମାଇଁ ଏବଂ ଗାଓ୍ୱେ ଜିଶେଙ୍ଗ୍ ଗୋଲ୍ ତିନିଟି କରିଥିଲେ। ମ୍ୟାଚ୍‌ରେ ମୋଟ ୭ ପେନାଲ୍ଟି କର୍ଣ୍ଣର୍ ହୋଇଥିଲା।

ମ୍ୟାଚ୍‌ର ଆରମ୍ଭରୁ ହିଁ ଭାରତ ଆକ୍ରମଣାତ୍ମକ ଖେଳ ଦେଖାଇଥିଲା। ଟିମ୍‌କୁ ଦୁଇଟି ପେନାଲ୍ଟି କର୍ଣ୍ଣର୍ ମିଳିଥିଲେ ମଧ୍ୟ ଏହାକୁ ଗୋଲ୍‌ରେ ପରିବର୍ତ୍ତନ କରିବାରେ ଭାରତୀୟ ଖେଳାଳି ବିଫଳ ହୋଇଥିଲେ। ୧୩ଶ ମିନିଟ୍‌ରେ ଚୀନ୍ ପକ୍ଷରୁ ଦୁ ଶିହାଓ ପେନାଲ୍ଟି କର୍ଣ୍ଣର୍‌ରୁ ଚମତ୍କାର ଲୋ ଡ୍ରାଗ୍-ଫ୍ଲିକ୍ ଜରିଆରେ ମ୍ୟାଚ୍‌ର ପ୍ରଥମ ଗୋଲ୍ ସ୍କୋର୍ କରିଥିଲେ। ତାଙ୍କ ଶଟ୍‌ଟି ଭାରତୀୟ ଡିଫେଣ୍ଡର୍‌ଙ୍କର ଷ୍ଟିକ୍‌ରେ ଲାଗି ଗୋଲ୍ ପୋଷ୍ଟ ଭିତରକୁ ଚାଲିଯାଇଥିଲା। ଦ୍ୱିତୀୟ କ୍ୱାର୍ଟର୍ ଆରମ୍ଭରେ ୧୮ତମ ମିନିଟ୍‌ରେ ଭାରତକୁ ମିଳିଥିବା ପେନାଲ୍ଟି କର୍ଣ୍ଣର୍‌କୁ ଚମତ୍କାର ଡ୍ରାଗ୍-ଫ୍ଲିକ୍ ଜରିଆରେ ଜୁଗରାଜ ସିଂହ ଗୋଲ୍ ପୋଷ୍ଟ ମଧ୍ୟକୁ ପଠାଇ ଦେଇଥିଲେ। ଏହାର ଦୁଇ ମିନିଟ୍ ପରେ କ୍ୟାପ୍‌ଟେନ୍ ହରମନପ୍ରୀତ୍ ସିଂହ ଆକର୍ଷଣୀୟ ଡ୍ରାଗ୍-ଫ୍ଲିକ୍ ଲଗାଇ ଭାରତକୁ ଆଗୁଆ କରିଥିଲେ। ମ୍ୟାଚ୍‌ର ୩୩ତମ ମିନିଟ୍‌ରେ ରାଜିନ୍ଦର ସିଂହଙ୍କ ମୁଭ୍ ଜରିଆରେ ଭାରତକୁ ପେନାଲ୍ଟି କର୍ଣ୍ଣର୍ ମିଳିଥିଲା। ହରମନ୍‌ପ୍ରୀତ୍‌ଙ୍କ ଶଟ୍ ସିଧା ଚୀନା ଗୋଲ୍‌କିପର୍‌ଙ୍କ ସହ ବାଜି ରିବାଉଣ୍ଡ ହୋଇ ଗୋଲ୍ ପୋଷ୍ଟ ଭିତରକୁ ଚାଲିଯାଇଥିଲା। ହରମନ୍‌ପ୍ରୀତ୍‌ଙ୍କ ଏହା ଦ୍ୱିତୀୟ ଗୋଲ୍ ଥିଲା ଏବଂ ଭାରତ ୩-୧ରେ ଆଗୁଆ ହୋଇଥିଲା।

ତୃତୀୟ କ୍ୱାର୍ଟର୍‌ରେ ଚୀନ୍ ପ୍ରତ୍ୟାବର୍ତ୍ତନ କରିଥିଲା। ଆକ୍ରମଣାତ୍ମକ ହକି ଖେଳିବା ସହିତ ଭାରତୀୟ ଡିଫେନ୍ସ ଏବଂ ଗୋଲ୍‌କିପର୍‌ଙ୍କୁ ପ୍ରତିହତ କରି ଏହି କ୍ୱାର୍ଟର୍‌ରେ ଟିମ୍ ଦୁଇଟି ଗୋଲ୍ ଦେଇଥିଲା। ମ୍ୟାଚ୍‌ର ୩୯ତମ ମିନିଟ୍‌ରେ ଭାରତକୁ ପେନାଲ୍ଟି ଷ୍ଟ୍ରୋକ୍ ମିଳିଥିଲା। ହରମନ୍‌ପ୍ରୀତ୍‌ଙ୍କ ଜୋରଦାର ଶଟ୍ ସିଧା ଗୋଲ୍‌ପୋଷ୍ଟରେ ବାଜି ବାହାରକୁ ଚାଲିଯାଇଥିଲା। ୪୨ତମ ମିନିଟ୍‌ରେ ଚୀନ୍‌କୁ ଲଗାତାର ପେନାଲ୍ଟି ମିଳିଥିଲା ଏବଂ ଦ୍ୱିତୀୟ ଥର ଗାଓ ଜିଏଶେଙ୍ଗଙ୍କ ଜୋରଦାର ଡ୍ରାଗ୍ ଫ୍ଲିକ୍ ଭାରତୀୟ ଗୋଲ୍‌କିପର୍ କୃଷ୍ଣ ପାଠକଙ୍କ ଗୋଡ଼ରେ ବାଜି ପୋଷ୍ଟ ମଧ୍ୟକୁ ଚାଲିଯାଇଥିଲା।

ଚତୁର୍ଥ କ୍ୱାର୍ଟର୍‌ର ଆରମ୍ଭରେ ହିଁ ୪୭ତମ ମିନିଟ୍‌ରେ ଏରିୟଲ୍ ବଲ୍ ଅବଷ୍ଟ୍ରକ୍ସନ୍ କାରଣରୁ ଭାରତକୁ ଏକ ପେନାଲ୍ଟି କର୍ଣ୍ଣର୍ ମିଳିଥିଲା। କ୍ୟାପ୍‌ଟେନ୍ ହରମନ୍‌ପ୍ରୀତ୍‌ଙ୍କ ପ୍ରଥମ ଡ୍ରାଗ୍-ଫ୍ଲିକ୍‌କୁ ଗୋଲ୍‌କିପର୍ ରୋକି ଦେଇଥିଲେ। ଦ୍ୱିତୀୟ ଶଟ୍ ମଧ୍ୟ ବ୍ଲକ୍ ହୋଇଥିଲା। ମାତ୍ର ତୃତୀୟ ଅବସରରେ ହରମନ୍‌ପ୍ରୀତ୍ ଜୋରଦାର ରକେଟ୍ ଡ୍ରାଗ୍‌ଫ୍ଲିକ୍ ଲଗାଇ ଗୋଲ୍ ସ୍କୋର୍ କରି ଭାରତକୁ ବିଜୟୀ କରାଇଥିଲେ। ଭାରତ ପରବର୍ତ୍ତୀ ମ୍ୟାଚ୍‌ରେ ରବିବାର ଜାପାନକୁ ଭେଟିବ।



**କୋରିଆ, ମାଲେସିଆ ଓ ଜାପାନ ବିଜୟୀ**

ଟୁର୍ଣ୍ଣାମେଣ୍ଟର ଅନ୍ୟ ମ୍ୟାଚ୍‌ରେ କୋରିଆ ୭-୦ ଗୋଲ୍‌ରେ ଚୀନା ତାଇପେଇକୁ, ମାଲେସିଆ ୪-୧ ଗୋଲ୍‌ରେ ବାଂଲାଦେଶକୁ ଏବଂ ଜାପାନ ୭-୦ ଗୋଲ୍‌ରେ କାଜଖସ୍ତାନକୁ ହରାଇଛନ୍ତି। କୋରିଆ ପକ୍ଷରୁ ଡେନ୍ ସୋନ୍ ୩ଟି, ଜୁହୁନ୍ ୟାଙ୍ଗ୍ ୨ଟି ଏବଂ ୟୁହୁ କାଙ୍ଗ୍ ଓ ସେୟୋଙ୍ଗ୍ ହୋ ୧-୧ ଗୋଲ୍ ଦେଇଥିଲେ। ସେହିପରି ମାଲେସିଆ ପକ୍ଷରୁ ଇସ୍ଲାମ୍ ଅଶରଫୁଲ୍ (୧୬ଶ), ଅନୁଅର ଅକିମୁଲ୍ଲାହ (୩୫ତମ), ଅବୁଦୁ ରାଉଫ୍ ମୁଜାହିର୍ (୪୫ତମ) ଏବଂ ଚୋଲନ୍ ସୟଦ୍ ମାଲେସିଆ ପକ୍ଷରୁ ଗୋଲ୍ କରିଥିବା ବେଳେ ବାଂଲାଦେଶ ପକ୍ଷରୁ ହାମସାନୀ ଅଶରନ୍ (୨୩ତମ) ଏକମାତ୍ର ଗୋଲ୍‌ଟି ସ୍କୋର୍ କରିଥିଲେ।

# ରାଜୀବ ଶୁକ୍ଲା ବିସିସିଆଇ କାର୍ଯ୍ୟବାହକ ସଭାପତି

**ମୁମ୍ବାଇ,୨୯।୮/ଏଜେନ୍ସି:** ପୂର୍ବତନ ଭାରତୀୟ କ୍ରିକେଟର୍ ରୋଜର୍ ବିନ୍ନି ବିସିସିଆଇ ସଭାପତି ପଦ ଛାଡ଼ିଛନ୍ତି। ରିପୋର୍ଟ ଅନୁସାରେ ବୋର୍ଡର ଉପସଭାପତି ରାଜୀବ ଶୁକ୍ଲାଙ୍କୁ କାର୍ଯ୍ୟବାହକ ସଭାପତି କରାଯାଇଛି। ଏହା ପୂର୍ବରୁ ୬୫ ବର୍ଷୀୟ ଶୁକ୍ଲା ବିସିସିଆଇ ଉପସଭାପତି ଥିଲେ। ଇତିମଧ୍ୟରେ ରୋଜର୍ ବିନ୍ନିଙ୍କୁ ଜୁଲାଇ ୧୯ ତାରିଖରେ ୭୦ ବର୍ଷ ବୟସ ହୋଇଯାଇଥିଲା। ବିସିସିଆଇ ନିୟମ ଅନୁସାରେ କୌଣସି ପଦାଧିକାରୀଙ୍କୁ ୭୦ ବର୍ଷ ବୟସ ପରେ ନିଜ ପଦ ଛାଡ଼ିବାକୁ ପଡ଼ିଥାଏ। ଫଳରେ ରୋଜର୍ ବିନ୍ନି ପଦରେ ରହିବା ପାଇଁ ଅଯୋଗ୍ୟ ହୋଇଥିଲେ। ସେ ୨୦୨୨ରେ ସୌରଭ ଗାଙ୍ଗୁଲିଙ୍କ ସ୍ଥାନରେ ସଭାପତି ପଦ ସମ୍ଭାଳିଥିଲେ। ରିପୋର୍ଟ ଅନୁସାରେ ନୂଆ ସଭାପତି ନିର୍ବାଚନ ପର୍ଯ୍ୟନ୍ତ ରାଜୀବ ଶୁକ୍ଲା କିଛିମାସ ପାଇଁ କାର୍ଯ୍ୟବାହକ ସଭାପତି ଭାବେ କାର୍ଯ୍ୟ କରିବେ। ଶୁକ୍ଲା ୨୦୨୦ରୁ ବିସିସିଆଇ ଉପସଭାପତି ପଦରେ କାମ କରୁଛନ୍ତି।



## ପଦ ଛାଡ଼ିଲେ ରୋଜର୍ ବିନ୍ନି

ବିନ୍ନି ୧୯୮୩ ବିଶ୍ୱକପ୍ ବିଜୟୀ ଭାରତୀୟ କ୍ରିକେଟ୍ ଟିମ୍‌ର ସଦସ୍ୟ ଥିଲେ। ସେ ଟୁର୍ଣ୍ଣାମେଣ୍ଟରେ ମୋଟ ୧୮ ୱିକେଟ୍ ନେଇ ସର୍ବାଧିକ ୱିକେଟ୍ ହାସଲକାରୀ ଖେଳାଳି ଥିଲେ। ୧୯୭୯ରୁ ୧୯୮୭ ପର୍ଯ୍ୟନ୍ତ ବିନ୍ନି ଭାରତ ପକ୍ଷରୁ ୨୭ ଟେଷ୍ଟ ଏବଂ ୭୨ ଦିନିକିଆ ମ୍ୟାଚ୍ ଖେଳିଛନ୍ତି। ଟେଷ୍ଟ କ୍ୟାରିୟର୍‌ରେ ୪୭ ୱିକେଟ୍ ଏବଂ ଦିନିକିଆରେ ୭୭ ୱିକେଟ୍ ତାଙ୍କ ନାମରେ ରହିଛି।

# ସେପ୍ଟେମ୍ବର ୧୩ରେ ରୋହିତଙ୍କ ଫିଟ୍‌ନେସ୍ ଟେଷ୍ଟ


**ବେଙ୍ଗାଲୁରୁ,୨୯।୮/ଏଜେନ୍ସି:** ଟିମ୍ ଇଣ୍ଡିଆ ଦିନିକିଆ କ୍ୟାପ୍‌ଟେନ୍ ରୋହିତ ଶର୍ମାଙ୍କ ସେପ୍ଟେମ୍ବର ୧୩ରେ ବେଙ୍ଗାଲୁରୁର ବିସିସିଆଇ ସେଣ୍ଟର୍ ଅଫ୍ ଏକ୍ସେଲେନ୍ସି (ସିଓଇ)ରେ ଫିଟ୍‌ନେସ୍ ଟେଷ୍ଟ ହେବ। ରିପୋର୍ଟ ଅନୁସାରେ ଏହି ଷ୍ଟାର୍ ଖେଳାଳିଙ୍କୁ ୟୋ-ୟୋ ଟେଷ୍ଟ ବ୍ୟତୀତ ବ୍ରୋଙ୍କୋ ଟେଷ୍ଟ ମଧ୍ୟ ଦେବାକୁ ପଡ଼ିବ। ସିଓଇରେ ସେ ଦୁଇ ତିନିଦିନ ରହିବେ। ଏହି ଅବସରରେ ରୋହିତ ନଭେମ୍ବରରେ ହେବାକୁ ଥିବା ଅଷ୍ଟ୍ରେଲିଆ ବିପକ୍ଷ ଦିନିକିଆ ସିରିଜ୍‌ର ପ୍ରସ୍ତୁତି ପାଇଁ ଏଠାରେ ପ୍ରାକ୍ଟିସ୍ ମଧ୍ୟ କରିବେ। ସେପ୍ଟେମ୍ବର ୧୧ରୁ ୧୫ ତାରିଖ ପର୍ଯ୍ୟନ୍ତ ସିଓଇର ଗ୍ରାଉଣ୍ଡ-୧ରେ ଦୁଲୀପ୍ ଟ୍ରଫି ଫାଇନାଲ୍ ଖେଳାଯିବାକୁ ଥିବାରୁ ରୋହିତଙ୍କ ଫିଟ୍‌ନେସ୍ ଟେଷ୍ଟ ସେଣ୍ଟର୍‌ର ଏକ ଅନ୍ୟ ଗ୍ରାଉଣ୍ଡରେ ହେବ।

**ୟୋ-ୟୋ ସହିତ ବ୍ରୋଙ୍କୋ ଟେଷ୍ଟ ଦେବାକୁ ପଡ଼ିବ**

ରିପୋର୍ଟ ଅନୁସାରେ, ରୋହିତ ଓ ବିରାଟ କୋହଲି ଅଷ୍ଟ୍ରେଲିଆ ଗସ୍ତର ପ୍ରସ୍ତୁତି ପାଇଁ ଅଷ୍ଟ୍ରେଲିଆ-ଏ' ବିପକ୍ଷରେ ଦିନିକିଆ ସିରିଜ୍ ଖେଳିପାରନ୍ତି। ଭାରତ-ଏ ଓ ଅଷ୍ଟ୍ରେଲିଆ-ଏ ମଧ୍ୟରେ ସେପ୍ଟେମ୍ବର-ଅକ୍ଟୋବରରେ ଏହି ଦିନିକିଆ ସିରିଜ୍ ଖେଳାଯିବ। ଏହି ମ୍ୟାଚ୍ ସେପ୍ଟେମ୍ବର ୩୦, ଅକ୍ଟୋବର ୩ ଓ ୫ ତାରିଖରେ କାନପୁର ଗ୍ରୀନ୍ ପାର୍କ ଷ୍ଟାଡିୟମ୍‌ରେ ଖେଳାଯିବ। ଭାରତୀୟ ସିନିୟର୍ ଟିମ୍ ଅକ୍ଟୋବରରେ ଅଷ୍ଟ୍ରେଲିଆ ଗସ୍ତ କରିବ। ପର୍ଥରେ ଅକ୍ଟୋବର ୧୯ରେ ପ୍ରଥମ ଦିନିକିଆ ଅନୁଷ୍ଠିତ ହେବ। ଭାରତୀୟ କ୍ରିକେଟ୍ ଟିମ୍‌ର ଚୟନକର୍ତ୍ତା ନିଯୁକ୍ତ ହୋଇଥିଲେ। ୨୦୧୫ ବିଶ୍ୱକପ୍ ପାଇଁ ଟିମ୍ ଚୟନରେ ରୋଜର ବିନ୍ନିଙ୍କୁ ଗୁରୁତ୍ୱପୂର୍ଣ୍ଣ ଭୂମିକା ରହିଥିଲା।

# ବ୍ୟାଡ୍‌ମିଣ୍ଟନ୍ ୱାର୍ଲ୍ଡ ଚାମ୍ପିଅନ୍‌ଶିପ୍‌ରୁ ସିନ୍ଧୁ ବାଦ୍

**ମିକ୍ସଡ୍ ଡବଲ୍ସରେ ଧ୍ରୁବ-ତନିଷା ଯୋଡ଼ି ବି ହାରିଲେ**



**ପ୍ୟାରିସ୍,୨୯।୮/ଏଜେନ୍ସି:** ଡବଲ୍ ଅଲିମ୍ପିକ୍ ପଦ ବିଜେତା ପିଭି ସିନ୍ଧୁ ବିଡବ୍ଲ୍ୟୁଏଫ୍ ବ୍ୟାଡ୍‌ମିଣ୍ଟନ୍ ୱାର୍ଲ୍ଡ ଚାମ୍ପିଅନ୍‌ଶିପ୍‌ରୁ ବାଦ୍ ପଡ଼ିଛନ୍ତି। ପ୍ୟାରିସ୍‌ରେ ଖେଳାଯାଇଥିବା ମହିଳା ସିଙ୍ଗଲ୍ସର କ୍ୱାର୍ଟର୍ ଫାଇନାଲ୍‌ରେ ଇଣ୍ଡୋନେସିଆର ଯୁବ ଖେଳା ପୁତ୍ରୀ କୁସୁମା ବାର୍ଡାନୀ ତାଙ୍କୁ ୨୧-୧୪, ୧୩-୨୧, ୨୧-୧୬ରେ ହରାଇ ଦେଇଛି। ସେହିପରି ମିକ୍ସଡ୍ ଡବଲ୍ସରେ ମଧ୍ୟ ଭାରତର ଚ୍ୟାଲେଞ୍ଜ୍ ଶେଷ ହୋଇଛି। ଧ୍ରୁବ କପିଲା ଓ ତନୀଷା କ୍ରାଷ୍ଟୋଙ୍କ ଭାରତୀୟ ଯୋଡ଼ିକୁ ମାଲେସିଆ ଯୋଡ଼ି ହରାଇ ଦେଇଛି। ବିଶ୍ୱର ୯ମ ର୍ୟାଙ୍କର ଖେଳାଳି ପୁତ୍ରୀ କୁସୁମା ପ୍ରଥମ ଗେଲ୍‌ରେ ଜୋରଦାର ଆରମ୍ଭ କରି ଲଗାତାର ଚାପ ସୃଷ୍ଟି କରିଥିଲେ। ସିନ୍ଧୁ ରାଲିରେ ତିଷ୍ଠି ରହିଥିଲେ ମଧ୍ୟ ସୁଯୋଗର ଉପଯୋଗ କରିନପାରି ୧୪-୨୧ରେ ହାରିଥିଲେ। ଦ୍ୱିତୀୟ ଗେମ୍‌ରେ ପ୍ରତ୍ୟାବର୍ତ୍ତନ କରି ସିନ୍ଧୁ ଲମ୍ବା ରାଲି ଏବଂ ସ୍ମାଶ୍ ଜରିଆରେ ଏକତରଫା ଭାବେ ୨୧-୧୩ରେ ବିଜୟୀ ହୋଇଥିଲେ। ତେବେ ସଂଘର୍ଷପୂର୍ଣ୍ଣ ତୃତୀୟ ଗେମ୍‌ରେ ସିନ୍ଧୁଙ୍କ ଦୁଇଟି ତ୍ରୁଟିପୂର୍ଣ୍ଣ ନିଷ୍ପତ୍ତି ବାର୍ଡାନୀକୁ ଅଗ୍ରଣୀ ପ୍ରଦାନ କରିବା ସହିତ ଶେଷରେ ସେ ୨୧-୧୬ରେ ବିଜୟୀ ହୋଇ ମ୍ୟାଚ୍ ନିଜ ନାମରେ କରିଥିଲେ।

ମିକ୍ସଡ୍ ଡବଲ୍ସରେ ମାଲେସିଆର ଟିଜେ ଚେନ୍ ଓ ଇ ଡବ୍ଲ୍ୟୁ ତୋହଙ୍କ ଯୋଡ଼ି ପ୍ରଥମ ଗେମ୍‌ରେ ଚାପ ସୃଷ୍ଟି କରି ଧ୍ରୁବ ଓ ତନୀଷାଙ୍କ ଯୋଡ଼ି ବିପକ୍ଷରେ ୨୧-୧୫ରେ ବିଜୟୀ ହୋଇଥିଲା। ଦ୍ୱିତୀୟ ଗେମ୍‌ରେ ଭାରତୀୟ ଯୋଡ଼ି ପ୍ରତ୍ୟାବର୍ତ୍ତନ କରିଥିଲେ ମଧ୍ୟ ମାଲେସିଆ ଯୋଡ଼ି ଲଗାତାର ଆକ୍ରମଣ କରି ୨୧-୧୩ରେ ମ୍ୟାଚ୍ ନିଜ ନାମରେ କରିନେଇଥିଲେ।




Printed and published by Trilochan Mohapatra on behalf of New Age Media & Publications Pvt. Ltd. Published at Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha,Odisha Ph: 0674-2953975, Email: advtnitidin@gmail.com, nitidinbbsr@gmail.com, Printed at New Age Media & Publications Pvt. Ltd., Shed No- TS -2/210/A, Zone-B, Sector-A, Mancheswar Industrial Estate, Bhubaneswar-751010, Khordha, Odisha.

ସଂପାଦକ: ମନୋଜ କୁମାର ମହାପାତ୍ର
Editor: Manoj Kumar Mahapatra